ଧରିତ୍ରୀ 50 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ଜୁଲାଇ ୨୨/୨୦୨୪ (୧୮ ପୃଷ୍ଠା) | Bhubaneswar, Monday, July 22/2024 | Page 18 | ₹ 7.00
୫୦ଶ ଭାଗ ୨୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 238 | ମୂଲ୍ୟ ₹୭/-



**ଓସ୍କାର ପିଆଷ୍ଟ୍ରିଙ୍କ ପ୍ରଥମ ବିଜୟ**
ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ହଙ୍ଗେରିଆନ ଗ୍ରାଁ ପ୍ରିରେ ତାଙ୍କର ପ୍ରଥମ ଫର୍ମୁଲା ୱାନ ରେସ ଜିତିଛନ୍ତି।
୧୪

୧୩
**୩ ବର୍ଷ ଧରି ସିଙ୍ଗଲ ଅଛନ୍ତି ସୁସ୍ମିତା**
ଅଭିନେତ୍ରୀ ସୁସ୍ମିତା ସେନ୍ ଗତ ୩ ବର୍ଷ ଧରି ସିଙ୍ଗଲ ଥିବା ନେଇ ରବିବାର ଏକ ସାକ୍ଷାତ୍କାରରେ କହିଛନ୍ତି।





ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବ। ଏହି ଅବସରରେ ରବିବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଏଥିରେ ଯୋଗଦେବାକୁ ନିମନ୍ତ୍ରଣ କରିବା ପାଇଁ ଯାଇଥିଲେ।

# ଆଜିଠୁ ବଜେଟ ଅଧିବେଶନ

ଲୋକ ସଭା ନିର୍ବାଚନ ପରେ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପାର୍ଲାମେଣ୍ଟରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏଥିସକାଶେ ଜୁଲାଇ ୨୨ ସୋମବାରଠାରୁ ଅଗଷ୍ଟ ୧୨ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ବଜେଟ ଅଧିବେଶନ ଚାଲିବ। ସେହିପରି ଓଡ଼ିଶାରେ ମଧ୍ୟ ଭାଜପା ସରକାର ଗଢ଼ିବା ପରେ ଜୁଲାଇ ୨୫ରେ ବିଧାନସଭାରେ ପ୍ରଥମ ଥର ପାଇଁ ବଜେଟ ଉପସ୍ଥାପନ ହେବାକୁ ଯାଉଛି। ବିଧାନସଭାର ବଜେଟ ଅଧିବେଶନ ସୋମବାର ଆରମ୍ଭ ହୋଇ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ଚାଲିବ। ରାଜ୍ୟଠାରୁ କେନ୍ଦ୍ର ପର୍ଯ୍ୟନ୍ତ ଅନେକ ସମ୍ବେଦନଶୀଳ ପ୍ରସଙ୍ଗ ଥିବାରୁ ଏଥର ଉଭୟ ବିଧାନସଭା ଓ ସଂସଦର ବଜେଟ ଅଧିବେଶନ ବିଶେଷ ଗୁରୁତ୍ୱ ବହନ କରେ। ବିରୋଧୀ ଦଳଗୁଡ଼ିକ ଘେରିବା ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାର ସର୍ବଦଳୀୟ ବୈଠକ ଡାକି ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିମନ୍ତ୍ରଣ ସତ୍ତ୍ୱେ ବିଧାନସଭାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବୈଠକରେ ଯୋଗଦେଇ ନ ଥିବାବେଳେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏଥିରେ ପ୍ରତିନିଧିତ୍ୱ କରିଛନ୍ତି।

## ଏନ୍‌ଇଇଟି, ଦରଦାମ୍ ବୃଦ୍ଧି ପ୍ରସଙ୍ଗ ଉଠାଇବେ ବିରୋଧୀ

**ନୂଆଦିଲ୍ଲୀ,୨୧।୭**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ସୋମବାର ଆରମ୍ଭ ହେବ। ଅଗଷ୍ଟ ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୧୯ଟି କାର୍ଯ୍ୟ ଦିବସ ରହିବ। ଏହା ଭିତରେ କେନ୍ଦ୍ର ସରକାର ୬ଟି ବିଲ୍ ଆଗତ କରିବେ। ସେଗୁଡ଼ିକ ମଧ୍ୟରେ ରହିଛି ୯୦ ବର୍ଷ ପୁରୁଣା ଏୟାରକ୍ରାଫ୍ଟ ଆଇନ ବଦଳାଇବା ଏବଂ କେନ୍ଦ୍ରୀୟ ଶାସନ ଚାଲିଥିବା ଜମ୍ମୁ-କଶ୍ମୀର ବଜେଟକୁ ସ୍ୱୀକୃତି ସମ୍ପର୍କିତ ବିଲ୍। ତେବେ ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ପ୍ରଘଟ, ବୋଲ୍‌ବମ୍ ଯାତ୍ରାବେଳେ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସରକାରଙ୍କ ବିବାଦୀୟ ସାଇନ୍‌ବୋର୍ଡ ନିର୍ଦ୍ଦେଶନାମା ଭଳି ଅନେକ ସମ୍ବେଦନଶୀଳ ପ୍ରସଙ୍ଗ ଥିବାରୁ ଏଥର ବଜେଟ ଅଧିବେଶନରେ ଅଧିକ ହଟ୍ଟଗୋଳ ଦେଖିବାକୁ ମିଳିପାରେ। ଏହାକୁ ଦୃଷ୍ଟିରେ ରଖି ସରକାର ସୁରୁଖୁରୁରେ ସଂସଦ ଚଳାଇବା ପାଇଁ ☞ପୃଷ୍ଠା-୨

## ୨୫ରେ ରାଜ୍ୟ ବଜେଟ: ବସିଲା ସର୍ବଦଳୀୟ ବୈଠକ

**ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)**

ସପ୍ତଦଶ ବିଧାନସଭାର ବଜେଟ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବ। ଏହା ପୂର୍ବରୁ ରବିବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ାଙ୍କ ସମେତ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହିତ ଦଳର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ରବିବାର ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସର୍ବଦଳୀୟ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଆମେ ଶ୍ରେୟ ଦେଉନା**

## ବଦଳିବନି ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାମ

**ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)**

'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ନାଁ ପରିବର୍ତ୍ତନ ହେବ ନାହିଁ ବୋଲି ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସମ୍ପର୍କିତ ଖବର ଆସିବାର ଦିନକ ପରେ ଏନେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖି ଏ କଥାକୁ ଖଣ୍ଡନ କରିଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମୋହନ କହିଛନ୍ତି ଯେ, ବିଜୁ ବାବୁଙ୍କ ନାଁରେ ଦୀର୍ଘ ବର୍ଷରୁ କ୍ରୀଡ଼ା ପୁରସ୍କାର ଦିଆଯାଇଆସୁଛି। ☞ପୃଷ୍ଠା-୨


**Congratulations to KIIT's Sports Achievers !**

**12 KIIT STUDENTS QUALIFY FOR PARIS OLYMPICS 2024**

PARIS 2024



Mr. Amit Rohidas — Hockey Men's Team
Mr. Kishore Kumar Jena — Javelin Throw
Ms. Parul Chaudhary — 3000m Steeplechase & 5000m Race
Ms. Priyanka — 20Km Race Walk & Marathon Race Walk Mixed Relay
Ms. Annu Rani — Javelin Throw
Ms. Jyothi Yarraji — 100m Hurdles
Mr. Tajinderpal Singh Toor — Shot Put
Ms. MR Poovamma — Women's 4 X 400m Relay

*From KIIT to the World Stage*



Ms. Prachi — 4x400m Relay Team
Ms. Ankita — 5000m Race
Mr. Paramjeet Singh Bisht — 20KM. Race Walk
Mr. Suraj Panwar — Marathon Race Walk Mixed Relay Team

KIIT holds the unique distinction of sending the highest number of athletes to the Paris Olympics 2024 among all institutions in India.

**Breeding Ground for Elite Athletes**

- KIIT & KISS have over 5000 active sportspersons, with 60% being girls
- More than 250 students have represented India in international sports meets across 17 sports disciplines
- KIIT & KISS have produced 20 Olympians and 2 Paralympians, who represented India at 2016 Rio Olympics, 2020 Tokyo Olympics and will be representing India in 2024 Paris Olympics
- As many as 8 athletes from KIIT have received Arjuna Award, the second-highest sporting honour of India

**RECOGNITIONS & AWARDS**

*KIIT's commitment to promoting sports and sports persons, and fostering a sporting culture on its campus and beyond, has been recognized on both national and international platforms. Some of the recent recognitions are:*

**"Rashtriya Khel Protsahan Puraskar 2022"** in the category of Encouragement to Sports through Corporate Social Responsibility by Ministry of Youth Affairs & Sports, Govt. of India.

**"CII Sports Business Awards 2023"** in the category of Best Sports Facility by Confederation of Indian Industry.

**"FICCI India Sports Award 2022"** by Federation of Indian Chambers of Commerce & Industry (FICCI).

**"Sports Star Aces Award 2022"** in the category of Best University for promotion of Sports in the Country by Hindu Group.

**"Biju Patnaik Sports Award 2019"** in the category of best Contribution for promotion of sports and games by Govt. of Odisha.

**HOST TO HIGH-PROFILE SPORTS EVENTS**

Due to its excellent sporting facilities in a single complex, KIIT & KISS have hosted hundreds of prestigious international and national sporting events in various sports disciplines. These include:

- First Khelo India University Games 2020
- First Janjatiya Khel Mahotsav 2023
- World Junior Chess Championship 2016

KIIT student, Dutee Chand won the first-ever Gold Medal for India in the World University Games, Italy in 2019

www.kiit.ac.in
**Kalinga Institute of Industrial Technology (KIIT)**
**Deemed to be University**, (Established U/S 3 of UGC Act, 1956), Bhubaneswar-751024, Odisha, India
KIIT is only 27 years old as an institute (1997 – 2024) and 21 years old as a university.

**ସୀତାରାମନଙ୍କ ସପ୍ତମ ବଜେଟ**
ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ମଙ୍ଗଳବାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପାର୍ଲାମେଣ୍ଟରେ ଲଗାତର ସପ୍ତମ ଥର କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ଏହି କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇଙ୍କୁ ସେ ଅତିକ୍ରମ କରିବାକୁ ଯାଉଛନ୍ତି। ଗତ ଫେବୃଆରୀରେ ଅନ୍ତରୀଣ ବଜେଟ ଉପସ୍ଥାପନ କରାଯାଇଥିବାବେଳେ ନିର୍ବାଚନ ପରେ ଏନ୍‌ଡିଏ ସରକାର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଆଣିବାକୁ ଯାଉଛନ୍ତି।



# ବାଂଲାଦେଶୀଙ୍କୁ ଶରଣ ଦେବେ ମମତା

କୋଲକାତା/ନୂଆଦିଲ୍ଲୀ, ୨୧।୭

ବାଂଲାଦେଶରେ ସଂରକ୍ଷଣ ବିରୋଧୀ ହିଂସା ଲାଗିରହିଥିବାବେଳେ ରବିବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଡ଼ୋଶୀ ଦେଶର ପୀଡ଼ିତମାନଙ୍କୁ ଶରଣ ଦେବାକୁ ପ୍ରସ୍ତାବ ଦେଇଛନ୍ତି। ଦୁର୍ଦ୍ଦଶାରେ ଥିବା ବାଂଲାଦେଶୀମାନଙ୍କ ପାଇଁ ପଶ୍ଚିମବଙ୍ଗର ଦ୍ୱାର ଖୋଲା ଅଛି। ଯିଏ ଆଶ୍ରୟ ମାଗିବେ ତାଙ୍କୁ ସହାୟତା ଦିଆଯିବ ବୋଲି ମମତା କହିଛନ୍ତି। ତୃଣମଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋଙ୍କ ଏହି ପ୍ରସ୍ତାବକୁ ନେଇ ରାଜନୀତି ସରଗରମ ହୋଇଛି।

କୋଲକାତାର ଏସ୍‌ପ୍ଲାନେଡ୍‌ରେ ଆୟୋଜିତ ଟିଏମ୍‌ସିର 'ଶହୀଦ ଦିବସ' ରାଲିକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ବାଂଲାଦେଶରେ ଯାହାକିଛି ଚାଲିଛି, ତାହା ସେମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାର। ସେ ଏହା ଉପରେ ମନ୍ତବ୍ୟ ଦେଇପାରିବେ ନାହିଁ। ଏସମ୍ପର୍କରେ କେନ୍ଦ୍ର ସରକାର କହିପାରିବେ। କିନ୍ତୁ ଜାତିସଂଘ ଗାଇଡ୍‌ଲାଇନ୍ ଅନୁସାରେ ବାଂଲାଦେଶରେ ବାସଚ୍ୟୁତ ହୋଇ ଶରଣାର୍ଥୀମାନେ ପଶ୍ଚିମବଙ୍ଗକୁ ଆସିଲେ ସେମାନଙ୍କୁ ଆଶ୍ରୟ ପ୍ରଦାନ ପାଇଁ ସ୍ୱାଗତ କରାଯିବ। ଏହି ଅବସରରେ ମମତା ଆସାମ ଶରଣାର୍ଥୀଙ୍କ ଉଦାହରଣ ଦେଇଛନ୍ତି। ସେ କହିଛନ୍ତି, ଉତ୍ତର-


ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ଟିଏମ୍‌ସି ରାଲିକୁ ସମ୍ବୋଧନ କରୁଛନ୍ତି।

ପୂର୍ବାଞ୍ଚଳ ରାଜ୍ୟରେ ବୋଡୋ ହିଂସା ବେଳେ ଆସାମର ବହୁ ଲୋକ ଉତ୍ତର ପଶ୍ଚିମବଙ୍ଗର ଆଲିପୁଦୁରାସ୍ ଅଞ୍ଚଳରେ ଆଶ୍ରୟ ନେଇଥିଲେ। ବାଂଲାଦେଶ ହିଂସାରେ ଫସିରହିଥିବା ପଶ୍ଚିମବଙ୍ଗବାସୀଙ୍କ ସମ୍ପର୍କୀୟମାନେ ଘରକୁ ଫେରିପାରିବେ। ସେମାନଙ୍କୁ ସବୁ ପ୍ରକାର ସହଯୋଗ କରାଯିବ। ପଶ୍ଚିମବଙ୍ଗରେ କୌଣସି ପ୍ରକାର ଉତ୍ତେଜନା ସୃଷ୍ଟିକାରୀ ଗୁଜବକୁ ନ ଶୁଣିବା ପାଇଁ ରାଜ୍ୟବାସୀଙ୍କୁ ସେ ପରାମର୍ଶ ଦେଇଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ଭାଜପା କଡ଼ା ସମାଲୋଚନା କରିଛି। ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ଏକ୍ସ'ରେ କହିଛନ୍ତି, ଏହା ହେଉଛି ଇଣ୍ଡିଆ ବ୍ଲକ୍‌ର ଷଡ଼ଯନ୍ତ୍ର। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବଳରେ ଭାରତର ନାଗରିକତ୍ୱ ଚାହୁଁଥିବା ପଡ଼ୋଶୀ ଦେଶର ହିନ୍ଦୁମାନଙ୍କୁ ମମତା ନିଜ ରାଜ୍ୟରେ ପ୍ରବେଶ ଅନୁମତି ଦେଉନାହାନ୍ତି। କିନ୍ତୁ ବେଆଇନ ରୋହିଙ୍ଗ୍ୟା ଅନୁପ୍ରବେଶକାରୀ ଏବଂ ବାଂଲାଦେଶୀ ଦଙ୍ଗାକାରୀମାନଙ୍କୁ ଆଶ୍ରୟ ଦେବା ପାଇଁ ଆଗଭର ହେଉଛନ୍ତି। କାରଣ ଅଣହିନ୍ଦୁମାନଙ୍କଠାରୁ ସେ ଭୋଟ ଆଶା କରିଛନ୍ତି। ଆଶ୍ରୟ କିମ୍ବା ନାଗରିକତ୍ୱ ଦେବାକୁ କେବଳ କେନ୍ଦ୍ର ସରକାରଙ୍କ ଅଧିକାର ରହିଛି। ମମତାଙ୍କୁ କିଏ ଏହି କର୍ତ୍ତୃତ୍ୱ ଦେଲା ବୋଲି ମାଲବ୍ୟ ପ୍ରଶ୍ନ କରିଛନ୍ତି।

## ବାଂଲାଦେଶର ବିବାଦୀୟ ନିଯୁକ୍ତି କୋଟା କମାଇଲେ ସୁପ୍ରିମକୋର୍ଟ

ଢାକା, ୨୧।୭

ବିବାଦୀୟ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରି ବାଂଲାଦେଶରେ ସପ୍ତାହେରୁ ଊର୍ଦ୍ଧ୍ୱ ସମୟ ଧରି ହିଂସାତ୍ମକ ଆନ୍ଦୋଳନ ପରେ ସୁପ୍ରିମକୋର୍ଟ ସରକାରୀ ନିଯୁକ୍ତି କ୍ଷେତ୍ରରେ ରହିଥିବା ଉକ୍ତ କୋଟାକୁ ହ୍ରାସ କରିଛନ୍ତି। ତେବେ ବିବାଦୀୟ ସଂରକ୍ଷଣ ନୀତିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାକୁ ଅଦାଲତ ମନା କରିଦେଇଛନ୍ତି। ୯୩ ପ୍ରତିଶତ ନିଯୁକ୍ତି ମେଧା ଆଧାରରେ ପ୍ରଦାନ କରିବାକୁ ବାଂଲାଦେଶ ସୁପ୍ରିମକୋର୍ଟ ରବିବାର ରାୟ ଦେଇଥିବାବେଳେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ଥିବା ସଂରକ୍ଷଣକୁ ୩୦ ପ୍ରତିଶତରୁ ୫ ପ୍ରତିଶତକୁ କମାଇ ଦେଇଛନ୍ତି। ଅବଶିଷ୍ଟ ୨ ପ୍ରତିଶତ ଅନ୍ୟାନ୍ୟ ବର୍ଗଙ୍କୁ ପ୍ରଦାନ କରିବାକୁ ଅଦାଲତ କହିଛନ୍ତି।

ସିଭିଲ୍ ସର୍ଭିସ ନିଯୁକ୍ତି କ୍ଷେତ୍ରରେ କୋଟା ପୁନର୍ବାର ଲାଗୁ କରିବା ପାଇଁ ହାଇକୋର୍ଟ ପୂର୍ବରୁ ଏକ ରାୟ ଦେଇଥିଲେ। ହାଇକୋର୍ଟଙ୍କ ଉକ୍ତ ରାୟ ବେଆଇନ ବୋଲି ସୁପ୍ରିମକୋର୍ଟ କହିଥିବା ବାଂଲାଦେଶ ଆର୍ଟର୍ନି ଜେନେରାଲ ଏ.ଏମ୍. ଅମିନ ଉଦ୍ଦିନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିସହିତ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କୁ ଘରକୁ ଫେରିଯିବା ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ବେଳେ ପୋଲିସ ସହ ସଂଘର୍ଷ ଘଟି ୧୫୫ ଜଣଙ୍କ ମୃତ୍ୟୁ ଘଟିଲାଣି। ଆନ୍ଦୋଳନକୁ ରୋକିବା ଲାଗି ବାଂଲାଦେଶ ପୋଲିସ କର୍ଫ୍ୟୁ ଜାରି କରିବା ସହ ଆବଶ୍ୟକ ସ୍ଥଳେ ଦେଖିଲାମାତ୍ରେ ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିଲା। ରାଜଧାନୀ ଢାକା ସମେତ ଦେଶର ବିଭିନ୍ନ ଭାଗରେ ସେନା ଯବାନମାନେ ପାଟ୍ରୋଲିଂ ଜାରି ରଖିଛନ୍ତି। ଗତ ଗୁରୁବାରଠାରୁ ଦେଶବ୍ୟାପୀ ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ରବିବାର ଅପରାହ୍ଣ ୩ଟାରୁ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇ ଲୋକମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ସଂଗ୍ରହ କରିବାକୁ ସୁଯୋଗ ଦିଆଯାଇଥିଲା।

## ଇଲେକ୍ଟୋରାଲ ବଣ୍ଡ ଶୁଣାଣି ଆଜି

ନୂଆଦିଲ୍ଲୀ, ୨୧।୭

ଇଲେକ୍ଟୋରାଲ ବଣ୍ଡ୍ ଯୋଜନାର ତଦନ୍ତ ଅଦାଲତଙ୍କ ତତ୍ତ୍ୱାବଧାନରେ କରାଯିବା ପାଇଁ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ସୋମବାର ସୁପ୍ରିମକୋର୍ଟରେ ହେବ। କମନ୍ କଜ୍ ଏବଂ ସେଣ୍ଟର ଫର୍ ପବ୍ଲିକ୍ ଇଣ୍ଟେରେଷ୍ଟ ଲିଟିଗେଶନ(ସିପିଆଇଏଲ୍) ପକ୍ଷରୁ ଦାଏର ପିଆଇଏଲ୍‌ର ଶୁଣାଣି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପରଡ଼ିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠରେ ହୋଇପାରେ। ରାଜନୈତିକ ଦଳ, କର୍ପୋରେଶନ ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକ ମଧ୍ୟରେ ସଲାସୁତୁରା ରହିଥିବା ୨ ଏନ୍‌ଜିଓ ପକ୍ଷରୁ ଅଭିଯୋଗ ହୋଇଥିଲା। ଇଲେକ୍ଟୋରାଲ ବଣ୍ଡ୍ ଯୋଜନା ଏକ ଦୁର୍ନୀତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେଇଥିବା ସେଲ୍ କମ୍ପାନୀ ଏବଂ କ୍ଷତିରେ ଚାଲୁଥିବା କମ୍ପାନୀଗୁଡ଼ିକ ଉପରେ ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦେବା ପାଇଁ ପିଆଇଏଲ୍‌ରେ ନିବେଦନ କରାଯାଇଛି। ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୫ରେ ୫ ଜଣିଆ ସାମ୍ବିଧାନିକ ପୀଠ ଇଲେକ୍ଟୋରାଲ ବଣ୍ଡ୍ ଯୋଜନାକୁ ରଦ୍ଦ କରିଥିଲେ। ନିର୍ବାଚନ କମିଶନଙ୍କ ତଥ୍ୟରୁ ବହୁ ସେଲ୍ କମ୍ପାନୀ ଏବଂ କ୍ଷତିରେ ଚାଲୁଥିବା କମ୍ପାନୀ ବିଭିନ୍ନ ରାଜନୈତିକ ଦଳଙ୍କୁ ପର୍ଯ୍ୟାପ୍ତ ଚାନ୍ଦା ଦେଇଥିବା ଜଣାପଡ଼ିଥିଲା।

### ସଂକ୍ଷେପରେ

## ଚାଇନାରେ ବନ୍ୟା: ୨୫ ମୃତ

ଚଣ୍ଡିଗଡ଼, ୨୧।୭

ଚାଇନାର ଉତ୍ତର ଏବଂ ଉତ୍ତର ପୂର୍ବାଞ୍ଚଳରେ ସପ୍ତାହେ ହେଲା ପ୍ରବଳ ବର୍ଷା ଲାଗି ରହିବା ଫଳରେ ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ବର୍ଷା ବିପ୍ରାତ ଓ ବନ୍ୟାରେ ୨୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ନିଖୋଜ ହୋଇଯାଇଛନ୍ତି। ଶାନ୍‌କ୍ସିରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବ୍ରିଜ୍ ଭୁଶୁଡ଼ିଯିବାରୁ ୧୨ ଜଣଙ୍କ ମୃତ୍ୟୁ ହେବା ସହ ୩୦ ଜଣ ଆହତ ହୋଇଛନ୍ତି। ସାନ୍‌ଲୁ ସହର ଦେଇ ଯାଇଥିବା ଉକ୍ତ ନଦୀରେ ବ୍ରିଜ୍ ଭୁଶୁଡ଼ିଯିବାରୁ ୧୭ଟି କାର୍ ଏବଂ ୮ଟି ଟ୍ରକ ନଦୀ ଗର୍ଭକୁ ଖସିପଡ଼ିଥିଲା। ନିଖୋଜମାନଙ୍କୁ ଖୋଜି ବାହାର କରିବା ପାଇଁ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଉଦ୍ଧାରକାରୀ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ସିଚୁଆନ ପ୍ରଦେଶର ୟାନ ସହରରେ ପ୍ରବଳ ବର୍ଷା ଓ ବନ୍ୟାରେ ୩୦ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୮ ଜଣଙ୍କ ମୃତଦେହ ଶନିବାର ସନ୍ଧ୍ୟା ସୁଦ୍ଧା ଉଦ୍ଧାର କରାଯାଇଛି। ସାନକ୍ସିର ବାଓଜି ସହରରେ ବର୍ଷାଜନିତ ଅଚାନକ ବନ୍ୟା ଓ ଭୂସ୍ଖଳନ ଯୋଗୁ ୫ ଜଣ ପ୍ରାଣ ହରାଇଥିବାବେଳେ ୮ ଜଣ ନିଖୋଜ ଅଛନ୍ତି।

## କେରଳରେ ନିପା ସଂକ୍ରମିତ ବାଳକ ମୃତ

ମଲ୍ଲାପୁରମ, ୨୧।୭

କେରଳର ମଲ୍ଲାପୁରମ ଜିଲାରେ ନିପା ଭାଇରସରେ ସଂକ୍ରମିତ ହୋଇଥିବା ୧୪ ବର୍ଷୀୟ ବାଳକଙ୍କ ରବିବାର ମୃତ୍ୟୁ ଘଟିଛି। କୋଝିକୋଡ଼ ସରକାରୀ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ସେ ପ୍ରାଣ ହରାଇଛନ୍ତି। ତେବେ ରାଜ୍ୟରେ ନିପା ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା କରି ଏକ ବହୁ ସଦସ୍ୟବିଶିଷ୍ଟ ଜଏଣ୍ଟ ଆଉଟ୍‌ବ୍ରେକ ରେସ୍ପନ୍ସ ଟିମ୍‌କୁ କେରଳରେ ନିୟୋଜନ କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଟିମ୍ ରାଜ୍ୟରେ ନିପା ମାମଲାର ଅନୁସନ୍ଧାନ କରିବା ସହ ରାଜ୍ୟ ସରକାରଙ୍କୁ ବୈଷୟିକ ସହାୟତା ପ୍ରଦାନ କରିବ।

## ୟେମେନ୍ ବିଦ୍ରୋହୀଙ୍କ ଉପରେ ଇସ୍ରାଏଲ୍‌ର ଆକ୍ରମଣ: ୩ ମୃତ

ହୋଡେଇଡା, ୨୧।୭

ହୁତି ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଥିବା ହୋଡେଇଡାସ୍ଥିତ ୟେମେନି ବନ୍ଦର ଉପରେ ଇସ୍ରାଏଲ୍ ଯୁଦ୍ଧବିମାନରୁ ରବିବାର ବୋମାମାଡ଼ ହେବାରୁ ୩ ଜଣ ନିହତ ହୋଇଛନ୍ତି। ହୁତି ବିଦ୍ରୋହୀମାନେ ତେଲ୍ ଆଭିଭରେ ଡ୍ରୋନ୍ ଆକ୍ରମଣ କରିବା ପରେ ଏହାର ଜବାବରେ ଇସ୍ରାଏଲୀ ସେନା ହୋଡେଇଡାରେ ଆକ୍ରମଣ କରିଛନ୍ତି। ବନ୍ଦରରେ ବୋମାମାଡ଼ ଯୋଗୁ ବ୍ୟାପକ ଅଞ୍ଚଳରେ ନିଆଁ ଲାଗିଯାଇଥିଲା। ହୁତି ଆତଙ୍କବାଦୀ ଯଦି ଇସ୍ରାଏଲ୍ ଉପରେ ପୁଣି ଆକ୍ରମଣ କରିବାର ଦୁଃସାହସ କରନ୍ତି ତେବେ ଆହୁରି ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏହାର ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟ କହିଛନ୍ତି।

## କେଦାରନାଥରେ ଭୂସ୍ଖଳନ, ୩ ଶ୍ରଦ୍ଧାଳୁ ମୃତ

କେଦାରନାଥ, ୨୧।୭

ଉତ୍ତରାଖଣ୍ଡର ରୁଦ୍ର ପ୍ରୟାଗ ଜିଲାର କେଦାରନାଥ ଧାମକୁ ସଂଯୋଗ କରୁଥିବା ଗୌରୀକୁଣ୍ଡ-କେଦାରନାଥ ପାଦଚଲା ରାସ୍ତାର ଚିରବାସା ନିକଟରେ ଭୂସ୍ଖଳନ ଘଟିବାରୁ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ୩ ମୃତକଙ୍କ ମଧ୍ୟରୁ ୨ ଜଣ ମହାରାଷ୍ଟ୍ରର ହୋଇଥିବାବେଳେ ଅନ୍ୟ ଜଣେ ଶ୍ରଦ୍ଧାଳୁ ଉତ୍ତରାଖଣ୍ଡର ବୋଲି ରୁଦ୍ରପ୍ରୟାଗ ଜିଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀ ନନ୍ଦନ ସିଂ ରାଜୱାର ସୂଚନା ଦେଇଛନ୍ତି। ସମସ୍ତ ମୃତ ଓ ଆହତ ଶ୍ରଦ୍ଧାଳୁ ରବିବାର ସକାଳେ କେଦାରନାଥ ମନ୍ଦିରକୁ ଦର୍ଶନ ପାଇଁ ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ରାଜୱାର କହିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବଳ(ଏସ୍‌ଡିଆର୍‌ଏଫ୍) ଘଟଣାସ୍ଥଳରେ ପହଞ୍ଚି ପଥର ମଧ୍ୟରେ ଫସି ରହିଥିବା ଶ୍ରଦ୍ଧାଳୁଙ୍କୁ ଉଦ୍ଧାର କରିଥିବାବେଳେ ଆହତ ୮ ଶ୍ରଦ୍ଧାଳୁଙ୍କୁ ରୁଦ୍ରପ୍ରୟାଗ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ଜଳାଭିଷେକ ଯାତ୍ରା ପୂର୍ବରୁ ନୁହରେ ମୋବାଇଲ ଇଣ୍ଟରନେଟ୍ ବନ୍ଦ

ଚଣ୍ଡିଗଡ଼, ୨୧।୭

ହରିୟାଣାର ନୁହ ଜିଲାରେ ଗତବର୍ଷ ବ୍ରଜମଣ୍ଡଳ ଜଳାଭିଷେକ ଯାତ୍ରା ବେଳେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଜଳାଭିଷେକ ଯାତ୍ରା ନିମନ୍ତେ ୨୪ ଘଣ୍ଟା ପାଇଁ ରାଜ୍ୟ ସରକାର ରବିବାର ଜିଲାରେ କେତେକ କଟକଣା ଲଗାଇଛନ୍ତି। ନୁହରେ ମୋବାଇଲ ଇଣ୍ଟରନେଟ୍ ସେବା ଏବଂ ଏସ୍‌ଏମ୍‌ଏସ୍ ସେବାକୁ ସ୍ଥଗିତ ରଖାଯାଇଛି। ରବିବାର ସନ୍ଧ୍ୟା ୬ରୁ ସୋମବାର ସନ୍ଧ୍ୟା ୬ ପର୍ଯ୍ୟନ୍ତ ମୋବାଇଲ ଇଣ୍ଟରନେଟ ସେବା ବନ୍ଦ ରହିବ ବୋଲି ହରିୟାଣା ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଅନୁରାଗ ରାସ୍ତୋଗୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଆଦି ସାମାଜିକ ଗଣମାଧ୍ୟମ ଜରିଆରେ ଭୁଲ୍ ତଥ୍ୟ ଏବଂ ଗୁଜବ ପ୍ରଚାର ବନ୍ଦ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି।

**ଗତବର୍ଷ ହିଂସାକାଣ୍ଡରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲା**

ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ନୁହ ପୋଲିସ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି। ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ୩୧ରେ ନୁହ ଜିଲାରେ ବିଶ୍ୱହିନ୍ଦୁ ପରିଷଦର ଶୋଭାଯାତ୍ରାକୁ ଅଟକାଇବାକୁ ଉଦ୍ୟମ କଲାବେଳେ ଉତ୍ୟକ୍ତ ଲୋକଙ୍କ ଆକ୍ରମଣରେ ୨ ହୋମଗାର୍ଡଙ୍କ ମୃତ୍ୟୁ ଘଟିବା ସହ କେତେଜଣ ପୋଲିସ କର୍ମଚାରୀଙ୍କ ସମେତ ୧୫ ଜଣ ଆହତ ହୋଇଥିଲେ। ସେହି ରାତିରେ ଗୁରୁଗ୍ରାମର ଏକ ମସ୍‌ଜିଦ ଉପରେ ଉତ୍ୟକ୍ତ ଲୋକେ ଆକ୍ରମଣ କରି ନାଏବ ଇମାମଙ୍କୁ ହତ୍ୟା କରିଥିଲେ। ଏହା ପରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ଅନ୍ୟୂନ ୫ ଜଣ ପ୍ରାଣ ହରାଇଥିଲେ।


ଗୁଜରାଟ ଉପକୂଳ ନିକଟବର୍ତ୍ତୀ ସମୁଦ୍ରରେ ଥିବା ଜିଲ୍ ନାମକ ବିଦେଶୀ ତୈଳବାହୀ ଜାହାଜରୁ ଜଣେ ଅସୁସ୍ଥ କର୍ମଚାରୀଙ୍କୁ ଭାରତୀୟ ତଟସୁରକ୍ଷା ବାହିନୀ ଉଦ୍ଧାର କରୁଛି।

## ୨ ମହିଳା ବିକ୍ଷୋଭକାରୀଙ୍କ ଉପରେ ମୋରମ ଢାଳିଦେଲେ

ଭୋପାଳ, ୨୧।୭

ଜମି ବିବାଦକୁ ନେଇ ମଧ୍ୟପ୍ରଦେଶର ରେୱା ଜିଲାରେ ୨ ଜଣ ମହିଳା ବିକ୍ଷୋଭ କରୁଥିବାବେଳେ ସେମାନଙ୍କୁ ମୋରମରେ ଜୀବନ୍ତ ପୋତିଦେବା ପାଇଁ ଉଦ୍ୟମ ହୋଇଥିଲା। ଏକ ବଡ଼ ଡମ୍ପରରେ ମୋରମ ଆଣି ସେମାନଙ୍କ ଉପରେ ଢାଳିଦିଆଯାଇଥିଲା। ଫଳରେ ସେମାନେ ବେକ ପର୍ଯ୍ୟନ୍ତ ପୋତି ହୋଇଯାଇଥିଲେ। ମହିଳା ୨ ଜଣଙ୍କ ଅବସ୍ଥା ସ୍ଥିର ଥିବାବେଳେ ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ପୋଲିସ ଗିରଫ କରିଛି। ମଙ୍ଗାୱା ଥାନା ଅନ୍ତର୍ଗତ ହିନୋଟା ଜୋରୋଟ୍ ଗ୍ରାମରେ ଘରୋଇ ଜମି



ଉପରେ ରାସ୍ତା ନିର୍ମାଣକୁ ବିରୋଧ କରି ମମତା ପାଣ୍ଡେ ଏବଂ ଆଶା ପାଣ୍ଡେ

**ଟ୍ରକ୍ ଡ୍ରାଇଭରଙ୍କ ବର୍ବରତା**

ଶନିବାର ବିକ୍ଷୋଭ କରୁଥିବାବେଳେ ପଛରୁ ଏକ ଡମ୍ପର ଆସି ସେମାନଙ୍କ ଉପରେ ମୋରମ ଅନ୍‌ଲୋଡ କରିଥିଲା। ଏହି ସମୟର ଭିଡିଓ ଭାଇରାଲ ହେବା ପରେ ପୋଲିସ ମାମଲା ରୁଜୁ କରିଛି। ଡମ୍ପରକୁ ଜବତ କରାଯିବା ସହ ଜଣକୁ ଗିରଫ କରାଯାଇଥିବାବେଳେ ଅନ୍ୟ ୨ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ ମଧ୍ୟପ୍ରଦେଶର ଭାଜପା ସରକାରଙ୍କ ନୀରବତାକୁ ନେଇ କଂଗ୍ରେସ ଯୁବନେତା ଶ୍ରୀନିବାସ ବିଭି କଡ଼ା ସମାଲୋଚନା କରିଛନ୍ତି।

## ଫିଲାଡେଲ୍‌ଫିଆରେ ଗୁଳିକାଣ୍ଡ: ୩ ମୃତ

ଫିଲାଡେଲ୍‌ଫିଆ, ୨୧।୭

ଆମେରିକାର ପେନ୍‌ସିଲଭାନିଆ ଅନ୍ତର୍ଗତ ଫିଲାଡେଲ୍‌ଫିଆ ସହରରେ ରବିବାର ଭୋର ସମୟରେ ଗୁଳିମାଡ଼ ହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ୱେଷ୍ଟ ଫିଲାଡେଲ୍‌ଫିଆର ନର୍ଥ ଆଲ୍‌ଡେନ୍ ଷ୍ଟ୍ରିଟ୍‌ରେ ବ୍ଲକ୍ ପାର୍ଟି ଚାଲିଥିବାବେଳେ ମାସ୍ ଶୁଟିଂ ହୋଇଥିଲା। ଉକ୍ତ ପାର୍ଟିରେ ଶତାଧିକ ଲୋକ ଉପସ୍ଥିତ ଥିଲେ। ଗୁଳିମାଡ଼ରେ ଆହତ ଲୋକଙ୍କୁ ପୋଲିସ ହସ୍ପିଟାଲ ନେଇଥିବାବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ଘଟିଛି।

## ଆଇଟି କର୍ମଚାରୀଙ୍କ କାର୍ଯ୍ୟ ସମୟ ବଢ଼ାଇପାରନ୍ତି କର୍ଣ୍ଣାଟକ ସରକାର

ବେଙ୍ଗାଲୁରୁ, ୨୧।୭

କର୍ଣ୍ଣାଟକ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ, ୧୯୬୧କୁ ସଂଶୋଧନ କରି ଆଇଟି କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ଦୈନିକ ଆଇନଗତ କାର୍ଯ୍ୟ ସମୟ ୯ ଘଣ୍ଟାରୁ ବଢ଼ାଇ ୧୪ ଘଣ୍ଟା କରିବାକୁ ବିଭିନ୍ନ ଆଇଟି କମ୍ପାନୀ ପକ୍ଷରୁ କର୍ଣ୍ଣାଟକ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବରେ ଆଇଟି, ଆଇଟିଇଏସ୍ ଏବଂ ବିପିଓ ସେକ୍ଟରରେ କାର୍ଯ୍ୟରତ କର୍ମଚାରୀଙ୍କର ଦୈନିକ କାର୍ଯ୍ୟ ସମୟ ବଢ଼ାଇବାର ଆବଶ୍ୟକତା ଥିବା କୁହାଯାଇଛି। କର୍ଣ୍ଣାଟକ ସରକାର ଏହି ପ୍ରସ୍ତାବ ଉପରେ ବିଚାର କରୁଛନ୍ତି। ରାଜ୍ୟ କ୍ୟାବିନେଟରେ ଚର୍ଚ୍ଚା ହେବା ପରେ ଏହି ପ୍ରସ୍ତାବ ଉପରେ ମୋହର ବାଜିପାରେ ବୋଲି କର୍ଣ୍ଣାଟକ ସରକାରଙ୍କ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ପ୍ରସ୍ତାବକୁ କର୍ଣ୍ଣାଟକ ରାଜ୍ୟ ଆଇଟି/ଆଇଟିଇଏସ୍ କର୍ମଚାରୀ ସଂଘ ଘୋର ବିରୋଧ କରିଛି। ଉକ୍ତ ପ୍ରସ୍ତାବ କାର୍ଯ୍ୟକାରୀ କରାଗଲେ ଆଇଟି କ୍ଷେତ୍ରରେ ଏକ ତୃତୀୟାଂଶ କର୍ମଚାରୀଙ୍କର ଛଟେଇ ହେବାର ସମ୍ଭାବନା ସହ କର୍ମଚାରୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ବୃଦ୍ଧି ପାଇବ ବୋଲି ଏହି କର୍ମଚାରୀ ସଂଘ କହିଛି।

## ରାଲିରେ ଶକ୍ତି ଦେଖାଇଲେ ଶରଦ ପାୱାର

ପୁଣେ, ୨୧।୭

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଏନ୍‌ସିପି(ଏସ୍‌ପି) ଅଧ୍ୟକ୍ଷ ଶରଦ ପାୱାର ପୁଣେର ପିମ୍ପ୍ରି ଚିଞ୍ଚୱାଡ ସହରରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ଅଞ୍ଚଳର ଏନ୍‌ସିପି ନେତା ତଥା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗଡ଼ ହୋଇଥିବାବେଳେ ସେଠାରେ ଶରଦ ବିଶାଳ ସମାବେଶ ଜରିଆରେ ପୁତୁରାଙ୍କୁ କଡ଼ା ବାର୍ତ୍ତା ଦେଇଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ଏନ୍‌ସିପି(ଏସ୍‌ପି)କୁ କ୍ଷମତାକୁ ଆଣିବାରେ ସହାୟତା କରିବାକୁ ଶରଦ ଜନସାଧାରଣଙ୍କୁ ଅପିଲ୍ କରିଥିଲେ। ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଏନ୍‌ସିପିର ପିମ୍ପ୍ରି ଚିଞ୍ଚୱାଡ୍ ସହର ସଭାପତି ଅଜିତ ଗବହାନେଙ୍କ ସମେତ ୨୫ ଜଣ କାର୍ଯ୍ୟକର୍ତ୍ତା ଶରଦ ପାୱାରଙ୍କ ଦଳରେ ସାମିଲ ହୋଇଥିଲା ବେଳେ ଶନିବାର ସେଠାରେ ବିଶାଳ ରାଲି


ଶରଦ ପାୱାର

କରାଯାଇଥିଲା। ରାଲିକୁ ଉଦ୍‌ବୋଧନ ଦେଇ ଶରଦ କହିଛନ୍ତି, ଦଳକୁ ଫେରିଥିବା ସମସ୍ତ କର୍ମୀଙ୍କୁ ସେ ସ୍ୱାଗତ କରୁଛନ୍ତି। ସେମାନଙ୍କ ସମର୍ଥନରେ ଶିଳ୍ପାଞ୍ଚଳ ସହର ପିମ୍ପ୍ରି ଚିଞ୍ଚୱାଡ୍‌ରେ ଏନ୍‌ସିପି(ଏସ୍‌ପି)ର ସ୍ଥିତି ପୁଣିଥରେ ମଜଭୁତ ହୋଇଛି। ବିଧାନସଭା ନିର୍ବାଚନରେ ସମର୍ଥନ କରିବା ପାଇଁ ଦଳର ରାଜ୍ୟ ସଭାପତି ଜୟନ୍ତ ପାଟିଲ ପିମ୍ପ୍ରି ଚିଞ୍ଚୱାଡ୍ ଭୋଟରମାନଙ୍କୁ ନିବେଦନ କରିଛନ୍ତି।

## ୟୁପି, ଉତ୍ତରାଖଣ୍ଡ ପରେ ଏମ୍‌ପିରେ ନିର୍ଦ୍ଦେଶନାମା

**ସାଇନ୍‌ବୋର୍ଡରେ ନାଁ ଲେଖିବେ ଖାଦ୍ୟ ବିକ୍ରେତା**

ଭୋପାଳ, ୨୧।୭

ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡ ସରକାରଙ୍କ ପରେ ଏବେ ମଧ୍ୟପ୍ରଦେଶର ଭାଜପା ଶାସିତ ଉଜ୍ଜୟିନୀ ମ୍ୟୁନିସିପାଲ କର୍ପୋରେଶନ ସହରର ସମସ୍ତ ଖାଦ୍ୟ ବିକ୍ରେତାଙ୍କୁ ସାଇନ୍ ବୋର୍ଡରେ ନିଜ ନାମ ଓ ମୋବାଇଲ୍ ନମ୍ବର ଲେଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୋଲ୍‌ବମ୍ ଭକ୍ତମାନଙ୍କ ଜଳାଭିଷେକ ଯାତ୍ରା ରୁଟ୍‌ରେ ପଡୁଥିବା ସମସ୍ତ ହୋଟେଲ, ଢାବା ଏବଂ ଠେଲାଗାଡ଼ିଗୁଡ଼ିକୁ ସାଇନ୍‌ବୋର୍ଡରେ ମାଲିକଙ୍କ ନାଁ, ଠିକଣା ଲେଖିବା ପାଇଁ ୟୁପି ଓ ଉତ୍ତରାଖଣ୍ଡ ସରକାର ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ନେଇ ବିବାଦ ଜାରି ରହିଛି। ନିର୍ଦ୍ଦେଶନାମା ଉଲ୍ଲଂଘନକାରୀଙ୍କୁ ପ୍ରଥମ ଥର ୨,୦୦୦ ଏବଂ ଦ୍ୱିତୀୟ ଥର ୫,୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ। ନିରାପତ୍ତା ଏବଂ ସ୍ୱଚ୍ଛତା ପାଇଁ ଏଭଳି ନିୟମ କରାଯାଇଛି, ମୁସଲମାନ ଦୋକାନୀଙ୍କୁ ଟାର୍ଗେଟ କରିବା ଏହାର ଉଦ୍ଦେଶ୍ୟ ନୁହେଁ ବୋଲି ଉଜ୍ଜୟିନୀ ମେୟର ମୁକେଶ ଟଟୱାଲ କହିଛନ୍ତି।



**ତରକାରିରେ ପିଆଜ ପଡ଼ିଥିବାରୁ ଢାବା ଭାଙ୍ଗିଲେ କାଉଡ଼ିଆ**

ହରିୟାଣାର କେତେଜଣ କାଉଡ଼ିଆ ରବିବାର ଗଙ୍ଗାନଦୀରୁ ପାଣି ଉଠାଇ ଉତ୍ତରପ୍ରଦେଶର ହରିଦ୍ୱାର ଅଭିମୁଖେ ଯାଉଥିବାବେଳେ ମୁଜାଫରନଗର ଅନ୍ତର୍ଗତ ଦିଲ୍ଲୀ-ହରିଦ୍ୱାର ଜାତୀୟ ରାଜପଥ ପାର୍ଶ୍ୱ ଏକ ଢାବାରେ ଖାଇଥିଲେ। ତରକାରୀରେ ପିଆଜ ପଡ଼ିଥିବା ଜଣାପଡ଼ିବାରୁ କାଉଡ଼ିଆମାନେ ତାଉ ହୁକେୱାଲା ହର୍ୟାନଭି ଟୁରିଷ୍ଟ ଢାବାରେ ଭଙ୍ଗାରୁଜା କରିବା ସହ ଢାବା କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଛି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ସୋମବାର, ଜୁଲାଇ ୨୨/୨୦୨୪ | Bhubaneswar, Monday, July 22/2024




କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ୨୬ ନମ୍ବର ଜାତୀୟ ରାଜପଥର କାଉଗୁଣ୍ଡା ଘାଟିରେ ରବିବାର ପୂର୍ବରୁ ଅଟକି ରହିଥିବା ଏକ ଟ୍ରକକୁ ଅନ୍ୟ ଏକ ଟ୍ରକ ଅତିକ୍ରମ କରିବାବେଳେ କାଦୁଅରେ ଫସିଯାଇଛି। ଫଳରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଛି। (ଫଟୋ: ଶରତ ଧଳ)

# ପୋଲାଭରମ୍: କେନ୍ଦ୍ରକୁ ୧୨ ହଜାର କୋଟି ମାଗିଲେ ଚନ୍ଦ୍ରବାବୁ

**ଅମରାବତି,୨୧ା୭**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କୁ ୧୨ ହଜାର କୋଟି ଟଙ୍କା ମାଗିଛନ୍ତି। ମଙ୍ଗଳବାର ସଂସଦରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବାକୁ ଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ ଚନ୍ଦ୍ରବାବୁ ଏଭଳି ଦାବି କରି ଚାଲାକି ଦେଖାଇଥିବା କୁହାଯାଉଛି। କେନ୍ଦ୍ରର ବଜେଟ ଅଧିବେଶନ ପୂର୍ବରୁ ଶନିବାର ଅମରାବତିରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସଂସଦୀୟ ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଆନ୍ଧ୍ର ମୁଖ୍ୟମନ୍ତ୍ରୀ ତଥା ଟିଡିପି ସୁପ୍ରିମୋ ଚନ୍ଦ୍ରବାବୁ ଉକ୍ତ ବୈଠକରେ ଦଳୀୟ ଏମ୍‌ପିମାନଙ୍କୁ କେନ୍ଦ୍ର ନିକଟରେ ରାଜ୍ୟର ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉଠାଇବା ପାଇଁ ପରାମର୍ଶ ଦେଇଛନ୍ତି। ଚନ୍ଦ୍ରବାବୁ


ଏନ୍. ଚନ୍ଦ୍ରବାବୁ ନାଇଡୁ

କହିଛନ୍ତି, ସମସ୍ତ ଏମ୍‌ପି ରାଜ୍ୟର ସ୍ୱାର୍ଥକୁ ଗୁରୁତ୍ୱ ଦେବା ଉଚିତ। ସେମାନେ କେନ୍ଦ୍ରମନ୍ତ୍ରୀମାନଙ୍କ ନିକଟରେ ଆନ୍ଧ୍ରର ବିଭିନ୍ନ ପ୍ରସଙ୍ଗ ଉଠାନ୍ତୁ। ପ୍ରକଳ୍ପଗୁଡ଼ିକ ପାଇଁ ଆବଶ୍ୟକ ପାଣ୍ଠି ପ୍ରଦାନ ଲାଗି ଦାବି କରନ୍ତୁ। ଦରକାର ପଡ଼ିଲେ ରାଜ୍ୟର ମନ୍ତ୍ରୀମାନଙ୍କୁ ମଧ୍ୟ ସାଙ୍ଗରେ ନିଅନ୍ତୁ ବୋଲି ଚନ୍ଦ୍ରବାବୁ କହିଛନ୍ତି। ଲୋକ ସଭାରେ ଟିଡିପିର ୧୬ ଏମ୍‌ପି ରହିଛନ୍ତି। ଲୋକ ସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ନ ପାଇ ଏହି ଏମ୍‌ପିମାନଙ୍କ ସମର୍ଥନରେ ସରକାର ଗଢ଼ିଥିବାରୁ ଚନ୍ଦ୍ରବାବୁଙ୍କ ଏଭଳି ପରାମର୍ଶ ବିଶେଷ ଗୁରୁତ୍ୱ ବହନ କରେ।

ମିଳିଥିବା ସୂଚନାନୁସାରେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ଗୋଦାବରୀ ନଦୀ ଉପରେ ନିର୍ମାଣାଧୀନ ପୋଲାଭରମ୍ ଓ ଅମରାବତି ପ୍ରକଳ୍ପ ଉପରେ ଗୁରୁତ୍ୱ ଦେଇଛନ୍ତି। ପୋଲାଭରମ୍ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ୧୨,୧୫୭ କୋଟି ଟଙ୍କା ଆବଶ୍ୟକ। ତେଣୁ କେନ୍ଦ୍ରଠାରୁ ସେ ଏହି ଅର୍ଥ ଆଶା କରିଛନ୍ତି। ସେହିପରି ଗତ ୫ ବର୍ଷରେ ପ୍ରକଳ୍ପ ନିର୍ମାଣବେଳେ ଦେଖାଦେଇଥିବା ଢାଞ୍ଚାଗତ ତ୍ରୁଟିଗୁଡ଼ିକର ଅନୁଧ୍ୟାନ ପାଇଁ କେନ୍ଦ୍ର ସରକାର ଅନ୍ତର୍ଜାତୀୟ ବିଶେଷଜ୍ଞମାନଙ୍କୁ ☞ପୃଷ୍ଠା-୨

# ରାଷ୍ଟ୍ରପତି ଦୌଡ଼ରୁ ଓହରିଲେ ବାଇଡେନ୍

## କମଳା ହାରିସ୍ ହେବେ ଡେମୋକ୍ରାଟିକ୍ ପ୍ରାର୍ଥୀ

**ୱାଶିଂଟନ,୨୧ା୭**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରବିବାର ହ୍ୱାଇଟ୍ ହାଉସ୍ ଦୌଡ଼ରୁ ଓହରିଯାଇଛନ୍ତି। ଆସନ୍ତା ନଭେମ୍ବର ୫ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟିକ୍ ପାର୍ଟିରୁ ସେ ଲଢ଼ିବେ ନାହିଁ ବୋଲି ଏକ୍ସ'ରେ ସ୍ପଷ୍ଟ କରିଛନ୍ତି। ଜାତୀୟ ଓ ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ଏହି ନିଷ୍ପତ୍ତି ନେଇଥିବା ବିଷୟ ଏଥିରେ ସେ ଉଲ୍ଲେଖ କରିଛନ୍ତି। ଏଥିସହ ବାଇଡେନ୍ ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କୁ ଶାସକ ଦଳର ରାଷ୍ଟ୍ରପତି


ଜୋ ବାଇଡେନ୍


କମଳା ହାରିସ୍

ପ୍ରାର୍ଥୀ ଭାବେ ସମର୍ଥନ ଜଣାଇଛନ୍ତି।

୨୦୨୦ ରାଷ୍ଟ୍ରପତି ନିର୍ବାଚନରେ ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହରାଇ ପୂର୍ବତନ ଉପରାଷ୍ଟ୍ରପତି ତଥା ଡେମୋକ୍ରାଟ ବାଇଡେନ୍ କ୍ଷମତାକୁ ଆସିଥିଲେ। ୨୦୨୪ ନିର୍ବାଚନରେ ବାଇଡେନ୍ ଶାସକ ଦଳରୁ ପୁନର୍ବାର ପ୍ରତିଦ୍ୱନ୍ଦ୍ୱିତା କରିବା ଏକପ୍ରକାର ନିଶ୍ଚିତ ଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟଗତ ଅସୁବିଧା ଓ ମତିଭ୍ରମ ଯୋଗୁ ବାଇଡେନ୍ ବାରମ୍ବାର ଭୁଲ୍ କଥା କହୁଥିବା ଅନେକ ସଭାସମିତିରେ ଦେଖିବାକୁ ମିଳିଥିଲା। ଜୁନ୍ ୨୭ରେ ଅନୁଷ୍ଠିତ ହୋଇଥିବା ପ୍ରଥମ ପ୍ରେସିଡେନ୍ସିଆଲ ଡିବେଟ୍ ବେଳେ ରିପବ୍ଲିକାନ୍ ଟ୍ରମ୍ପ ଅନେକ ପ୍ରସଙ୍ଗରେ ବାଇଡେନ୍‌ଙ୍କୁ ମୁହଁତୋଡ଼ ଜବାବ ଦେଇଥିଲେ। ୮୧ ବର୍ଷୀୟ ବାଇଡେନ୍ ଟ୍ରମ୍ପଙ୍କ ମୁକାବିଲା କରି ନ ପାରି ଅନେକ ଦୁର୍ବଳ ମନ୍ତବ୍ୟ ଦେଇଥିବା ଦେଖିବାକୁ ମିଳିଥିଲା। ନାଟୋ ସମ୍ମିଳନୀରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ ବୋଲି ସେ ସମ୍ବୋଧନ କରିଥିଲେ। ☞ପୃଷ୍ଠା-୭

# ଆଜି ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୧ା୭(ଅସମାପିକା ସାହୁ)**

ପ୍ରତି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଜନତାଙ୍କ ଅଭିଯୋଗ ଶୁଣୁଛନ୍ତି। ଭୁବନେଶ୍ୱର ୟୁନିଟ୍-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଶୁଣାଣି ହେଉଥିବାବେଳେ ୨୨ ତାରିଖ ସୋମବାର ଏହା ବନ୍ଦ ରହିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦିନ ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ନୂଆ ସରକାର ଗଠନ ହେବା ପରେ ଜୁଲାଇ ପ୍ରଥମ ସୋମବାର ଅର୍ଥାତ୍ ଜୁଲାଇ ୧ରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣି ତା'ର ସମାଧାନ କରୁଛନ୍ତି। ଏହି ସମୟରେ ତାଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଅନ୍ୟ କେତେଜଣ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହୁଛନ୍ତି।

# ଏନ୍‌ଇଇଟି-ୟୁଜି ଶୁଣାଣି ଆଜି



**ନୂଆଦିଲ୍ଲୀ,୨୧ା୭**

ବିବାଦ ଘେରରେ ଛନ୍ଦିହୋଇଥିବା ଚଳିତ ବର୍ଷର ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜି ଅନିୟମିତତାକୁ ନେଇ ଦାଏର ୪୦ରୁ ଉର୍ଦ୍ଧ୍ୱ ଆବେଦନର ଶୁଣାଣି ସୁପ୍ରିମକୋର୍ଟରେ ସୋମବାର ଅନୁଷ୍ଠିତ ହେବ। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଶନିବାର ଏହି ପରୀକ୍ଷାର କେନ୍ଦ୍ରୱାରି ଏବଂ ସହରୱାରି ଫଳାଫଳ ଘୋଷଣା କରିଥିଲେ, ଯେଉଁଥିରୁ ପ୍ରଶ୍ନପତ୍ର ଲିକ୍ ଓ କେତେଜଣ ପରୀକ୍ଷାର୍ଥୀଙ୍କୁ ଅଧିକ ମାର୍କ ଦିଆଯାଇଥିବା ସ୍ପଷ୍ଟ ହୋଇଛି। ଜୁଲାଇ ୨୨ରେ ଶୁଣାଣି ପାଇଁ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ ହୋଇଥିବା କଜ୍ ଲିଷ୍ଟ ଅନୁଯାୟୀ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପରଡ଼ିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଏନ୍‌ଟିଏର ଆବେଦନ ସମେତ ୪୦ରୁ ଅଧିକ ଆବେଦନର ଶୁଣାଣି କରିବେ।

# ରାମଚନ୍ଦ୍ର କାଡାମ କଂଗ୍ରେସ ବିଧାୟକ ଦଳ ନେତା

## ଅଶୋକ ଦାସ ଉପନେତା, ରାଜନ ଏକ୍କା ମୁଖ୍ୟ ସଚେତକ ନିଯୁକ୍ତ

**ଭୁବନେଶ୍ୱର, ୨୧ା୭(ସୁନିତ୍ ମିଶ୍ର)**

ସପ୍ତଦଶ ବିଧାନସଭା ଅଧିବେଶନର ଦିନକ ପୂର୍ବରୁ କଂଗ୍ରେସ ବିଧାୟକ ଦଳ ନେତା କିଏ ହେବ ତାକୁ ନେଇ ଯେଉଁ ଚର୍ଚ୍ଚା ଆଲୋଚନା ଜାରି ରହିଥିଲା ତା' ଉପରୁ ପରଦା ହଟିଛି। ୩ ଥରର ବିଧାୟକ ରାମଚନ୍ଦ୍ର କାଡାମଙ୍କୁ କଂଗ୍ରେସ ବିଧାୟକ ଦଳ ନେତା ଭାବେ ଆସିଥିବା ପ୍ରସ୍ତାବକୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଗ୍ରହଣ କରିଛନ୍ତି। ଏହାସହ ବିଧାୟକ ଅଶୋକ ଦାସ ବିଧାୟକ ଦଳର ଉପନେତା ଭାବେ ଦାୟିତ୍ୱ ପାଇଥିବା ବେଳେ ବିଧାୟକ ସି.ଏସ୍. ରାଜନ୍


ରାମଚନ୍ଦ୍ର କାଡାମ

ଏକ୍କାଙ୍କୁ ଦଳ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଳଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ୫ ଥରର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ୩ ଥରର ବିଧାୟକ ରାମଚନ୍ଦ୍ର କାଡାମଙ୍କ ମଧ୍ୟରୁ ଜଣଙ୍କୁ କଂଗ୍ରେସ ବିଧାୟକ ଦଳ ନେତା ପଦବୀ ମିଳିପାରେ ବୋଲି ଚର୍ଚ୍ଚା ଚାଲିଥିଲା। ହେଲେ ଶେଷରେ ☞ପୃଷ୍ଠା-୨

# ଓପିସିସିକୁ ଭାଙ୍ଗିଦେଲା ଏଆଇସିସି

**ଭୁବନେଶ୍ୱର, ୨୧ା୭(ସୁନିତ୍ ମିଶ୍ର)**

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ରବିବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି)କୁ ଭାଙ୍ଗି ଦିଆଯାଇଛି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେଙ୍କ ନିର୍ଦ୍ଦେଶକ୍ରମେ ପିସିସି ସଭାପତିଙ୍କ ସହ ସମସ୍ତ ପଦାଧିକାରୀ, କାର୍ଯ୍ୟକାରୀ କମିଟି, ଜିଲା, ବ୍ଲକ ଏବଂ ମଣ୍ଡଳ କଂଗ୍ରେସ କମିଟି ସମେତ ଯୁବ, ଛାତ୍ର, କିଷାନ କଂଗ୍ରେସ କମିଟିଠାରୁ ଆରମ୍ଭ କରି ସବୁ କମିଟିକୁ ଦଳ ଭାଙ୍ଗିଦେଇଛି। ଏଭଳି ପୂର୍ବରୁ କେବେ ହୋଇ ନ ଥିବାବେଳେ ପ୍ରଥମ ଥର ଲାଗି ଏଆଇସିସି ପକ୍ଷରୁ ଓଡ଼ିଶା କଂଗ୍ରେସ ବାବଦରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଗତ ୨୦୨୪ ସାଧାରଣ ନିର୍ବାଚନରେ ଦଳର ପ୍ରଦର୍ଶନ ସେଭଳି ଆଖିଦୃଶିଆ ହୋଇ ନ ଥିବାବେଳେ ଦଳ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଚର୍ଚ୍ଚା ହେଉଛି। କଂଗ୍ରେସକୁ ପୁଣିଥରେ ଆମୂଳଚୂଳ ପରିବର୍ତ୍ତନ କରି ସଙ୍ଗଠନକୁ ନୂଆକରି ଗଢ଼ିବାକୁ ଏଆଇସିସି ନିଷ୍ପତ୍ତି ନେଇ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। କେବଳ ଜିଲା ସଭାପତି ଭାବେ ଯେଉଁମାନେ ଦାୟିତ୍ୱରେ ରହିଛନ୍ତି ସେମାନଙ୍କୁ ପରବର୍ତ୍ତୀ ଦାୟିତ୍ୱ ପ୍ରଦାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ସଭାପତି ଭାବେ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ଭେନୁଗୋପାଳଙ୍କ ଦସ୍ତଖତରେ ଏକ ଚିଠି ଜାରି କରାଯାଇଛି। ତେବେ ଦଳ ରାଜ୍ୟରେ ସାଙ୍ଗଠନିକ କ୍ଷେତ୍ରରେ ଏଭଳି ଆମୂଳଚୂଳ ପରିବର୍ତ୍ତନ କରିବା ☞ପୃଷ୍ଠା-୨

# ସ୍କୁଲ ବସ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କଡ଼ାକଡ଼ି ହେବ

## ସମସ୍ତ ଆରଟିଓଙ୍କୁ ପରିବହନ କମିଶନରଙ୍କ ଚିଠି

**ଭୁବନେଶ୍ୱର, ୨୧ା୭(ଅସମାପିକା ସାହୁ)**

ରାଜ୍ୟରେ ଚାଲୁଥିବା ସ୍କୁଲ୍ ବସ୍‌ଗୁଡିକରେ ଛାତ୍ରୀଛାତ୍ରଙ୍କୁ ବିପଦସଙ୍କୁଳ ଅବସ୍ଥାରେ ପରିବହନ କରାଯାଉଛି। ଏପରିକି ସେଥିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଓ ନିର୍ଦ୍ଧାରିତ କ୍ଷମତାଠାରୁ ଅଧିକ ଛାତ୍ରୀଛାତ୍ର ନିଆଯାଉଥିବା ନେଇ ଦୀର୍ଘଦିନ ହେବ ଅଭିଭାବକମାନେ ଅଭିଯୋଗ କରି ଆସୁଛନ୍ତି। ଏନେଇ ଏକାଧିକ ଅଭିଯୋଗ ଆସିବା ପରେ ବିଳମ୍ବରେ ହେଲେ ବି ପରିବହନ ବିଭାଗର ଚେତା ପଶିଛି। ସ୍କୁଲ ବସ୍‌ରେ ଅଗ୍ନି ନିରାପତ୍ତା ନିୟମ ପାଳନକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ପରିବହନ



ପ୍ରାଧିକରଣ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। କେନ୍ଦ୍ରୀୟ ମୋଟର ଯାନ ନିୟମ(ସିଏମ୍‌ଭିଆର୍) ୧୯୮୯ର ଧାରା ୧୨୫ସି ଅନୁଯାୟୀ ସମସ୍ତ ସ୍କୁଲ ବସ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଠିକ୍ ଅନୁପାଳନ ହେବା ଅନିବାର୍ଯ୍ୟ। ତେଣୁ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ)ଙ୍କୁ ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର ନିର୍ଦ୍ଦେଶ ଦେଇଛନ୍ତି। ସ୍କୁଲ ବସ୍‌ଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯିବ। ସମସ୍ତ ଜୋନ୍ ଉପପରିବହନ ଆୟୁକ୍ତ ଏବଂ ଆଞ୍ଚଳିକ ପରିବହନ ଅଧିକାରୀମାନେ ନିୟମିତ ଭାବେ ଏହାର ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

“ଐତିହ୍ୟ କେବଳ ଇତିହାସ ନୁହେଁ, ବରଂ ଏହା ମାନବିକତାର ଚେତନାକୁ ପ୍ରତିପାଦିତ କରିଥାଏ। ଲୋକେ ବିଶ୍ୱର ଉନ୍ନତି ତଥା ପାରସ୍ପରିକ ସମ୍ପର୍କ ବୃଦ୍ଧି ପାଇଁ ଐତିହ୍ୟଗୁଡ଼ିକର ସମ୍ଭାବନାମୟ ଦିଗକୁ ବ୍ୟବହାର କରନ୍ତୁ। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ସେମିନାର, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ମନୋରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ନାଟକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶିବ ଭକ୍ତଙ୍କ ଦ୍ୱାରା ଜଳଲାଗି, ସ୍ଥାନ: ପୁରୀର ଶ୍ରୀଲୋକନାଥ ପୀଠ, ସମୟ: ପ୍ରାତଃ ୫ଟା।
- ତାଳପତ୍ର ଭୋଗେଇ ତିଆରି କରୁଥିବା ଶିଳ୍ପୀଙ୍କ ପୋଖରୀ ନିଲାମ ପ୍ରତିବାଦରେ ଅନଶନ ଓ ଧାରଣା, ସ୍ଥାନ: ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ଶ୍ରାବଣ ପ୍ରଥମ ସୋମବାର ଅବସରରେ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରରେ ଜଳାଭିଷେକ, ସ୍ଥାନ: ହାଟବଜାର, ଜଟଣୀ, ସମୟ: ପ୍ରାତଃ ୫ଟା।
- ସବୁଜ ଶୀତଳ ଓଡ଼ିଶା ପାଇଁ ୧ କୋଟି ଚାରା ରୋପଣ ଅଭିଯାନର ଉଦ୍‌ଘାଟନ, ସ୍ଥାନ: ଶ୍ରୀଜଗନ୍ନାଥ କଲେଜ, କାଇପଦର, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନେଶ୍ୱର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଔପଦା, ସମୟ: ପୂର୍ବାହ୍ନ ୧୦ଟା।
- ବାଲେଶ୍ୱର ଅଣସଙ୍ଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ (କେକେସି) ପକ୍ଷରୁ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ ଓ କଳାଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- କାଉଡ଼ିଆଙ୍କ ପ୍ରଥମ ଜଳାଭିଷେକ, ସ୍ଥାନ: ଆରଡ଼ି ଆଖଣ୍ଡଳମଣି ମନ୍ଦିର, ଭଦ୍ରକ, ସମୟ: ପ୍ରାତଃ ୪ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ପକ୍ଷରୁ ଚାରାରୋପଣ, ସ୍ଥାନ: ଶ୍ରୀ ଚୈତନ୍ୟ ଆଶ୍ରମ, ନୂଆ ବସ୍‌ଷ୍ଟାଣ୍ଡ ନିକଟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ବନ ବିଭାଗ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଗଡ଼ଚଣ୍ଡୀ, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଫ୍ରେଣ୍ଡ୍ସ କ୍ଲବ୍ ପକ୍ଷରୁ ଗଣେଷ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉତ୍ତରେଶ୍ୱର ମନ୍ଦିର, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଜଳେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ଜଳସୁଆଁ, ଆନନ୍ଦପୁର ସମୟ: ଅପରାହ୍ନ ୫ ଟା।
- ବାବା କୁଶଳେଶ୍ୱର ମନ୍ଦିରରେ ଜଳାଭିଷେକ, ସ୍ଥାନ: ଦେଓଗାଁ ଘସିପୁରା, ସମୟ: ଅପରାହ୍ନ ୫ଟା।
- ଶିବ ମନ୍ଦିରରେ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ: ଶଢା, ହଦଗଡ଼, ମୁଗୁପୁର, ବଂଚୋ, ଶାଳନିଆଁ, ହାବଳେଶ୍ୱର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ଭାଗବତ ଟୁଙ୍ଗିରେ ଭାଗବତ ପାଠ, ଭଜନ କୀର୍ତ୍ତନ, ସ୍ଥାନ: ମିଠିଗାଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କପ୍ତିପଦା ଉପଜିଲାପାଳ ସମ୍ମିଳନୀ କକ୍ଷ, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପଦ୍ମପୁର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଝରିଗାଁ ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଇଭିଏମ୍ ଷ୍ଟ୍ରଙ୍ଗରୁମ ନିରୀକ୍ଷଣ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- ଜୟପୁରରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି,ସ୍ଥାନ:ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।
- ପଟ୍ଟାଙ୍ଗି ପଞ୍ଚାୟତସମିତି ଅମ୍ବାବାଲି ଗ୍ରାମ ପଞ୍ଚାୟତ ପକ୍ଷରୁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ସହ ପ୍ରଶିକ୍ଷଣ ଶିବିର, ସ୍ଥାନ: ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ପ୍ରାତଃ ୫ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ:ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ବନ ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଗୋଶାଳା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା୩୦।

## ବଲାଙ୍ଗୀର

- ସୁଟିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ,ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଶୈବପୀଠରେ ଶ୍ରାବଣମାସ ପ୍ରଥମ ସୋମବାର ଜଳାଭିଷେକ, ସ୍ଥାନ: ବେଦବ୍ୟାସ, ସମୟ: ପ୍ରାତଃ ୪ଟା।
- ଓଡିଆ କାବ୍ୟ ସାହିତ୍ୟରେ ଭାଷାର ଭୂମିକା, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସକାଳ ୭ଟା ୩୦।
- ବାସନ୍ତୀ ବିଦ୍ୟାପୀଠ ପରିସରରେ ବୃକ୍ଷରୋପଣ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସକାଳ ୯ଟା ୩୦।
- ମେଡ଼ିକ୍ଲେମ୍ ସଚେତନତା ଶିବିର, ସ୍ଥାନ: ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନ୍, କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ୱାର୍ଡ ସଂଯୋଜିକା ସଂଘ ସଦସ୍ୟ କର୍ତ୍ତୃପକ୍ଷଙ୍କୁ ଭେଟିବା କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ଶ୍ୟାମେଶ୍ୱର ବାବାଙ୍କ ଜଳାଭିଷେକ, ସ୍ଥାନ: ମା’ ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ଶ୍ରୀ ଶ୍ରୀ ବୈଭବ ଭେଙ୍କଟେଶ୍ୱର ସ୍ୱାମୀଙ୍କ ଅଭିଷେକ, ସ୍ଥାନ: ବାଲାଜୀ ମନ୍ଦିର, ତୁରୁଙ୍ଗା, ବରଗଡ଼, ସମୟ: ସକାଳ ୮ଟା।
- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଭଟଲି ବ୍ଲକ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ଭେଙ୍କଟେଶ୍ୱର ବାବାଙ୍କ ସହସ୍ରନାମ ପୂଜା, ସ୍ଥାନ: ବାଲାଜୀ ମନ୍ଦିର, ତୁରୁଙ୍ଗା, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା ୩୦।

## କଳାହାଣ୍ଡି

- ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ବୌଦ୍ଧ ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ, କଲହବସା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ଶିକ୍ଷା ସପ୍ତାହ ପାଳନ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ, ସୁଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଗଣେଶ ଲଡୁ କୁପନ ଶୁଭାରମ୍ଭ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ସନ୍ଧ୍ୟା ୬ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ବୀରମହାରାଜପୁର ବ୍ଲକ ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ମହା କ୍ଷୀର ସାଇ, ସ୍ଥାନ: ଗୋଧନେଶ୍ୱର ଶୈବ ପୀଠ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ଗୋଧନେଶ୍ୱର ଶିବ ମନ୍ଦିରରେ କ୍ଷୀରାଭିଷେକ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ବୀରମହାରାଜପୁର ବ୍ଲକର ଗୋଧନେଶ୍ୱର ଶିବ ମନ୍ଦିର, ସମୟ:ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଉଚ୍ଚ ଯୋଗ ସଂସ୍କାର କାର୍ଯ୍ୟକ୍ରମ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ନୂଆପଡା, ସମୟ: ସକାଳ ୮ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୪ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ସହରସ୍ଥିତ ବାଗଡିହି ଗ୍ରାମ ମହାକାଳ ମନ୍ଦିର, ସମୟ: ପ୍ରାତଃ ୪ଟା।
- କାଉଡ଼ିଆଙ୍କ ଜଳାଭିଷେକ, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପ୍ରାତଃ ୪ଟା ୩୦।
- ଫୁଟବଲ ପ୍ରତିଯୋଗିତା ଲିଗ ମ୍ୟାଚ ଆରମ୍ଭ, ସ୍ଥାନ: ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।

## ଢେଙ୍କାନାଳ

- ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।

## ଅନୁଗୋଳ

- ଜିଲା ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବଣ୍ଡରପାଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ଶ୍ରାବଣ ମାସର ପ୍ରଥମ ଜଳାଭିଷେକ, ସ୍ଥାନ: ପଞ୍ଚପଲ୍ଲି ଗ୍ରାମେଶ୍ୱର ଓ କାଶୀ ବିଶ୍ୱନାଥ ମନ୍ଦିର, ଏରସମା, ସମୟ: ପ୍ରାତଃ ୫ଟା।

## କେନ୍ଦ୍ରାପଡ଼ା

- ବନ ମହୋତ୍ସବ, ସ୍ଥାନ: ପଲେଇ, ଡେରାବିଶ, ସମୟ: ସକାଳ ୭ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।ପ

## ଯାଜପୁର

- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ : ଦାନଗଦି ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା

## ନୟାଗଡ଼

- ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ, ସ୍ଥାନ: ଭାପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସରେ ପୂଜାର୍ଚ୍ଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜପାଟଣାର ଯଦୁବଂଶ ଧ୍ୱଂସ ପୌରାଣିକ ନାଟକ , ସ୍ଥାନ: ମା’ସିଦ୍ଧେଶ୍ୱରଙ୍କ ପୀଠ ସୋଲପଟା, ସମୟ: ଅପରାହ୍ନ ୨ଟା।

# ପ୍ରଥମ ପୃଷ୍ଠାରୁ...

## ଆଜିଠୁ ବଜେଟ...

ବିରୋଧୀଙ୍କ ସହଯୋଗ ଲୋଡ଼ି ରବିବାର ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ବିରୋଧୀ ଦଳଗୁଡ଼ିକ ଏହି ୨ ପ୍ରସଙ୍ଗରେ ବିତର୍କ କରାଇବା ପାଇଁ ଦାବି କରିଛନ୍ତି। କଂଗ୍ରେସ ଲୋକ ସଭା ଉପବାଚସ୍ପତି ପଦ ପାଇଁ ନିର୍ବାଚନ କରାଇବାକୁ ଦାବି କରିଛି। ଅନ୍ୟପକ୍ଷେ ବୈଠକରେ ସାମିଲ ହୋଇଥିବା ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ), ଜଗନ୍‌ମୋହନ୍ ରେଡ୍ଡୀଙ୍କ ୱାଇଏସ୍‌ଆର୍‌ସିପି ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ (ବିଜେଡି) ସଦସ୍ୟମାନେ ଯଥାକ୍ରମେ ବିହାର, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ଉଠାଇଛନ୍ତି। ଲୋକ ସଭା ନିର୍ବାଚନରେ ଭାଜପା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଲାଭ କରି ନ ଥିବାରୁ ଜେଡିୟୁ, ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସମେତ ଛୋଟ ଦଳଗୁଡ଼ିକର ସମର୍ଥନରେ କେନ୍ଦ୍ରରେ ମେଣ୍ଟ ସରକାର ଗଢ଼ିଛି। ଏଥର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ପୂର୍ବାପେକ୍ଷା ଦୁର୍ବଳ ସ୍ଥିତିରେ ରହିଛି। ମୋଦି ୩.୦ ସରକାର ଗଠନ ହେବା ପରେ ପ୍ରଥମ ଥର ପାଇଁ ପାର୍ଲାମେଣ୍ଟରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ ହେବାକୁ ଯାଉଛି। ସୋମବାର ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ ହେବା ପରେ ମଙ୍ଗଳବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୨୦୨୪-୨୫ ଆର୍ଥିକ ବର୍ଷ (ଏପ୍ରିଲ ୨୦୨୪ରୁ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ) ପାଇଁ ପୂର୍ଣ୍ଣାଙ୍ଗ ଆର୍ଥିକ ବଜେଟ ଉପସ୍ଥାପନ କରିବେ। ୩ ସପ୍ତାହ ଧରି ଚାଲିବାକୁ ଥିବା ଉକ୍ତ ଅଧିବେଶନରେ ବିରୋଧୀ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ କରୁଥିବାବେଳେ ସରକାର ରବିବାର ସର୍ବଦଳୀୟ ବୈଠକ ଡାକିଥିଲେ। ନିକଟରେ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ଏବଂ ଉତ୍ତରାଖଣ୍ଡର ପୁଷ୍କର ସିଂ ଧାମି ସରକାର ବୋଲ୍‌ବମ୍ ଯାତ୍ରୀଙ୍କ ପଥରେ ପଡୁଥିବା ସମସ୍ତ ଦୋକାନର ସାଇନ୍‌ବୋର୍ଡରେ ମାଲିକଙ୍କ ନାମ, ଠିକଣା ଓ ମୋବାଇଲ ନମ୍ବର ଉଲ୍ଲେଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବିରୋଧୀ ଦଳଗୁଡ଼ିକ ଏହି ‘ବିଭାଜନବାଦୀ ନିର୍ଦ୍ଦେଶନାମା’ ପ୍ରସଙ୍ଗ ଉଠାଇ ଏହା ଉପରେ କେନ୍ଦ୍ରର ହସ୍ତକ୍ଷେପ ଲୋଡ଼ିଛନ୍ତି।

ଏନ୍‌ଡିଏ ଅଂଶୀଦାର ଜେଡିୟୁ ବିହାରକୁ ଏବଂ ଭାଜପାର ଭିତିରି ସହଯୋଗୀ ଭାବେ ଜଣାଶୁଣା ୱାଇଏସ୍‌ଆର୍‌ସିପି ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ନିମନ୍ତେ ଦାବି କରିଛନ୍ତି। ସେହିପରି ବିଜେଡି ଓଡ଼ିଶାକୁ ସ୍ପେଶାଲ କାଟାଗୋରି ଷ୍ଟାଟସ୍ ପ୍ରଦାନ ପାଇଁ ବୈଠକରେ ଦାବି ଜଣାଇଛି। ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ଓଡ଼ିଶା ୨ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରିଆସୁଥିଲେ ମଧ୍ୟ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ବିହାର ଓ ଆନ୍ଧ୍ରର ଏଭଳି ଦାବି ସହ ଆମେ ସ୍ୱର ମିଳାଇ ଅନୁରୂପ ଦାବି କରିଛୁ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏନ୍‌ଡିଏର ଅନ୍ୟତମ ସହଯୋଗୀ ତଥା କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମଧ୍ୟ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବାକୁ ଦାବି କରିଛନ୍ତି। ତେବେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ଏହି ପ୍ରସଙ୍ଗରେ ନୀରବ ରହିବା ବିସ୍ମିତ କରିଛି ବୋଲି କଂଗ୍ରେସ ନେତା ଜୟରାମ ରମେଶ ଏକ୍ସ’ରେ ଉଲ୍ଲେଖ କରିଛନ୍ତି।

ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନରେ ବିରୋଧୀ ଦଳଗୁଡ଼ିକ ଏନ୍‌ଇଇଟି ପରୀକ୍ଷାରେ ଦୁର୍ନୀତି ଓ ପ୍ରଶ୍ନପତ୍ର ଲିକ୍, ଟ୍ରେନ୍ ଦୁର୍ଘଟଣା, ଦରଦାମ ବୃଦ୍ଧି, ବେରୋଜଗାରି ସମେତ ମଣିପୁର ସଙ୍କଟ ପ୍ରସଙ୍ଗ ଉଠାଇବା ପାଇଁ ସୁଯୋଗ ପାଇ ନ ଥିବା ଦର୍ଶାଇ ବଜେଟ ଅଧିବେଶନରେ ଏହା ଉପରେ ବିତର୍କ ଦାବି କରିଛନ୍ତି। ଲୋକ ସଭାର ବିରୋଧୀ ଦଳ (କଂଗ୍ରେସ) ଉପନେତା ଗୌରବ ଗୋଗୋଇ କହିଛନ୍ତି, ସରକାର ଉପବାଚସ୍ପତି ପଦ ବିରୋଧୀଙ୍କୁ ଛାଡ଼ିଦେବା ଉଚିତ। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା ସଞ୍ଜୟ ସିଂ ବିରୋଧୀ ଦଳଗୁଡ଼ିକର ନେତାମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ ପ୍ରସଙ୍ଗ ଉଠାଇଥିବାବେଳେ ଦ୍ରାବିଡ ମୁନେତ୍ରା କାଝାଗାମ (ଡିଏମ୍‌କେ)ର ଟି.ଆର୍. ବାଲୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ଅନୁଦାନ ଦିଆ ନ ଯିବା ନେଇ ଚିନ୍ତା ପ୍ରକଟ କରିଛନ୍ତି। ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, କଂଗ୍ରେସର କେ. ସୁରେଶ, ଜେଡିୟୁର ସଞ୍ଜୟ ଝା, ଏନ୍‌ସିପିର ପ୍ରଫୁଲ ପଟେଲ ଏବଂ ଆର୍‌ଜେଡିର ଅଭୟ କୁଶୱାହ ମଧ୍ୟ ଯୋଗଦେଇଥିଲେ।

## ୨୫ରେ ରାଜ୍ୟ ବଜେଟ...

ବୈଠକରେ ଯୋଗଦେବାକୁ ନିମନ୍ତ୍ରଣ କରିବା ପାଇଁ ନବୀନ ନିବାସ ଯାଇଥିଲେ। ହେଲେ ନବୀନ ସର୍ବଦଳୀୟ ବୈଠକରେ ଯୋଗ ଦେଇ ନ ଥିଲେ। ସେହିଭଳି ସର୍ବଦଳୀୟ ବୈଠକରେ କଂଗ୍ରେସରୁ କେହି ଯୋଗ ଦେଇନାହାନ୍ତି। ସର୍ବଦଳୀୟ ବୈଠକ ବସିବା ପର୍ଯ୍ୟନ୍ତ କଂଗ୍ରେସ ବିଧାୟକ ଦଳର ନେତା ଚୟନ ହୋଇପାରି ନ ଥିବାରୁ ପ୍ରଥମ ଥର ପାଇଁ ଦଳ ପକ୍ଷରୁ କୌଣସି ସଦସ୍ୟ ଉପସ୍ଥିତ ନ ଥିଲେ। ପରବର୍ତ୍ତୀ ସମୟରେ କଂଗ୍ରେସ ବିଧାୟକ ଦଳ ନେତା ଭାବେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ରାମଚନ୍ଦ୍ର କାଡାମଙ୍କୁ ନିଯୁକ୍ତ କରିଛି। ବୈଠକରେ ଗୃହକୁ ସୁରୁଖୁରୁରେ ଚଳାଇବା ସକାଶେ ବାଚସ୍ପତି ସମସ୍ତଙ୍କୁ ନିବେଦନ କରିଛନ୍ତି। ଏପରି କି ଅଧିବେଶନ କିଭଳି ସୁରୁଖୁରୁରେ ଚାଲିବ ସେନେଇ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିବା ବାଚସ୍ପତି କହିଛନ୍ତି। ସେହିପରି ଏହି ବୈଠକରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ ଯୋଗ ଦେଇ ସର୍ବଦଳୀୟ ବୈଠକରେ ଗୃହ କିପରି ସୁଚାରୁରୂପେ ଚାଲିବ, ବଜେଟ ଉପରେ କିପରି ଆଲୋଚନା ହେବ, ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆସିବ ଏବଂ ଓବିଟୁଆରି ଯାହା ଆସିବ ତାହା ଭିତରେ ଆଲୋଚନା ହୋଇଥିବା କହିଛନ୍ତି। ତେବେ ସୋମବାର ବିଧାନସଭାର ବଜେଟ ଅଧିବେଶନ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ। ୨୪ ତାରିଖରେ ଉପବାଚସ୍ପତି ନିର୍ବାଚନ ହେବାକୁ ଥିବାବେଳେ ଆସନ୍ତା ୨୫ ତାରିଖରେ ରାଜ୍ୟ ବଜେଟ ଉପସ୍ଥାପନ ହେବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ କରିବେ। ଅନ୍ୟପକ୍ଷରେ ସର୍ବଦଳୀୟ ବୈଠକରେ କଂଗ୍ରେସ ଯୋଗ ନ ଦେବା ନେଇ ଦଳର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ, ଏତେ ପୁରୁଣା ଦଳ, କିନ୍ତୁ ନେତା ବଛାଯାଇପାରୁ ନାହିଁ। ଏହାକୁ ନେଇ କାହାକୁ କ’ଣ ଦାୟୀ କରିହେବ, ସେଥିଲାଗି ନିଜକୁ ଦାୟୀ କରୁଛି। ତାଙ୍କୁ ବିଧାୟକ ଦଳ ନେତା ନ କଲେ ବି ଯାହାକୁ କଲେବି ତାଙ୍କର ଆପତ୍ତି ନାହିଁ। ଦିଲ୍ଲୀରେ ନିଷ୍ପତ୍ତି ନ ହୋଇ ପାରିବାରୁ ସର୍ବଦଳୀୟ ବୈଠକରେ କେହି ଯୋଗଦେଇ ପାରିଲେନି ବୋଲି ବାହିନୀପତି କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡାମ କହିଛନ୍ତି, ସର୍ବଦଳୀୟ ବୈଠକରେ ଯୋଗଦେବାକୁ ଔପଚାରିକ ଚିଠି ଆସି ନ ଥିବାରୁ କେହି ଯୋଗ ଦେଇପାରିଲେ ନାହିଁ। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, କଂଗ୍ରେସ ନେତା ବଛା ଯାଇ ନ ଥିବାରୁ ପିସିସି ସଭାପତିଙ୍କ ସହ କଥା ହୋଇଥିଲି। ସିପିଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡାଙ୍କ ସହ ମଧ୍ୟ ଫୋନ୍‌ରେ କଥା ହୋଇଥିଲି। ଉଭୟ ଦଳର ପ୍ରତିନିଧି ବୈଠକକୁ ଆସିପାରି ନାହାନ୍ତି।

## ବଦଳିବନି ବିଜୁ ପଟ୍ଟନାୟକ ...

ଏହାର ନାମ ପରିବର୍ତ୍ତନ କରାଯିବା ବିଷୟରେ ରବିବାର ସକାଳୁ ଗଣମାଧ୍ୟମରୁ ଜାଣିବାକୁ ମିଳିଲା। ହେଲେ ଏନେଇ ବିଧିବଦ୍ଧ ଭାବେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇ ନାହିଁ। ତାଙ୍କ ପାଖରେ ବି ସେପ୍ରକାରର କୌଣସି ସୂଚନା ନ ଥିଲା। ଭାଜପା ସରକାର ଓଡ଼ିଶାର ବରପୁତ୍ରମାନଙ୍କୁ ଯଥୋଚିତ ସମ୍ମାନ ଦିଅନ୍ତି। ବିଜୁ ନିଜ ଦୀର୍ଘ ଦଶନ୍ଧିର ରାଜନୈତିକ ଓ ସାମାଜିକ ଜୀବନରେ କରିଥିବା ଅବଦାନ ଓଡ଼ିଶା ତଥା ଭାରତ ବର୍ଷ ପାଇଁ ସ୍ମରଣୀୟ ହୋଇ ରହିବ। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପୂର୍ବଭଳି ଚାଲୁ ରହିବ। ସେଥିରେ କୌଣସି ପ୍ରକାର ପରିବର୍ତ୍ତନ କରାଯିବାର ଯୋଜନା ନାହିଁ। ଯେମିତି ଆଗରୁ ଚାଲିଥିଲା ସେମିତି ଚାଲିବ। ସୂଚନାଯୋଗ୍ୟ ଯେ, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାଁ ପରିବର୍ତ୍ତନ କଥା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରୁ ଉଠିଥିଲା। ଏଥିରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପରିବର୍ତ୍ତେ ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ ଲେଖାଯାଇଥିଲା। ପୁରସ୍କାରର ନାମକୁ ଛାଡ଼ିଦେଲେ ଏହା ବ୍ୟତୀତ ଏହି ବିଜ୍ଞପ୍ତିରେ ଅନ୍ୟ କୌଣସି ପରିବର୍ତ୍ତନ କରାଯାଇ ନ ଥିବା ଦେଖିବାକୁ ମିଳି ନ ଥିଲା। ଏହି ପୁରସ୍କାରର ନିୟମାବଳୀରେ ମଧ୍ୟ କୌଣସି ବିଶେଷ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳି ନ ଥିଲା।

## ସ୍କୁଲ ବସ୍‌ରେ ଅଗ୍ନି ନିରାପତ୍ତା ...

ଯାଞ୍ଚ କରିବେ। କୌଣସି ସ୍କୁଲ ବସ୍ ଏହାର ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିଭଳି ନିଜ ନିଜ ଅଞ୍ଚଳରେ ଏହି ନିୟମ ଅନୁପାଳନକୁ ସୁନିଶ୍ଚିତ କରିବା ନିମନ୍ତେ ମୋଟର ଯାନ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ବସ୍‌ରେ ଫାୟାର ଡିଟେକ୍ସନ ଆଲାମ ସିଷ୍ଟମ (ଏଫ୍‌ଡିଏଏସ୍), ଫାୟାର ଡିଟେକ୍ସନ୍ ସପ୍ରେଶନ୍ ସିଷ୍ଟମ(ଏଫ୍‌ଡିଏସ୍‌ଏସ୍) ଓ ଫାୟାର ଆଲାମ ପ୍ରୋଟେକ୍ସନ୍ ସିଷ୍ଟମ(ଏଫ୍‌ଏପିଏସ୍) ବ୍ୟବସ୍ଥା ଆବଶ୍ୟକ ଭାବେ ଲାଗୁ କରିବାକୁ ବାଧ୍ୟତାମୂଳକ ନିୟମ ରହିଛି। ଅଗ୍ନି ଦୁର୍ଘଟଣା ରୋକିବା ଓ ମୁକାବିଲା ଦିଗରେ ଏହା ସହାୟକ ହୋଇଥାଏ। ତେଣୁ ବସ୍‌ରେ ଯାତ୍ରା କରୁଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୮୯ର ନିୟମ ୧୨୫ସି ଅନୁସାରେ ସମସ୍ତ ସ୍କୁଲ ବସ୍‌ରେ ଏଆଇଏସ୍ ୧୩୫ ଆଧାରରେ ଏହି ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ଭାବେ ଅନୁପାଳନ ହେବା ଆବଶ୍ୟକ। ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସହ ଅନୁବନ୍ଧିତ ହୋଇ ଛାତ୍ରୀଛାତ୍ରଙ୍କୁ ପରିବହନ କରୁଥିବା ବସ୍ ମାଲିକମାନେ ଏହି ନିୟମ ନିଶ୍ଚିତ ଭାବରେ ପାଳନ କରିବା ନିମନ୍ତେ ଆଇନରେ ପ୍ରାବଧାନ ରହିଛି। କୋମଳମତି ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି କୌଣସି ଅଣଦେଖାକୁ ବରଦାସ୍ତ କରାଯିବ ନାହିଁ। ନିୟମ ଉଲ୍ଲଂଘନ କରୁଥିବା ବସ୍‌ଗୁଡ଼ିକର ଫିଟନେସ୍ ସାର୍ଟିଫିକେଟ ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ରାଜ୍ୟ ପରିବହନ କମିଶନର ନିର୍ଦ୍ଦେଶ ଦେଇଛନ୍ତି।

## ରାମଚନ୍ଦ୍ର କାଡାମ ...

ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ପଛରେ ପକାଇ କାଡାମଙ୍କ ଉପରେ ଏଆଇସିସି ଭରସା କରିଛି। କାଡାମ ପଟ୍ଟାଙ୍ଗୀ ବିଧାନସଭା ଆସନରୁ ବିଜୟୀ ହୋଇଛନ୍ତି। କାଡାମ ପୂର୍ବରୁ ୧୯୯୫ ଏବଂ ୨୦୦୯ରେ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେହିପରି ବାସୁଦେବପୁର ଆସନରୁ ବିଜୟୀ ହୋଇଥିବା ଅଶୋକ ଦାସଙ୍କୁ ଦଳ ଉପନେତା ଭାବେ ଚୟନ କରିଛି। ସେହିପରି ରାଜନ ଏକ୍‌କା ୨୦୧୯ ଏବଂ ୨୦୨୪ରେ ଦୁଇଥର ବିଜୟୀ ହେବା ପରେ ଦଳ ତାଙ୍କୁ କଂଗ୍ରେସ ବିଧାୟକ ଦଳ ମୁଖ୍ୟ ସଚେତକ ପଦବୀ ଦେଇଛି। ତେବେ ବିଧାୟକ ଦଳ ନେତା କାହାକୁ କରାଯିବ ସେନେଇ ଦୀର୍ଘଦିନ ଧରି ଚର୍ଚ୍ଚା ଲାଗି ରହିଥିବାବେଳେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ରାଜ୍ୟର ୧୪ ବିଧାୟକଙ୍କ ସହିତ ୱାନ୍ ଟୁ ୱାନ୍ ଆଲୋଚନା କରିଥିଲେ। ଏହାପରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ସହିତ କେତେଜଣ ବିଧାୟକ ଏଆଇସିସି ଅଧ୍ୟକ୍ଷଙ୍କୁ ଯାଇ ଭେଟିବା ସହିତ ଏ ବାବଦରେ ଆଲୋଚନା କରିଥିବା ଜଣାପଡ଼ିଥିଲା। ତେବେ ସୋମବାର ବିଧାନସଭା ବସିବାକୁ ଯାଉଥିବା ବେଳେ ଶେଷ ମୁହୂର୍ତ୍ତରେ ଦଳ ଏହି ଘୋଷଣା କରିଛି। ଫଳରେ ବିଧାୟକ ଦଳ ବୈଠକ ବସିପାରି ନାହିଁ। ସୋମବାର ନୂଆ ବିଧାୟକ ଦଳ ନେତାଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ପୋଲାଭରମ୍: କେନ୍ଦ୍ରକୁ ...

ଆଣି ପରିଦର୍ଶନ କରାନ୍ତୁ ବୋଲି ମଧ୍ୟ ସେ ଦାବି କରିଛନ୍ତି। ଅନ୍ୟପକ୍ଷେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରୁଛି। ଲୋକ ସଭାରେ ଜେଡିୟୁର ୧୨ ସଦସ୍ୟ ଥିବାରୁ ତାଙ୍କ ଦାବିକୁ ମଧ୍ୟ କେନ୍ଦ୍ର ଅଣଦେଖା କରିପାରିବ ନାହିଁ। ଯଦି ଅଣଦେଖା କରେ ତେବେ ଚନ୍ଦ୍ରବାବୁ ଓ ନୀତୀଶ ସମର୍ଥନ ପ୍ରତ୍ୟାହାର କଲେ କେନ୍ଦ୍ରର ଏନ୍‌ଡିଏ ସରକାର ଭାଙ୍ଗିଯିବ। ଏହି ଜଟିଳ ସ୍ଥିତିକୁ ଦେଖି ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବ ‘ଏ ସରକାର ବର୍ଷେ ଚାଲିବ ନାହିଁ, ଭାଙ୍ଗିଯିବ’ ବୋଲି ବାରମ୍ବାର ଦୋହରାଉଛନ୍ତି। ଏଭଳି ସ୍ଥିତିରେ ସହଯୋଗୀ ଦଳଗୁଡ଼ିକୁ ଧରି ସରକାର ଚଳାଇବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। କାରଣ ବିନା ସଂଖ୍ୟାଗରିଷ୍ଠତାରେ ସରକାର ଚଳାଇବା ଅନୁଭବ ମୋଦିଙ୍କର ନାହିଁ।

## ଓପିସିସିକୁ ଭାଙ୍ଗିଦେଲା ...

ନେଇ ଗ୍ରହଣ କରିଥିବା ପଦକ୍ଷେପକୁ ବହୁ କଂଗ୍ରେସ ନେତା ପସନ୍ଦ କରିଛନ୍ତି। ତେବେ କଂଗ୍ରେସର ସବୁ କମିଟି ଭାଙ୍ଗିବା ପରେ କିଏ ଦଳର ନୂଆ ପିସିସି ସଭାପତି ହେବେ ତାକୁ ନେଇ ଏବେଠାରୁ ଚର୍ଚ୍ଚା ଜୋର୍ ଧରିଛି। ଦଳ ରାଜ୍ୟରେ ନିଜର ସଙ୍ଗଠନକୁ ସମ୍ପୂର୍ଣ୍ଣ ମୂଳରୁ ଆରମ୍ଭ କରିବାକୁ ଯାଉଥିବା ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ରଙ୍କ ସମ୍ମୁଖ ଭାଗରେ ରବି ଓ ଶୁକ୍ର ଅବସ୍ଥାନ କରିଥିବାରୁ ମନ ଯାହା ଚାହୁଁଥିବ ତାହା ପାଇବାରେ ଅସମର୍ଥ ହେବେ। ଶନିଙ୍କ ଦୃଷ୍ଟି ପ୍ରଭାବରୁ କର୍ମକ୍ଷେତ୍ରରେ ସମସ୍ୟାଜନିତ ପ୍ରତିକୂଳ ପରିସ୍ଥିତିର ଚାପ କମିବ। ସଭାସମିତିରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିପାରିବେ।

**ବୃଷ** ଏକାଦଶସ୍ଥ ରାହୁଙ୍କ ଯୋଗୁ ପରିସ୍ଥିତିକୁ ଦେଖି କାମ କରିବାର କୌଶଳକୁ ଆପଣେଇବାରେ ସାହାଯ୍ୟ କରିବ। କେତେକ ସମସ୍ୟାକୁ କେନ୍ଦ୍ରକରି ମାନସିକ ଅସ୍ଥିରତା ଦେଖାଦେବ। ପଡୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇଲେ ମଧ୍ୟ ପିଲାଙ୍କ ପଢାକୁ ନେଇ ମନ ଭାରାକ୍ରାନ୍ତ ରହିପାରେ। ସ୍ୱାସ୍ଥ୍ୟ ଭଲ ରହିବା ସହ ମନୋରଞ୍ଜନ ପାଇଁ ମନ ବଳିବ।

**ମିଥୁନ** ଶନି ନବମସ୍ଥ ହେତୁ ଭଲମନ୍ଦର ବିଚାର ନ କରି ଅନ୍ୟମାନଙ୍କ କଥାରେ ପଡି କାମ କରିପାରନ୍ତି। ପରିଣାମତଃ କିଛିଟା ସମସ୍ୟା ସାଙ୍ଗକୁ ଅଶାନ୍ତ ପରିସ୍ଥିତି ଉପୁଜିପାରେ। ସ୍ୱାସ୍ଥ୍ୟରେ ଉନ୍ନତି, ଗୃହ, ବାଣିଜ୍ୟ, ବ୍ୟବସାୟ, ପରିବହନ ଦିଗରୁ ଅନୁକୂଳ ଫଳ ପାଇବେ। ଗବେଷଣା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସୁଫଳ ମିଳିବ।

**କର୍କଟ** କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରି ଖୁସି ରହିବେ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ଶିଳ୍ପ, ବାଣିଜ୍ୟ, ଯୋଗାଣ କାରବାରରେ ଉନ୍ନତିର ଆଶା ରହିଛି। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବଜନିତ ବିଚଳିତ ହୋଇପାରନ୍ତି।

**ସିଂହ** ପରିବାରର ବୟସ୍କ ବ୍ୟକ୍ତିଙ୍କ ବିରୋଧ କାରଣରୁ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ବ୍ୟୟାଧିପ ଧନଭାବସ୍ଥ ଯୋଗୁ ହାତ ଖାଲି ରହିବାରୁ ମନରେ ସରସତା ରହି ନ ପାରେ। ଆଜି ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡିପାରେ।

**କନ୍ୟା** ବୃହସ୍ପତିଙ୍କ ଦୃଷ୍ଟିର ସୁପ୍ରଭାବରୁ ଶିକ୍ଷା, ସନ୍ତାନ, ମନ୍ତ୍ରଣା, ପାରିବାରିକ ସୁଖ, ସୌହାର୍ଦ୍ଦ୍ୟ ପାଇଁ ଦିନଟି ଭଲ। ଶାରୀରିକ ଅସୁସ୍ଥତା ମନଃସ୍ଥିତିକୁ ପ୍ରଭାବିତ କରିପାରେ। ବିଳମ୍ବିତ ସମୟରେ ଅଭିଳଷିତ ଜିନିଷଟି ପାଇଲେ ମଧ୍ୟ ମନରେ ପୂର୍ଣ୍ଣାନନ୍ଦ ଆସିବ ନାହିଁ। ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦର ଆଶଙ୍କା ରହିଛି।

**ତୁଳା** ଆଜି ଚନ୍ଦ୍ର କେନ୍ଦ୍ରସ୍ଥ ଶୁକ୍ର ହେତୁ ନୂତନମୈତ୍ରୀ, କାର୍ଯ୍ୟାରମ୍ଭ, ମୂଲ୍ୟବାନ୍ ଦ୍ରବ୍ୟ ଲାଭ, ଅର୍ଥପ୍ରାପ୍ତିଜନିତ ମନ ପ୍ରଫୁଲ୍ଲ ରହିବ। ପାରିବାରିକ ସମସ୍ୟା ଲାଗି ମନରେ ସରସତା ରହି ନ ପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ।

**ବିଛା** ରାଶିକୁ ଶନିଙ୍କ ଦୃଷ୍ଟି ହେତୁ ବିବାଦୀୟ ପରିସ୍ଥିତିଜନିତ ମତାନ୍ତର ସୃଷ୍ଟି ହୋଇପାରେ। ପ୍ରତିଯୋଗିତା, ମାଲିମକଦ୍ଦମା, ଜମିଜମା କାରବାରରେ ସାମାନ୍ୟ ସଫଳତା ଯୋଗୁ ମନଖୁସି ରହିବ। ବନ୍ଧୁଙ୍କ ସାହଚର୍ଯ୍ୟରେ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ବ୍ୟବସାୟ ଆଗକୁ ବଢାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ** ବୃହସ୍ପତିଙ୍କ ପ୍ରଭାବରେ ଅର୍ଥନୈତିକ ଅଭିବୃଦ୍ଧି, ରାଜନୈତିକ ସଫଳତା, ସାଂଗଠନିକ ସାମର୍ଥ୍ୟ ପାଇପାରନ୍ତି। ଅଜଣା ବନ୍ଧୁଙ୍କୁ ବିଚାର ବିନା ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଅସୁସ୍ଥତା ଦୂର ସହ ମନୋବଳ ଫେରିପାଇବେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ମନାନ୍ତରର ଆଶଙ୍କା ରହିଛି।

**ମକର** ଆଜି ରାଶିରେ ଚନ୍ଦ୍ରଜନିତ କର୍ମାରମ୍ଭ, ଦୂରଯାତ୍ରାରେ ସଫଳତା ମିଳିବ। ଶିଳ୍ପ, ବାଣିଜ୍ୟ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ଦେଖାଦେଇପାରେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହୋଇପାରନ୍ତି। ପରିବାରରେ ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ମତାନ୍ତର ସୃଷ୍ଟି ହେବ।

**କୁମ୍ଭ** ଶନିଙ୍କ ସ୍ଥିତିରୁ ସମସ୍ୟା ଦେଇ ଗତିକଲେ ମଧ୍ୟ ସ୍ଥିତି ସୁଦୃଢ ରଖିବାରେ ସମର୍ଥ ହେବେ। ବିକ୍ଷିପ୍ତ ଚିନ୍ତାଧାରା ସୁନିଦ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ। ଶୁକ୍ରଙ୍କ ସୁପ୍ରଭାବଜନିତ ଗୃହ, ଯାନ, ଧାତୁ ଅଳଙ୍କାର ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବା ସହ ଆର୍ଥିକ ସମସ୍ୟା, ଜମିଜମା ପାଇଁ ଚିନ୍ତିତ ରହିବେ।

**ମୀନ** ଦେବଗୁରୁଙ୍କ ପ୍ରଭାବରେ ଦୈହିକ ସୁସ୍ଥତା ସହ ଦୃଢ ମନୋବଳ ପ୍ରତ୍ୟେକ କାର୍ଯ୍ୟ ସାଧନରେ ସହାୟକ ହେବ। କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଶୁକ୍ରଙ୍କ ଶୁଭକାମନାରୁ ସଫଳତା ଅବଶ୍ୟମ୍ଭାବୀ। ପାରିବାରିକ ଜୀବନ ଗତାନୁଗତିକ ରୀତିରେ ଗଡ଼ିଚାଲିବ। ଆପଣଙ୍କ ଗୋପନକଥା ଅନ୍ତର୍ନିହିତ ଅତୃପ୍ତ ଚିନ୍ତାଧାରାକୁ ଉଜ୍ଜୀବିତ କରାଇ ସଙ୍କଟଜନକ ସ୍ଥିତି ଉତ୍ପନ୍ନ କରିପାରେ।

ଆଜି ଜୁଲାଇ ୨୨ ତାରିଖ, ଶ୍ରାବଣ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ସୋମବାର, ଶ୍ରାବଣ ବ୍ରତାରମ୍ଭ, ବୋଲ୍‌ବମ୍ ଯାତ୍ରା ଆରମ୍ଭ, ରାଶିନକ୍ଷତ୍ର–ଶ୍ରବଣା/ମକର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ, ଦିବା ଘ୦୫।୨୨ ଗତେ, ଘ.୦୭।୦୦ ମଧ୍ୟେ, ୧୦।୩୪ ଗତେ, ଘ.୦୧।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୦ ଗତେ, ଘ. ୦୮।୩୭ ମଧ୍ୟେ ରାହୁକାଳ।

# ଝାଡ଼ାବାନ୍ତି ଆତଙ୍କ: ଦାଦା ପରେ ପୁତୁରା ମୃତ


ଗାଁ ଦାଣ୍ଡରେ ବର୍ଷା ପାଣି ଜମି ରହିଛି।

**ପାରାଦୀପ,୨୧।୭(ଶରତ ରାଉତ)**

ପାରାଦୀପ ଉପକଣ୍ଠ ପାରାଦୀପଗଡ଼ ଗ୍ରାମରେ ଗତ ସପ୍ତାହେ ହେଲା ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏପରିକି ୧୪ ଦିନ ମଧ୍ୟରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ପୂର୍ବରୁ ଜୁଲାଇ ୫ରେ ଏହି ପଞ୍ଚାୟତ ଅନ୍ତର୍ଗତ ୮ ନମ୍ବର ୱାର୍ଡସ୍ଥିତ ବାଲିସାହିର ବିଜୟ ରାଉତ(୬୫)ଙ୍କ ମୃତ୍ୟୁ ଘଟିଥିବାବେଳେ ରବିବାର ତାଙ୍କ ପୁତୁରା ଟିକିନା ରାଉତ(୪୫)ଙ୍କ ମୃତ୍ୟୁ ଘଟିଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଉଭୟଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

ମାସେ ତଳେ ବିଜୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ପ୍ରଥମେ ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରେ କୁଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଓ

### ପାରାଦୀପଗଡ ଗ୍ରାମ
### ଏକାଧିକ ଆକ୍ରାନ୍ତ

ଜଗତ୍‌ସିଂହପୁର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଗୋଟିଏ ଦିନ ପରେ ପୁଣି ଥରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ଉଦ୍ୟମ କରାଗଲାବେଳେ ବାଟରେ ମୃତ୍ୟୁ ଘଟିଛି ବୋଲି ଜ୍ୱାଇଁ ରାଜେଶ ବେହେରା କହିଛନ୍ତି। ବିଜୟଙ୍କ


ବିଜୟ ରାଉତ


ଟିକିନା ରାଉତ

ଶୁଦ୍ଧିକ୍ରିୟା ଶେଷ ହେବା ପରେ ତାଙ୍କ ପୁତୁରା ଟିକିନା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି ରାଜେଶ କହିଛନ୍ତି। ଟିକିନାଙ୍କ ଝିଅ ମଧ୍ୟ ଏଥିରେ ଆକ୍ରାନ୍ତ ହୋଇ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ପରିବାର ଓ ପାଖ ପଡ଼ୋଶୀଙ୍କୁ ମିଶାଇ ୭ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଗାଁ ଭିତରେ ବର୍ଷାପାଣି ଜମି ରହିବା ଯୋଗୁ ସେଠାରେ ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଦୁର୍ଗନ୍ଧ ଓ ଦୂଷିତ ପାଣି ମଧ୍ୟରେ ସମସ୍ତେ ଚଳୁଛନ୍ତି ବୋଲି ଗ୍ରାମର କୁନା ମିଆଁ କୁହନ୍ତି। ଏପରିକି ନଳକୂପ ଓ ସପ୍ଲାଏ ପାଣି ମଧ୍ୟ ଦୂଷିତ ହୋଇଯାଇଛି। ଏଥିପାଇଁ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଛି ବୋଲି ସେ କୁହନ୍ତି। ପାଣି ନିଷ୍କାସନ ନ ହେବା ଓ ଦୂଷିତ ପାଣି ଯୋଗାଣ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସଞ୍ଜୟ ବେହେରା କୁହନ୍ତି, ସେପରି କିଛି ହୋଇ ନାହିଁ। ଅଳ୍ପ କିଛି ଜାଗାରେ ବର୍ଷାପାଣି ଜମି ରହିଛି। ତେବେ ସମସ୍ତଙ୍କ ଘରକୁ ବିଶୁଦ୍ଧ ପାଣି ଯୋଗାଣ ହେଉଛି ବୋଲି ସେ କହିଛନ୍ତି। ଅପରପକ୍ଷେ ବିଜୁ ମେମୋରିଆଲ ହସ୍ପିଟାଲ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତିଦିନ ଗଡ଼ ଅଞ୍ଚଳରୁ ୧୦ ରୁ ୧୨ଜଣ ଝାଡ଼ାବାନ୍ତିରୋଗୀ ଆସୁଛନ୍ତି। ଏନେଇ ଲୋକେ ଭୟଭୀତ ହୋଇଯାଇଛନ୍ତି।

## ଆଜି ସରିବ ଯୁକ୍ତ୩ ତୃତୀୟ ରାଉଣ୍ଡ ନାମଲେଖା

**ଭୁବନେଶ୍ୱର,୨୧।୭(ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ପ୍ରକ୍ରିୟା ଜାରି ରହିଥିବାବେଳେ ତୃତୀୟ ରାଉଣ୍ଡ ନାମଲେଖା ସୋମବାର ଶେଷ ହେବ। ଗତ ୧୮ ତାରିଖରୁ ଏହି ପର୍ଯ୍ୟାୟ ନାମଲେଖା ଚାଲିଥିବା ବେଳେ ରବିବାର ଛୁଟିଦିନ ହୋଇଥିବାରୁ ନାମଲେଖା ହୋଇ ନ ଥିଲା। ସୋମବାର ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚୟନ ହୋଇଥିବା ଛାତ୍ରୀଛାତ୍ର ମନୋନୀତ କଲେଜରେ ନାମ ଲେଖାଇପାରିବେ। ସୂଚନାଯୋଗ୍ୟ, ଯୁକ୍ତ୩ ପ୍ରଥମ ବର୍ଷରେ ନାମଲେଖା ଲାଗି ତୃତୀୟ ରାଉଣ୍ଡରେ ମୋଟ ୪୪,୦୬୦ ଛାତ୍ରୀଛାତ୍ର ମନୋନୀତ ହୋଇଥିବା ବେଳେ ୪,୮୭୮ଜଣ ଛାତ୍ରୀ, ୧୯,୧୮୧ଜଣ ଛାତ୍ର ଏବଂ ଜଣେ କିନ୍ନର ରହିଛନ୍ତି। ବିଜ୍ଞାନ ବିଭାଗ ପାଇଁ ୧୪,୩୩୨ଜଣ ଚୟନ ହୋଇଥିବାବେଳେ କଳାରେ ୨୫,୭୯୧, ବାଣିଜ୍ୟରେ ୨,୮୮୦, ଶାସ୍ତ୍ରୀରେ ୧୯୮, ସେଲ୍ଫ ଫାଇନାନ୍ସିଂରେ ୮୧୬ ଏବଂ ଆଇନ ବିଭାଗରେ ନାମ ଲେଖାଇବାକୁ ୪୩ଜଣ ମନୋନୀତ ହୋଇଥିଲେ। ତେବେ ରାଜ୍ୟର ୧,୦୫୬ଟି ଡିଗ୍ରୀ କଲେଜରେ ମୋଟ ୨,୭୪,୧୫୧ଟି ସିଟ୍ ରହିଛି। ଦୁଇଟି ରାଉଣ୍ଡ ନାମଲେଖା ପରେ ୧,୫୩,୩୪୭ଟି ସିଟ୍ ଖାଲି ପଡ଼ିଥିଲା। ରବିବାର ସୁଦ୍ଧା ତୃତୀୟ ରାଉଣ୍ଡରେ ମୋଟ ୪୦,୧୩୪ଜଣ ଛାତ୍ରୀଛାତ୍ର ନାମ ଲେଖାଇ ସାରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧,୧୩,୨୧୩ଟି ସିଟ୍ ବଳକା ପଡ଼ିଛି।

## ଆଜିଠୁ ଯୁକ୍ତ୨ ନାମଲେଖା

**ଭୁବନେଶ୍ୱର,୨୧।୭(ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଯୁକ୍ତ୨ ପ୍ରଥମ ବର୍ଷ ପ୍ରଥମ ପର୍ଯ୍ୟାୟ ନାମଲେଖା ସୋମବାରଠାରୁ ଆରମ୍ଭ ହେବ। ମୋଟ ୪,୨୬,୪୭୨ ଛାତ୍ରୀଛାତ୍ର ନାମଲେଖା ପାଇଁ ଚୟନ ହୋଇଛନ୍ତି। ଛାତ୍ରୀଛାତ୍ରମାନେ ୨୭ ତାରିଖ ମଧ୍ୟରେ ନାମ ଲେଖାଇବେ। ପ୍ରତି ଘଣ୍ଟାରେ କଲେଜରେ ୧୫ଜଣଙ୍କର ନାମଲେଖା କରାଯିବ। ଅଗଷ୍ଟ ୫ରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ମନୋନୀତ ଛାତ୍ରୀଛାତ୍ର ୭ରୁ ୧୦ ତାରିଖ ମଧ୍ୟରେ ନାମ ଲେଖାଇବେ। ଅଗଷ୍ଟ ୨୦ରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଅଗଷ୍ଟ ୨୨ ରୁ ୨୮ ମଧ୍ୟରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ। ତେବେ ଅଗଷ୍ଟ ପହିଲାରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ୨,୩୪୩ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୫,୪୮,୩୪୫ଟି ସିଟ୍ ରହିଛି।




Benarasis | Kanjeevarams | Odissis | Printed Silks | Brocades | Jamevars | South Silks | Gadwals | Fancy Sarees | Lehengas | Suitings | Shirtings | Suits Jackets | Kurta Pyjamas | Sherwanis | Exclusive Readymades | Women's Wear | Kidswear | Furnishings | Dress Materials



କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

-ଶ୍ରାବଣ ବ୍ରତାରମ୍ଭ ଓ ବୋଲ୍‌ବମ୍ ଆରମ୍ଭ



# ଆମେ ଶ୍ରେୟ ଦେଉନା

ଭାରତୀୟଙ୍କର ଅନ୍ୟ କାହାରିକୁ ଶ୍ରେୟ ଦେବାର ଚରିତ୍ର ଅଧିକାଂଶ ସମୟରେ ଦେଖିବାକୁ ମିଳେ ନାହିଁ। ଆମର ପୁରାଣଶାସ୍ତ୍ରରେ ରାବଣଙ୍କ ଭାଇ ବିଭୀଷଣଙ୍କୁ ଶ୍ରେୟ ଦେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ରାମାୟଣରେ କେବଳ ରାମଙ୍କୁ ପ୍ରଶଂସା କରାଯାଇଛି। କିନ୍ତୁ ହୁଏତ ବିଭୀଷଣଙ୍କ ଅନୁପସ୍ଥିତିରେ ଯୁଦ୍ଧର କାହାଣୀ ଭିନ୍ନ ହୋଇପାରିଥାଆନ୍ତା। ପୂର୍ବରୁ ଶୁଣାଯାଉଥିଲା ଲାଇଟ୍ କମ୍ବାଟ ଏୟାରକ୍ରାଫ୍ଟ ବା ହାଲୁକା ଲଢୁଆ ବିମାନ (ଏଲ୍‌ସିଏ)କୁ ନିର୍ମାଣ କରିବାରେ ସମ୍ପୃକ୍ତ ଯୁବ ବୈଜ୍ଞାନିକ, ବୈଷୟିକବିତ୍ ଏବଂ ତା' ସହିତ ଜଡ଼ିତ ଅନ୍ୟସବୁ ବିଭାଗର କେତେ ଜଣ ଯୁବକ ହିନ୍ଦୁସ୍ଥାନ ଏରୋନଟିକ୍ସରେ ଚାକିରି କରି ଅବସର ନେଇଗଲେ ପଛେ ସେମାନଙ୍କ ଦ୍ୱାରା ଜନ୍ମ ପାଇଥିବା ଏଲ୍‌ସିଏର ଶ୍ରେୟ ପାଇଲେ ନାହିଁ। ଅପରପକ୍ଷରେ ସେହି ବିମାନକୁ ବହୁ ବିଳମ୍ବରେ ଉଡ଼ାଣ କରିବାର ସୁଯୋଗ ମିଳିବା ଫଳରେ ତାହା ଭାରତୀୟ ବାୟୁସେନାର କାମରେ ଲାଗିପାରିଲା ନାହିଁ। ଏହି ଅନୀତି ପଛରେ ଜଣେ ପ୍ରସିଦ୍ଧ ଲୋକର ହାତ ଥିଲା। ନିଜେ ଶ୍ରେୟ ନେବା ପାଇଁ ଅନ୍ୟ କାହାରିକୁ ଉଧେଇବାକୁ ଦେଲେ ନାହିଁ କିମ୍ବା ସେହି ଉଡ଼ାଜାହାଜର ଦକ୍ଷ କାର୍ଯ୍ୟକାରିତା ଉପରେ ପ୍ରଭାବ ପଡ଼ିଲା। ନିକଟ ଅତୀତରେ ଏଭଳି ଅନେକ ଘଟଣା ଘଟିଛି, ଯେଉଁଥିରେ ଯିଏ ନାମ ଅର୍ଜନ କରିବା କଥା ସିଏ ଅନ୍ଧାରରେ ରହିଗଲେ ଏବଂ ଅନ୍ୟମାନେ ଡ୍ରାଇଭର ସିଟ୍‌ରେ ବସିପଡ଼ିଲେ।

ଗତ ସପ୍ତାହରେ କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଅଧ୍ୟକ୍ଷ ମନୋଜ ସୋନିଙ୍କ ଇସ୍ତଫା ମଧ୍ୟ ଏକ ସୁନ୍ଦର ଉଦାହରଣ। ଗୁଜରାଟର ଭଦୋଦରାସ୍ଥିତ ଏମ୍ଏସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି (ମାତ୍ର ୪୦ ବର୍ଷ ବୟସରେ କୁଳପତି ହେବାରେ ଦେଶର ପ୍ରଥମ) ହେବା ପଛରେ ତାଙ୍କର ଉପଯୁକ୍ତ ଯୋଗ୍ୟତା ଥିଲା କି ନାହିଁ ତାହା ଅଜଣା। ଟାଣିଟୁଣି ତାଙ୍କୁ ସେହି ଆସନରେ ବସାଗଲା। ରାଜନୈତିକ ପାଣିପବନ ପରିବର୍ତ୍ତନ ଯୋଗୁ ସୋନିଙ୍କର ଭାଗ୍ୟ ଫିଟିଲା ଓ ସେ ୟୁପିଏସ୍‌ସି ଭଳି ମର୍ଯ୍ୟାଦାଜନକ ସଂସ୍ଥାର ଅଧ୍ୟକ୍ଷ ହୋଇପାରିଲେ। ଏହି ସିନେମାକୁ ଏହିଠାରେ ବିରତି ଦେବା। ଅନ୍ୟ ଏକ ଥିଏଟରକୁ ଗଲେ ପୂଜା ଖେଡ୍‌କରଙ୍କୁ ଦେଖିବା।

> ବାସ୍ତବରେ ଯାହା ସବୁ ଘଟିଲା ଏହାର ଶ୍ରେୟ ପୂଜା ନେବେ। ସ୍ୱୀକାର କରିବାକୁ ହେବ ଯେ, ସୋନିଙ୍କ ଇସ୍ତଫାର ଶ୍ରେୟ ଯିବ ପୂଜାଙ୍କ ପାଖକୁ। କିନ୍ତୁ ଦେଶବ୍ୟାପୀ କେହି ଜଣେ ବି ପୂଜାଙ୍କୁ ପ୍ରଶଂସା କରୁନାହାନ୍ତି। ବରଂ ସବୁଆଡୁ ସେହି ମହିଳାଙ୍କୁ ଆକ୍ରମଣ କରାଯାଉଛି।

ମହାରାଷ୍ଟ୍ର କ୍ୟାଡରର ଟ୍ରେନି ଆଇଏଏସ୍ ଅଧିକାରୀ ହେଉଛନ୍ତି ପୂଜା ଖେଡ୍‌କର। ଜାତିଗତ ଓ ଭିନ୍ନକ୍ଷମ ପ୍ରମାଣପତ୍ରର ଅସତ୍ୟ କାଗଜପତ୍ର ଦେଇ ସେ ଏହି ଚାକିରି ହାସଲ କରିଥିବା କଥା ଉଠିଛି। ୟୁପିଏସ୍‌ସିର ସବୁ ନିୟମକୁ ଉଲ୍ଲଂଘନ କରି ସେ ୧୨ ଥର ପରୀକ୍ଷା ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପୂଜାଙ୍କ ପିତା ଜଣେ ଅବସରପ୍ରାପ୍ତ ଅମଲାତନ୍ତ୍ରୀ। ଆଲୋଚନା ହେଉଛି ଝିଅକୁ ପ୍ରଶାସନିକ ସେବାରେ ଭର୍ତ୍ତି କରିବା ଲାଗି ସେ ଗଳଦ୍‌ଘର୍ମ ପ୍ରୟାସ କରିଛନ୍ତି। ଶିକ୍ଷାନବିସ ଥାଇ ପୂଜା ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରିଥିଲେ, ସେଥିରେ ବରିଷ୍ଠ ଅଧିକାରୀମାନେ ମଧ୍ୟ ଅତିଷ୍ଠ ହୋଇପଡ଼ିଥିଲେ। ଏଭଳି କେତେକ କାରଣ ଯୋଗୁ ତାଙ୍କ ବିରୋଧରେ ଖୋଳତାଡ଼ ଆରମ୍ଭ ହେଲା। ସେହି ଖୋଳତାଡ଼ରୁ ତାଙ୍କର ସାର୍ଟିଫିକେଟ୍ ଜାଲିଆତି ଭଳି ଠକାମି ପଦାକୁ ଆସିଲା। ପୁଣି ଏହି ଖୋଳତାଡ଼ରୁ ୟୁପିଏସ୍‌ସିରେ ଘଟୁଥିବା ଅନେକ ବେଆଇନ କାର୍ଯ୍ୟ ସମ୍ପର୍କିତ ତଥ୍ୟ ବାହାରିବାକୁ ଲାଗିଲା। ପୂଜାଙ୍କ ତ୍ରୁଟିପୂର୍ଣ୍ଣ ଉପାୟରେ ଆଇଏଏସ୍ ଭିତରେ ପ୍ରବେଶ ସିଧାସଳଖ ୟୁପିଏସ୍‌ସିର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠାଇଲା। 'ବିରି ମାଡ଼ରେ କୋଳଥ ଚେପା' ଭଳି ପରିସ୍ଥିତି ସୃଷ୍ଟି ହେଲା। ଫଳରେ ୟୁପିଏସ୍‌ସି ଅଧ୍ୟକ୍ଷ ପଦବୀରୁ ମନୋଜ ସୋନି ଇସ୍ତଫା ଦେଲେ। ଦେଖିବାକୁ ଗଲେ ହୁଏତ ମନୋଜଙ୍କ ବିରୋଧରେ ସିଧାସଳଖ କୌଣସି ଦୋଷାରୋପ ଲୋକଲୋଚନକୁ ଆସିନାହିଁ। କିନ୍ତୁ ୨୦୨୩ ମସିହାରେ ନିଯୁକ୍ତି ପାଇଥିବା ସୋନୀଙ୍କ କାର୍ଯ୍ୟକାଳ ୨୦୨୯ ପର୍ଯ୍ୟନ୍ତ ଥିଲା। ଅର୍ଥାତ୍ ଗତ ସପ୍ତାହରେ ଇସ୍ତଫା ଦେବା ପରେ ସୋନିଙ୍କ ସମ୍ମୁଖରେ ୫ ବର୍ଷ ବାକି ଥିଲା। କିନ୍ତୁ କି ଭୟ ମାଡ଼ିଆସିଲା ଯେ ମନୋଜ ସୋନି ସିଧାସଳଖ ଚମ୍ପଟ ମାରିଲେ।

ବାସ୍ତବରେ ଯାହା ସବୁ ଘଟିଲା ଏହାର ଶ୍ରେୟ ପୂଜା ନେବେ। ସ୍ୱୀକାର କରିବାକୁ ହେବ ଯେ, ସୋନିଙ୍କ ଇସ୍ତଫାର ଶ୍ରେୟ ଯିବ ପୂଜାଙ୍କ ପାଖକୁ। କିନ୍ତୁ ଦେଶବ୍ୟାପୀ କେହି ଜଣେ ବି ପୂଜାଙ୍କୁ ପ୍ରଶଂସା କରୁନାହାନ୍ତି। ବରଂ ସବୁଆଡୁ ସେହି ମହିଳାଙ୍କୁ ଆକ୍ରମଣ କରାଯାଉଛି। ଏବେ ଚିନ୍ତା କରିବା ଦରକାର ମନୋଜ ସୋନି ନିଜର ୟୁପିଏସ୍‌ସି ପଦବୀ ଲାଭ କରିବାଠାରୁ ଆରମ୍ଭ କରି ୨୦ ଜୁଲାଇ ୨୦୨୪ ତାରିଖରେ ଇସ୍ତଫା ଦେବା ପର୍ଯ୍ୟନ୍ତ ଭାରତର ସିଭିଲ ସର୍ଭିସ ଯଥା ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍), ଭାରତୀୟ ପୋଲିସ ସେବା(ଆଇପିଏସ୍), ଭାରତୀୟ ବୈଦେଶିକ ସେବା (ଆଇଏଫ୍ଏସ୍) ଆଦି ପଦବୀରେ କେତେ ଜଣ ଅଫିସର ସୃଷ୍ଟି ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେତେ ଅଯୋଗ୍ୟ ସନ୍ତାନ ଆମ ଦେଶର ଉନ୍ନତି ଓ ଭବିଷ୍ୟତ ଉପରେ ନିଜର ବିକୃତ ମାନସିକତା ସହିତ କାର୍ଯ୍ୟ କରିବେ।

# ଆଗାମୀ ଓଡ଼ିଶା ବଜେଟର ଆର୍ଥିକ ଦିଗ



ନଟବର ଖୁଣ୍ଟିଆ

ବିଜୁ ଜନତା ଦଳ (ବିଜେଡି) ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱରେ କ୍ରମାନ୍ୱୟରେ ୨୦୦୦ ମସିହାରୁ ପାଞ୍ଚ ପାଞ୍ଚଟା ନିର୍ବାଚନ ଜିଣି ୨୦୨୪ ପର୍ଯ୍ୟନ୍ତ ୨୪ ବର୍ଷ ଧରି ଶାସନ କଲା। ଓଡ଼ିଶାର ଦୀର୍ଘସ୍ଥାୟୀ ବିକାଶ ପାଇଁ ଏପରି ସୁଯୋଗ ଅନ୍ୟ କେହି ସରକାର ଓ ମୁଖ୍ୟମନ୍ତ୍ରୀ ଅତୀତରେ ପାଇ ନ ଥିଲେ। କିନ୍ତୁ ଗତ ମେ ମାସରେ ହୋଇଥିବା ନିର୍ବାଚନରେ ବିଜେଡି ହାରିଗଲା। ଭାରତୀୟ ଜନତା ପାର୍ଟି (ଭାଜପା)ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ମୋହନ ଚରଣ ମାଝୀଙ୍କ ମୁଖ୍ୟମନ୍ତ୍ରିତ୍ୱରେ ସରକାର ଗଢ଼ିଛି। ଏହି ଜୁଲାଇ ୨୫ ତାରିଖରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ ନିଜେ ମୁଖ୍ୟମନ୍ତ୍ରୀ, ଯେହେତୁ ଅର୍ଥ ବିଭାଗ ତାଙ୍କ ଅଧୀନରେ ଅଛି।

ପୂର୍ବ ସରକାର ନିର୍ବାଚନ ଆସୁଥିବାରୁ ଭୋଟ ଅନ ଆକାଉଣ୍ଟ ବଜେଟ ଫେବୃଆରୀ ୮ ତାରିଖରେ ଉପସ୍ଥାପନ କରି ପ୍ରଥମ ୪ମାସ ପାଇଁ ବ୍ୟୟ ବରାଦ କରିଥିଲେ। ସେହି ଅନ୍ତରୀଣ ବଜେଟରେ ଆକଳନ କରାଯାଇଥିଲା ଏ ବର୍ଷର ବଜେଟର ମୋଟ ପରିମାଣ ହେବ ୨ ଲକ୍ଷ ୫୫ ହଜାର କୋଟି ଟଙ୍କା। କିନ୍ତୁ ଭାଜପା କ୍ଷମତାକୁ ଆସିଥିବାରୁ ଏବଂ ତା'ର ନିର୍ବାଚନୀ ଇସ୍ତାହାରରେ ଅନେକ ପ୍ରତିଶ୍ରୁତି ଦେଇଥିବାରୁ ବଜେଟ୍‌ର ସ୍ୱରୂପ ବଦଳିବ। ସେଥି ମଧ୍ୟରୁ କେତୋଟି ମୁଖ୍ୟ ପ୍ରତିଶ୍ରୁତି ହେଲା ମହିଳାମାନଙ୍କୁ ଦୁଇବର୍ଷ ପାଇଁ ୫୦ ହଜାର ଟଙ୍କାର ଭାଉଚର ଦେବେ। ବୃଦ୍ଧାବୃଦ୍ଧମାନଙ୍କୁ ମାସିକ ବାର୍ଦ୍ଧକ୍ୟଭତ୍ତା ୧୦୦୦ ଟଙ୍କାରୁ ୩୦୦୦ ଟଙ୍କା କରିବେ ଆଉ ଯେଉଁମାନଙ୍କର ବୟସ ୮୦ ବର୍ଷରୁ ଉର୍ଦ୍ଧ୍ୱ ସେମାନଙ୍କର ଭତ୍ତା ୧୨୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି କରିବେ। ତା'ଛଡ଼ା ଧାନର ଏମ୍‌ଏସ୍‌ପି ମୂଲ୍ୟ ଉପରେ ବୋନସ ଦେଇ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଦେବେ। ଏହା ବ୍ୟତୀତ ଆଉ ଅନେକ ପ୍ରତିଶ୍ରୁତି ଦିଆଯାଇଛି। ଯେପରିକି ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ଆଦି ସ୍ଥାପନ। ଜୁଲାଇ ୧୨ରେ ମୁଖ୍ୟମନ୍ତ୍ରୀ ବଜେଟ ପରାମର୍ଶଦାତା କମିଟି ଡାକି ଅନେକଙ୍କର ମତ ନେଇଥିଲେ। ଖବର ପ୍ରକାଶ ପାଇଛି ଯେ ସରକାର ଅନ୍‌ଲାଇନରେ ବଜେଟ ପାଇଁ ୧୨,୦୦୦ ପ୍ରସ୍ତାବ ପାଇଛନ୍ତି। ଏସବୁକୁ ବିଚାର କଲେ ବଜେଟ୍‌ର ଆକାର ଯେଉଁ ୨ ଲକ୍ଷ ୫୫ ହଜାର ଟଙ୍କା ଅନ୍ତରୀଣ ବଜେଟରେ କରାଯାଇଥିଲା ତାହା ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ବୃଦ୍ଧି ପାଇବ ବୋଲି ପ୍ରାଥମିକ ଆକଳନ କରାଯାଉଛି।

ଏକ ମୋଟାମୋଟି ହିସାବରେ ଆମେ ଆକଳନ କରୁଛୁ ଯେ, ଯଦି ବାର୍ଦ୍ଧକ୍ୟଭତ୍ତାକୁ ୧୦୦୦ ଟଙ୍କାରୁ ୩୦୦୦ ଟଙ୍କା କରାଯାଏ ଏବଂ ଯେଉଁମାନେ ୮୦ ବର୍ଷରୁ ଉର୍ଦ୍ଧ୍ୱ ସେମାନଙ୍କ ଭତ୍ତା ୧୨୦୦ ଟଙ୍କାରୁ ୩୫୦୦ ଟଙ୍କା କରାଯାଏ ତେବେ ଅଧିକ ବ୍ୟୟ ହେବ ୧୪ହଜାର କୋଟି ଟଙ୍କା। ଆମର ବର୍ତ୍ତମାନ ବାର୍ଦ୍ଧକ୍ୟଭତ୍ତା



ପାଉଛନ୍ତି ୫୭ ଲକ୍ଷରୁ ଅଧିକ ହିତାଧିକାରୀ ଆଉ ସେମାନଙ୍କ ମଧ୍ୟରୁ ୨ ଲକ୍ଷରୁ ଅଧିକ ହେଉଛନ୍ତି ୮୦ ବର୍ଷରୁ ଉର୍ଦ୍ଧ୍ୱ। ଧାନ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ଉପରେ ୮୦୦ ଟଙ୍କା ବୋନସ ଦେଲେ ଏବର୍ଷ ଯଦି ୮୦ ଲକ୍ଷ ଟନ୍ ଧାନ କିଣାଯିବ ତେବେ ମୋଟ ଖର୍ଚ୍ଚ ହେବ ୬୪୦୦କୋଟି ଟଙ୍କା। ଆମର ନିକଟରେ ହୋଇଥିବା ନିର୍ବାଚନରୁ ଜଣାଯାଏ ମହିଳା ଭୋଟରଙ୍କ ସଂଖ୍ୟା ୧୬୩ ଲକ୍ଷ। ଯଦି ଚଳିତ ବର୍ଷ ୨୫ ହଜାର ଟଙ୍କା ସେମାନଙ୍କୁ ଭାଉଚର ଦିଆଯାଏ ସେହି ବାବଦରେ ଖର୍ଚ୍ଚ ହେବ ୪୦.୭୫ ହଜାର କୋଟି ଟଙ୍କା। ମୋଟ ଏହି ତିନିଗୋଟି ମୁଖ୍ୟ ପ୍ରତିଶ୍ରୁତି ପାଇଁ ଅଧିକ ଖର୍ଚ୍ଚ ହେବ ୬୨.୨୫ ହଜାର କୋଟି ଟଙ୍କା। ରାଉଣ୍ଡ ଅପ୍ କଲେ ଆବଶ୍ୟକ ହେବ ଅଧିକ ୬୩ ହଜାର କୋଟି ଟଙ୍କା। ଅନ୍ତରୀଣ ବଜେଟରେ ବ୍ୟୟ ବରାଦ ହୋଇଛି ୨ ଲକ୍ଷ ୫୫ ହଜାର କୋଟି ଟଙ୍କା ଆଉ ଯଦି ଏହି ୬୩ ହଜାର କୋଟିକୁ ଯୋଡ଼ି ଦିଆଯାଏ ତେବେ ମୋଟ ବ୍ୟୟ ବରାଦ ହେବ ଅତିକମ୍‌ରେ ୩ ଲକ୍ଷ ୧୮ ହଜାର କୋଟି ଟଙ୍କା। ପୂର୍ବତନ ସରକାର ଯେଉଁସବୁ ଲୋକପ୍ରିୟ ଯୋଜନାରେ ଅର୍ଥ ବ୍ୟୟ କରୁଥିଲେ ସେସବୁକୁ ହଠାତ୍ ବନ୍ଦ କରିବାକୁ ନୂଆ ସରକାର ସାହସ କରିବେ ନାହିଁ।

ଏବେ ଆସନ୍ତୁ ଦେଖିବା ଆମର ଆର୍ଥିକ ସ୍ଥିତି କ'ଣ ଅଛି। ସରକାରଙ୍କ ହିସାବ ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ନିଜସ୍ୱ ଆୟ, କେନ୍ଦ୍ର ଟିକସର ଭାଗ, କେନ୍ଦ୍ରର ଅନୁଦାନକୁ ବିଚାରକୁ ନେଲେ ହେଉଛି ୨ ଲକ୍ଷ ୪ ହଜାର କୋଟି ଟଙ୍କା। ଅବଶିଷ୍ଟ ୫୧ ହଜାର କୋଟି ଟଙ୍କା ବିଭିନ୍ନ ସୂତ୍ରରୁ ଋଣ ଆଣିବାକୁ ପଡ଼ିବ। ଯଦି ଏବେ ଏହି ଅଧିକ ୬୩ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ ତେବେ ଋଣ ପରିମାଣ ହୋଇଯିବ ୧ଲକ୍ଷ ୧୪ ହଜାର କୋଟି ଟଙ୍କା।

କେନ୍ଦ୍ର ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ ଋଣ ଓ ରାଜ୍ୟ ମୋଟ ଘରୋଇ ଉତ୍ପାଦର ଅନୁପାତ ସର୍ବୋଚ୍ଚ ୨୫ ପ୍ରତିଶତ ହେବା କଥା। କିନ୍ତୁ ପୂର୍ବତନ ରାଜ୍ୟ ସରକାର ନିଜର ଅର୍ଥକୁ ସୁଚାରୁରୂପେ ପରିଚାଳନା କରି ଏହି ଅନୁପାତକୁ ୧୩.୦୬ ପ୍ରତିଶତ ମଧ୍ୟରେ ରଖି ସାରା ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କୁହାଯାଉଛି।

ଅର୍ଥନୀତିରେ ଋଣ କରିବା କିଛି ଖରାପ କଥା ନୁହେଁ। ଋଣ ଏକ ଧାରୁଆ ଅସ୍ତ୍ର । ଯଦି ଡାକ୍ତର ଧାରୁଆ ଅସ୍ତ୍ରକୁ ସଦ୍‌ବ୍ୟବହାର କରିବେ ରୋଗୀକୁ ମରଣ ମୁଖରୁ ରକ୍ଷା କରିପାରିବେ, ଯଦି ଠିକ୍ ଭାବରେ ବ୍ୟବହାର କରିପାରିବେ ନାହିଁ ତେବେ ରୋଗୀକୁ ମରଣ ମୁଖକୁ ନେଇଯିବେ। ସେହିପରି ଗୋଟିଏ ସରକାର ଯଦି ଋଣ ଆଣି ଏପରି କାର୍ଯ୍ୟରେ ଲଗାଇବେ ଯେପରି ଦୀର୍ଘମିଆଦୀ ଭିତ୍ତିଭୂମି ସୃଷ୍ଟିକରି ସେହି ଭିତ୍ତିଭୂମିରୁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବା ସହିତ ଉତ୍ପାଦନ କରି ଲାଭବାନ ହେବେ, ତେବେ ସୁଧ ସହ ଋଣର କିସ୍ତି ସହଜରେ ପରିଶୋଧ କରି ପାରିବେ ଓ ଅର୍ଥନୀତିର ବିକାଶ ହେବ। ଋଣର ସଦ୍‌ବ୍ୟବହାର ନ ହେଲେ ଆମ ଅର୍ଥନୀତି ଭାଙ୍ଗିପଡ଼ିବ। ଆଜି କର୍ଣ୍ଣାଟକ ସରକାର ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେହି ଅବସ୍ଥା ସୃଷ୍ଟି ହେବ।

ସରକାର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିବା ପାଇଁ ଯେଉଁ ଅଧିକ ଅର୍ଥ ଦରକାର କରିବେ ତାହା କେନ୍ଦ୍ର ସରକାରଙ୍କଠାରୁ ଅନୁଦାନ ରୂପେ, ନିଜର ଟିକସ ଆୟ ବୃଦ୍ଧି କରି ଓ ଅନାବଶ୍ୟକ ଖର୍ଚ୍ଚ କାଟ୍ କରି ଏବଂ ସର୍ବଶେଷରେ ଋଣ କରି ଯୋଗାଡ଼ କରି ପାରିବେ। ନିଜର ଆୟ ବୃଦ୍ଧି କରିବା ସହଜ ହେବ ନାହିଁ। ତେଲ ଉପରେ ଅଧିକ ଟିକସ ବସାଇଲେ ବିରୋଧ ହେବ। ଯେହେତୁ ନିଶା ନିବାରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇଛନ୍ତି ଅବକାରୀ ଟିକସରୁ ଆୟ ବଢ଼ି ନ ପାରେ। ଦୁହାଁଳିଆ ଗାଈ ଖଣି ଖାଦାନ କ୍ଷେତ୍ର। ଆଉ କେତେ ତାକୁ ଦୁହିଁବେ?

କେନ୍ଦ୍ର ସରକାର କ'ଣ ଓଡ଼ିଶାର ଦାବି ସମ୍ପୂର୍ଣ୍ଣ ଭାବରେ ପୂରଣ କରିବେ? ଏବେ କେନ୍ଦ୍ରସରକାରଙ୍କ ଦୁଇ ଆଶାବାଡ଼ି ହୋଇଥିବା ଆନ୍ଧ୍ର ପ୍ରଦେଶର ନାଇଡୁ ସରକାର ଓ ବିହାରର ନୀତୀଶ କୁମାର ସରକାର ଅଧିକ ଅର୍ଥ ଦାବି କରୁଛନ୍ତି। ଏପରି ସ୍ଥଳେ କେନ୍ଦ୍ର ସରକାର କ'ଣ ଅଧିକ ଅନୁକମ୍ପା ଦେଖାଇବେ ଓଡ଼ିଶାକୁ? ଓଡ଼ିଶା ସରକାର ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରିବା ସହିତ ଆର୍ଥିକ ଶୃଙ୍ଖଳାକୁ କିପରି ଏଫ୍ଆର୍‌ବିଏମ୍ ସୀମା ମଧ୍ୟରେ ରଖୁଛନ୍ତି ଦେଖିବାର କଥା। ଅର୍ଥ ବିଭାଗର ବିଶେଷଜ୍ଞମାନେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କୁ କିପରି ଭାବରେ ପରାମର୍ଶ ଦେଇ ନୂଆ ସରକାରଙ୍କ ପ୍ରଥମ ବଜେଟକୁ ଜନସାଧାରଣଙ୍କ ମଧ୍ୟରେ ଓ ଓଡ଼ିଶାର ଅର୍ଥନୀତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିବା ସଚେତନ ନାଗରିକମାନଙ୍କୁ ସନ୍ତୁଷ୍ଟ କରାଇ ପାରିବେ ତାହା ଦେଖିବାର କଥା। ଆମର ଏକ ପ୍ରସ୍ତାବ ହେଲା ମହିଳାମାନଙ୍କୁ ଯେଉଁ ବାର୍ଷିକ ୨୫ ହଜାର ଟଙ୍କାର ଭାଉଚର ଦିଆଯିବ ତାହା କେବଳ ଗୋଟିଏ ପରିବାରର ଜଣେ ମହିଳାଙ୍କୁ ଦିଆଯାଉ।

ଓଡ଼ିଶାବାସୀ ବଜେଟ ଉପସ୍ଥାପନ ଦିବସକୁ ଚାତକ ପରି ଚାହିଁ ବସିଛନ୍ତି। ସକାଳ ଦିନଟି କିପରି ହେବ ବୋଲି ସୂଚାଇଲା ପରି ନୂଆ ସରକାରଙ୍କ ପ୍ରଥମ ବଜେଟରୁ ଭବିଷ୍ୟତରେ ଓଡ଼ିଶାର ଦୀର୍ଘ ସ୍ଥାୟୀ ବିକାଶକୁ କିପରି ତ୍ୱରାନ୍ୱିତ କରିବ ତାହା ଜଣା ପଡ଼ିବ।

ମୋ: ୯୯୩୭୯୫୧୨୬୨

# ଫିକା ପଡ଼ିଯାଉଛି ପର୍ବପର୍ବାଣି



ଡ. ଅନ୍ତର୍ଜିତା ନାୟକ

ବହୁ ଧର୍ମ ଏବଂ ବିବିଧ ସଂସ୍କୃତିର ଦେଶ ଭାରତରେ ବର୍ଷସାରା ଅଗଣିତ ପର୍ବ ପାଳନ କରାଯାଏ। ଫସଲ ଅମଳ ହେଉ, ବସନ୍ତର ଆଗମନ ହେଉ କିମ୍ବା ମନ୍ଦ ଉପରେ ଭଲର ବିଜୟ ହେଉ, ସବୁ ପର୍ବପର୍ବାଣି ପାଳନ ପଛରେ ରହିଛି ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ପରିଚୟ। ଭାରତୀୟ ପର୍ବପର୍ବାଣିର ପାଳନରେ ଥାଏ ବିସ୍ତୃତ ସଜବାଜ, ଜୀବନ୍ତ ସଙ୍ଗୀତ, ରଙ୍ଗିନ ପୋଷାକ, ସୁସ୍ୱାଦୁ ଖାଦ୍ୟ, ସମୃଦ୍ଧ ଐତିହ୍ୟ ଓ ପରମ୍ପରାର ଏକ ଅଦ୍ଭୁତ ମିଶ୍ରଣ। ଅଧିକାଂଶ ପର୍ବପର୍ବାଣି ପଛରେ ରହିଛି କିଛି ପୌରାଣିକ, ଧାର୍ମିକ ବା ଆଧ୍ୟାତ୍ମିକ ସଂଯୋଗ। ପର୍ବପର୍ବାଣିର ସମଗ୍ର ବିଶ୍ୱ ପ୍ରଶଂସକ, ହେଲେ କାହିଁକି କେଜାଣି ଆଜିକା ସମୟର ପର୍ବପର୍ବାଣି ପାଳନକୁ ଦେଖିଲେ ଲାଗୁଛି ସତେଯେମିତି ଫିକା ପଡ଼ିଯାଉଛି କି ପର୍ବର ରଙ୍ଗ! ଆକର୍ଷଣ ଓ ପ୍ରାସଙ୍ଗିକ ହରାଇଛନ୍ତି କି ଆମ ପର୍ବପର୍ବାଣି? ଉଦାହରଣ ସ୍ୱରୂପ- ଓଡ଼ିଶାରେ ରହି, ଓଡ଼ିଆଙ୍କ ରଜପର୍ବକୁ ଯଦି ଦେଖିବା ତେବେ ଅତି ଲୋକଦେଖାଣିଆ ଦିଶୁନାହିଁ କି ଆମ ରଜପର୍ବ? ରଜ ଆଜି ଆମ ଓଡ଼ିଆ ସଂସ୍କୃତି, ପରମ୍ପରାର ପ୍ରତୀକ କମ୍ ଓ ବେପାର ଭଳି ଅଧିକ ଲାଗୁଛି। ଆଜିକା ସମୟର ଲୋକଦେଖାଣିଆ ରଜ ସଜବାଜ ବା ରଜ ମଉଜର ଯାକଜମକ ଭିତରେ ଆମେ ରଜ ପର୍ବର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଭୁଲି ଯାଉଛନ୍ତି। ସଂସ୍କୃତ ଶବ୍ଦ 'ରଜଃସ୍ୱଳା'ରୁ ଆସିଥିବା 'ରଜ' ଶବ୍ଦର ଅର୍ଥ ହେଉଛି ଋତୁସ୍ରାବ। ଗୋଟିଏ ପାଖରେ ସମାଜ ଯେତେବେଳେ ଋତୁସ୍ରାବକୁ ଅଭିଶାପ, ଅଶୁଦ୍ଧ ଓ ଅନ୍ଧବିଶ୍ୱାସ ସହିତ ଯୋଡ଼େ, ସେତେବେଳେ ଆମ ଓଡ଼ିଶାର ଏଇ ପର୍ବ ନୂଆ ଏକ ସୃଷ୍ଟିର ଗାଥା ଗାଏ। ସମଗ୍ର ବିଶ୍ୱ ଯେତେବେଳେ ନାରୀଙ୍କୁ ସେମାନଙ୍କ ଉଚିତ ଅଧିକାର ଓ ସମାଜରେ ଏକ ବୃହତ୍ ସ୍ଥାନ ଦେବାରେ ଆଜି ବି ସଂଘର୍ଷରତ, ସେତେବେଳେ ଓଡ଼ିଆମାନେ ଗର୍ବରେ ପାଳନ କରିଆସୁଛୁ ରଜ, ଯାହା ନାରୀଙ୍କ ଅନନ୍ୟତା ଓ ଗୁରୁତ୍ୱକୁ ପରିପ୍ରକାଶ କରେ। ଏହା ଓଡ଼ିଆ ଅସ୍ମିତାର ପରିଚୟ ନୁହେଁ ତ ଆଉ କ'ଣ? ହେଲେ ଆମେ ଆମ ଅସ୍ମିତାକୁ ବଜାୟ ରଖିବାକୁ କ'ଣ କରୁଛନ୍ତି? ଯଦି ରଜରେ ଲୁଗାପଟା, ସୁନାଗହଣା, ଖାଦ୍ୟପେୟ, ଗାଡ଼ିଘୋଡ଼ା, ଘରସଜ୍ଜା ସାମଗ୍ରୀ ବା ଅନ୍ୟାନ୍ୟ ଜିନିଷ ଉପରେ ରିହାତି ମିଳୁଛି, ତେବେ ରଜ ପର୍ବର ବୈଶିଷ୍ଟ୍ୟମୂଳକ ଭାବଧାରା ସହ ଜଡ଼ିତ ଋତୁସ୍ରାବରେ ବ୍ୟବହୃତ ସାନିଟାରି ପ୍ୟାଡ୍ ମାଗଣାରେ ବା ରିହାତି ଦରରେ ଦିଆଯିବା ଉଚିତ ନୁହେଁ କି? ଏଥିସହ ନାରୀମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଲାଗି ଉଦ୍ଦିଷ୍ଟ ଋତୁସ୍ରାବ ଜନିତ ସଚେତନତାମୂଳକ କାର୍ଯ୍ୟକ୍ରମ ରଜ ଉପଲକ୍ଷେ ଆୟୋଜନ କରାଯିବା ଉଚିତ ନୁହେଁ କି? ଏହାବାଦ୍ ଯଦି ସବୁଠି ରଜ ରିହାତି ଲାଗୁହେଉଛି, ତେବେ ରଜ ତିନିଦିନ ଭିତରେ ଗର୍ଭବତୀ ମହିଳାଙ୍କ ପ୍ରସବ ଓଡ଼ିଶାର ସମସ୍ତ ଚିକିତ୍ସାଳୟରେ ରିହାତି ଦରରେ ବା ସମ୍ପୂର୍ଣ୍ଣ ମାଗଣାରେ ହେବାକଥା ନୁହେଁ କି? ସେହିପରି ଅକ୍ଷୟ ତୃତୀୟାରେ ସୁନା-ରୁପା ଅଳଙ୍କାର ଉପରେ କେତେ ଯେ ଅଫର୍ ଚାଲେ, ତାହାର ସୀମା ନାହିଁ। ହେଲେ ଅଖି ମୁଠାଏ ବୁଣି ଯେଉଁ କୃଷକ ବର୍ଷସାରା ଆମ ପେଟକୁ ଦାନା ଯୋଗାଏ, ତାହା ଲାଗି ଅକ୍ଷୟ ତୃତୀୟାରେ କାହିଁ କିଛି ତ ରିହାତି କି ଅଫର୍ ନାହିଁ! ପର୍ବକୁ ନେଇ କେମିତି ବେପାର କରିହେବ, ସଂସ୍କୃତି ଓ ପରମ୍ପରାକୁ ଆଧାରକରି କାହାଠାରୁ କେମିତି ଧନ ଉପାର୍ଜନ କରିହେବ, ସେଥିରେ ଆଜିକାଲି ଆମେ ସମସ୍ତେ ତତ୍ପର। ସମାଜ ଓ ସୃଷ୍ଟି ଲାଗି ଆମ ପର୍ବପର୍ବାଣି କେତେ ଗୁରୁତ୍ୱ, ତାହାର ସଂଜ୍ଞାକୁ ବୁଝିବା ନିହାତି ଦରକାର।



ଯଦି ଆମେ ଓଡ଼ିଶା ବା ଓଡ଼ିଆଙ୍କ ପର୍ବରୁ ବାହାରି ସମଗ୍ର ଭାରତରେ ପାଳନ କରାଯାଉଥିବା ପର୍ବପର୍ବାଣି ଉପରେ ନଜର ଦେବା, ତେବେ ପ୍ରାୟତଃ ସବୁଠି ସମାନ ଅବସ୍ଥା। ପର୍ବପର୍ବାଣି ଆଉ ଆମ ଗୌରବର ଗାଥା ଗାଉନାହାନ୍ତି, ସମୃଦ୍ଧିର ପରିଚୟ ଦେଉନାହାନ୍ତି। ଏକ ବ୍ୟସ୍ତବହୁଳ ଜୀବନଶୈଳୀ, ବ୍ୟାପକ ବ୍ୟବସାୟୀକରଣ, ଜଗତୀକରଣରେ ବୃଦ୍ଧି ସାମାଜିକ ଗଣମାଧ୍ୟମର ଆବିର୍ଭାବ ଏବଂ ଆମ ମାନସିକତାର ପରିବର୍ତ୍ତନ ଆମ ପର୍ବପର୍ବାଣିର ମହନୀୟତା ଓ ମାଧୁର୍ଯ୍ୟକୁ ଗ୍ରାସ କରିବାରେ ଲାଗିଛି। ଆଜିକାଲି, ବିଶେଷତଃ ପର୍ବପର୍ବାଣି ମାନେ କର୍ମବହୁଳ ଜୀବନରୁ ଗୋଟିଏ ଛୁଟି ଦିନ ଘରେ ରହି ଆରାମ କରିବାର ଏକ ସୁବର୍ଣ୍ଣ ସୁଯୋଗ, ନ ହେଲେ କିଛି ବଳକା କାମ ସାରିବାର ଏକ ମଉକା। ଆଉ ଯଦି ଲମ୍ବାଛୁଟି ପଡ଼ିଗଲା ତେବେ କୌଣସି ଦୂର ସ୍ଥାନକୁ ବୁଲିଯିବାର ସୁଯୋଗ। ଆର୍ଥିକ ସଶକ୍ତୀକରଣରେ ମଳିନ ପଡ଼ିଯାଉଛି ଆମ ପର୍ବପର୍ବାଣିର ଚମକ। ଆଜିକାଲି ନୂଆ ପୋଷାକ, ବିଶିଷ୍ଟ ଖାଦ୍ୟ, ଆମୋଦ ପ୍ରମୋଦ ଆଉ ପର୍ବପର୍ବାଣି ଉପରେ ନିର୍ଭର ନାହାନ୍ତି। ଅନ୍‌ଲାଇନ୍ ଶପିଂର ବିସ୍ତାର ସହିତ ପରିବାର ସାଙ୍ଗରେ ପର୍ବ ଲାଗି କିଣାକିଣି କରିବାକୁ ସାଙ୍ଗହୋଇ ବଜାରକୁ ଯିବା ଦରକାର ପଡୁନାହିଁ। ପରିବେଶ ଚିନ୍ତା ମଧ୍ୟ ଉତ୍ସବକୁ କମ୍ ରୋମାଞ୍ଚକର କରିଦେଉଛି। ହୋଲିଖେଳରେ ଅଙ୍କୁଶ ଲାଗିଯାଇଛି। ଦୀପାବଳିରେ ବାଣ ଫୁଟିଲେ ବାୟୁ ପ୍ରଦୂଷଣ ସହ ଧ୍ୱନି ପ୍ରଦୂଷଣ ମଧ୍ୟ ହେଉଛି। ଆଜିର ଯୁଗରେ ଦୁର୍ଗାପୂଜା ଅତୀତଠାରୁ ବହୁତ ଭିନ୍ନ। ଆଧୁନିକ ଯୁଗର ଦୁର୍ଗାପୂଜାର ପ୍ରାଥମିକ ଧ୍ୟାନ ହେଉଛି ଦୁର୍ଗା ଦେବୀଙ୍କର ଅତିଶୟ ମୂର୍ତ୍ତି ଓ ବିପୁଳ ପରିମାଣର ଅର୍ଥ ବ୍ୟୟରେ ସଜ୍ଜିତ ଦେବୀ ମଣ୍ଡପ। ଯେଉଁ ମଣ୍ଡପ ଯେତେ ବଡ଼ ବା ଯେତେ ସୁନ୍ଦର, ସେଇଠି ଭିଡ଼ ଅଧିକ ଓ ବେପାର ଭଲ। ହେଲେ ସେଇ ଆଧ୍ୟାତ୍ମିକ ନିବିଡ଼ ସମ୍ପର୍କକୁ ପଚାରେ କିଏ! ଆଜିକାଲି ସାବିତ୍ରୀ ବ୍ରତ ବା କର୍‌ୱାଚୌଥ ପାଳନ କରିବାର ଉଦ୍ଦେଶ୍ୟ ମଧ୍ୟ ନାରୀବାଦ୍‌ର ଆହ୍ୱାନ ପଛରେ ମଳିନ ପଡ଼ିଯାଉଛି। ଆମେ ଆଧୁନିକ, ନାରୀବାଦୀ, ପରିବେଶବିତ୍ ଏବଂ ପ୍ରଗତିଶୀଳ ଭାବରେ ନିଜକୁ ଦେଖାଯିବାକୁ ଚାହୁଁଛୁ, ଯାହାଫଳରେ ପାଶ୍ଚାତ୍ୟ ଜଗତରେ ନିଜକୁ ସମକକ୍ଷ କରିବାକୁ ତତ୍ପର, ଯେଉଁଥିରେ ବଳିପଡୁଛି ଆମ ପରମ୍ପରା ଏବଂ ସଂସ୍କୃତି।

ପାରମ୍ପରିକ ପର୍ବ ଏବଂ ଉତ୍ସବଗୁଡ଼ିକ ଯେପରି ବିଲୁପ୍ତ ନ ହୋଇଯାନ୍ତୁ, ତାହାକୁ ନିଶ୍ଚିତ କରିବାକୁ କିଛି ପଦକ୍ଷେପ ନେବା ଉଚିତ, ଯେପରି ଏହି ପର୍ବପର୍ବାଣିଗୁଡ଼ିକର ସାଂସ୍କୃତିକ, ଆଧ୍ୟାତ୍ମିକ, ପୌରାଣିକ ତଥା ଐତିହାସିକ ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଇବା ଓ ତା'ସହ ଜଡ଼ିତ ଶିକ୍ଷାକୁ ପ୍ରୋତ୍ସାହନ ଦେବା, ଯାହା ସାଂସ୍କୃତିକ ପର୍ବ, ପ୍ରଦର୍ଶନୀ ଏବଂ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ହୋଇପାରିବ। ଅନ୍ୟ ଏକ ପଦକ୍ଷେପ ହେଉଛି, ପାରମ୍ପରିକ ଉତ୍ସବର ଯୋଜନା ଏବଂ କାର୍ଯ୍ୟକାରିତାରେ ଯୁବପିଢ଼ିଙ୍କୁ ଜଡ଼ିତ କରାଇବା। ଏହା ଆମ ସାଂସ୍କୃତିକ ପରମ୍ପରାକୁ ଯୁବପିଢ଼ିଙ୍କ ମଧ୍ୟରେ ସଂରକ୍ଷିତ କରି ରଖିବ। ପାରମ୍ପରିକ ପର୍ବ ଏବଂ ଉତ୍ସବଗୁଡ଼ିକ ମଳିନ ପଡ଼ିଯିବା ଏକ ଜଟିଳ ପ୍ରସଙ୍ଗ, ଯାହା ପାଇଁ ବହୁମୁଖୀ ଆଭିମୁଖ୍ୟ ଲୋଡ଼ା। ଆମ ମୂଳକୁ ଫେରିଯିବା ଓ ପର୍ବଗୁଡ଼ିକର ମୂଳ ମୂଲ୍ୟବୋଧକୁ ସଂରକ୍ଷଣ କରିବା ହେଉଛି ସମୟର ଆହ୍ୱାନ।

ମୋ: ୬୩୭୦୯୦୫୯୪୭

## ଏଇ ଭାରତରେ

କାର୍ କିମ୍ବା ବସ୍ ଭିତରେ ଏସି ଲାଗିବା ସାଧାରଣ କଥା। କିନ୍ତୁ ଟ୍ରାକ୍ଟରରେ ଏସି, ଶୁଣି ତାଜୁବ ଲାଗିବା ସ୍ୱାଭାବିକ। ଏହା କରିଦେଖାଇଛନ୍ତି ଯୁବ ଚାଷୀ ଗୁରଦୀପ ସିଂହ। ଉତ୍ତରପ୍ରଦେଶ ମେରଠର ରାଜପୁରା ଗ୍ରାମର ଗୁରଦୀପ ସିଂହ ଏବେ କମ୍ପ୍ୟୁଟର ସାଇନ୍ସରେ ବିଟେକ୍ କରୁଛନ୍ତି। ପାଠ ପଢ଼ିବା ସହିତ ସେ ଘରର ଚାଷ କାମରେ ମଧ୍ୟ ସାହାଯ୍ୟ କରନ୍ତି। ଚାଷ କାମରେ ଅନେକ ସମୟରେ ତାଙ୍କୁ ଟ୍ରାକ୍ଟର ଚଳାଇବାକୁ ପଡୁଥିଲା। କିନ୍ତୁ ଦ୍ୱି'ପ୍ରହରର ଅତ୍ୟଧିକ ଖରାରେ ବେଶି ସମୟ ବିଲରେ କାମ କରିବା ତାଙ୍କ ପକ୍ଷେ କଷ୍ଟକର ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ସେ ଟ୍ରାକ୍ଟରରେ ଏସି ଲଗାଇବାକୁ ଚିନ୍ତା କରିଥିଲେ। ଏ କଥା ସେ ଘର ଲୋକ ଓ ସାଙ୍ଗମାନଙ୍କୁ ଜଣାଇବାରୁ ପ୍ରଥମେ ସମସ୍ତେ ତାଙ୍କୁ ଥଟ୍ଟା କରିଥିଲେ। ହେଲେ ସେ ନିଜ ନିଷ୍ପତ୍ତିରେ ଦୃଢ଼ ରହିଥିଲେ। ଗାଁର ଜଣେ ମିସ୍ତ୍ରୀଙ୍କ ସାହାଯ୍ୟରେ ସେ ନିଜେ ଟ୍ରାକ୍ଟରରେ ଏସି ସେଟିଂ କରିଦେଇଥିଲେ। ଏହାପରେ ବେଶ୍ ସହଜରେ ଖରାରେ ଘଣ୍ଟା ଘଣ୍ଟା କାମ କରୁଛନ୍ତି। ଖରା ଯୋଗୁ ଯେତେବେଳେ ମାତ୍ର ୪ରୁ ୫ ଘଣ୍ଟା ପରିଶ୍ରମ କରିପାରୁଥିଲେ ଏବେ ଏସି ଲଗାଇବା ପରେ ୧୦ରୁ ୧୨ ଘଣ୍ଟା କାମ କରୁଛନ୍ତି। ତେଣୁ ନିଜ ଆବଶ୍ୟକତା ପୂରଣ ପାଇଁ ସେ ଯେଉଁଭଳି ଜ୍ଞାନକୌଶଳ ବ୍ୟବହାର କରିଛନ୍ତି ତାହା ଏବେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଜୁଲାଇ ୧୯୭୫

- ପଞ୍ଜାବର ଶିରହିନ୍ଦ୍ ଅଞ୍ଚଳରୁ ମାଟିତଳୁ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ଅମଳର ଚମତ୍କାର ପ୍ରାଚୀନ କୀର୍ତ୍ତି ଆବିଷ୍କୃତ।
- ଆପୋଲୋ ଅନ୍ତରୀକ୍ଷ ଯାତ୍ରୀମାନଙ୍କୁ ହିମାଳୟରେ ବରଫ ତରଳିବା ସମ୍ପର୍କରେ ଗବେଷଣା ଚଳାଇବାର ଦାୟିତ୍ୱ ଦିଆଯିବା ନେଇ ଭାରତ ସରକାର ଓ ଆମେରିକାର ଜାତୀୟ ମହାକାଶ ପରିଚାଳନା ସଂସ୍ଥା (ନାସା) ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ଆଦିକାଳୁଁ ଯା'ର ଚଳେ ଆଲୋଚନା
ଅବିରାମ ସେହି ରୂପର ସାଧନା
ରଚେ ଅହରହ ନବ ନବ ଭାଷା
କେତେ ଯୁଗ ଯୁଗ ଧରି
ଚମ୍ପକ ଚାରୁ ହାସ ହସିଯାଅ
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | | 6 |
| | | 9 | | 7 | | | | 3 |
| 7 | | | | 4 | 5 | | 8 | |
| 3 | | | | 8 | 2 | | 9 | |
| | | 2 | | | | 1 | | |
| | | | 1 | | | | | |
| | 6 | | | | | 5 | | 2 |
| | | | 8 | | 6 | | 3 | 9 |
| | | 5 | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 5 | 2 | 9 | 7 | 1 | 3 |
| 9 | 3 | 2 | 4 | 1 | 7 | 6 | 5 | 8 |
| 1 | 5 | 7 | 8 | 3 | 6 | 2 | 9 | 4 |
| 2 | 7 | 8 | 3 | 9 | 4 | 5 | 6 | 1 |
| 6 | 1 | 3 | 2 | 7 | 5 | 8 | 4 | 9 |
| 5 | 4 | 9 | 1 | 6 | 8 | 3 | 2 | 7 |
| 3 | 9 | 6 | 7 | 5 | 1 | 4 | 8 | 2 |
| 7 | 8 | 1 | 6 | 4 | 2 | 9 | 3 | 5 |
| 4 | 2 | 5 | 9 | 8 | 3 | 1 | 7 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପଦକ୍ଷେପ ଲୋଡ଼ା

ମହାଶୟ,

ଆଜିର ଦିନରେ ଅନେକ ମହିଳା କିଛି ରୋଜଗାର କରିବା ପାଇଁ ବାହାରକୁ ବାହାରିଲେଣି । ଘରୋଇ କାମ ହେଉ, ବେସରକାରୀ ଚାକିରି ହେଉ ଅଥବା ଅନ୍ୟ କୌଣସି ସଂସ୍ଥା ହେଉ, କିଛି ରୋଜଗାର କରିବା ନିହାତି ଜରୁରୀ ହୋଇପଡ଼ିଲାଣି । ମାତ୍ର ଅନେକ ଜାଗାରେ ମହିଳାକର୍ମଚାରମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ସେଠାରେ ସେମାନେ ଶୋଷଣର ଶିକାର ହେଉଛନ୍ତି। ନିଜ ଚାକିରି ବଞ୍ଚାଇବାକୁ ଯାଇ ଅନେକ ମହିଳା ଏଭଳି ଅତ୍ୟାଚାରକୁ ସହିଯିବାକୁ ବାଧ୍ୟହୁଅନ୍ତି । ତାହିଁଲେ ବି କିଛି କରିପାରନ୍ତି ନାହିଁ । ଚାକିରି ଯିବା ଭୟ ଓ ଲୋକଲଜ୍ଜା ଭୟରେ ସେମାନେ ଚୁପ୍ ରହିବା ପାଇଁ ବାଧ୍ୟ ହୁଅନ୍ତି । ମାତ୍ର ଏପରିସ୍ଥଳେ ସେମାନେ ଚୁପ୍ ନ ରହି ଏହା ବିରୋଧରେ ସ୍ୱର ଉଠାନ୍ତୁ ଏବଂ ଅନ୍ୟ ମହିଳାମାନେ ମଧ୍ୟ ଏପରି ଘଟଣା ବିରୋଧରେ ମହିଳାଙ୍କୁ ସହଯୋଗ କରିବାକୁ ଆଗେଇ ଆସନ୍ତୁ । ସରକାର ମଧ୍ୟ ଏହା ବିରୋଧରେ କିଛି ବଳିଷ୍ଠ ପଦକ୍ଷେପ ଗ୍ରହଣ କଲେ ହୁଏତ ଏଭଳି ଅତ୍ୟାଚାରରୁ ମହିଳାମାନଙ୍କୁ ମୁକ୍ତି ମିଳନ୍ତା ।

-ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଜେଟ ଅଧିବେଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା

## ବିଧାନସଭା ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଡିଜିପି



ଭୁବନେଶ୍ୱର,୨୧।୭(ସତ୍ୟଜିତ୍ ରାଉତ)

ବିଧାନସଭାରେ ସୋମବାରଠାରୁ ଚଳିତବର୍ଷର ବଜେଟ୍ ଅଧିବେଶନ ଆରମ୍ଭ ହେବ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟରେ ବିଧାନସଭା ରହିଛି। ଶନିବାର ଅପରାହ୍ନରେ ପୋଲିସ ଡିଜି ଅରୁଣ ଷଡ଼ଙ୍ଗୀ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ସମୟରେ ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଗୋଇନ୍ଦା ଆଇଜି ଅନୁପ ସାହୁ, ପୋଲିସ କମିଶନର ସଞ୍ଜୀବ ପଣ୍ଡା, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଡିଜିପିଙ୍କ ସହ ଉପସ୍ଥିତ ଥିଲେ। ଏହି ଅବସରରେ ଡିଜିପି ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ।

ଭୁବନେଶ୍ୱର ଡିସିପି ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା ପରିଚାଳିତ ହେଉଛି। ବିଧାନସଭା ସୁରକ୍ଷା ପାଇଁ ୩୦ ପ୍ଲାଟୁନ୍ ଫୋର୍ସ ଓ ୨ଟି ସ୍ପେଶାଲ୍ ଟାକ୍ଟିକାଲ୍ ୟୁନିଟ୍ ଜଗି ରହିଛନ୍ତି। ଧାରଣାସ୍ଥଳ ମହାତ୍ମା ଗାନ୍ଧୀ ମାର୍ଗକୁ ସିସିଟିଭି ନଜରରେ ରଖାଯାଇଛି। ଅତିରିକ୍ତ ଡିସିପି ର୍‍ୟାଙ୍କ୍‌ରୁ ଇନ୍ସପେକ୍ଟର ପର୍ଯ୍ୟନ୍ତ ୫୦ ଜଣ ଅଧିକାରୀ, ଏସ୍ଆଇ ଓ ଏଏସ୍ଆଇ ୮୫ଜଣ ଏବଂ ହାବିଲଦାର ଓ କନ୍‌ଷ୍ଟେବଲ ୧୬୦ ଜଣ ନିୟୋଜିତ ହୋଇଛନ୍ତି। କୌଣସି ଜରୁରିକାଳୀନ ପରିସ୍ଥିତି ପାଇଁ ସ୍ପେଶାଲ ଟାକ୍ଟିକାଲ ୟୁନିଟ୍ ଏବଂ କମିଶନରେଟ୍ ପୋଲିସର କାଉଣ୍ଟର ଟେରରିଷ୍ଟ ସ୍କ୍ୱାଡ୍ (ସିଟିଏସ୍)କୁ ସଜାଗ ରଖାଯାଇଛି। ବିଧାନସଭା ଭିତର, ପରିସର ଏବଂ ପିଏମ୍‌ଜି ଛକ ଆଦି ସମ୍ପୂର୍ଣ୍ଣ ସ୍ଥାନକୁ ସିଲ୍ କରାଯାଇଛି। ଡଗ୍ ସ୍କ୍ୱାଡ୍ ଓ ବମ୍ ସ୍କ୍ୱାଡ୍ ମଧ୍ୟ ଯାଞ୍ଚ କରିବା ସହ ଜଗି ରହିଛନ୍ତି।

ପୋଲିସ ଡିଜି ଷଡଙ୍ଗୀ କହିଛନ୍ତି, ବିଧାନସଭାର ସବୁ ପ୍ରବେଶ ଦ୍ୱାରରେ ସଶସ୍ତ୍ର ବାହିନୀ ରହିଛନ୍ତି। ଏହାବ୍ୟତୀତ ୯ଟା କୁଇକ୍ ରିଆକ୍ସନ୍ ଟିମ୍, ଦୁଇଟି ମୋବାଇଲ କୁଇକ୍ ରିଆକ୍ସନ୍ ଟିମ୍ ନିୟୋଜିତ ହୋଇଛନ୍ତି। ଗୋଇନ୍ଦା ବିଭାଗର ୧୦୦ରୁ ଊର୍ଦ୍ଧ୍ୱ ସାଦା ପୋଷାକଧାରୀ ବୁଲାବୁଲି କରିବେ। ଆନ୍ଦୋଳନକାରୀଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅଧିକ ସଂଖ୍ୟାରେ ଆନ୍ଦୋଳନକାରୀ ଆସିବାର ସୂଚନା ମିଳିଲେ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏହି ଅଧିବେଶନ ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଶେଷକୃତ୍ୟ ସମ୍ପନ୍ନ



ଜୟପୁର, ୨୧।୭(ପବନ ପାଣିଗ୍ରାହୀ)

ପଦ୍ମଶ୍ରୀ କମଳା ପୂଜାରୀଙ୍କ ଶନିବାର ପରଲୋକ ଘଟିଛି। ରବିବାର ଜୟପୁରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ ଚିକିତ୍ସାଧୀନ ଅବସ୍ଥାରେ କଟକ ଏସ୍‌ସିବିରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ପାର୍ଥିବ ଶରୀରକୁ ଆମ୍ବୁଲାନ୍ସ ଯୋଗେ ଜୟପୁର ପାତ୍ରପୁଟସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ସହରବାସୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀର ସହର ପରିକ୍ରମା କରିବା ପରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। କମଳାଙ୍କ ସାନପୁଅ ଟଙ୍କଧର ପୂଜାରୀ ମୁଖାଗ୍ନି ଦେଇଥିଲେ। ବଡପୁଅ ଧନୁର୍ଜୟ ଓ ପରିବାରର ଅନ୍ୟ ସଦସ୍ୟ, ଗ୍ରାମବାସୀ, ପ୍ରଶାସନିକ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ନେତା, ଆଦିବାସୀ ସମାଜର ନେତାଙ୍କ ଉପସ୍ଥିତିରେ ରୀତିନୀତି ଅନୁଯାୟୀ ରବିବାର ପୂର୍ବାହ୍ନ ୧୧ଟାରେ କମଳାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମରଶରୀର ଜୟପୁରରେ ପହଞ୍ଚିବା ପରେ କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ, ଏସ୍‌ପି ଅଭିନବ ସୋନକାର, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଉପଜିଲାପାଳ ପ୍ରଭାତ ପରିଡା, ଏସ୍‌ଡିପିଓ ଅଙ୍କିତ ବର୍ମା, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଏମ୍ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନର ନିର୍ଦ୍ଦେଶକ ପ୍ରଶାନ୍ତ ପରିଡା ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶେଷ ଦର୍ଶନ କରିଥିଲେ। କମଳାଙ୍କ ଉପରେ ଘୋଡା ଯାଇଥିବା ଜାତୀୟ ପତାକାକୁ ଜିଲାପାଳ ସାନପୁଅ ଟଙ୍କଧରଙ୍କୁ ପ୍ରଦାନ କରିଥିଲେ। ପରେ ପ୍ରକୃତିରାଣୀ କୋଳରେ ଲୀନ ହୋଇଯାଇଥିଲେ କମଳା।

# ରାଜ୍ୟରେ ଡେଙ୍ଗୁ ଅଣାୟତ୍ତ

ଭୁବନେଶ୍ୱର,୨୧।୭(ଅସମାପିକା ସାହୁ)

ରାଜ୍ୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ବିଭିନ୍ନ ଜିଲାରୁ ୩୦ରୁ ଅଧିକ ରୋଗୀ ଚିହ୍ନଟ ହେଉଛନ୍ତି। ଗତବର୍ଷ ତୁଳନାରେ ଏବର୍ଷ ଡେଙ୍ଗୁ ସଂକ୍ରମଣ ଅଧିକ ରହିଥିବାବେଳେ ଜୁଲାଇ ୧୯ ତାରିଖ ସୁଦ୍ଧା ଦୁଇଗୁଣା ପାଖାପାଖି ରୋଗୀ ଚିହ୍ନଟ ହୋଇସାରିଲେଣି। ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ, ଗତବର୍ଷ ଏହି ସମୟରେ ୪୨୬ଜଣ ଚିହ୍ନଟ ହୋଇଥିବାବେଳେ ଏଥର ୭୧୨ରେ ପହଞ୍ଚିଛି। ତେବେ ଏବର୍ଷ ବେଶି ନମୁନା ପରୀକ୍ଷା ହେଉଥିବାରୁ ଅଧିକ ଚିହ୍ନଟ ହେଉଥିବା ବିଭାଗ ପକ୍ଷରୁ କୁହାଯାଉଥିଲେ ମଧ୍ୟ ରୋଗୀ ସଂଖ୍ୟା ବଢ଼ିବା ବେଶ୍ ଚିନ୍ତାଜନକ। ରାଜ୍ୟରେ ଚିହ୍ନଟ ହୋଇଥିବା ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୯୧ ରହିଥିବା ବେଳେ ବୌଦ୍ଧରେ ୮୬, ବାଲେଶ୍ୱରରେ ୩୭, କଟକରେ ୪୦, ପୁରୀରେ ୩୪, ସୁନ୍ଦରଗଡ଼ରେ ୯୦ଜଣ ଓ ଅନ୍ୟ ଜିଲାଗୁଡ଼ିକରୁ ଏହାଠାରୁ କମ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ସବୁଠାରୁ ବଡ଼କଥା ହେଲା ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଡେଙ୍ଗୁରେ କାହାର ମୃତ୍ୟୁ ଘଟି ନ ଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି।

ଡେଙ୍ଗୁ ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ଚିକିତ୍ସା ଓ ସଚେତନତାକୁ ଗୁରୁତ୍ୱ ଦେବା ସହ ଏଥିପାଇଁ ସ୍ୱତନ୍ତ୍ର ଏସ୍‌ଓପି ଜାରି କରିଛନ୍ତି। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ, ପ୍ରଧାନ ଶିକ୍ଷକମାନେ ପିଲାମାନଙ୍କୁ ବିଭିନ୍ନ ମାଧ୍ୟମରେ ସଚେତନ କରିବା ପାଇଁ କୁହାଯାଇଛି। ନିଜେ ସଚେତନ ରହିବା ସହ ଅନ୍ୟମାନେ କିଭଳି ସଚେତନ ରହିବେ ସେନେଇ ପିଲାମାନଙ୍କୁ ଜଣାଇବାକୁ ପରାମର୍ଶ ଦିଆଯାଉଛି। ସ୍କୁଲ ଚାରିପାଖକୁ କିଭଳି ସଫାସୁତରା ରଖାଯିବ ସେନେଇ ବିଶେଷ ଧ୍ୟାନ ଦିଆଯିବ। ସ୍କୁଲର ପାଣିଟାଙ୍କି ଆଦି ସଫା ରଖିବା ସହିତ ସ୍କୁଲ ଏବଂ କଲେଜଗୁଡ଼ିକରେ ବିଭିନ୍ନ ସମୟରେ ସଚେତନତା ଡ୍ରାଇଭ କରିବା ପାଇଁ ନିର୍ଦ୍ଦେଶ ରହିଛି। ସେହିଭଳି ଗ୍ରାମାଞ୍ଚଳରେ ଡେଙ୍ଗୁ ମୁକାବିଲା ପାଇଁ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଥିବାବେଳେ ସହରାଞ୍ଚଳ ଅନୁଷ୍ଠାନ ମଧ୍ୟ ନିରାକରଣ ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ଜାରି ରଖିଛି। ତେବେ ରାଜ୍ୟରେ କେବଳ ଡେଙ୍ଗୁ ନୁହେଁ, ମ୍ୟାଲେରିଆ, ଝାଡ଼ାବାନ୍ତି ଭଳି ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପୁଥିବାରୁ ଚିନ୍ତା ବଢ଼ିଛି। ଏନେଇ ସମସ୍ତେ ସତର୍କ ରହିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଉଷା ପାଢ଼ୀଙ୍କ ଫଟୋ ଲଗାଇ ଟଙ୍କା ମାଗିଲେ ସାଇବର ଠକ

ଭୁବନେଶ୍ୱର,୨୧।୭(ସତ୍ୟଜିତ୍ ରାଉତ)

ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ନାଁରେ ସାଇବର ଠକେଇ ଉଦ୍ୟମ ହୋଇଛି। ସାଇବର ଠକ ଶ୍ରୀଲଙ୍କା ନମ୍ବର (+୯୪ ୭୮୫୨୨୪୩୯୭)ରେ ହ୍ୱାଟ୍‌ସଆପ୍ ମାଧ୍ୟମରେ କଲ୍ କରି ଟଙ୍କା ମାଗୁଛନ୍ତି। ବିଶେଷକରି ସେମାନେ ସଚିବ ପାଢ଼ୀଙ୍କ ସମ୍ପର୍କୀୟଙ୍କୁ କଲ୍ କରୁଛନ୍ତି। ବିଶ୍ୱାସ ଜନ୍ମାଇବା ପାଇଁ ଉକ୍ତ ନମ୍ବରରେ ତାଙ୍କ ଫଟୋ ଲଗାଇଛନ୍ତି। ଏନେଇ ଜଣାପଡିବା ପରେ ସଚିବ ପାଢ଼ୀ ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ରବିବାର ସୂଚନା ଦେଇଛନ୍ତି। ଜଣେ ସମ୍ପର୍କୀୟଙ୍କୁ ଜାଲରେ ଫସାଇ ସାଇବର ଠକ ୫୦ ହଜାର ଟଙ୍କା ମାଗୁଥିବାର ହ୍ୱାଟ୍ସଆପ୍ ଚାଟ୍‌ର ଏକ ସ୍କ୍ରିନ୍‌ଶଟ୍ ଶେୟାର କରି ଏନେଇ ସେ ସଚେତନ କରାଇଛନ୍ତି। ଏଥିସହ କାର୍ଯ୍ୟାନୁଷ୍ଠାନ ପାଇଁ ସେ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ସତର୍କ ହେବା ସହ ଏଭଳି ଠକେଇ ଜାଲରେ ନ ପଡିବାକୁ ସଚିବ ପାଢ଼ୀ ଅନୁରୋଧ କରିଛନ୍ତି। ସ୍କ୍ରିନ୍‌ଶଟ୍‌ରେ ଚାଟ୍ ଅନୁଯାୟୀ, ସାଇବର ଠକ ଜଣକ ସଚିବ ପାଢ଼ୀ ପରିଚୟ ଦେଇ ସାହାଯ୍ୟ ମାଗୁଛନ୍ତି। ଏଥିପାଇଁ ଦିଲ୍ଲୀ ବ୍ରାଞ୍ଚର ଟିଏମ୍‌ବି ବ୍ୟାଙ୍କ ଆକାଉଣ୍ଟ ନମ୍ବର, ଆଇଏଫ୍‌ସି କୋଡ୍ ଆଦି ତଥ୍ୟ ଦେଇଛନ୍ତି। ଏହି ଟଙ୍କା ପରେ




ସେ ଫେରାଇଦେବେ ବୋଲି ମଧ୍ୟ କହୁଛନ୍ତି। ତେବେ ସଚିବ ପାଢ଼ୀ ଏକ୍ସ ଜରିଆରେ କରିଥିବା ପୋଷ୍ଟରେ ପୋଲିସ ଡିଜିଙ୍କୁ ଆଇଡି ମେନ୍‌ଶନ୍ କରି ଜଣାଇଛନ୍ତି।

ପୂର୍ବରୁ ଏଭଳି ସାଇବର ଠକେଇ ମଧ୍ୟ ନଜରକୁ ଆସିଛି। ବହୁ ବରିଷ୍ଠ ଆଇଏଏସ୍ ଅଫିସର, ଆଇପିଏସ୍ ଅଫିସର ଓ ଅଭିନେତା ପ୍ରମୁଖଙ୍କ ଫଟୋ ଲଗାଇ ହ୍ୱାଟ୍ସଆପ୍, ଫେସବୁକ୍ ଆଦିରେ ସାଇବର ଠକ ଟଙ୍କା ମାଗିଛନ୍ତି।

# ବାଂଲାଦେଶରେ ଫସି ରହିଛନ୍ତି ରାଉରକେଲାର ୫ ଛାତ୍ରୀଛାତ୍ର

ରାଉରକେଲା,୨୧।୭(ସଙ୍ଗୀତା ଜେନା)

## ଦେଶକୁ ପ୍ରତ୍ୟାବର୍ତ୍ତନ ପାଇଁ ସରକାରଙ୍କୁ ନିବେଦନ

ବାଂଲାଦେଶରେ ସରକାରୀ ନିଯୁକ୍ତିରେ ସଂରକ୍ଷଣ ବ୍ୟସ୍ଥାରେ ସଂସ୍କାର ଦାବିରେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି। ଗତ ଦୁଇଦିନ ମଧ୍ୟରେ ଶତାଧିକଙ୍କ ଏହି ସଂଘର୍ଷରେ ପ୍ରାଣହାନି ହୋଇସାରିଲାଣି। ସାମ୍ପ୍ରତିକ ପରିସ୍ଥିତିରେ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ର ସେଠାରୁ ପ୍ରତ୍ୟାବର୍ତ୍ତନ କରିସାରିଥିବା ବେଳେ ରାଉରକେଲାରୁ ମେଡିକାଲ ପାଠ ପଢିବାକୁ ଯାଇଥିବା ୫ ଜଣ ଛାତ୍ରୀଛାତ୍ର ଫସି ରହିଛନ୍ତି। ସେମାନଙ୍କ ମଧ୍ୟରେ ରାଉରକେଲା ସେକ୍ଟର-୧୫ର ୨ ଜଣ, ମେନ୍‌ରୋଡ୍‌ର ଜଣେ, ବିଶ୍ରା ଓ ବନ୍ଧମୁଣ୍ଡାର ଜଣେ ଲେଖାଏ ବୋଲି ଜଣାପଡିଛି। ଫସିରହିଥିବା ଛାତ୍ରୀଛାତ୍ର ବାଂଲାଦେଶ ଗାଜିପୁର ସିଟି ମେଡିକାଲ କଲେଜ, ଖୁଲନା ମେଡିକାଲ କଲେଜରେ ଶିକ୍ଷା ଲାଭ କରୁଛନ୍ତି। ଗାଜିପୁର ସିଟି ମେଡିକାଲ କଲେଜର ଛାତ୍ର ତଥା ବନ୍ଧମୁଣ୍ଡା ନିବାସୀ ବୈଭବ ଗୁପ୍ତା , ଅକ୍ଷତ ଗୁପ୍ତା, ଖୁଲନା ମେଡିକାଲ କଲେଜ ଛାତ୍ରୀ ଫରହାତ୍ ସୁଲତାନ୍, ସବା ଜନ୍ନତ, ଛାତ୍ର ଅର୍ଶଦ୍ ଅବଦୁଲ୍ଲା ରହିଛନ୍ତି। ସେଠାରେ ଇଣ୍ଟରନେଟ୍ ବ୍ୟବସ୍ଥା ବନ୍ଦ କରିଦିଆଯାଇଥିବାରୁ ପରିବାରବର୍ଗ ଯୋଗାଯୋଗ କରିବା ସମ୍ଭବ ହେଉନାହିଁ।

ବନ୍ଧମୁଣ୍ଡା ବି ସେକ୍ଟର ନିବାସୀ ବୈଭବଙ୍କ ପିତା ବିଭୂତି ଗୁପ୍ତା ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ଜିଲାପାଳ, ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଇମେଲ୍ ଜରିଆରେ ଉକ୍ତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଦେଶକୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି। ବିଭୂତି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବୈଭବ ସିଟି ମେଡିକାଲ କଲେଜର ପ୍ରଥମ ବର୍ଷ ଏମବିବିଏସ୍ ଛାତ୍ର। ଇଣ୍ଟରନେଟ୍ ବନ୍ଦ ଥିବା ଯୋଗୁ ଯୋଗାଯୋଗ ହୋଇପାରୁ ନାହିଁ। ଏପରିକି ସୋସିଆଲ ମିଡିଆରେ କୌଣସି ଯୋଗାଯୋଗ ହେବା ଅସମ୍ଭବ ହୋଇଛି। ବର୍ତ୍ତମାନ ପରିସ୍ଥିତି ସମ୍ପର୍କରେ ସ୍ପଷ୍ଟ ହୋଇପାରୁନାହିଁ। ଫୋନ୍ ଲାଇନ୍ ମଧ୍ୟ ଠିକ୍ ଭାବେ କାମ କରୁନାହିଁ। ଭାରତୀୟ ଦୂତାବାସ ସହ ନିରନ୍ତର ଯୋଗାଯୋଗ କରାଯାଉଛି। ହେଲେ ଭାରତରୁ କୌଣସି ପତ୍ର ଛାତ୍ରୀଛାତ୍ରଙ୍କୁ ସୁରକ୍ଷିତ ଉଦ୍ଧାର ପାଇଁ ଯାଇ ନ ଥିବା ସେମାନେ କହୁଛନ୍ତି। ତିବ୍ବତ ଓ ମେଘାଳୟ ରାସ୍ତାରେ କେତେଜଣ ନେପାଳୀ ଛାତ୍ରୀଛାତ୍ର ସେଠାରୁ ଚାଲିଯାଇଛନ୍ତି। ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ପିଲାଙ୍କ ପାଇଁ ଚିନ୍ତିତ ଅଛନ୍ତି। ଏଥିରେ ଏମ୍‌ପି ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଭାରତରୁ ସ୍ୱତନ୍ତ୍ର ଉଦ୍ଧାର ବ୍ୟବସ୍ଥା କରାଯାଉ ବୋଲି ଗୁପ୍ତା କହିଛନ୍ତି।

# ରତ୍ନଭଣ୍ଡାର ପାଇଁ ଆସିପାରେ ନୂଆ ଏସ୍‌ଓପି

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

## ଗୁପ୍ତ ସୁଡ଼ଙ୍ଗ ରହିଥିବା ଚର୍ଚ୍ଚା ପ୍ରସଙ୍ଗ

ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟି ନିଷ୍ପତ୍ତି ଅନୁଯାୟୀ ଭିତର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାରଗୁଡ଼ିକୁ ଖଟଶେଯ ଘରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଗତ ୧୪ ତାରିଖରେ ବାହାର ରତ୍ନଭଣ୍ଡାର ଏବଂ ୧୮ରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ସ୍ଥାନାନ୍ତର କରାଯାଇଛି। ତେବେ ଅଳଙ୍କାର ଗଣତି ମଣତି ଓ ରତ୍ନଭଣ୍ଡାର ମରାମତି କେବେ ହେବ ସେ ନେଇ ରାଜ୍ୟବାସୀଙ୍କ ମନରେ ପ୍ରଶ୍ନ ଉଠିଛି। ରତ୍ନଭଣ୍ଡାର ପରିସରରେ ଗୁପ୍ତ ସୁଡ଼ଙ୍ଗ ତଥା ଗୁପ୍ତ କୋଠରି ରହିଥିବା ଚର୍ଚ୍ଚା ହେଉଥିବାବେଳେ ଏ ସମ୍ପର୍କରେ ସତ୍ୟତା ଜାଣିବା ନିମନ୍ତେ ସମସ୍ତଙ୍କ ମନରେ ଉତ୍ସୁକତା ପ୍ରକାଶ ପାଇଛି। ତେଣୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ଦ୍ୱାରା ଲେଜର ସ୍କାନିଂ କରାଯାଇ ପ୍ରକୃତ ତଥ୍ୟ ଅଣାଯିବାକୁ ସାଧାରଣରେ ଦାବି ହେଉଛି। ମାତ୍ର ଏସ୍‌ଓପିରେ ଏନେଇ ଉଲ୍ଲେଖ ନ ଥିବାରୁ ରତ୍ନଭଣ୍ଡାର ତଦାରଖ କମିଟି ପକ୍ଷରୁ ନୂତନ ଏସ୍‌ଓପି ଜାରି କରିବା ନିମନ୍ତେ ସରକାରଙ୍କୁ ଅନୁମତି ମଗାଯିବ ବୋଲି କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ସୂଚନା ଦେଇଥିଲେ। ଅପରପକ୍ଷରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇ କହିଥିଲେ, ଏଏସ୍ଆଇ ଖୁବଶୀଘ୍ର ମରାମତି କାର୍ଯ୍ୟ ଆରମ୍ଭ କରିବ। ତେଣୁ ସରକାର ରତ୍ନଭଣ୍ଡାର ମରାମତି ନିମନ୍ତେ କେବେ ନୂଆ ଏସ୍‌ଓପି ଆଣିବେ ସେ ନେଇ ସାଧାରଣରେ ବ୍ୟଗ୍ରତା ପ୍ରକାଶ ପାଇଛି। ଅପରପକ୍ଷରେ ରତ୍ନଭଣ୍ଡାରରେ ସୁଡ଼ଙ୍ଗ ଓ ଗୁପ୍ତ କୋଠରି ଥିବା ନେଇ ଆଲୋଚନା ହେଉଥିବାରୁ ସରକାର ପ୍ରଥମେ ଏ ନେଇ ସତ୍ୟତା ଉନ୍ମୋଚନ କରିବେ ନା ରତ୍ନଭଣ୍ଡାର ମରାମତି ପାଇଁ ଏଏସ୍ଆଇକୁ ଅନୁମତି ଦେବେ ସେ ନେଇ ପ୍ରଶ୍ନ ଉଠିଛି। ସରକାରଙ୍କ ପକ୍ଷରୁ ଜାରି ପୂର୍ବ ଏସ୍‌ଓପିରେ ଲେଜର ସ୍କାନିଂ ଓ ଜିପିଆରଏସ୍ ଅନ୍ତର୍ଭୁକ୍ତ ନ ଥିବାରୁ ନୂତନ ଏସ୍‌ଓପି ଆସିପାରେ ବୋଲି କୁହାଯାଉଛି। ଏ ସମ୍ପର୍କରେ ରତ୍ନଭଣ୍ଡାର ତଦାରଖ କମିଟିର ସଦସ୍ୟ ଦୁର୍ଗା ଦାସ ମହାପାତ୍ର କହିଛନ୍ତି, ରତ୍ନଭଣ୍ଡାର ମରାମତି ପୂର୍ବରୁ ଆମେ ନିଶ୍ଚିତ ହେବା ଦରକାର ଯେ ଗୁପ୍ତ ସୁଡ଼ଙ୍ଗ କିମ୍ବା ଗୁପ୍ତ କୋଠରି ରହିଛି କି ନାହିଁ। ଯଦି ରହିଛି ତେବେ ତା'ର ସୁରକ୍ଷା କରାଯିବା ଉଚିତ। ଲେଜର ସ୍କାନିଂ ଏବଂ ଜିପିଆରଏସ୍ ହେବା ପରେ ମରାମତି କରାଯିବା ନେଇ ସରକାରଙ୍କୁ ଅନୁରୋଧ କରାଯିବ। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କହିଛନ୍ତି, ସରକାର ଏନେଇ ଏସ୍‌ଓପି ଆଣିବା ସହ ଦରକାର ପଡ଼ିଲେ କୋଣାର୍କ ସୂର୍ଯ୍ୟ ମନ୍ଦିର ଭଳି ରତ୍ନଅଳଙ୍କାର ଢାଞ୍ଚାଗତ ଦୁର୍ବଳତା ଏବଂ ଅନ୍ୟ ରହସ୍ୟ ଉନ୍ମୋଚନ ନିମନ୍ତେ ଏଣ୍ଡୋସ୍କୋପି କରାଯିବା ଉଚିତ। ଏନେଇ ଏଏସ୍ଆଇ ସହ ଆଲୋଚନା କରାଯିବା ଆବଶ୍ୟକ। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଅଳଙ୍କାର ବର୍ତ୍ତମାନ ଅସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର ହୋଇଛି। ଅଳଙ୍କାର ସବୁ କ'ଣ ରହିଛି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଲୋକଙ୍କ ସାମ୍ନାକୁ ଆସିଲା ନାହିଁ। ତେଣୁ ସନ୍ଦେହ ଉପୁଜୁଛି। ଅଳଙ୍କାର ଗଣତିମଣତି କରାଯାଉ, ଯାହା ଖରାପ ଅଛି ତା'ର ମରାମତି ହେଉ। ରତ୍ନଭଣ୍ଡାର ମଧ୍ୟରେ ଗୁପ୍ତ ସୁଡ଼ଙ୍ଗ ଅଛି କି ନାହିଁ ଯାଞ୍ଚ କରାଯାଉ। ଲେଜର ସ୍କାନିଂ ପରେ ରତ୍ନଭଣ୍ଡାର ମରାମତି କରାଯାଉ ବୋଲି ଦାସ ମହାପାତ୍ର କହିଛନ୍ତି।

# ରତ୍ନଭଣ୍ଡାରର ଯୁଦ୍ଧାସ୍ତ୍ରକୁ ନେଇ ରହସ୍ୟ ବଢୁଛି

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାରର ଯୁଦ୍ଧାସ୍ତ୍ରକୁ ନେଇ ରହସ୍ୟ ବଢୁଛି। ଭିତର ରତ୍ନଭଣ୍ଡାରରୁ ଯୁଦ୍ଧାସ୍ତ୍ର ମିଳିଥିବା କୁହାଯାଉଥିବାବେଳେ ପ୍ରକୃତପକ୍ଷେ ସେଗୁଡ଼ିକ କ'ଣ, କେଉଁ ଧାତୁରେ ତିଆରି, କେବେ, କାହିଁକି ଓ କିଏ ଏସବୁ ଅସ୍ତ୍ରଶସ୍ତ୍ର ଆଣି ରତ୍ନଭଣ୍ଡାରରେ ରଖିଥିଲେ ସେ ନେଇ ସାଧାରଣରେ ନାନା ପ୍ରଶ୍ନ ଉଙ୍କି ମାରିଛି। ଏପରିକି ଏ ନେଇ ନାନା ଚର୍ଚ୍ଚା, ଆଲୋଚନା ହେଉଥିବାବେଳେ ଗବେଷଣା ଓ ସଂରକ୍ଷଣ ଆବଶ୍ୟକତା ରହିଛି ବୋଲି ଗବେଷକ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ରତ୍ନଭଣ୍ଡାର ତଦାରଖ କମିଟି ନିଷ୍ପତ୍ତି ଅନୁଯାୟୀ, ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ସ୍ଥାନାନ୍ତରିତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକା (ଏସ୍‌ଓପି) ଅନୁସାରେ ଗଠିତ କମିଟିର ସଦସ୍ୟମାନେ ଭିତର ରତ୍ନଭଣ୍ଡାରର ସମସ୍ତ ଅଳଙ୍କାରକୁ ଖଟଶେଯ ଘରେ ହୋଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରିଛନ୍ତି। ଖୁବ୍‌ଶୀଘ୍ର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)କୁ ମରାମତି ପାଇଁ ରତ୍ନଭଣ୍ଡାର ହସ୍ତାନ୍ତର କରାଯିବ। ଏଏସ୍ଆଇ ମରାମତି ଶେଷ କରିବା ପରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ସମସ୍ତ ଅଳଙ୍କାର ରତ୍ନଭଣ୍ଡାରକୁ ନିଆଯିବ ଓ ମାର୍ଗଦର୍ଶିକା ଅନୁଯାୟୀ ଗଣତିମଣତି କରାଯିବ।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗତ ୧୪ ତାରିଖରେ ବାହାର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ସ୍ଥାନାନ୍ତରିତ କରାଯାଇଥିଲା। ସେହିଭଳି ୧୮ ତାରିଖରେ ପୁଣିଥରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ସ୍ଥାନାନ୍ତରିତ କରାଯାଇଛି। ଉକ୍ତ ଦିନ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଥିଲେ ଯେ, ସମସ୍ତଙ୍କ ଆଶା ଆଶଙ୍କାର ଅନ୍ତ ଘଟିଛି। ଅଳଙ୍କାର ସବୁକୁ ସ୍ଥାନାନ୍ତର କରାଯାଇଛି। ପ୍ରାୟ ସାଢେ ସାତଘଣ୍ଟା ପରିଶ୍ରମ ପରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା। କମିଟିର ୧୧ ଜଣ ସଦସ୍ୟଙ୍କ ସହ ଅନ୍ୟମାନେ ଉକ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଭିତର ରତ୍ନଭଣ୍ଡାରରୁ ସିନ୍ଦୁକ ଓ ଆଲମାରିକୁ ମିଶାଇ ୭ଟି ମିଳିଥିଲା। ସେଥିରେ ଥିବା ସମସ୍ତ ଅଳଙ୍କାରକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଭଣ୍ଡାର ଘର ଚାବି ପକାଇ ସିଲ୍ କରାଯାଇ ଜିଲାପାଳଙ୍କୁ ଚାବି ହସ୍ତାନ୍ତର କରାଯାଇଛି। ଜିଲା ଟ୍ରେଜେରିରେ ଚାବି ରହିବ। ଏହି ଅବସରରେ ସେ ଗୁପ୍ତ ସଡ଼ଙ୍ଗ, ସାପ ଥିବା ଚର୍ଚ୍ଚାକୁ ଖଣ୍ଡନ କରିଥିଲେ। ତେବେ ଭିତର ରତ୍ନଭଣ୍ଡାରରେ କିଛି ଯୁଦ୍ଧ ସାମଗ୍ରୀ ରହିଥିବା ଦେଖିବାକୁ ପାଇଥିଲେ। ଯୁଦ୍ଧ ସାମଗ୍ରୀଗୁଡ଼ିକ ଜରିରେ ଗୁଡ଼ାହୋଇଛି। ବର୍ଚ୍ଛା ଓ ବାଡ଼ି ଆଦି ରହିଛି। ତେବେ ସେଗୁଡ଼ିକ କଳା ପଡ଼ିଯାଇଥିବାରୁ କେଉଁ ଧାତୁରେ ନିର୍ମିତ ସେ ସମ୍ପର୍କରେ ସେ ଜାଣିନାହାନ୍ତି। ଉକ୍ତ ଯୁଦ୍ଧାସ୍ତ୍ରଗୁଡ଼ିକୁ ସିଲ୍ କରାଯାଇ ରଖାଯାଇଛି ବୋଲି ଜଷ୍ଟିସ୍ ରଥ ସୂଚନା ଦେଇଥିଲେ। ରତ୍ନଭଣ୍ଡାରରେ ଯୁଦ୍ଧାସ୍ତ୍ର ଥିବା ପ୍ରସଙ୍ଗକୁ ନେଇ ବିଭିନ୍ନ ମହଲରେ ବିଭିନ୍ନ ମତ ଦେଖିବାକୁ ମିଳିଛି। ଏନେଇ ଐତିହ୍ୟ ବିଶେଷଜ୍ଞ ଅନିଲ ଧୀର



ଏକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏସବୁ ଜିନିଷ ପୂର୍ବରୁ ମଧ୍ୟ ରତ୍ନଭଣ୍ଡାରରେ ରହିଥିଲା। ପୂର୍ବରୁ ଅନେକ ଥର ଭଣ୍ଡାର ମେକାପ ଦେଖିଥିବେ, ମାତ୍ର ତାହାର ଗୁରୁତ୍ୱ ସେମାନେ ଜାଣିପାରି ନ ଥିବେ। ଏହାର ଗୁରୁତ୍ୱ ଏଏସ୍ଆଇ ଅଧିକାରୀ ଜାଣିପାରିବେ। ଯୁଦ୍ଧାସ୍ତ୍ର ଅଳଙ୍କାର ତାଲିକାଭୁକ୍ତ ହେଉ ନ ଥିବାରୁ ସେଗୁଡ଼ିକର ଗଣତିମଣତି ହୋଇ ନ ଥିଲା। ତେଣୁ ହତିଆରଗୁଡିକର ତାଲିକା କରାଯାଇ ନ ଥିବ। ଏନେଇ ପୂର୍ବରୁ ଆଲୋଚନା ହୋଇନାହିଁ। ତେଣୁ ମିଳିଥିବା ଯୁଦ୍ଧାସ୍ତ୍ର ସମ୍ପର୍କରେ ଅଧିକ ଅଧ୍ୟୟନ କଲେ ଜଣାପଡ଼ିବ କେଉଁ ରାଜା ସେଗୁଡ଼ିକୁ କିପରି ଓ କାହିଁକି ଆଣିଥିଲେ। ଏନେଇ ବୈଜ୍ଞାନିକ ଅନୁସନ୍ଧାନ ହେବା ଉଚିତ ବୋଲି ସେ ମତ ଦେଇଛନ୍ତି। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ରତ୍ନଭଣ୍ଡାର ୧୧ ଜଣିଆ କମିଟିର ସଦସ୍ୟ ଥିବା ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଭିତର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର ସମୟରେ ବର୍ଚ୍ଛା ଭଳି କିଛି ଜିନିଷ ମିଳିଛି। ତେବେ ଉକ୍ତ ସାମଗ୍ରୀ କଳା ପଡ଼ିଯାଇଥିବାରୁ ସେଗୁଡ଼ିକ ବିଷୟରେ ଭଲ ଭାବେ ଜଣାପଡ଼ିନାହିଁ। ସେଗୁଡ଼ିକ କ'ଣ ବର୍ତ୍ତମାନ କିଛି କହିହେବ ନାହିଁ। ପରବର୍ତ୍ତୀ ସମୟରେ ଯେତେବେଳେ ଉକ୍ତ ଜିନିଷକୁ ଘଷିମାଜି ସଫା କରାଯିବ, ସେତେବେଳେ ଜଣାପଡ଼ିବ ଯୁଦ୍ଧାସ୍ତ୍ର କୁହାଯାଉଥିବା ସାମଗ୍ରୀଗୁଡ଼ିକ ପ୍ରକୃତରେ କ'ଣ ଏବଂ କେଉଁ ଧାତୁରେ ତିଆରି। ପୁରାତନ କିଛି ବସ୍ତୁ ମଧ୍ୟ ହୋଇଥାଇପାରେ। ମିଳିଥିବା ସାମଗ୍ରୀ ମହାପ୍ରଭୁଙ୍କ ରଘୁନାଥ ବେଶରେ ବ୍ୟବହାର ହେଉଥିବା ଅଳଙ୍କାର କି ନୁହେଁ, କେଉଁ ରାଜାଙ୍କ ସମୟର ଯୁଦ୍ଧାସ୍ତ୍ର ଆଦି ସମ୍ପର୍କରେ ବର୍ତ୍ତମାନ କିଛି ସ୍ପଷ୍ଟ ଭାବେ କହିହେବ ନାହିଁ ବୋଲି ଦାସ ମହାପାତ୍ର ମତ ଦେଇଛନ୍ତି।

## ଗବେଷଣା, ସଂରକ୍ଷଣ ପାଇଁ ବିଭିନ୍ନ ମହଲରେ ମତ

ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର ଲେଜର ସ୍କାନିଂ ସହ ସମସ୍ତ ସାମଗ୍ରୀର ସଂରକ୍ଷଣ ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ କହିଛନ୍ତି, ସରକାରଙ୍କ ଏସ୍‌ଓପି ଅନୁସାରେ ରତ୍ନଭଣ୍ଡାର ଖୋଲାଗଲା। ତେବେ ପରବର୍ତ୍ତୀ ସମୟରେ ନୂତନ କଥା ସବୁ ଲୋକଲୋଚନକୁ ଆସୁଛି। ତେଣୁ ଏ ସମ୍ପର୍କରେ ଏଣୁତେଣୁ କଥା ଆଲୋଚନା କରିବା ଉଚିତ ନୁହେଁ। ଏସ୍‌ଓପିକୁ ମାନି ଚଳିବା ଉଚିତ। ଏଥିପାଇଁ ସମୟକୁ ଅପେକ୍ଷା କରିବାକୁ ପଡ଼ିବ। ଗଣତିମଣତି ପରେ ଜଣାପଡ଼ିବ ଯେ, ରତ୍ନଭଣ୍ଡାରରେ କ'ଣ ଥିଲା, କ'ଣ ରହିଛି ଏବଂ କ'ଣ ଉହ୍ୟ ରହିଛି। ରତ୍ନଭଣ୍ଡାର ସର୍ବଦା ରହସ୍ୟମୟ। ଆଗକୁ କିଛି ଉନ୍ମୋଚନ ହେବାକୁ ଯାଉଛି। ଯେଉଁ ଯୁଦ୍ଧାସ୍ତ୍ର ମିଳିବା କଥା କୁହାଯାଉଛି, ତାହା କିଛି ଅସମ୍ଭବ ନୁହେଁ। ତେଣୁ ସେଗୁଡ଼ିକୁ ସଂରକ୍ଷଣ କରାଯିବା ଉଚିତ। ଆଗାମୀ ଦିନରେ ବିଶ୍ୱବାସୀ ଯେପରି ମହାପ୍ରଭୁଙ୍କ ଜିନିଷ ଦେଖିପାରିବେ, ସେ ନେଇ ବ୍ୟବସ୍ଥା ହେବା ଆବଶ୍ୟକ। ଏହା ଏକ ଇତିହାସ। ତେବେ ସରକାରଙ୍କ ପୂର୍ଣ୍ଣାଙ୍ଗ ରିପୋର୍ଟକୁ ଅପେକ୍ଷା କରିବା ଠିକ୍ ହେବ ବୋଲି ରଥ ମତ ଦେଇଛନ୍ତି।

# ହର୍ ହର୍ ମହାଦେବ ଧ୍ୱନିରେ କମ୍ପିଲା ଗଡ଼ଗଡ଼ିଆ ଘାଟ

## ଶୈବପୀଠରେ ଜଳ ଲାଗି କରିବେ କାଉଡ଼ିଆ

କଟକ,୨୧।୭(ଶିଳ୍ପା ପ୍ରିୟଦର୍ଶିନୀ)



ଶ୍ରାବଣ ମାସର ପାଞ୍ଚଟି ସୋମବାରରେ ବିଭିନ୍ନ ଶୈବପୀଠରେ ଜଳଲାଗି କରିବେ କାଉଡ଼ିଆ। ରୀତିନୀତି ଅନୁଯାୟୀ ଏହି ଶ୍ରାବଣ ମାସକୁ ପାଳିବେ ବୋଲବମ୍ ଶ୍ରଦ୍ଧାଳୁ। ୨୨ ତାରିଖ ପ୍ରଥମ ସୋମବାର ପଡୁଥିବାବେଳେ ଏଥିପାଇଁ ରବିବାର ଗଡ଼ଗଡ଼ିଆ ଘାଟ ଚଳଚଞ୍ଚଳ ହୋଇଉଠିଥିଲା। ଏପରିକି ବୋଲବମ୍ ହର ହର ବମ୍ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଗଡ଼ଗଡ଼ିଆ ଘାଟ। କାଉଡ଼ିଆମାନେ ସକାଳୁ ଗଡ଼ଗଡିଆ ଘାଟରେ ନଦୀରୁ କଳସରେ ଜଳ ନେଇ ପୂଜାର୍ଚ୍ଚନା କରି ବାହୁଙ୍ଗି କାନ୍ଧେଇ ମାନସିକ ଅନୁଯାୟୀ ଶୈବପୀଠ ଅଭିମୁଖେ ବାହାରିଛନ୍ତି।

ପୌରାଣିକ ମତ ଅନୁଯାୟୀ, ଏହି ଗଡ଼ଗଡ଼ିଆ ଘାଟ ସହିତ ପ୍ରଭୁ ଚୈତନ୍ୟଙ୍କ ସମ୍ପର୍କ ରହିଛି। ଗଡ଼ଗଡିଆ ଘାଟରୁ ପାଣି ନେଇ ଗଡ଼ଗଡ଼େଶ୍ୱରଙ୍କ ନିକଟରେ ସଙ୍କଳ୍ପ କଲେ କାଉଡିଆଧାରୀଙ୍କ ଚାଲିବା କଷ୍ଟ ଲାଘବ ହେବା ସହ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଗଡ଼ଗଡିଆ ଘାଟରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ କରାଯାଇଥିବାବେଳେ ଗଭୀର ଜଳକୁ ନ ଯିବା ନେଇ ସଚେତନ କରାଯାଇଛି। ସେହିପରି ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ କର୍ମଚାରୀମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଦୁଇଟି ସିଫ୍ଟ ବା ପର୍ଯ୍ୟାୟରେ ଯଥା- ସକାଳ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଘାଟ କୂଳରେ ଥିବା ଅସ୍ଥାୟୀ କ୍ୟାମ୍ପରେ ନିୟୋଜିତ ରହିଥିଲେ। ଅଗ୍ନିଶମ ବିଭାଗର ଦୁଇଟି ଟିମ୍‌ରେ ୭ ଜଣ ଲେଖାଏ କର୍ମଚାରୀ ମୁତୟନ କରାଯାଇଛି। ପ୍ରତି ସାତଜଣିଆ ଟିମ୍‌ରେ ଜଣେ ଅଫିସର, ଜଣେ ହାବିଲଦାର, ତିନିଜଣ ଫାୟାରମ୍ୟାନ ଓ ଜଣେ ଦମକଳ ବାହିନୀର ଡ୍ରାଇଭର ରହିଛନ୍ତି। ଏଥିସହ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫବୟଙ୍କ ସମେତ ଲାଇଫ ଜ୍ୟାକେଟ୍ ଓ ବୋଟ୍ ମହଜୁଦ ରଖାଯାଇଛି। ଏନେଇ ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି, ପ୍ରଥମରୁ ଶେଷ ପର୍ଯ୍ୟନ୍ତ ସବୁ ସୋମବାରରେ ଜଳଲାଗି କରିବା ପାଇଁ ରବିବାର ଘାଟକୂଳରେ ଭିଡ଼ ବଢ଼ି ବଢ଼ି ଯିବ। ଭିଡ଼କୁ ନଜରରେ ରଖି କର୍ମଚାରୀ ଓ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବ। ଏଥିସହ ଡ୍ୟୁଟି ସମୟ ଅବଧି ବଢାଯିବ ବୋଲି ବେହେରା କହିଛନ୍ତି।

### ଶିଦ୍ଧେଶ୍ୱରଙ୍କୁ ଜଳ ଲାଗି କରିବି



“ଚଳିତବର୍ଷ ଦ୍ୱିତୀୟଥର ପାଇଁ ମହାଦେବଙ୍କୁ ଜଳଲାଗି କରିବାକୁ ଯାଉଛି। ଏଥର ପ୍ରଭୁ ଶିଦ୍ଧେଶ୍ୱରଙ୍କୁ ଜଳ ଲାଗି କରିବି। ମନରେ ଭକ୍ତି ଥିଲେ କୌଣସି କଷ୍ଟ ଜଣାପଡ଼ି ନ ଥାଏ। ମାସକ ଯାକ ନିଷ୍ଠାର ସହ ଏହି ବ୍ରତକୁ ପାଳନ କରିବୁ। ମାନସିକ ରହିଛି, ସେଥିପାଇଁ ଆଗାମୀ ବର୍ଷରେ ମଧ ଜଳଲାଗି କରିବାକୁ ନିଷ୍ପତ୍ତି ନେଇଛି।

ସୁଶ୍ରୀ ସରିତା ଦାସ

### ପାଞ୍ଚ ପାଳି ଜଳଲାଗି କରିବି



“ପ୍ରଥମ ସୋମବାର ପ୍ରଭୁ ଲକ୍ଷେଶ୍ୱରଙ୍କ ଠାରେ ଜଳଲାଗି କରିବି। ସେହିପରି ପାଞ୍ଚ ପାଳି ସୋମବାରରେ ଜଳଲାଗି କରିବି। ମୋ' ସହ ତିନି ଜଣ ସାଙ୍ଗ ଅଛନ୍ତି। ଏକାଠି କିଛି ବର୍ଷ ହେବ ଜଳଲାଗି କରୁଛୁ। ମାନସିକ ମୁତାବକ ପାଞ୍ଚପାଳି ଜଳଲାଗି କରୁଛି।

ନିରଞ୍ଜନ ପାଢ଼ୀ

### ନିଷ୍ଠାର ସହ ବ୍ରତ କରୁଛି



“ପ୍ରଥମ ସୋମବାର ପ୍ରଭୁ ଶିଦ୍ଧେଶ୍ୱର ଏବଂ ଶେଷ ସୋମବାର ଲଡୁବାବାଙ୍କ ପୀଠରେ ଜଳଲାଗି କରିବି। ବିଶ୍ୱାସ ରହିଛି, ଏହି ବ୍ରତ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ।

ସୁରଞ୍ଜିତ ସାହୁ

# ପରିମଳ ନିୟମ ଖିଲାପକାରୀଙ୍କୁ ଜଗିଛି ଟିମ୍ ସାଇନ୍



ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)

ପରିମଳ ବ୍ୟବସ୍ଥାରେ ସୁଧାର ଆଣି ସହରବାସୀଙ୍କ ଜୀବନ ଧାରଣମାନକୁ ଉନ୍ନତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ୧୦ଟି ସାଇନ୍ ଟିମ୍ ଗଠନ କରାଯାଇଛି। ତୃଣମୂଳସ୍ତରରେ ବର୍ଜ୍ୟକୁ ଓଦା ଓ ଶୁଖିଲା ଭାବେ ଅଲଗା ଅଲଗା କରି ଦେବାକୁ ସୁନିଶ୍ଚିତ କରିବା ପାଇଁ ଏହି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଅଭ୍ୟାସଗତ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଇନ୍ ଟିମ୍ ନିୟୋଜିତ କରାଯାଇଛି। ପରିମଳ ଆଚରଣ ଏବଂ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀର ବିକ୍ରୟ ବନ୍ଦ କରିବାରେ ଏମାନେ ସହଯୋଗ କରୁଛନ୍ତି। ଗତ ୬ମାସ ମଧ୍ୟରେ ଟିମ୍ ସାଇନ୍ ୨୫୭ଟି ଦୋକାନକୁ ସାମୟିକ ଭାବେ ବନ୍ଦ କରିବା ସହିତ ୨.୬ ଟନ୍ ଏକକ ବ୍ୟବହାର ପ୍ଲାଷ୍ଟିକ ଜବତ କରିଛି। ଆବର୍ଜନା ହେଉଥିବା ସର୍ବସାଧାରଣ ସ୍ଥାନ ଚିହ୍ନଟ କରିବା ସହ ଆବର୍ଜନା କରୁଥିବା ବ୍ୟକ୍ତିଙ୍କଠାରୁ ୧୩.୪୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ସେହିପରି ୭୦୦ରୁ

### ଆବର୍ଜନା କରୁଥିବା ବ୍ୟକ୍ତିଙ୍କ ଠାରୁ ୧୩.୪୪ ଲକ୍ଷ ଟଙ୍କା ଜରିମାନା ଆଦାୟ

ଅଧିକ ଅଭ୍ୟାସଗତ ପରିମଳ ନିୟମ ଉଲ୍ଲଂଘନକାରୀଙ୍କଠାରୁ ପ୍ରାୟ ୪.୪ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ରାସ୍ତା ଏବଂ ଡ୍ରେନ୍ ଉପରେ ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟ ପକାଇ ନିୟମ ଉଲ୍ଲଂଘନ କରୁଥିବା ଲୋକଙ୍କଠାରୁ ପ୍ରାୟ ୧୨.୨୯ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ସ୍ୱତନ୍ତ୍ର ଅଭିଯାନ ତଥା ବ୍ୟକ୍ତିଗତ ପରିଦର୍ଶନ ଦ୍ୱାରା ବାରମ୍ବାର ନିୟମ ଉଲ୍ଲଘଂନ କରଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ଏହି ସମୟରେ ଲୋକଙ୍କ ସହିତ ଭଦ୍ର ତଥା ନମ୍ର ବ୍ୟବହାର ପ୍ରଦର୍ଶନ କରିବା ପାଇଁ ଟିମ୍‌କୁ ତାଲିମ ଦିଆଯାଇଛି। ସେହିପରି ଜନସ୍ୱାସ୍ଥ୍ୟ ଓ ପରିମଳ ଅଭ୍ୟାସର ପୁନରାବୃତ୍ତି ନ କରିବା ପାଇଁ ନୈତିକତା ପ୍ରଦର୍ଶନ ପୂର୍ବକ ସାଇନ୍ ଟିମ୍, ଏଜେନ୍ସି ଓ ନାଗରିକମାନଙ୍କ ଅଭ୍ୟାସରେ ପରିବର୍ତ୍ତନ କରିବାକୁ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ପରାମର୍ଶ ଦେଇଛନ୍ତି।

# ଲୋକନାଥ ମନ୍ଦିର ପରିସର ଜଗିବେ ୩୨ ସେକ୍ସନ ଫୋର୍ସ

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ମାସ ପ୍ରଥମ ସୋମବାରରେ ପୁରୀ ସହରସ୍ଥ ଶ୍ରୀଲୋକନାଥ ମନ୍ଦିର ସମେତ ଜିଲାର ବିଭିନ୍ନ ଶୈବପୀଠରେ ଜଳଲାଗି ନିମନ୍ତେ କାଉଡ଼ିଆଙ୍କ ସମାଗମ ହେବ। ଏଥିପାଇଁ ପ୍ରଭୁ ଶ୍ରୀଲୋକନାଥଙ୍କ ପୀଠରେ ବ୍ୟାପକ ହୋଇଛି। ରବିବାର ରାତ୍ର ୧୨ଟାରେ ଦ୍ୱାରଫିଟା ହେବାପରେ ଠାକୁରଙ୍କ ମଙ୍ଗଳ ଆଳତି ଆରମ୍ଭ ହେବ। ପରେ ମଇଲମ, ଅବକାଶ ନୀତି ବଢ଼ିବ। ରାତ୍ର ୧ଟା ୧୫ରୁ ଭକ୍ତଙ୍କ ଉଦ୍ଦେଶ୍ୟରେ ଦ୍ୱାର ଖୋଲାଯିବ। କାଉଡ଼ିଆମାନେ ବ୍ୟାରିକେଡ୍‌ରେ ଯାଇ ରୋଷଘର ପଛ ଦେଇ ମନ୍ଦିରକୁ ପ୍ରବେଶ କରି ଜଳଲାଗି କରିବେ। ପରେ ନୀତି ପାଇଁ କିଛି ସମୟ ଦର୍ଶନ ଓ ଜଳଲାଗି ବନ୍ଦ ରହିବ। ନୀତି ସରିବା ପରେ ପୁଣି ଦର୍ଶନ ଓ ଜଳଲାଗି ପହୁଡ଼ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ଜଳଲାଗି ପାଇଁ ଟିକେଟର ମୂଲ୍ୟ ୩୦ ଟଙ୍କା ଧାର୍ଯ୍ୟ ହୋଇଛି। ଗତ ବର୍ଷ ପ୍ରାୟ ୭୮ ହଜାର କାଉଡ଼ିଆ ଜଳଲାଗି କରିଥିବା ବେଳେ ଚଳିତ ବର୍ଷ ଅଧିକ ଭକ୍ତ ଆସିବା ଆକଳନ କରାଯାଉଛି। ତେଣୁ ଶୃଙ୍ଖଳା ଓ ସୁବ୍ୟବସ୍ଥା ଦୃଷ୍ଟିରୁ ସେବାୟତ ଏବଂ ପୋଲିସ କର୍ମଚାରୀଙ୍କୁ ନେଇ ଟିମ ଗଠନ କରାଯାଇଛି। ସେପଟେ ସାଧାରଣ ଭକ୍ତମାନେ ଲୋକନାଥ ମନ୍ଦିର ପ୍ରବେଶପଥ ଦେଇ ଦର୍ଶନ କରିପାରିବେ ବୋଲି ମନ୍ଦିର ପକ୍ଷରୁ ସୂଚନା ଦିଆଯାଇଛି। ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୩ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୬୪ ଏସ୍‌ଆଇ ଏଏସ୍‌ଆଇ, ୧୮ ହାବିଲଦାର, ୬୨ କନଷ୍ଟେବଳ, ୨୧୦ ଜଣ ହୋମଗାର୍ଡ ଏବଂ ୩୨ ସେକ୍ସନ ଫୋର୍ସ ନିୟୋଜିତ ରହିବେ।



ଗୁରୁପୂର୍ଣ୍ଣିମା ଅବସରରେ ରବିବାର ପୁରୀ ଗୋବର୍ଦ୍ଧନ ପୀଠରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ରାଜ୍ୟପାଳ ରଘୁବର ଦାସ ପୁଷ୍ପମାଳା ଅର୍ପଣ କରି ପ୍ରଣାମ କରୁଛନ୍ତି । (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଦେବୀନଦୀ ଶିଖରଘାଟରୁ ବେଆଇନ ବାଲି ଲୁଟ୍

ଯୋଗେଶ୍ୱରପୁର,୨୧।୭
(ରଶ୍ମିରଞ୍ଜନ ସାହୁ)

ନୟାହାଟ ବଜାରଠାରୁ ୫ କିଲୋମିଟର ଦୂରବର୍ତ୍ତୀ ଦେବୀନଦୀର ଶିଖରଘାଟରୁ କୋଟି କୋଟି ଟଙ୍କାର ବାଲି ଲୁଟ୍ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ଘଟଣା ଏବେ ପଦାକୁ ଆସିଛି।

ପ୍ରକାଶ ଯେ, ପୂର୍ବ ସରକାରଙ୍କ ସମୟରେ ଦେବୀନଦୀର ଶିଖରଘାଟ, ପୋକାମୂଳ ଘାଟରୁ ମେଶିନ ସାହାଯ୍ୟରେ ରାତି ଅଧରେ ଓଦା ବାଲି ନଦୀ ଗର୍ଭରୁ ଉଠାଇବା ଘଟଣା ସାମ୍ନାକୁ ଆସିଛି। ଏହି ବାଲି ଚୋରା ଚାଲାଣକୁ ବିରୋଧ କରିବା ସହିତ ନୟାହାଟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ବାଲିଘାଟ ପାଇଁ ଆବଶ୍ୟକ କେଫର୍ମ, ଟିପି ଫର୍ମ ଡଫର ମାଲିକଙ୍କ ପାଖରେ ନାହିଁ। ଗାଁଗଣ୍ଡା ରାସ୍ତାରେ ୧୫ରୁ ୨୫ଟନ୍ ଗାଡ଼ି ଚାଲିପାରିବ। କିନ୍ତୁ ଡଫର ମାଧ୍ୟମରେ ୫୦ରୁ ଉର୍ଦ୍ଧ୍ୱ ଟନ ବାଲି ଆଣିବା ଦ୍ୱାରା ନୟାହାଟରୁ ଶିଖରଘାଟ ରାସ୍ତା ନଷ୍ଟ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ବେଆଇନ ଭାବେ ବାଲି ଚାଲାଣ ହେବା ଫଳରେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେଉଛି। ଜିଲା ବାହାରୁ ବାଲି ମାଫିଆମାନେ ଦେବୀନଦୀରୁ ରାତି ଅଧରେ ବାଲି ଲୁଟ୍ କରୁଛନ୍ତି। ବାଲି ଘାଟ ଚୋରା ଚାଲାଣ ରୋକିବାକୁ ମାଇନିସ ବିଭାଗ ଉପରେ ନେସ୍ତ ରହିଥିବାବେଳେ ସେମାନେ ଆଦୌ ଚଢ଼ାଉ କରୁନାହାନ୍ତି। ପ୍ରତିଦିନ ଶହ ଶହ ବାଲି ଗାଡ଼ି ନୟାହାଟ ଅଞ୍ଚଳ ଦେଇ ଯିବା ଫଳରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ବାଲି ଗାଡ଼ି ଚେକ କରାଯାଉନାହିଁ। ଏ ସମ୍ପର୍କରେ ଗୋପ ତହସିଲଦାର ରଞ୍ଜନ ପରିଡ଼ାଙ୍କୁ ପଚାରିବାରେ, ତାଙ୍କ ପାଖରେ ଏନେଇ ଅଭିଯୋଗ ନାହିଁ। ଅଭିଯୋଗ ହେଲେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

## କାର୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ଯାଁଳା,୨୧।୭(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ମହୁରା ଛକ ନିକଟରେ ରବିବାର କାର୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତମାଣ୍ଡୋ ଥାନା ଅନ୍ତର୍ଗତ ମହୁରା ରାସ୍ତାରେ ରହୁଥିବା ବିନୋଦିନୀ ଦାସ(୬୫)। ସୂଚନା ମୁତାବକ, ସକାଳ ପ୍ରାୟ ୯ଟାରେ ଝିଅକୁ ଛାଡିବା ପାଇଁ ବିନୋଦିନୀ ମହୁରା ଛକକୁ ଆସିଥିଲେ। ଝିଅକୁ ଛାଡି ସେ ରାସ୍ତା ପାର ହୋଇ ଘରକୁ ଫେରୁଥିବା ବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପରିତ୍ୟକ୍ତ ଅବସ୍ଥାରେ ଗୋଡ଼ିପୋଖରୀ

ବେଗୁନିଆ,୨୧।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ପୋଷ୍ଟ ଅଫିସ ସମ୍ମୁଖ ତଥା ୫୭ନଂ. ଜାତୀୟ ରାଜପଥ କଡରେ ଥିବା ଗୋଡ଼ିପୋଖରୀ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଗୋରୁ ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି। ପଞ୍ଚାୟତ ପକ୍ଷରୁ ଏହି ପୋଖରୀଟି ନିଲାମ ଦିଆଯାଉଥିବା ବେଳେ ସେ ବାବଦରେ ପଞ୍ଚାୟତ ତହବିଲକୁ ପ୍ରତିବର୍ଷ କିଛି ଅର୍ଥ ଆସିଥାଏ। ତେବେ ପୋଖରୀର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ପୋତି ହେବାକୁ ବସିଲାଣି। ପୋଖରୀରେ ପାଣି କମ୍ ଥିବାବେଳେ ଦଳ ଏବଂ ଅନାବନା ଗଛରେ ଭର୍ତ୍ତି ହୋଇଛି। ପୋଖରୀର ପାହାଚଗୁଡ଼ିକ ମଧ୍ୟ ନଷ୍ଟ ହୋଇଗଲାଣି। ପୋଖରୀରୁ ଦଳ ସଫା କରାଯିବା ସହ ମାଟି ଉଠାଇବା ପାଇଁ ପଦକ୍ଷେପ ନିଆଗଲେ ଗ୍ରାମବାସୀ ଉପକୃତ ହୋଇପାରନ୍ତେ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦର ବାର୍ଷିକ ଅଧିବେଶନ



ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)

ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ ଡିଏଲ୍ କଲୋନୀସ୍ଥିତ ଭୁବନେଶ୍ୱରୀ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଧିବେଶନରେ ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉନ୍ନୟନ ପରିଷଦର ବାର୍ଷିକ ବିବରଣୀ ପୁସ୍ତିକା ଉନ୍ମୋଚନ ହୋଇଥିଲା। ପରିଷଦର କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ ଆର୍ଥିକ ବିବରଣୀ ରଖିଥିଲେ। ବାଣୀବିହାର ଗେଟରେ ପାଚେରି ନିର୍ମାଣ ଓ ସୈନିକ ସ୍କୁଲ ପାଖରେ ଅଳିଆ ଗଦାକୁ ସଦସ୍ୟ ମାନେ ତିବ୍ର ବିରୋଧ କରିବା ସହିତ ଲକ୍ଷ୍ମୀ ବିହାରକୁ ରାସ୍ତା, ରେଳ ଓଭରବ୍ରିଜ ନିର୍ମାଣ, ରାସ୍ତା ଉପରେ ମାଂସକଟା ବନ୍ଦ କରିବା, ଜବରଦଖଲ ହଟାଇବା ଆଦି ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ୨ବର୍ଷ ପାଇଁ କାର୍ଯ୍ୟନିର୍ବାହୀ ସମିତିର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତାରିଣୀ ପାଢ଼ି ନିର୍ବାଚନ ପରିଚାଳନା କରିଥିବା ବେଳେ ଯୁଗ୍ମ-ସମ୍ପାଦକ ପ୍ରତାପ କୁମାର ନନ୍ଦ, ନିମାଇଁ ଚରଣ ଦାସ, ଧରଣୀଧର ରାଉତ, ରାମ ଚନ୍ଦ୍ର ସାମଲ ପ୍ରମୁଖ ବହୁ ସଦସ୍ୟ ଯୋଗଦେଇଥିଲେ। ଶିତଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ, କର୍ମଚାରୀଙ୍କୁ ପେନସନ୍ ପ୍ରଦାନ କରାଯାଉ

ଫୁଲନଖରା,୨୧।୭(ସତ୍ୟ ରଞ୍ଜନ ଦାସମହାପାତ୍ର)

ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ସାଧାରଣ ଅଧିବେଶନ ରବିବାର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ, ଓଡ଼ିଶା ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଏଥିରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୫୧ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ କରିବାକୁ ୨୦୨୪ ଜାନୁଆରୀ ୩୧ରେ ଆନ୍ତଃ ମନ୍ତ୍ରିମଣ୍ଡଳ କମିଟିରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏଯାବତ୍ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ହୋଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏଭଳି ସ୍ପର୍ଶକାତର ଓ ସମ୍ବେଦନଶୀଳ ସମସ୍ୟାର ସମାଧାନ ପାଇଁ ନୂତନ ମୁଖ୍ୟମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସଂଘ ଦାବି କରିଛି। କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ଦେବାନନ୍ଦ ସାହୁ, ଦାମୋଦର ଦାଶ, ଉମାକାନ୍ତ ଷଡ଼ଙ୍ଗୀ, ସୁଶାନ୍ତ ମଲ୍ଲିକ, ଶରତ ମଲ୍ଲିକ, ବୁଦ୍ଧଦେବ ସ୍ୱାଇଁ, ମନତୋଷ ବେହେରା, ମନୋଜ ରଥ, ପ୍ରଦୀପ ମହାପାତ୍ର, ସ୍ମୃତିରେଖା ମିଶ୍ର, ନେପାଳ ଦୁହାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।




ଭୁବନେଶ୍ୱରସ୍ଥିତ ଏଲ୍ .ଏନ. ଲାଫଟର ଏକ୍ସରସାଇଜ୍ କ୍ଲବ ତରଫରୁ ନୟାପଲ୍ଲୀ ନୂଆସାହିସ୍ଥିତ ୱାଇଏମ୍‌ସିଏ ପରିସରରେ ଅନୁଷ୍ଠିତ ରକ୍ତ ପରୀକ୍ଷା ଶିବିର ।




ପଟିଆ ସାଇ ଶକ୍ତି ଟ୍ରଷ୍ଟ ପକ୍ଷରୁ ପଟିଆ ଶ୍ମଶାନରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ ରାଉତ , ୱାର୍ଡ ନଂ.୧ର କର୍ପୋରେଟର ମିହିର ରାଉତ ଓ ଟ୍ରଷ୍ଟ କର୍ମକର୍ତ୍ତାମାନେ।

## ସଂକ୍ଷେପରେ

### କାର୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ଝାଁଳା,୨୧।୭(ବୁଲା ବାରିକ)**

ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ମହୁରା ଛକ ନିକଟରେ ରବିବାର କାର୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତମାଣ୍ଡୋ ଥାନା ଅନ୍ତର୍ଗତ ମହୁରା ରାସ୍ତାରେ ରହୁଥିବା ବିନୋଦିନୀ ଦାସ(୬୫)। ସୂଚନା ମୁତାବକ, ସକାଳ ପ୍ରାୟ ୯ଟାରେ ଝିଅକୁ ଛାଡିବା ପାଇଁ ବିନୋଦିନୀ ମହୁରା ଛକକୁ ଆସିଥିଲେ। ଝିଅକୁ ଛାଡି ସେ ରାସ୍ତା ପାର ହୋଇ ଘରକୁ ଫେରୁଥିବା ବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସେବା ପାଇଁ ସମର୍ପିତ ସ୍ୱୟଂସେବକ

**ଟାଙ୍ଗୀ,୨୧।୭(ରଘୁନାଥ ସାହୁ)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଟାଙ୍ଗୀ ଖଣ୍ଡର ଜୟୀ ରାଜଗୁରୁ ପ୍ରଭାତ ଶାଖାର ଶ୍ରୀଗୁରୁ ଦକ୍ଷିଣା କାର୍ଯ୍ୟକ୍ରମ ବଳରାମ ଦେବ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଖୋର୍ଦ୍ଧା ଜିଲା ସହ ସଂଘ ଚାଳକ ଲଳିତ ନାରାୟଣ ମହାପାତ୍ର ଅତିଥିଭାବେ ଯୋଗଦେଇ ସ୍ୱୟଂ ସେବକମାନେ ସମାଜ ସେବା ପାଇଁ ସମର୍ପିତ ବୋଲି କହିଥିଲେ। ଜ୍ଞାନରଞ୍ଜନ ରଣା, ଗଙ୍ଗାଧର ବେହେରା, ତ୍ରିନାଥ ମହାନ୍ତି, ଶୁଭମ ମହାନ୍ତି, ରତିକାନ୍ତ ପ୍ରଧାନ, ମାନସ ଜେନା, ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସମାଜରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)**

ଗୋଡ଼ିପୋଖରୀ ସ୍ଥିତ ବ୍ରହ୍ମ କୁମାରୀ ସେବାକେନ୍ଦ୍ର ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ଅନୁରାଧାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଗୁରୁଙ୍କୁ ଫୁଲ, ଚନ୍ଦନ ଦେଇ ପୂଜା କରାଯାଇଥିଲା। ଶିକ୍ଷାବିତ୍ ପତିତପାବନ ଦଳାଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଉତ୍ସବର ମାହାତ୍ମ୍ୟ, ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ କହିଥିଲେ। ବ୍ରହ୍ମକୁମାର ଜୟଶଙ୍କର କହିଥିଲେ, ସମାଜରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବ୍ରହ୍ମ କୁମାର ଗୋବିନ୍ଦ, ରାମଚନ୍ଦ୍ର, ବ୍ରହ୍ମକୁମାରୀ କନକଲତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବେଦ ପାଠଶାଳାରେ ଶ୍ରୀବ୍ୟାସ ଜୟନ୍ତୀ

**ନିରାକାରପୁର,୨୧।୭(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ନିକଟ ଶ୍ରୀ ଦେବୌ ଶୁକ୍ଳ ଯଜୁର୍ବେଦ କାଣ୍ଡ ବେଦ ପାଠଶାଳାରେ ଶ୍ରୀବ୍ୟାସ ଜୟନ୍ତୀ ପାଳିତ ହୋଇଯାଇଛି। କୃପାସିନ୍ଧୁ ପଣ୍ଡା, ପଣ୍ଡିତ ତପନ ମହାପାତ୍ର, ପଣ୍ଡିତ ନଳିନୀକାନ୍ତ ନନ୍ଦ, ପଣ୍ଡିତ ବସନ୍ତ ପଣ୍ଡା, ମଦନ ମୋହନ ବରାଳ ଏବଂ ବେଦ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ବ୍ୟାସଦେବଙ୍କ ପୂଜାର୍ଚ୍ଚନା କରାଯାଇ ବ୍ୟାସ ବନ୍ଦନା ଓ ଗୁରୁଦେବାଷ୍ଟକ ପାଠ କରାଯାଇଥିଲା। ବ୍ୟାସଦେବ ଓ ଆଦି ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଜୀବନୀ ସମ୍ପର୍କରେ ଆଲୋଚନାଚକ୍ର ହୋଇଥିଲା।

# କ୍ୟାବିନମୁକ୍ତ ସହର ହୋଇପାରୁନି ଖୋର୍ଦ୍ଧା

## ଥଇଥାନ ଅପେକ୍ଷାରେ ବ୍ୟବସାୟୀ

**ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିଚାଲିଛି। ରାସ୍ତାକଡ଼ ଉଠାଦୋକାନୀ, ଅବରୋଧ ଡ୍ରେନେଜ ଏବଂ ରାସ୍ତାକୁ ଲାଗିରହିଥିବା କ୍ୟାବିନ ଏହାର ପ୍ରମୁଖ କାରଣ। ମାରୱାଡିପଟି, ପୁରୁଣା ବସ୍‌ଷ୍ଟାଣ୍ଡ, ସମବାୟ ଛକଠାରୁ ଏସ୍‌ବିଆଇ ଛକ ପର୍ଯ୍ୟନ୍ତ ପ୍ରାୟ ୫୪୦ କ୍ୟାବିନ ରହିଛି। ଖୋର୍ଦ୍ଧା ସମେତ ଆଖପାଖ ଗ୍ରାମର ଲୋକେ ଦୀର୍ଘ ବର୍ଷ ଧରି ବ୍ୟବସାୟ କରିଆସୁଛନ୍ତି। ଅଧିକାଂଶ କ୍ୟାବିନ ଡ୍ରେନ୍ ଉପରେ ରହିଛି। ଡ୍ରେନକୁ ଅବରୋଧ ମୁକ୍ତ କରିବାକୁ ହେଲେ କ୍ୟାବିନଗୁଡିକୁ ଉଚ୍ଛେଦ କରିବାକୁ ପଡିବ। କ୍ୟାବିନ ଉଚ୍ଛେଦ ହେଲେ ବେପାର କେଉଁଠି କରିବେ, ତାହାକୁ ନେଇ ବେପାରୀଙ୍କ ମଧ୍ୟରେ ଭାଳେଣି ପଡିଛି। ଦୀର୍ଘ ବର୍ଷ ଧରି କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପ୍ରଶାସନ ପକ୍ଷରୁ ଯୋଜନା ଚାଲିଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ସହର ସୌନ୍ଦର୍ଯ୍ୟକରଣରେ କ୍ୟାବିନ ବାଧକ ସାଜିଛି ବୋଲି ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି।

ରାସ୍ତା ଉପରେ ଦୋକାନ ଗଢ଼ିଉଠିଥିବାରୁ ସାମଗ୍ରୀ କିଣିବା ଲାଗି ଆସୁଥିବା ଲୋକେ ଗାଡ଼ି ରାସ୍ତା ଉପରେ ପାର୍କିଂ କରୁଛନ୍ତି। ଫଳରେ ପୁରୁଣା ବସଷ୍ଟାଣ୍ଡଠାରୁ ଗୋଡି ପୋଖରୀ ଛକ ଏବଂ ଟ୍ରାଫିକ ଛକଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଉଠାଦୋକାନୀ ଏବଂ ରାସ୍ତା ଉପରେ ପସରା ମେଲାଇଥିବା ଦୋକାନୀଙ୍କୁ ଉଚ୍ଛେଦ ଲାଗି ପୌର ପ୍ରଶାସନ ପକ୍ଷରୁ ନୋଟିସ କରାଯାଇଥିଲା। ତେବେ ଏଯାବତ୍ ଜବରଦଖଲ ହଟାଯାଇପାରିନାହିଁ। ସହରର ସୌନ୍ଦର୍ଯ୍ୟକରଣ, ଟ୍ରାଫିକ ନିୟନ୍ତ୍ରଣ ଏବଂ ଡ୍ରେନ ସମସ୍ୟା ସୁଧାରିବା ଲାଗି ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରଶାସନିକ ସ୍ତରରେ ସ୍ଥିର ହୋଇଥିବା ଜଣାପଡ଼ିଛି।

ସୂଚନାଥାଉ କି, ୨୦୦୩ ମସିହାରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଜିଲା ପ୍ରଶାସନ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ତତ୍କାଳୀନ ଜିଲାପାଳ, ପୌର କାର୍ଯ୍ୟନିର୍ବାହୀ, ବ୍ୟବସାୟୀ ସଂଘ ସହ ଆଲୋଚନା ହୋଇଥିଲା। ହାବେଳି ପଡିଆରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ନିଷ୍ପତ୍ତି ହୋଇଥିଲା। ଏଥିଲାଗି ପ୍ରତି ବ୍ୟବସାୟୀଙ୍କଠାରୁ ଜଣଙ୍କ ପିଛା ୩ହଜାର ଟଙ୍କା ଲେଖାଏ ସଂଗ୍ରହ କରାଯାଇଥିଲା। ପ୍ରାୟ ୧୫ଲକ୍ଷ ଟଙ୍କା ପୌର ପ୍ରଶାସନ ପକ୍ଷରୁ ସଂଗ୍ରହ ହୋଇଥିଲା। ଆଦାୟ ଅର୍ଥରେ ଚାରିପଟ ପାଚେରି ଏବଂ ପଡିଆକୁ ସମତୁଲ କରିବାରେ ବ୍ୟାପକ ଅର୍ଥ ଖର୍ଚ୍ଚ ହୋଇଥିବା ପୌର ପ୍ରଶାସନ ପକ୍ଷରୁ କୁହାଯାଇଛି। କ୍ୟାବିନ ସମସ୍ୟା ସମାଧାନ ଲାଗି ପୂର୍ବତନ ବେଗୁନିଆ ବିଧାୟକ ତଥା ବ୍ୟବସାୟୀ ମହାସଂଘ ସଭାପତି ରାଜେନ୍ଦ୍ର ସାହୁ ବିଧାନସଭାର ଶୂନ୍ୟକାଳରେ ପ୍ରଶ୍ନ ଉଠାଇଥିଲେ। ୫୪୦କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ପୌର ପ୍ରଶାସନ ପକ୍ଷରୁ ୩୪କୋଟି ଟଙ୍କା ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହାକୁ ରଦ୍ଦ କରିଦିଆଗଲା। ଏ ସମ୍ପର୍କରେ ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି କହିଛନ୍ତି, ସହରରେ ୫ଟି ସ୍ଥାନରେ ଭେଣ୍ଡିଂ ଜୋନ ନିର୍ମାଣ ଚାଲିଛି। ସେଠାରେ ପ୍ରାଥମିକ ପର୍ଯ୍ୟାୟରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ଲାଗି ଯୋଜନା ରହିଛି।

# ପରିତ୍ୟକ୍ତ ଅବସ୍ଥାରେ ଗୋଡ଼ିପୋଖରୀ



**ବେଗୁନିଆ,୨୧।୭(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ପୋଷ୍ଟ ଅଫିସ ସମ୍ମୁଖ ତଥା ୫୭ନଂ. ଜାତୀୟ ରାଜପଥ କଡରେ ଥିବା ଗୋଡ଼ିପୋଖରୀ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଗୋରୁ ଏହି ପୋଖରୀ ଉପରେ ନିର୍ଭର କରିଥାନ୍ତି। ପଞ୍ଚାୟତ ପକ୍ଷରୁ ଏହି ପୋଖରୀଟି ନିଲାମ ଦିଆଯାଉଥିବା ବେଳେ ସେ ବାବଦରେ ପଞ୍ଚାୟତ ତହବିଲକୁ ପ୍ରତିବର୍ଷ କିଛି ଅର୍ଥ ଆସିଥାଏ। ତେବେ ପୋଖରୀର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବେ ପୋତି ହେବାକୁ ବସିଲାଣି। ପୋଖରୀରେ ପାଣି କମ୍ ଥିବାବେଳେ ଦଳ ଏବଂ ଅନାବନା ଗଛରେ ଭର୍ତ୍ତି ହୋଇଛି। ଫଳରେ ପୋଖରୀ ଉପରେ ନିର୍ଭର କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୋଖରୀର ପାହାଚଗୁଡିକ ମଧ୍ୟ ନଷ୍ଟ ହୋଇଗଲାଣି। ପୋଖରୀରୁ ଦଳ ସଫା କରାଯିବା ସହ ମାଟି ଉଠାଇବା ପାଇଁ ପଦକ୍ଷେପ ନିଆଗଲେ ଗ୍ରାମବାସୀ ଉପକୃତ ହୋଇପାରନ୍ତେ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।




**ଜଟଣୀ:** ରେତଙ୍ଗକଲୋନୀ ସେବା କ୍ଲବ ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସ୍କାଉଟ୍ସ ଗାଇଡ୍ସ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

### ସେବା କ୍ଲବ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଜଟଣୀ,୨୧।୭(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ପୌରାଞ୍ଚଳ ରେତଙ୍ଗକଲୋନୀ ଠାରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେତଙ୍ଗକଲୋନୀ ସେବା କ୍ଲବ ପକ୍ଷରୁ ଆୟୋଜିତ ଓ ଭାରତ ସ୍କାଉଟ ଏବଂ ଗାଇଡ୍ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଏଚଆଇ ପବନ କୁମାର, ଆଇଓଡବ୍ଲୁ ଇନଚାର୍ଜ ନିଲଭ କୁମାର ପ୍ରମୁଖ ଯୋଗଦେଇଥିଲେ। କ୍ଲବର ସଭାପତିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମରେ ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ର ସ୍ୱଚ୍ଛ ପରିବେଶ, ଚାରା ରୋପଣ, ଜଳ ସଂରକ୍ଷଣ, ଉଚିତ ଜଳ ବ୍ୟବହାର, ଡଷ୍ଟବିନ ବ୍ୟବହାର ଉପରେ ପ୍ଲାକାର୍ଡ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଅନୁଷ୍ଠାନର ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# କମ୍ୟୁନିଟି ହଲ୍, ଯଜ୍ଞ ମଣ୍ଡପ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅତିଥି।

**ବୋଲଗଡ଼,୨୧।୭(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ପିଟୁକୁଳି ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପରିସରରେ ୧୩ ଲକ୍ଷ ଟଙ୍କାର ସରକାରୀ ଅନୁଦାନରେ ନିର୍ମାଣ ହୋଇଥିବା କମ୍ୟୁନିଟି ହଲ୍ ଓ ଯଜ୍ଞ ମଣ୍ଡପକୁ ରବିବାର ବିଧାୟକ ପ୍ରଦୀପ କୁମାର ସାହୁ ଉଦ୍‌ଘାଟନ କରିଛନ୍ତି। ଅତିଥିଭାବେ ବଡ଼କୁମାରୀ ସରପଞ୍ଚ ତଥା ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ, ସମିତିସଭ୍ୟ ସଞ୍ଜୟ କୁମାର ଗୁମାନସିଂ, ଜିଲା ସମବାୟ ଡାଇରେକ୍ଟର ପବିତ୍ର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ପିଟୁକୁଳିର ବିକାଶମୂଳକ କାର୍ଯ୍ୟ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟକ କହିଛନ୍ତି। ପ୍ରମୋଦ ପ୍ରତାପସିଂ, ଭିକାରୀ ସାହୁ, ଭାଗି ଛୁଆଳସିଂ, ଗୋପାଳକୃଷ୍ଣ ଫତେସିଂ, ଭରତ ଶ୍ରୀଚନ୍ଦନ, ଦିଲୀପ ପାଇକରାୟ, ଆଲୋକ ପାହାଡ଼ସିଂ, ରତିକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ଗୁରୁ ପୂର୍ଣ୍ଣିମା

# ଗୁରୁ ଶ୍ରେଷ୍ଠ ମାର୍ଗଦର୍ଶକ

**ଟାଙ୍ଗୀ,୨୧।୭(ରଘୁନାଥ ସାହୁ)**

ଚାନ୍ଦପୁର ସରସ୍ୱତୀ ଶିଶୁମନ୍ଦିର ପରିସରରେ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଖୋର୍ଦ୍ଧା ଜିଲା ସହ ସଂଘ ଚାଳକ ଲଳିତ ନାରାୟଣ ମହାପାତ୍ର, ବିଦ୍ୟାଳୟର ପୂର୍ବତନ ସଭାପତି ଅକ୍ଷୟ ପଟ୍ଟଯୋଶୀ ପ୍ରମୁଖ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ଗରୁମା ସ୍ନିଗ୍ଧାମୟୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଣତୀ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଛାତ୍ରୀ ସ୍ୱୟଂବିକା ରାଜ ନନ୍ଦିନୀ, ଚିନ୍ମୟୀ ଶତପଥୀ, ଯାଜ୍ଞସେନୀ ସାହୁ, ସ୍ୱାଗତିକା ନାୟକ ପ୍ରମୁଖ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଶ୍ରୁସିକ୍ତା ପ୍ରିୟଦର୍ଶିନୀ ପଲେଇ, ଶ୍ରୀକାନ୍ତ ଅବଧାନ, ବିକାଶ ମହାପାତ୍ର ଜ୍ୟୋତିର୍ମୟୀ ପ୍ରଧାନ, ଭବାନୀ ଦେଇ, ବିଶ୍ୱଶ୍ରୀ ରାମ,



ଜ୍ୟୋତ୍ସ୍ନାମୟୀ ପଟ୍ଟନାୟକ, ବେବଲିନ ରାଉତ, କୁନି ସାମନ୍ତରାୟ, ଜାନକୀ ସାହୁ, ସୂର୍ଯ୍ୟମଣି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ):** ବାଣପୁର ସ୍ଥିତ ଶ୍ରୀରଙ୍ଗନାଥ ଦେବ ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ) ବାଣପୁର ଖଣ୍ଡ ମଦନମୋହନ ପ୍ରଭାତ ଶାଖା ପକ୍ଷରୁ ଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ପବିତ୍ର ଗୈରିକ ଧ୍ୱଜା ତଳେ ସ୍ୱୟଂସେବକମାନେ ଏକାଠି ହୋଇ ଗୁରୁବନ୍ଦନା କରିଥିଲେ। ସାମୂହିକ ସଂଘ ଗୀତ ଗାନ କରିଥିଲେ। ଏହା ପରେ ବାଣପୁର ଖଣ୍ଡ ସଂଘଚାଳକ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ସେନାପତି ଯୋଗଦେଇ ଗୁରୁପୂର୍ଣ୍ଣିମାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଖଣ୍ଡ କାର୍ଯ୍ୟବାହ ପ୍ରଶାନ୍ତ କୁମାର ସୁପକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଜଟଣୀ,(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ସହର ଏବଂ ଆଖପାଖ ଗ୍ରାମାଞ୍ଚଳରେ ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ସାଇ ବିହାରସ୍ଥିତ ସିରିଡି ସାଇ ମନ୍ଦିର, ଟ୍ରାଫିକ କଲୋନୀ, ରେଲୱେ ଗୋଲେଇ ମାର୍କେଟ, ଗଜପତି ନଗର, ଲୋକ୍‌କଲୋନୀ, ହାଟବଜାର ଆଦି ଅଞ୍ଚଳରେ ଥିବା ଶ୍ରୀଶିରିଡି ସାଇ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିବା ଦେଖିବାକୁ ମିଳିଥିଲା। ସକାଳେ ଭକ୍ତମାନଙ୍କ ବିଭିନ୍ନ ମନ୍ଦିରରେ ଭିଡ଼ ଜମିଥିଲା। ଶ୍ରୀଗଣେଶଙ୍କ ଆବାହନ, କ୍ଷୀର ଏବଂ ପଞ୍ଚାମୃତ ଅଭିଷେକ, ହୋମ, ସାଇ ସତଚରିତ୍ର ପାରାୟଣ ଆଦି ହୋଇଥିବା ବେଳେ ସନ୍ଧ୍ୟାରେ ପାଲିଙ୍କି ନଗର ପରିକ୍ରମା କରାଯାଇଥିଲା।

**ବାଣପୁର,(ଦିଲୀପ ସ୍ୱାଇଁ):** ଗୁରୁ ପୂର୍ଣିମା ଅବସରରେ ବାଣପୁରର ଶିରିଡି ସାଇ ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା। କାକଡ଼ ଆରତି ପରେ ଶିରିଡି ସାଇବାବାଙ୍କ ମହାସ୍ନାନ ପରେ ହୋମାଦିକର୍ମ ଅନୁଷ୍ଠିତ ହୋଇଥିଲା। ଏହି ହୋମ କାର୍ଯ୍ୟକ୍ରମକୁ କର୍ତ୍ତା ଶଶାଙ୍କ ମାର୍ଥା ସପତ୍ନୀକ ନିର୍ବାହ କରିଥିଲେ। ସନ୍ଧ୍ୟାରେ ଆରତି ପରେ ପାଲିଙ୍କିରେ ଶତାଧିକ ଶ୍ରଦ୍ଧାଳୁ ବାବାଙ୍କୁ ନେଇ ନଗର ପରିକ୍ରମା କରିଥିଲେ। ସେହିପରି ବାଣପୁରର ସତ୍ୟ ସାଇ ମନ୍ଦିରରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି।

# ଅନ୍ନପୂର୍ଣ୍ଣା ଦିବସ ପାଳିତ



**ବାଲୁଗାଁ,୨୧।୭(ସଂଗ୍ରାମ ପାଇକରାୟ)**

ବାଣପୁର-ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ ପାଳନ ଅବସରରେ ବାଣପୁର ସବ୍‌ଜେଲ ନିକଟ ଲଡୁକେଶ୍ୱର ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଛି। ଏଥିସହ ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ଓ ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଶ୍ୟାମସୁନ୍ଦର ପୃଷ୍ଟି, ସମ୍ପାଦକ ଅଶୋକ କୁମାର ନାୟକ, ପୂର୍ବତନ ସଭାପତି ବିଜୟ କୁମାର ନନ୍ଦ, ଧୀରେନ୍ଦ୍ର ନାଥ ପାତ୍ର, ଅଶୋକ କୁମାର ପାତ୍ର, ରବିନାରାୟଣ ନାୟକ, ଜଗଦୀଶ ପ୍ରସାଦ ଲାଖୋଟିଆ, ରିନାରାୟଣ ପାଲ, ନନ୍ଦକିଶୋର ମିଶ୍ର, ରବୀନ୍ଦ୍ର ନାଥ ପ୍ରଧାନ, ସୋମନାଥ ସୁବୁଦ୍ଧି, ହିମାଂଶୁ ପାତ୍ର, ସଚ୍ଚିଦାନନ୍ଦ ସେଠୀ, ପ୍ରମୋଦ ପୃଷ୍ଟି, ଡ.ଚିନ୍ତାମଣି ମିଶ୍ର, ଡ.ସୁନୀଲ ପଟ୍ଟନାନୟକ, ମନୋରଞ୍ଜନ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୨୮ ତାରିଖରେ ବାଲୁଗାଁ ଅଶୋକନଗର ସ୍ଥିତ ଉମାମହେଶ୍ୱର ବଣିକ ସଂଘ ସଭାଗୃହରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି କ୍ଲବର ସଭାପତି ସୂଚନା ଦେଇଛନ୍ତି।

# ତ୍ରିକଳିଙ୍ଗ ପତ୍ରିକାର ୬ଷ୍ଠ ବାର୍ଷିକୋତ୍ସବ



**ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)**

ତ୍ରିକଳିଙ୍ଗ ପତ୍ରିକାର ୬ଷ୍ଠ ବାର୍ଷିକୋତ୍ସବ ଏବଂ ଦ୍ୱିତୀୟ ସଂଖ୍ୟା ଉନ୍ମୋଚନ ଉତ୍ସବ ସ୍ଥାନୀୟ ଗୀତାଭବନ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତ୍ରିକଳିଙ୍ଗ ସଭାପତି ଡ.ପ୍ରଫୁଲ୍ଲ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଗବେଷକ ଅଜୟ କୁମାର ପାତ୍ର, ଡ.ସୁନୀତ ପଟ୍ଟନାୟକ ପ୍ରମୁଖ ଯୋଗଦେଇ କହିଥିଲେ, କୋଣାର୍କ ମନ୍ଦିର ନିର୍ମାଣ ପାଇଁ ୧୧ବର୍ଷ ୮ମାସ ୩ଦିନ ସମୟ ଲାଗିଥିଲା। ଧର୍ମପଦ ୫ଦିନ ୫ରାତି ଅବିଶ୍ରାନ୍ତ ପରିଶ୍ରମ କରି ପ୍ରାୟ ୧୬ଜଣ ଶିଳ୍ପୀଙ୍କୁ ନେଇ କୋଣାର୍କ ମନ୍ଦିର ମୁଣ୍ଡି ମାରିଥିଲେ। ମୁଣ୍ଡି ମାରିବା ପରେ ସେ ସମୁଦ୍ରକୁ ଡେଇଁପଡ଼ିଥିଲେ। କୋଣାର୍କ ମନ୍ଦିର ପ୍ରତିଷ୍ଠା ସମ୍ପର୍କରେ ବହୁ ଅନାଲୋଚିତ ପ୍ରସଙ୍ଗ ଉପରେ ଉଭୟ ଗବେଷକ ଆଲୋକପାତ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଦିଲୀପ ପଟ୍ଟନାୟକ, ସାମାଜିକ କର୍ମୀ ରାମଶଙ୍କର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କବୟିତ୍ରୀ ଚପଳ ପଣ୍ଡା, କବିତା ପଟ୍ଟନାୟକଙ୍କ ସଂଯୋଜନାରେ ବିକ୍ରମ ଚମ୍ପତି, ନୀଳାଦ୍ରି ଜଗଦ୍ଦେବଙ୍କ ସମେତ ୨୦ଜଣ କବି, କବୟିତ୍ରୀ କବିତା ପାଠ କରିଥିଲେ। ପତ୍ରିକାର ମୁଖ୍ୟ ସମ୍ପାଦକ ବୈକୁଣ୍ଠ ନାଥ ରାଜଗୁରୁ ଏହି ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମ୍ବିତ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ଗୋପାଳ କୃଷ୍ଣ ଦାସ ଧନ୍ୟବାଦ ଦେଇଥିଲେ।

# ସଚେତନ ହେଲେ ପରିବେଶ ସୁରକ୍ଷିତ ରହିବ

**ଖୋର୍ଦ୍ଧା/ଟାଙ୍ଗୀ/ଝାଁଳା,୨୧।୭ (ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ/ବୁଲା ବାରିକ)**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ଗ୍ରାମର ମହାବୀର କ୍ଲବ ସଦସ୍ୟମାନଙ୍କ ଦ୍ୱାରା ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ମୁଖ୍ୟ ଉପଦେଷ୍ଟା ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ସମରେନ୍ଦ୍ର ଶତପଥୀ, କ୍ଲବର ସଙ୍ଗଠକ ଜଗଦୀଶ ବେହେରା, ଧନଞ୍ଜୟ ଛୋଟରାୟ, ଶୁଭମ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଗ୍ରାମର ଖେଳପଡ଼ିଆ ଚତୁଃପାର୍ଶ୍ୱରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ସମାଜସେବୀ ଗୋପାଳକୃଷ୍ଣ ପ୍ରଧାନ, କ୍ଲବର ସଭାପତି ଗୁରୁ ପ୍ରସାଦ ଛୋଟରାୟ, ସମ୍ପାଦକ ପ୍ରମୋଦ ସାହୁ, କ୍ଲବର ପ୍ରତ୍ୟକ ସଦସ୍ୟ ନିଜ ମା'ଙ୍କ ନାମରେ ଗୋଟିଏ ଲେଖାଏ ଚାରା ଲଗାଇ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲେ। ସଚେତନ ହେଲେ ପରିବେଶ ସୁରକ୍ଷିତ ରହିବ ବୋଲି ମତପ୍ରକାଶ ପାଇଥିଲା। ଜ୍ଞାନ ରଞ୍ଜନ ରାଉତରାୟ, ଧର୍ମାନନ୍ଦ ନନ୍ଦ, ସନାତନ ରଣା, ନରୋତ୍ତମ ଛୋଟରାୟ, ରାକେଶ ରଣା, ଶ୍ରୀତମ ରଣା, ଗୁପ୍ତେଶ୍ୱର ସାହୁ, ସୁଶାନ୍ତ ରଣା, ସିଦ୍ଧାର୍ଥ ନାୟକ, ରୋହିତ କୁମାର ସାହୁ, ସୂର୍ଯ୍ୟକାନ୍ତ ବେହେରା, ଚିନ୍ତାମଣି ଛୋଟରାୟ, ସୁମନ କୁମାର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




ସେହିପରି ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଯୋଗ ଦେଇ ଚାରା ରୋପଣର ଆବଶ୍ୟକତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ ବାହୁବଳେନ୍ଦ୍ର ଯୋଗଦେଇ ସମସ୍ତେ ଗୋଟିଏ ଲେଖାଏ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ପରିଚାଳନା କମିଟି ସଦସ୍ୟ ସଦସ୍ୟାମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଶିକ୍ଷୟିତ୍ରୀ ମଞ୍ଜୁଲତା ଦେଇ, କୁମୁଦିନୀ ସାହୁ, ଗୀତାଞ୍ଜଳି ସାସମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ବଳରାମ ବେହେରା ଧନ୍ୟବାଦ ଦେଇଥିଲେ।

ଛତାବର ସ୍ଥିତ ମହାତ୍ମା ଗାନ୍ଧୀ କାରାଗାର ଓ ସଂସ୍କାର ସେବା ଏକାଡେମୀ ପରିସରରେ ରୋଟାରୀ କ୍ଲବ ଭୁବନେଶ୍ୱର କନଫ୍ଲୁଏନସ ପକ୍ଷରୁ ଚାରାରୋପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ପ୍ରୀତି କୁମାର ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରୀ ଜିଲା (୩୨୬୨)ର ସହ ପ୍ରାନ୍ତପାଳ ଶ୍ରୀଚନ୍ଦନ ମିଶ୍ର, ଅଶୋକ ସାମଲ, ଗଣେଶ୍ୱର ପ୍ରଧାନ, କ୍ଷୀରୋଦ ମିଶ୍ର, ଡା.କଳିଙ୍ଗିଙ୍କର ସେନାପତି, ବିଷ୍ଣୁ ଚରଣ ସାହୁ, ନୀଳାଚଳ ପ୍ରଧାନ, ବିଜୟ ସାମଲ, ପ୍ରନ୍ନତ କିଶୋର ଜେନା, ସମ୍ପାଦକ ରବୀନ୍ଦ୍ର ନାଥ ସାହୁ, ଏକାଡେମୀର ମୁଖ୍ୟ ଡା.ବୀରକିଶୋର ଦାସ ଏବଂ ଅନ୍ୟ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶ୍ରୀମନ୍ଦିର ହୁଣ୍ଡିରୁ ମିଳିଲା ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ହୁଣ୍ଡିରୁ ରବିବାର ୨୨ ଲକ୍ଷ ୩୧ ହଜାର ୬୪୨ ଟଙ୍କା ସମେତ ୧ ଗ୍ରାମ ୧୫୦ ମିଲିଗ୍ରାମ ସୁନା ଏବଂ ୩୧ ଗ୍ରାମ ୨୨୦ ମିଲିଗ୍ରାମ ରୁପା ମିଳିଛି। ହୁଣ୍ଡିରୁ ବାହାରିଥିବା ଏହି ଅର୍ଥ ଅନ୍ୟ ଦିନ ଅପେକ୍ଷା ଅଧିକ ରହିଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୁଣ୍ଡିରେ ଦାନ ଦେଇଥାନ୍ତି। ଏହି ଦାନ ମଧ୍ୟରେ ସୁନା, ରୁପା ସହ ଟଙ୍କା ରହିଥାଏ। ଯାହାକୁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବାହାର କରାଯାଇ ଗଣତି କରାଯାଇଥାଏ।

### ନୟାହାଟରେ ନାହିଁ ବସଷ୍ଟାଣ୍ଡ, ଯାତ୍ରୀ ବିଶ୍ରାମାଗାର

ଯୋଗେଶ୍ୱପୁର,୧୮।୭(ରଶ୍ମିରଞ୍ଜନ ସାହୁ)

ସ୍ୱାଧୀନତା ପରଠାରୁ ଭୋଟ ପରେ ଭୋଟ ଦେଇଚାଲୁଥିବା ନୟାହାଟ ଅଞ୍ଚଳବାସୀଙ୍କ ପାଇଁ ବସଷ୍ଟାଣ୍ଡ, ଯାତ୍ରୀ ନିବାସ, ଶୌଚାଳୟ, ବିଶ୍ରାମାଗାର ଦିବାସ୍ୱପ୍ନ ପାଲଟିଛି। ନୟାହାଟ ଏକ ବ୍ୟବସାୟିକ ଅଞ୍ଚଳ ହୋଇଥିବାବେଳେ କାକଟପୁର, ଅସ୍ତରଙ୍ଗ, ଗୋପ, ନିମାପଡ଼ା, ନିଆଳି, ଜଗତ୍‌ସିଂହପୁରର ୫ ହଜାରରୁ ଊର୍ଦ୍ଧ୍ୱ ବେପାରୀ ଓ ଚାଷୀ ପ୍ରତ୍ୟେକ ଏହି ଅଞ୍ଚଳ ଉପରେ ନିର୍ଭର କରନ୍ତି। ଏମାନଙ୍କ ସୁବିଧା ପାଇଁ ଏଠାରେ ଶୌଚାଳୟ ଓ ରହିବାକୁ ଯାତ୍ରୀନିବାସ ନ ଥିବାବେଳେ ଏମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶ୍ରାମାଗାର ପାଇଁ ୨ ଲକ୍ଷ ଟଙ୍କା ଆସିଥିବାବେଳେ ସରକାରଙ୍କ ପକ୍ଷରୁ ଜାଗା ଚିହ୍ନଟ ହୋଇପାରୁ ନ ଥିବାରୁ ତାହା ନିର୍ମାଣ ହୋଇପାରୁନାହିଁ। ଫଳରେ କଲେଜ ଛାତ୍ରୀଛାତ୍ର, ସାଧାରଣ ଜନତା ରାସ୍ତା ଉପରେ ଛିଡ଼ା ହୋଇ ଖରା, ବର୍ଷା, ଶୀତରେ ଘଣ୍ଟା ଘଣ୍ଟା ବସ୍‌କୁ ଅପେକ୍ଷା କରୁଛନ୍ତି। ନିର୍ଦ୍ଦିଷ୍ଟ ଏକ ବସଷ୍ଟାଣ୍ଡ ନ ଥିବାରୁ ସରକାରୀ ଜାଗା ଥାଇ ମଧ୍ୟ ବସଷ୍ଟାଣ୍ଡ ନିର୍ମାଣ ହୋଇପାରୁନାହିଁ। ଏ ସବୁ ସମସ୍ୟା ଦିଗରେ ପୁରୀ ଜିଲାପାଳ, ସ୍ଥାନୀୟ ବିଧାୟକ ଓ ବିଭାଗୀୟ ମନ୍ତ୍ରୀ ଦୃଷ୍ଟି ଦେବାକୁ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ସୁରେନ୍ଦ୍ର ମୋହନ ବିଟି, ଖବରଦାତା ହରେକୃଷ୍ଣ ମହାନ୍ତି, ରଶ୍ମିରଞ୍ଜନ ସାହୁ, ଶିକ୍ଷାବିତ୍ କାଳନ୍ଦୀ ପାତ୍ର, ପୂର୍ବତନ ସରପଞ୍ଚ ପ୍ରଣୟ ସାହୁ, ଜଙ୍ଗଲବୋରୀ ସରପଞ୍ଚ ପ୍ରଭାତୀ ସାହୁ, ଧୂମାଳ ସରପଞ୍ଚ ମୋନାଲିସା ସିଂ, ସମିତି ସଭ୍ୟା ଭାନୁମତୀ ମାଣିକ, ଯୁବନେତା ଅଭିମନ୍ୟୁ ସିଂ ପ୍ରମୁଖ ଦାବି କରିଛନ୍ତି।

### ସମାଜ ସଂସ୍କାରର ମୁଖ୍ୟ ଆଧାର ଗୁରୁ

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ରବିବାର ପୂଜ୍ୟପୂଜା ସଂସଦ ଏବଂ ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ ମିଳିତ ଆନୁକୂଲ୍ୟରେ ଗୁରୁବନ୍ଦନ ଓ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ ବକୁ ମହାବୀରଦେବ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ରାଜ୍ୟ ସଭାପତି କୃଷ୍ଣ ଜଗଦେବ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ ଅନାଦି ଶ୍ରୀଚନ୍ଦନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ ଗୁରୁକୁଳର ସ୍ଥାନ ଅନନ୍ୟ ବୋଲି କହିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷୟିତ୍ରୀ ଦେବସ୍ମିତା ପଟ୍ଟନାୟକ, ଅହଲ୍ୟା ମହାରଥା ଓ ଆଦର୍ଶ ଶିକ୍ଷକ ଧ୍ୱଜ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ହିଁ ସମାଜ ସଂସ୍କାରର ମୁଖ୍ୟ ଆଧାର ବୋଲି ସେ କହିଥିଲେ। ଶେଷରେ ସଂସଦର ସମ୍ପାଦକ ବିଶ୍ୱଜିତ ବଡ଼ଜେନା ଧନ୍ୟବାଦ ଦେଇଥିଲେ।

# କେନାଲ ଢ଼ଳେଇ କାମ ନିମ୍ନମାନର

ଡେଲାଙ୍ଗ,୨୧।୭(ରଶ୍ମିରଞ୍ଜନ ପ୍ରଧାନ)

କଣାସ ମୁଖ୍ୟ କେନାଲରୁ ବାହାରିଥିବା ଶାଖା କେନାଲ (ସେବାତୀପୁର ମାଇନର) ୨ ପାର୍ଶ୍ୱ କଂକ୍ରିଟ ଢଳେଇ କାମ ନିମ୍ନମାନର ହେଉଥିବା ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଇନାହିଁ। ଫଳରେ ଗତ ୮ ଦିନ ତଳେ ଢଳେଇ ପଡ଼ିଥିବା ସାଇଡ ୱାଲ ଏବେ ଫାଟି ଆଁ କରିଛି। ଏହି ନିମ୍ନମାନର କାମ ଯୋଗୁ କଲ୍ୟାଣପୁର, ହରିପୁର, ସନ୍ନିକଟ ବେହେରା ସାହିର ଗ୍ରାମବାସୀ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି।

ସୂଚନାଥାଉକି, କେନାଲ ବନ୍ଧ ଢଳେଇ କରିବା ପୂର୍ବରୁ ୩ ମିଟର ପର୍ଯ୍ୟନ୍ତ ବନ୍ଧ ପାର୍ଶ୍ୱରେ ଥିବା ଗଛଗୁଡ଼ିକୁ କଟାଯାଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା କଥା। ହେଲେ ୨ ମାସ ଧରି କନିଷ୍ଠ ଯନ୍ତ୍ରୀ କରୁଣାକର ଲେଙ୍କାଙ୍କୁ ଗଛ କାଟିବାକୁ ନିବେଦନ କରାଯାଇଥିଲେ ମଧ୍ୟ ସେ ଗଛ କାଟି ନ ଥିଲେ। ଗଛମୂଳରେ ଢଳେଇ ପକାଇ କାର୍ଯ୍ୟ କରାଯାଇଥିବାରୁ ତାହା ଏବେ ଫାଟି ଆଁ କରିଛି। କେନାଲ ମଧ୍ୟରେ ବର୍ଷାଜଳ ଭରି ରହିଥିବାବେଳେ ପାଣି ମଧ୍ୟରେ



ଢଳେଇ ପଡିଥିବା ରାସ୍ତା ।

### ନିର୍ମାଣ କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ବିରୋଧ

ଢଳାଇ ପକାଯାଉଛି। ଏନେଇ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହି ନିମ୍ନମାନର ନିର୍ମାଣ କାର୍ଯ୍ୟ ଚାଲୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୁଣିବାକୁ ମିଳୁଛି ଏହି କାର୍ଯ୍ୟ ପାଇଁ ନୂଆହାଟଠାରୁ ଦେଓିଆପଡା ୧୦ କି.ମି. ପର୍ଯ୍ୟନ୍ତ ଟେଣ୍ଡର କରାଯାଇଛି। ଅନ୍ୟପଟେ କାମ ଆରମ୍ଭରୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ସରକାରଙ୍କ କୋଟି କୋଟି ଟଙ୍କା ଏବେ ପାଣିରେ ପଡ଼ିବାକୁ ଯାଉଛି। ନିର୍ମାଣ କାର୍ଯ୍ୟର କୌଣସି ସୂଚନା ଫଳକ ଲଗାଯାଇ ନ ଥିବାବେଳେ ସ୍ଥାନୀୟ ଲୋକଙ୍କୁ ଅନ୍ଧାରରେ ରଖାଯାଇ ନିର୍ମାଣ କାର୍ଯ୍ୟ କରାଯାଉଛି। ଫଳରେ ରବିବାର ସ୍ଥାନୀୟ ଅଧିବାସୀ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ଗୁରୁପୂର୍ଣ୍ଣିମା ଅବସରରେ ରବିବାର ପୁରୀ ଗୋବର୍ଦ୍ଧନ ପୀଠରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ରାଜ୍ୟପାଳ ରଘୁବର ଦାସ ପୁଷ୍ପମାଳା ଅର୍ପଣ କରି ପ୍ରଣାମ କରୁଛନ୍ତି । (ଫଟୋ-ଯଜ୍ଞେଶ୍ୱର )

# ଲୋକନାଥ ମନ୍ଦିର ପରିସର ଜଗିବେ ୩୨ ସେକ୍ସନ ଫୋର୍ସ

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ମାସ ପ୍ରଥମ ସୋମବାରରେ ପୁରୀ ସହରସ୍ଥ ଶ୍ରୀଲୋକନାଥ ମନ୍ଦିର ସମେତ ଜିଲାର ବିଭିନ୍ନ ଶୈବପୀଠରେ ଜଳଲାଗି ନିମନ୍ତେ କାଉଡ଼ିଆଙ୍କ ସମାଗମ ହେବ। ଏଥିପାଇଁ ପ୍ରଭୁ ଶ୍ରୀଲୋକନାଥଙ୍କ ପୀଠରେ ବ୍ୟାପକ ହୋଇଛି। ରବିବାର ରାତ୍ର ୧୨ଟାରେ ଦ୍ୱାରଫିଟା ହେବାପରେ ଠାକୁରଙ୍କ ମଙ୍ଗଳ ଆଳତି ଆରମ୍ଭ ହେବ। ପରେ ମଇଲମ, ଅବକାଶ ନୀତି ବଢ଼ିବ। ରାତ୍ର ୧ଟା ୧୫ରୁ ଭକ୍ତଙ୍କ ଉଦ୍ଦେଶ୍ୟରେ ଦ୍ୱାର ଖୋଲାଯିବ। କାଉଡ଼ିଆମାନେ

### ଆଜି ଜଳ ଲାଗି କରିବେ କାଉଡ଼ିଆ

ବ୍ୟାରିକେଡ୍‌ରେ ଯାଇ ରୋଷଘର ପଛ ଦେଇ ମନ୍ଦିରକୁ ପ୍ରବେଶ କରି ଜଳଲାଗି କରିବେ। ପରେ ନୀତି ପାଇଁ କିଛି ସମୟ ଦର୍ଶନ ଓ ଜଳଲାଗି ବନ୍ଦ ରହିବ। ନୀତି ସରିବା ପରେ ପୁଣି ଦର୍ଶନ ଓ ଜଳଲାଗି ପହୁଡ଼ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ଜଳଲାଗି ପାଇଁ ଟିକେଟର ମୂଲ୍ୟ ୩୦ ଟଙ୍କା ଧାର୍ଯ୍ୟ ହୋଇଛି। ଗତ ବର୍ଷ ପ୍ରାୟ ୭୮ ହଜାର କାଉଡ଼ିଆ ଜଳଲାଗି କରିଥିବା ବେଳେ ଚଳିତ ବର୍ଷ ଅଧିକ ଭକ୍ତ ଆସିବା ଆକଳନ କରାଯାଉଛି। ତେଣୁ ଶୃଙ୍ଖଳା ଓ ସୁବ୍ୟବସ୍ଥା ଦୃଷ୍ଟିରୁ ସେବାୟତ ଏବଂ ପୋଲିସ କର୍ମଚାରୀଙ୍କୁ ନେଇ ଟିମ ଗଠନ କରାଯାଇଛି। ସେପଟେ ସାଧାରଣ ଭକ୍ତମାନେ ଲୋକନାଥ ମନ୍ଦିର ପ୍ରବେଶପଥ ଦେଇ ଦର୍ଶନ କରିପାରିବେ ବୋଲି ମନ୍ଦିର ପକ୍ଷରୁ ସୂଚନା ଦିଆଯାଇଛି। ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୩ ଅତିରିକ୍ତ ଏସ୍‌ପି, ୬ ଡିଏସ୍‌ପି, ୧୨ ଇନ୍ସପେକ୍ଟର, ୬୪ ଏସ୍‌ଆଇ ଏଏସ୍‌ଆଇ, ୧୮ ହାବିଲଦାର, ୬୨ କନଷ୍ଟେବଲ, ୨୧୦ ଜଣ ହୋମଗାର୍ଡ ଏବଂ ୩୨ ସେକ୍ସନ ଫୋର୍ସ ନିୟୋଜିତ ରହିବେ।

### ଚତୁର୍ଥ ଶ୍ରେଣୀ ଛାତ୍ରୀଛାତ୍ର ଇଂଲିଶ ବହି ପାଇବାରୁ ବଞ୍ଚିତ

କଣାସ,୨୧।୭(ବିଭୂତି ଭୂଷଣ ତ୍ରିପାଠୀ)

କୋମଳମତି ଛାତ୍ରୀଛାତ୍ର ଯେପରି ସରକାରୀ ବିଦ୍ୟାଳୟକୁ ଅଧିକା ସଂଖ୍ୟାରେ ଆସିପାରିବେ, ସେଥିପାଇଁ ରାଜ୍ୟ ସରକାର ମଧ୍ୟାହ୍ନଭୋଜନ, ପାଠ୍ୟ ପୁସ୍ତକ ପ୍ରଦାନ, ଖେଳ ଉପକରଣ, ପୋଷାକ ପ୍ରଦାନ କାର୍ଯ୍ୟକ୍ରମ ପ୍ରଚଳନ କରିଆସୁଛନ୍ତି। କିନ୍ତୁ ଚଳିତ ଶିକ୍ଷାବର୍ଷର ୪ ମାସ ଶେଷ ହୋଇଯାଇଥିଲେ ମଧ୍ୟ ଚତୁର୍ଥ ଶ୍ରେଣୀର ଇଂଲିଶ ବହି ଛାତ୍ରୀଛାତ୍ରଙ୍କୁ ଦିଆଯାଇ ନାହିଁ। ଫଳରେ ସେମାନେ ଇଂଲିଶ ପାଠପଢାରୁ ବଞ୍ଚିତ ହେଉଛନ୍ତି। ଏଥିସହ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କାହିଁକି ଚତୁର୍ଥ ଶ୍ରେଣୀ ଇଂଲିଶ ବହି ଦିଆଯାଇ ନ ଥିବା ସମ୍ପର୍କରେ କଣାସ ବ୍ଲକ ବହି ବଣ୍ଟନ ଦାୟିତ୍ୱରେ ଥିବା ଅତିରିକ୍ତ ଶିକ୍ଷାଧିକାରୀ ସୂର୍ଯ୍ୟନାରାୟଣ ନାୟକଙ୍କୁ ଟେଲିଫୋନ ଯୋଗେ ବାରମ୍ବାର ଯୋଗାଯୋଗ କରିବାକୁ ଚାହିଁଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଚତୁର୍ଥ ଶ୍ରେଣୀ ଇଂଲିଶ ବହି ଯୋଗାଇଦେବା ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକ ଦାବି କରିଛନ୍ତି।

# ଗୁରୁପୂର୍ଣ୍ଣିମାରେ ଗୁରୁପୂଜନ



ଗୁରୁ କୁଳମଣି ବିଶ୍ୱାଳଙ୍କ ପୂଜନ ସହ ସଂକୀର୍ତ୍ତନ କରାଯାଉଛି ।

ସାକ୍ଷୀଗୋପାଳ,୨୧।୭(ଭରତ ରାଉତ)

ମହର୍ଷି ବ୍ୟାସଦେବଙ୍କ ପୁଣ୍ୟ ଜନ୍ମତିଥି ପବିତ୍ର ଗୁରୁପୂର୍ଣ୍ଣିମା ଅବସରରେ ଲୋକକଳା ଗ୍ରାମ ସାରଙ୍ଗଯୋଡ଼ିର ମା' କ୍ଷେତ୍ରପାଳୀ ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଆୟୋଜନରେ ବାଇଁଶିବାଡ଼ିର ପ୍ରଖ୍ୟାତ ସଂକୀର୍ତ୍ତନ, ପାଲା ଓ ଲୋକନୃତ୍ୟ ଗୁରୁ କୁଳମଣି ବିଶ୍ୱାଳଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ ଗ୍ରାମ ଭାଗବତ ଗାଦିଘରଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱାଳଙ୍କ ପାଖରୁ ଶିକ୍ଷା ଗ୍ରହଣ କରି କଳା ଜଗତରେ ପ୍ରତିଷ୍ଠିତ ଶତାଧିକ ଶିଷ୍ୟ ରବିବାର ତାଙ୍କ ଗ୍ରାମର ଗାଦିଘରେ ସମବେତ ହୋଇ ଗୁରୁଙ୍କୁ ପାରମ୍ପରିକ ରୀତିରେ ପୂଜା କରିଥିଲେ। ଆଶୀର୍ବଚନ ପ୍ରଦାନ କରି ଗୁରୁ ବିଶ୍ୱାଳ ସମସ୍ତଙ୍କ ମଙ୍ଗଳମୟ ଭବିଷ୍ୟତ କାମନା କରିଥିଲେ। ଶିଷ୍ୟ ସର୍ବଶ୍ରୀ ଭାସ୍କର ସ୍ୱାଇଁ, ଜୟନ୍ତ ବିଶ୍ୱାଳ, ସୁଦର୍ଶନ ପରିଡ଼ା, ଅଭିମନ୍ୟୁ ନାୟକ, ଦୁର୍ଯ୍ୟୋଧନ ପରିଡ଼ା, ବିଜୟ ନାୟକ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଶିବ ପ୍ରସାଦ ସ୍ୱାଇଁ ଓ ରମେଶ ଚନ୍ଦ୍ର ଦାସଙ୍କ ସମେତ ସମସ୍ତ ଶିଷ୍ୟ ଗୁରୁପୂଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆୟୋଜକ ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ଓ ସଦସ୍ୟ ରବୀନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖୁବ୍‌ଶୀଘ୍ର ଖୋଲାଯିବ ଅଭିଯୋଗ ପ୍ରକୋଷ୍ଠ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଗ୍ରାମବାସୀ ସ୍ୱାଗତ ଜଣାଇ ପାଛୋଟି ନେଉଛନ୍ତି ।

ଗୋପ,୨୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଭାଜପା ସାଧାରଣ ଲୋକଙ୍କ ସରକାର। ସାଧାରଣ ଲୋକଙ୍କ ସମସ୍ୟା ଉପରେ ଆମ ସରକାର ସବୁବେଳେ ତତ୍ପର ରହିବ। ଖୁବ୍‌ଶୀଘ୍ର ଗୋପ ବ୍ଲକରେ ଏକ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇ ସାଧାରଣ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ରବିବାର ନିମାପଡ଼ା ନିର୍ବାଚନମଣ୍ଡଳୀର ଜାଉଁଳି ପୋଖରୀ, ଦଳନଇ, ନେତପୁର, ସୁବର୍ଣ୍ଣପୁର ସହିତ ଆଉ କେତେକ ସ୍ଥାନରେ ପହଞ୍ଚି ସାଧାରଣ

### ଗାଁରେ ବୁଲି ସମସ୍ୟା ଶୁଣିଲେ ଉପମୁଖ୍ୟମନ୍ତ୍ରୀ

ଲୋକଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଗୋପ ବ୍ଲକରେ ଅନେକ ସମସ୍ୟା ସମାଧାନ ହୋଇ ପାରି ନ ଥିବାବେଳେ ସାଧାରଣ ଜନତାଙ୍କ ଅନେକ ଅଭିଯୋଗ ତାଙ୍କ ନିକଟରେ ପହଞ୍ଚୁଛି। ତୁରନ୍ତ ଏ ସମସ୍ତ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯାଇ ବ୍ଲକ ଅଧୀନ ସୁବର୍ଣ୍ଣପୁରଠାରେ ଏକ ସରକାରୀସ୍ତରରେ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇ ସମସ୍ତ ସମସ୍ୟାର ପ୍ରତିକାର କରାଯିବ ବୋଲି ପରିଡ଼ା କହିଥିଲେ। ପରିଡ଼ାଙ୍କ ବିଭିନ୍ନ ସ୍ଥାନରେ ଥିବା ଗାଁ ମନ୍ଦିରରେ ପୂଜାର୍ଚ୍ଚନା କରିବାବେଳେ ସାଧାରଣ ଲୋକେ ଓ ଦଳୀୟ ନେତୃତ୍ୱମାନେ ପୁଷ୍ପଗୁଚ୍ଛ ଦେଇ ପାଛୋଟି ନେଇଥିଲେ। ଏହି ଗସ୍ତ ସମୟରେ ଜିଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ରାଜକିଶୋର ନାୟକ, ବଣିଆସାହି ସରପଞ୍ଚ ତପନ ବରାଳ, କଲ୍ୟାଣୀ ଦାଶ, ଦାଶରଥି ବରାଳ, ସୁଶାନ୍ତ ସ୍ୱାଇଁ, ବିଜୟ ନାୟକ, ସୌଦାମିନୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କ ସ୍ମୃତିସଭା

ନୟାହାଟ,୨୧।୭(ମହମ୍ମଦ ସମସୁଲ ଆରେଫିନ)

ନୟାହାଟ ଗୋପ ବ୍ଲକ ଧୂମାଳ ଗ୍ରାମ ପଞ୍ଚାୟତରେ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ନାୟକଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ସ୍ୱାଇଁ ଏଥିରେ ସଭପତିତ୍ୱ କରିଥିଲେ। ଅତିଥିମାନେ ସ୍ୱର୍ଗତ ନାୟକଙ୍କ କୀର୍ତ୍ତି ବାବଦରେ ସ୍ମୃତି ଚାରଣ କରିଥିଲେ। ଉକ୍ତ ସଭାରେ ବିଜେଡି ସଭାପତି ଆଲୋକ ରାୟ, ଯୁବନେତା ଅଭିମନ୍ୟୁ ସିଂ, ବରିଷ୍ଠ ନେତା ମହମ୍ମଦ ସମାସୁଲ, ସରପଞ୍ଚ ମୋନାଲିସା ସିଂ, ସମିତି ସଭ୍ୟା ଭାନୁମତୀ ମାଣିକ, ନାଏବ ସରପଞ୍ଚ ଅଶୋକ ସାହୁ, ସହଦେବ ମାଣିକ, ପ୍ରଫୁଲ୍ଲ ବେହେରା, ପର୍ଶୁରାମ ରାୟ, ବାନାମ୍ବର ମହାନ୍ତି, ଇନ୍ଦ୍ରମଣି ବେହେରା, ଦେବେନ୍ଦ୍ର ମହାନ୍ତି, ଶେଖ୍ ସିକନ୍ ପ୍ରମୁଖ ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ବଢ଼ୁଛି ସଟ୍ଟା ସାମ୍ରାଜ୍ୟ



ସଟ୍ଟା ଖେଳରେ ବ୍ୟବହୃତ ଟଙ୍କା ।

ଅସ୍ତରଙ୍ଗ,୨୧।୭(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଓ ନୂଆଗଡ଼ ଥାନା ଅଞ୍ଚଳରେ ମାଫିଆଙ୍କ ସଟ୍ଟା ସାମ୍ରାଜ୍ୟ ବୃଦ୍ଧି ପାଇଛି। ବିଭିନ୍ନ ଗ୍ରାମାଞ୍ଚଳରେ ଏହି ରାକେଟ ସକ୍ରିୟ ହୋଇଛି। ନିଜ ନିଜ ସାମ୍ରାଜ୍ୟ ବିସ୍ତାର କରିବାକୁ ମାଫିଆଙ୍କ ମଧ୍ୟରେ ଟକ୍କର ଚାଲିଛି। ବହୁ ପୂର୍ବରୁ ପୋଲିସ ଚଢ଼ାଉ କଲେ କେବଳ ଏହି ସାମ୍ରାଜ୍ୟରେ ପ୍ରବେଶ କରିଥିବା ନୂଆ ଲୋକମାନେ ଧରା ହେଉଛନ୍ତି। କିନ୍ତୁ ଏଯାଏଁ କୌଣସି ବଡ଼ ମାଫିଆ ପୋଲିସ ହାତରେ ଧରା ପଡ଼ିନାହାନ୍ତି। ଗ୍ରାମାଞ୍ଚଳରେ ଥିବା ଚଉତରା ଅଥବା ଚାନ୍ଦିନୀ ହେଉ ଅବା ରାସ୍ତାକଡ଼ ଏବଂ ଗଳିକନ୍ଦିରେ ପରିତ୍ୟକ୍ତ କ୍ୟାବିନଗୁଡ଼ିକ ସଟ୍ଟା ଖେଳ ପାଇଁ ବ୍ୟବହୃତ ହେଉଛି। ବେରୋଜଗାର ଏବଂ

### ପୋଲିସ ଧରୁଛି, ମୁକୁଳିଲେ ପୁଣି ବେପାର

ଅସାମାଜିକ ଯୁବକ ଏଠାରେ ଡେରା ମେଲାଉଛନ୍ତି। ପୋଲିସ ଚଢ଼ାଉ କରିବା ପୂର୍ବରୁ ସେମାନେ ଛତ୍ରଭଙ୍ଗ ଦେଉଛନ୍ତି। ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ଖେଳ ଚାଲିଛି। ପ୍ରତିଦିନ ସବୁକିଛି ସ୍ୱାଭାବିକ ଚାଲୁଥିଲେ ହେଁ ଏହାକୁ ନିୟନ୍ତ୍ରଣ କରୁଥିବା ମାଫିଆମାନେ ହାତରେ ଲାଗୁ ନାହାନ୍ତି। ବରଂ ସଟ୍ଟା ମାଫିଆମାନେ ଏହି କାରବାରକୁ ଆହୁରି ବ୍ୟାପକ କରୁଛନ୍ତି। ସଟ୍ଟା କାରବାର ଉପରେ ଅଙ୍କୁଶ ଲଗାଇବାକୁ ପୋଲିସକୁ ସ୍ୱତନ୍ତ୍ର ଯୋଜନା ହାତକୁ ନେବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଲିଟିଲ୍‌ଷ୍ଟାର ଗ୍ରୁପର ୨୦ତମ ପାଠ ମଉଜ, ପ୍ରତିଭା ସମ୍ମାନ ସମାରୋହ

ନିମାପଡ଼ା,୨୧।୭(ବିଚିତ୍ରାନନ୍ଦ ସାହୁ)

ଲିଟିଲ୍‌ଷ୍ଟାର ଗ୍ରୁପର ୨୦ତମ ପାଠ ମଉଜ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷାବିତ୍ ଡ. ରବୀନ୍ଦ୍ରନାଥ ପାଢୀ, ଶିଶୁ ପତ୍ରିକା ବାନରସେନା ସମ୍ପାଦକ ଶିକ୍ଷାବିତ୍ ପ୍ରକାଶଚନ୍ଦ୍ର ଖଟୋଇ, ଅଧ୍ୟାପକ ସୁବ୍ରତ ମହାନ୍ତି, ମାନସ ରଞ୍ଜନ ସ୍ୱାଇଁ, ଶିକ୍ଷକ ନିର୍ମଳ ମିଶ୍ର, ବସନ୍ତ ସ୍ୱାଇଁ, ଲିଟିଲ୍‌ଷ୍ଟାର ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ। ପ୍ରତିଭାବାନ ଛାତ୍ରୀଛାତ୍ର ନିଜର ନିଷ୍ଠା, ଅଧ୍ୟବସାୟ, କଠିନ ପରିଶ୍ରମ କରି ସମାଜରେ ଭଲ ମଣିଷ ହୋଇ ରାଜ୍ୟ ଓ ଦେଶର ଟେକ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆୟୋଜିତ ପ୍ରତିଭା ସମ୍ମାନ ସମାରୋହରେ ପୁରୀ ଜିଲାର ବିଭିନ୍ନ ସ୍କୁଲର ୧୦ମ, କଲେଜର ଯୁକ୍ତ ୨, ଯୁକ୍ତ ୩ର ୫୦ ଜଣ କୃତୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବହୁ ଶିକ୍ଷାବିତ୍ ଅଧ୍ୟାପିକା, ଅଧ୍ୟାପକ, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଗ୍ରୁପ ପକ୍ଷରୁ ଅମିୟ ମିଶ୍ର, ସୁଶାନ୍ତ ମହାରଣା, ଶାଶ୍ୱତ ରଞ୍ଜନ ପ୍ରଧାନ ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।



ସମାରୋହରେ ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ରଗଣ।

# କଳିକତି ଦଳରେ ଭର୍ତ୍ତି ଦୟା, ମକରାନଦୀ

 କଣାସ,୨୧।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ମୁଖ୍ୟନଦୀ ଦୟା ଓ ତାହାର ଶାଖାନଦୀ ମକରାରେ କଳିକତି ଦଳ ବୋଝେଇ ହୋଇଯାଇଥିବାରୁ ଡଙ୍ଗା ଚଳାଚଳ ବନ୍ଦ ହୋଇଯାଇଛି। ଫଳରେ ହଜାର ହଜାର ମତ୍ସ୍ୟଜୀବୀ କିଛି ଦିନ ହେଲା ନିଜର ବେଉସା ହରାଇ ଭୋକ ଉପବାସରେ ଛଟପଟ ହେଉଥିବା ଜଣାପଡ଼ିଛି। ଖବର ନେବାରେ ଜଣାପଡ଼ିଛି, କଣାସ ବ୍ଲକର ଜାଗୁଳେଇପଦର, କଉଡ଼ିଖିଣି, ନଈକୂଳପାଟଣା, ନୂଆଗାଁ, କରମଳା, ସରସ୍ୱତୀ ନଗର, ଦୟାବିହାର, ନୂଆଦୋକନ୍ଦା, ଜଙ୍କିଆ ଗ୍ରାମର ହଜାର ହଜାର ମତ୍ସ୍ୟଜୀବୀ ଦୈନନ୍ଦିନ ଡଙ୍ଗା ସାହାଯ୍ୟରେ ଚିଲିକାରୁ ମାଛ ଧରି ପରିବାର ଚଳାଉଥିଲେ। ଦୀର୍ଘ ୨ ମାସ ହେଲା ଦୟା ଓ ମକରାନଦୀରେ ପ୍ରବଳ କଳିକତି ଦଳ ବୋଝେଇ ହୋଇଥିବାରୁ ଡଙ୍ଗା ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।



କଳିକତି ଦଳରେ ପୂର୍ଣ୍ଣ ନଦୀ।

- ଚାଲିପାରୁନି ଡଙ୍ଗା
- ବେଉସା ହରାଇ ଭୋକ ଉପବାସରେ ମତ୍ସ୍ୟଜୀବୀ

ଏଣୁ ମତ୍ସ୍ୟଜୀବୀ ଘରୁ ବାହାରିପାରୁ ନାହାନ୍ତି। ଅନେକ ମତ୍ସ୍ୟଜୀବୀ ପରିବାର ପ୍ରତିପୋଷଣ କରିବାକୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଗଲେଣି। ନଦୀରୁ ଦଳ ହଟାଇବାକୁ ମତ୍ସ୍ୟଜୀବୀ କଣାସ ତହସିଲଦାରଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଛନ୍ତି। ଏ ସମ୍ପର୍କରେ କଣାସ ତହସିଲଦାର ସନ୍ତୋଷ ପାଣିଗ୍ରାହୀଙ୍କୁ ପଚାରିବାରୁ, ମତ୍ସ୍ୟଜୀବୀ ବାରମ୍ବାର ନଦୀରୁ ଦଳ ହଟାଇବାକୁ ଦାବିପତ୍ର ଦେବାରୁ ସେ ଜିଲାସ୍ତରୀୟ ବୈଠକରେ ଜିଲାପାଳଙ୍କ ଉପସ୍ଥିତିରେ ମତ୍ସ୍ୟଜୀବୀଙ୍କ ଦାବି ସମ୍ପର୍କରେ ଉପସ୍ଥାପନ କରିଛନ୍ତି। ନଦୀରୁ ଦଳ ହଟାଇବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି।




କଟକ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲ ସଭାଗୃହରେ ଅନୁଷ୍ଠିତ କଟକ ଇଲେକ୍ଟ୍ରିକାଲ ଟ୍ରେଡର ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତାବୃନ୍ଦ।



କଟକ ମିଶନ ରୋଡସ୍ଥିତ ନିୟୁ ଷ୍ଟିୱାର୍ଟ ସ୍କୁଲର ୩୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ରମାନେ।

## ସଂକ୍ଷେପରେ

### ଚୌଦ୍ୱାରରେ ଗୁରୁପୂର୍ଣ୍ଣିମା ଉତ୍ସବ

ଚୌଦ୍ୱାର,୨୧।୭(ଆଶୁତୋଷ ଦାସ)

ଚୌଦ୍ୱାର ସତ୍ୟସାଇ ସେବା ସମିତି ପକ୍ଷରୁ ରବିବାର ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରଭାତରୁ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡ଼ଶ ଉପଚାର ପୂଜା, ତ୍ରିଣି ରୁଦ୍ରମ୍, ଅମୃତ କଳସ, ପ୍ରେମତରୁ ଓ ନାରାୟଣ ସେବା ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆବାହକ ରଞ୍ଜିତ ପ୍ରଧାନ ଓ ସାଇ ଶୁଭ୍ରାଂଶୁ ଶେଖର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପ ଭାବେ ସ୍ଥାନୀୟ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଗାୟତ୍ରୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରିଆନ୍ ସୁଧାଂଶୁ ଶେଖର ଜେନା ଓ ମାନସ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ମହର୍ଷି ବ୍ୟାସଦେବଙ୍କ ଜୀବନାଦର୍ଶନ ଉପରେ ଆଲୋଚନା କରିବା ସହିତ ଗୁରୁ ପୂର୍ଣ୍ଣିମାର ମହତ୍ୱ ସମ୍ପର୍କରେ ଅତିଥିମାନେ ପିଲାଙ୍କୁ ବୁଝାଇଥିଲେ। ଗତ ବାର୍ଷିକ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଗୋପାଳପୁର ମୁଖ୍ୟରାସ୍ତା କଡ଼ରେ ଚାରାରୋପଣ

ବାଙ୍କୀ,୨୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଗୋପାଳପୁର ଗ୍ରାମର ସ୍ୱେଚ୍ଛାସେବୀ ଯୁବକ ରବିବାର ବାଙ୍କୀ-ଖୋର୍ଦ୍ଧା ମୁଖ୍ୟରାସ୍ତାର ନଦିକୁଣ୍ଡାଠାରୁ ଗ୍ରାମର ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରକାରର ବୃକ୍ଷର ଚାରାରୋପଣ କରିଛନ୍ତି। କୃଷ୍ଣଚୂଡ଼ା, ରାଧାଚୂଡ଼ା, ଅର୍ଜ୍ଜୁନ, ଜାମୁ, ହରିଡ଼ା, ମହାନିମ୍ବ ପ୍ରଭୃତି ଚାରାରୋପଣ କରି ତା'ର ଯତ୍ନ ନେବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମକୁ ପ୍ରସନ୍ନ ସାହୁ, ନିର୍ମଳ ପ୍ରକାଶ ଦାସ, ଅନୀଲ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ଅକ୍ଷୟ ଭୋଇ, ଟୁଟୁନୁ ସ୍ୱାଇଁ, ଲକ୍ଷ୍ମୀଧର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ମଠ ଜମିକୁ ଚକ୍ରାନ୍ତ କରି ହଡ଼ପ ଅଭିଯୋଗ

ମଙ୍ଗୁଳି-ଜଗତପୁର,୨୧।୭(ମାନସ ସାମଲ)

ଜଗତପୁର ଥାନା ଅଧୀନ ଗୋପୀନାଥପୁର ଗ୍ରାମସ୍ଥିତ ଫକୀର ଦାସ ମଠ ସମ୍ପତ୍ତିକୁ କେତେଜଣ ଜମି ମାଫିଆ ଚକ୍ରାନ୍ତ କରି ହଡ଼ପ କରିଥିବା ନେଇ ମଠ ମ୍ୟାନେଜିଂ ଟ୍ରଷ୍ଟି ଡାକ୍ତର ପ୍ରଦୀପ ମହାନ୍ତି ମଠ ପରିସରରେ ଏକ ଖବରଦାତା ସମ୍ମିଳନୀ ଜରିଆରେ ରବିବାର ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଗୋପୀନାଥପୁର ଗ୍ରାମସ୍ଥିତ ଦୀର୍ଘ ୫ଶହ ବର୍ଷ ଧରି ମଦନମୋହନ ଠାକୁର ପୂଜା ପାଇଆସୁଛନ୍ତି। ସେ ସମୟରୁ ଠାକୁରଙ୍କ ପ୍ରାୟ ୯ ଡିସିମିଲରୁ ଅଧିକ ଜମି ରହିଥିଲା। ଉକ୍ତ ଜମିରୁ ଉତ୍ପାଦିତ ଫସଲ ଓ ଗଛରୁ ହେଉଥିବା ଆୟରେ ମଠ ପରିଚାଳିତ ହୁଏ। ମନ୍ଦିରର ପୂଜାପୂଜି ଓ ଅନ୍ୟାନ୍ୟ କାର୍ଯ୍ୟ ତଦାରଖ ପାଇଁ ବ୍ରାହ୍ମଣ ତଥା ମହନ୍ତ ବ୍ରହ୍ମଚାରୀ ହରିନାରାୟଣ ଦାସ ଉକ୍ତ ଆୟରୁ ମଧ କିଛି ଜମି ସେଥିରେ ସାମିଲ କରିଥିଲେ। ପରେ



ମଠ ପରିସରରେ ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ।

**ଜମି ମାଫିଆଙ୍କ ବିରୋଧରେ ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି**

ମହନ୍ତ ଦାସଙ୍କ ଦେହାନ୍ତ ପରେ ମନ୍ଦିର ପରିଚାଳନା ନିମନ୍ତେ ଡାକ୍ତର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶ୍ରୀମଦନମୋହନ ଠାକୁର ଟ୍ରଷ୍ଟ ନାମରେ ଏକ ଟ୍ରଷ୍ଟ ଗତ ୨୦୧୨ରେ ଗଠନ କରାଯାଇ ପରିଚାଳନା କରାଯାଉଛି। କିନ୍ତୁ ସ୍ଥାନୀୟ ଅଞ୍ଚଳର୨ ଜଣ କୁଚକ୍ରୀ ଜମି ମାଫିଆଙ୍କ ସହ ମିଶି ଟ୍ରଷ୍ଟର ଅଜାଣତରେ ଚକ୍ରାନ୍ତ କରି ଜଗତ୍‌ସିଂହପୁର ଆଳିପିଙ୍ଗଳ ଅଞ୍ଚଳର ରାମ ଅଭିଷେକ ଦାସଙ୍କୁ ମହନ୍ତଙ୍କ ଚେଲା ଭାବେ ପରିଚୟ ଦେଇ ମଠ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏନେଇ ଟ୍ରଷ୍ଟ ପକ୍ଷରୁ ଏଣ୍ଡାଓମେଣ୍ଟ କମିଶନର, ଜିଲାପାଳ ଓ ସ୍ଥାନୀୟ ତହସିଲଦାର, ଡିସିପିଙ୍କ ସହ ଜଗତପୁର ଥାନା ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଛି। ତୁରନ୍ତ ମଠ ଜମି କୁଚକ୍ରୀ ଜମି ମାଫିଆଙ୍କ କବଳରୁ ମୁକ୍ତ କରାଯିବା ସହ ଦଲାଲ ଜମି ମାଫିଆଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ଗଣମାଧ୍ୟମର ସହଯୋଗ ନିତାନ୍ତ ଆବଶ୍ୟକତା ରହିଛି ବୋଲି ମଠ ଟ୍ରଷ୍ଟି ସଦସ୍ୟ ଶିବ ନାରାୟଣ ନାୟକ, ରବୀନ୍ଦ୍ରନାଥ ମହାନ୍ତି, ପ୍ରଶାନ୍ତ କର, ଜୟନ୍ତ ମହାନ୍ତି, ପ୍ରଦୀପ ଦାସ ଓ କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ଚମ୍ପତି ସରପଞ୍ଚ ଗୌରାଙ୍ଗ ପରିଡ଼ା ପ୍ରମୁଖ କହିଛନ୍ତି।

# ଠକ ନକଲି ପୋଲିସ ଗିରଫ

ଚୌଦ୍ୱାର,୨୧।୭(ଆଶୁତୋଷ ଦାସ)

ନିଜକୁ ପୋଲିସ ପରିଚୟ ଦେଇ ଚାରବାଟିଆ ବିରାଟ ବଜାରରେ ଥିବା ଏକ ଜଳଖିଆ ଦୋକାନରୁ ବାରମ୍ବାର ଜଳଖିଆ ଖାଇ ତାଙ୍କୁ ପଇସା ନ ଦେବା ଓ ତାଙ୍କୁ ଧମକଚମକ ଦେବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚାରବାଟିଆ ଅଞ୍ଚଳର ଅମୀୟ ରଞ୍ଜନ ପଣ୍ଡା(୩୭)। ପୋଲିସ ଏନେଇ ୩୮୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଅମିୟ ନିଜକୁ ପୋଲିସ କହି ସ୍ଥାନୀୟ ଏକ ଜଳଖିଆ ଦୋକାନରୁ ଜଳଖିଆ ଖାଇ ପଇସା ଦେଉ ନ ଥିଲେ। ଦୋକାନୀ ପଇସା ମାଗିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହିତ ଅମିୟ ଏକ ଛୁରି ବାହାର କରି ଦୋକାନୀଙ୍କୁ ଭୟଭୀତ କରିଥିଲେ। ଆଖପାଖରୁ ଲୋକେ ରୁଣ୍ଡ ହୋଇଯିବାରୁ ଅମିୟ ଘଟଣାସ୍ଥଳରୁ ଦୌଡ଼ି ପଳାଉ ଥିବାବେଳେ ତଳେ ପଡ଼ି ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ଖବର ଦେବାରୁ ସେ ଘଟଣାସ୍ଥଳରେ ପହଞ୍ଚି ଅମିୟଙ୍କୁ କାବୁ କରି ହସ୍ପିଟାଲରେ ଚିକିତ୍ସା କରାଇଥିଲା।

# କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ଗୁରୁପୂର୍ଣ୍ଣିମା



ଗୁରୁପୂର୍ଣ୍ଣିମା ଉତ୍ସବ ଅବସରରେ ସମିତିର କର୍ମକର୍ତ୍ତା ଏବଂ ଅନ୍ୟମାନେ।

କଟକ,୨୧।୭ (କାର୍ତ୍ତିକ ସାହୁ)

କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତି ପକ୍ଷରୁ ଗୁରୁପୂର୍ଣ୍ଣିମା ଉତ୍ସବ ଝାଞ୍ଜିରିମଙ୍ଗଳାସ୍ଥିତ କମିଟି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମଦନ ମୋହନ ରାମଲୀଳା ସମିତି ଓ ମଦନମୋହନ ସାହି କମିଟି ଅନୁରୋଧ କ୍ରମେ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ମହାପାତ୍ର ପ୍ରବଚନ ମାଧ୍ୟମରେ ରାମକଥା ଶୁଣାଇଥିଲେ। ସାଧାରଣ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ ସାରା ଓଡ଼ିଶାରେ ରାମଲୀଳା ସମିତିକୁ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଦାର୍ଶନିକ ପଣ୍ଡିତ ନୀଳକଣ୍ଠ ରାଉତ ଦର୍ଶନଶାସ୍ତ୍ରରେ ରାମକଥା ଶୁଣାଇଥିଲେ। ଏହି ଅବସରରେ ରବୀନ୍ଦ୍ର ନାଥ ସାହୁ ଓ ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ଗୁରୁ ରୂପେ ପୂଜା କରାଯାଇଥିଲା। ମହନ୍ତ ରବୀନ୍ଦ୍ରନାଥ ସାହୁ ଏବଂ ଅଧିକାରୀ ବିରଞ୍ଚି ନାରାୟଣ ସାହା ଉପସ୍ଥିତ ସଦସ୍ୟମାନଙ୍କୁ ପୁଷ୍ପହାର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନ ଜଣାଇଥିଲେ। ଲୋକସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ଉପଦେଷ୍ଟା ପୁଷ୍ପକାନ୍ତି ମହାନ୍ତି, ସୁଦର୍ଶନ ପଟ୍ଟନାୟକ, ରାମମୋହନ ରାଓ, ପ୍ରଭାକର ଦାସ, ଲକ୍ଷ୍ମୀନାରାୟଣ ମଲ୍ଲିକ, ଅଶୋକ କୁମାର ଦାଶ, ଲଲାଟେନ୍ଦୁ ବଡୁ, କାଳନ୍ଦୀ ନାରାୟଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ପାଇଟାଳ ରାମଧୂନ ଗାନ କରିଥିଲେ।



ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଷ୍ଟିୱାର୍ଟ ସ୍କୁଲ ଅଡିଟୋରିୟମରେ ଆୟୋଜିତ ଚେସ୍ ଚାମ୍ପିୟନଶିପ୍ କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରୀଛାତ୍ର ଚେସ୍ ଖେଳୁଛନ୍ତି।

### କୋଚିଲେଇ ପୀଠରେ ଗୁରୁପୂର୍ଣ୍ଣିମା

କଟକ ସଦର,୨୧।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ସଫିପୁର ଗ୍ରାମ କୋଚିଲେଇ ପୀଠରେ ଗୁରୁପୂର୍ଣ୍ଣିମା ଓ ଶିରିଡ଼ି ସାଇ ବାବାଙ୍କ ଜୟନ୍ତୀ ସମାରୋହ ରବିବାର ପାଳନ କରାଯାଇଛି। ସକାଳେ ମନ୍ଦିରରେ ଆଳତି ସହ ବାବାଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଚୌଦ୍ୱାରସ୍ଥିତ ଦିବ୍ୟାଙ୍ଗ ଦଳ ଭକ୍ତି ପୁଷ୍ପାଞ୍ଜଳି ସାଇ ଓ ବିଭିନ୍ନ ଭଜନ ପରିବେଷଣ କରିଥିଲେ। ଭଜନ ଟିମ୍‌କୁ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ପ୍ରଫୁଲ୍ଲ ସିଂ, ଭାରତ ମସଲାର ଅନ୍ୟତମ ନିର୍ଦ୍ଦେଶକ ସୁମନ୍ତ ପଣ୍ଡା, ସୁବୋଧ ବେହେରା, ଅନିରୁଦ୍ଧ ରାଉଳ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ।

# ନ୍ୟାୟିକ ବ୍ୟବସ୍ଥାର ଅଗ୍ରଗତି ଉପରେ ଆଲୋକପାତ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

କଟକ,୨୧।୭ (କାର୍ତ୍ତିକ ସାହୁ)

**ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର**

ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା ପକ୍ଷରୁ 'ଘରୋଇ ହିଂସା ପୀଡ଼ିତଙ୍କୁ ନ୍ୟାୟ ଓ ଆଇନ ପେସାରେ ଲିଙ୍ଗଗତ ବୈଷମ୍ୟତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟର ଫର ଲ' ଆଣ୍ଡ ପବ୍ଲିକ ପଲିସି ଏବଂ ଦି ସେଣ୍ଟର ଫର୍ ୱିମେନ ଆଣ୍ଡ ଲ'ର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରରେ ଓଡ଼ିଶା ହାଇକୋର୍ଟର ବିଚାରପତି ସାବିତ୍ରୀ ରଥ, ସୁପରିୟର କୋର୍ଟ ଅଫ୍ ଲସ୍ ଏଞ୍ଜେଲସ୍ କଣ୍ଟ୍ରି ଇନ୍ କାଲିଫର୍ନିଆର ବିଚାରପତି ରୂପା ସିରାଇଟ୍ ଗୋସ୍ୱାମୀ, ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତ୍ତଲଙ୍କ ସହ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଆଇନ ଆସୋସିଏଟ୍ ପ୍ରଫେସର ଡ. ସୁମନ ଦାଶ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ଡ. ପରୋମିତା ଚଟୋରାଜ ସ୍ୱାଗତ ଭାଷଣ ଦେଇଥିଲେ। ଡ. ଭଟ୍ଟ ମିଶ୍ର ବର୍ତ୍ତମାନର ନ୍ୟାୟିକ ବ୍ୟବସ୍ଥାର ଅଗ୍ରଗତିଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ଡ. ରଙ୍ଗିନ ପଲ୍ଲବ ତ୍ରିପାଠୀ ଆଇନ ପେସାରେ ମହିଳାମାନଙ୍କ ପ୍ରବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦ କୁମାରୀ ମହିଳାମାନଙ୍କୁ ସାମ୍ପ୍ରତିକ ସ୍ଥିତିର ମୁକାବିଲା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବା ଲାଗି ଆହ୍ୱାନ ଦେଇଥିଲେ।

# ହର୍ ହର୍ ମହାଦେବ ଧ୍ୱନିରେ କମ୍ପିଲା ଗଡ଼ଗଡ଼ିଆ ଘାଟ

କଟକ,୨୧।୭(ଶିକ୍ସା ପ୍ରିୟଦର୍ଶିନୀ)

ଶ୍ରାବଣ ମାସର ପାଞ୍ଚଟି ସୋମବାରରେ ବିଭିନ୍ନ ଶୈବପୀଠରେ ଜଳଲାଗି କରିବେ କାଉଡ଼ିଆ। ରୀତିନୀତି ଅନୁଯାୟୀ ଏହି ଶ୍ରାବଣ ମାସକୁ ପାଳିବେ ବୋଲବମ୍ ଶ୍ରଦ୍ଧାଳୁ। ୨୨ ତାରିଖ ପ୍ରଥମ ସୋମବାର ପଡୁଥିବାବେଳେ ଏଥିପାଇଁ ରବିବାର ଗଡ଼ଗଡ଼ିଆ ଘାଟ ଚଳଚଞ୍ଚଳ ହୋଇଉଠିଥିଲା। ଏପରିକି ବୋଲବମ୍ ହର ହର ବମ୍ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ଗଡ଼ଗଡ଼ିଆ ଘାଟ। କାଉଡ଼ିଆମାନେ ସକାଳୁ ଗଡ଼ଗଡିଆ ଘାଟରେ ନଦୀରୁ କଳସରେ ଜଳ ନେଇ ପୂଜାର୍ଚ୍ଚନା କରି ବାହୁଙ୍ଗି କାନ୍ଧେଇ ମାନସିକ ଅନୁଯାୟୀ ଶୈବପୀଠ ଅଭିମୁଖେ ବାହାରିଛନ୍ତି।

ପୌରାଣିକ ମତ ଅନୁଯାୟୀ, ଏହି ଗଡ଼ଗଡ଼ିଆ ଘାଟ ସହିତ ପ୍ରଭୁ ଚୈତନ୍ୟଙ୍କ ସମ୍ପର୍କ ରହିଛି। ଗଡ଼ଗଡିଆ ଘାଟରୁ ପାଣି ନେଇ ଗଡ଼ଗଡ଼େଶ୍ୱରଙ୍କ ନିକଟରେ ସଙ୍କଳ୍ପ କଲେ କାଉଡିଆଧାରୀଙ୍କ ଚାଲିବା କଷ୍ଟ ଲାଘବ ହେବା ସହ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଗଡ଼ଗଡିଆ ଘାଟରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ କରାଯାଇଥିବାବେଳେ ଗଭୀର ଜଳକୁ ନ ଯିବା ନେଇ ସଚେତନ କରାଯାଉଛି। ସେହିପରି ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ କର୍ମଚାରୀମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଦୁଇଟି ସିଫ୍ଟ ବା ପର୍ଯ୍ୟାୟରେ ଯଥା- ସକାଳ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଘାଟ କୂଳରେ ଥିବା ଅସ୍ଥାୟୀ କ୍ୟାମ୍ପରେ ନିୟୋଜିତ ରହିଥିଲେ। ଅଗ୍ନିଶମ ବିଭାଗର ଦୁଇଟି ଟିମ୍‌ରେ ୭ ଜଣ ଲେଖାଏ କର୍ମଚାରୀ ମୁତୟନ



ଗଡ଼ଗଡ଼ିଆ ଘାଟ ମହାନଦୀ ତୁଠରେ କାଉଡ଼ିଆମାନେ ପୂଜାର୍ଚ୍ଚନା କରୁଛନ୍ତି।

**ଆଜି ଶ୍ରାବଣ ପ୍ରଥମ ସୋମବାର**

**■ଶୈବପୀଠରେ ଜଳ ଲାଗି କରିବେ କାଉଡ଼ିଆ**

କରାଯାଇଛି। ପ୍ରତି ସାତଜଣିଆ ଟିମ୍‌ରେ ଜଣେ ଅଫିସର, ଜଣେ ହାବିଲଦାର, ତିନିଜଣ ଫାୟାରମ୍ୟାନ ଓ ଜଣେ ଦମକଳ ବାହିନୀର ଡ୍ରାଇଭର ରହିଛନ୍ତି। ଏଥିସହ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫବୟଙ୍କ ସମେତ ଲାଇଫ ଜ୍ୟାକେଟ୍ ଓ ବୋଟ୍ ମହଜୁଦ ରଖାଯାଇଛି। ଏନେଇ ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି, ପ୍ରଥମରୁ ଶେଷ ପର୍ଯ୍ୟନ୍ତ ସବୁ ସୋମବାରରେ ଜଳଲାଗି କରିବା ପାଇଁ ରବିବାର ଘାଟକୂଳରେ ଭିଡ଼ ବଢ଼ି ବଢ଼ି ଯିବ। ଭିଡ଼କୁ ନଜରରେ ରଖି କର୍ମଚାରୀ ଓ ଅଧିକାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବ। ଏଥିସହ ଡ୍ୟୁଟି ସମୟ ଅବଧି ବଢାଯିବ ବୋଲି ବେହେରା କହିଛନ୍ତି।

### ଶିଦ୍ଧେଶ୍ୱରଙ୍କୁ ଜଳ ଲାଗି କରିବି



"ଚଳିତବର୍ଷ ଦ୍ୱିତୀୟଥର ପାଇଁ ମହାଦେବଙ୍କୁ ଜଳଲାଗି କରିବାକୁ ଯାଉଛି। ଏଥର ପ୍ରଭୁ ଶିଦ୍ଧେଶ୍ୱରଙ୍କୁ ଜଳ ଲାଗି କରିବି। ମନରେ ଭକ୍ତି ଥିଲେ କୌଣସି କଷ୍ଟ ଜଣାପଡ଼ି ନ ଥାଏ। ମାସକ ଯାକ ନିଷ୍ଠାର ସହ ଏହି ବ୍ରତକୁ ପାଳନ କରିବୁ। ମାନସିକ ରହିଛି, ସେଥିପାଇଁ ଆଗାମୀ ବର୍ଷରେ ମଧ ଜଳଲାଗି କରିବାକୁ ନିଷ୍ପତ୍ତି ନେଇଛି।

ସୁଶ୍ରୀ ସରିତା ଦାସ

### ପାଞ୍ଚ ପାଳି ଜଳଲାଗି କରିବି



"ପ୍ରଥମ ସୋମବାର ପ୍ରଭୁ ଲକ୍ଷେଶ୍ୱରଙ୍କ ଠାରେ ଜଳଲାଗି କରିବି। ସେହିପରି ପାଞ୍ଚ ପାଳି ସୋମବାରରେ ଜଳଲାଗି କରିବି। ମୋ' ସହ ତିନି ଜଣ ସାଙ୍ଗ ଅଛନ୍ତି। ଏକାଠି କିଛି ବର୍ଷ ହେବ ଜଳଲାଗି କରୁଛୁ। ମାନସିକ ମୁତାବକ ପାଞ୍ଚପାଳି ଜଳଲାଗି କରୁଛି।

ନିରଞ୍ଜନ ପାଢ଼ୀ

### ନିଷ୍ଠାର ସହ ବ୍ରତ କରୁଛି



"ପ୍ରଥମ ସୋମବାର ପ୍ରଭୁ ଶିଦ୍ଧେଶ୍ୱର ଏବଂ ଶେଷ ସୋମବାର ଲଡୁବାବାଙ୍କ ପୀଠରେ ଜଳଲାଗି କରିବି। ବିଶ୍ୱାସ ରହିଛି, ଏହି ବ୍ରତ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ।

ସୁରଞ୍ଜିତ ସାହୁ

# ମରଣ ମୁହଁରୁ ୨ ଜଣଙ୍କୁ ଉଦ୍ଧାର

## ଉଚ୍ଛୁଳା ନଦୀରେ ଭାସିଯାଉଥିଲେ ଯୁବକ



ଭାସିଯାଉଥିବା ବେଳେ ୨ ଯୁବକ ଉଦ୍ଧାର କରୁଛନ୍ତି।

ଉଦଳା,୨୧।୭
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ୍ କଇଁସାରୀ ଜାମୁଘାଟ ନିକଟ ଉଚ୍ଛୁଳା ଦେଓ ନଦୀରେ ଜଣେ ଯୁବକ ଭାସିଯାଉଥିବା ବେଳେ ଉଦ୍ଧାର କରାଯାଇଛି। ବୁଡ଼ିଯାଉଥିବା ଯୁବକ ଜଣଙ୍କ ମଠସାହିର କାନ୍ଦନ ମୁର୍ମୁ(୪୨)। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ଜାମୁଘାଟ ପୋଲ ନିକଟରେ ପୋଲିସ ଦ୍ୱାରା ସଚେତନ କରାଯାଉଛି। ସୂଚନା ଅନୁଯାୟୀ, ଲଗାତାର ୨ ଦିନ ବର୍ଷା ଜାରି ରହିଥିବାରୁ ଦେଓ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଉଦଳା ବ୍ଲକ୍ କଇଁସାରୀ ଜାମୁଘାଟ ପୋଲ ଉପରେ ୨ ଫୁଟ୍‌ର ପାଣି ପ୍ରବାହିତ ହେଉଛି। ରବିବାର ସକାଳ ସମୟରେ ପୋଲଟି ସମ୍ପୂର୍ଣ୍ଣ ବୁଡ଼ି ଉଦଳା-ବାଲେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଏହି ସମୟରେ କାନ୍ଦନ କୌଣସି କାମ ନିମନ୍ତେ ନଦୀକୁ ଆସିଥିବା ବେଳେ ଗୋଡ଼ ଖସିଯିବାରୁ ଭାସି ଯାଇଥିଲେ। ଜାମୁଘାଟ ପୋଲ ତଳେ ଥିବା ହୋମପାଇପ ମଧ୍ୟରେ ପଶି ଯାଇ ବାହାରିବା ପରେ ନଦୀର ପ୍ରଖର ସ୍ରୋତରେ ବୁଡ଼ିଯାଇଥିଲେ। ପୋଲ ନିକଟରେ ଛିଡ଼ା ହୋଇଥିବା ଲୋକେ ଏହା ଦେଖି ପାଟି କରିଥିଲେ। ଏହି ସମୟରେ ତଳ ମୁଣ୍ଡରେ ମାଛ ଧରୁଥିବା ୨ ଯୁବକ କାନ୍ଦନଙ୍କୁ ଉଦ୍ଧାର କରିଥିଲେ। କାନ୍ଦନଙ୍କ ହାତ, ଗୋଡ ଏବଂ ଛାତି ମାଡ ହୋଇଥିବା ଜଣାଯାଇଛି। ତେବେ ପୋଲର ଉପର ମୁଣ୍ଡରେ ଥିବା ସାଇକେଲ ଆଣିବାକୁ ଯିବା ସମୟରେ ପାଦ ଖସିଯାଇଥିବା କାନ୍ଦନ କହିଛନ୍ତି। ଏହି ଘଟଣା ପରେ ପୋଲର ୨ ପାର୍ଶ୍ୱରେ ସ୍ଥାନୀୟ ପୋଲିସ ସଚେତନ କରି ପୋଲ ଉପରେ ନ ଯିବାକୁ ଲୋକଙ୍କୁ କହୁଛି।

## ନଦୀରେ ୩ କିମି ଭାସିଲେ ମହିଳା

ସିନାପାଲି, ୨୧।୭
(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଡ଼ରାମାଳ ଗ୍ରାମର ନମିତା ସାହୁ ନାମ୍ନୀ ଜଣେ ମହିଳା ରବିବାର ଉଦନ୍ତୀ ନଦୀରେ ଭାସିଯାଇ ୩କିମି ଦୂରରେ ଉଦ୍ଧାର ହୋଇଛନ୍ତି। ସେ ଗାଧୋଇବା ଲାଗି ଏକୁଟିଆ ନଦୀକୁ ଯାଇଥିଲେ। ସେଠାରେ ଗାଧୋଉ ଥିବାବେଳେ ତାଙ୍କ ଗୋଡ଼ ଖସି ଯାଇଥିଲା। ଫଳରେ ନଦୀର ସ୍ରୋତକୁ ଚାଲିଯିବାରୁ ଭାସି ଯାଇଥିଲେ। ଭାସି ଯାଉଥିବାବେଳେ ପ୍ରାଣ ବିକଳରେ ବଞ୍ଚାଇବାକୁ ଚିତ୍କାର କରିଥିଲେ। ଜମିରେ କୃଷି କାର୍ଯ୍ୟ କରୁଥିବା ଲୋକେ ଜାଣିପାରି ସିନାପାଲି ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ତୁରନ୍ତ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳକୁ ସେ ପ୍ରାୟ ତିନି କିଲୋମିଟର ଦୂର ଭାସି ଯାଇଥିଲେ। ଦମକଳ ବାହିନୀ ତୁରନ୍ତ ନଦୀଗର୍ଭରେ ପଶି ତାଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ଜଣାପଡିଛି।



ଅଗ୍ନିଶମ ବିଭାଗ କର୍ମଚାରୀ ମହିଳାଙ୍କୁ ଉଦ୍ଧାର କରି ଆଣୁଛନ୍ତି।

## ୨୦୫୦ ସୁଦ୍ଧା ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦ୍ୱିଗୁଣିତ ହେବ

ନୂଆଦିଲ୍ଲୀ, ୨୧।୭

ଭାରତରେ ବରିଷ୍ଠ ନାଗରିକଙ୍କ ଜନସଂଖ୍ୟା ୨୦୫୦ ସୁଦ୍ଧା ଦ୍ୱିଗୁଣିତ ହେବ। ତେଣୁ ଦେଶରେ ବରିଷ୍ଠ ନାଗରିକଙ୍କ ସହ ସମ୍ବନ୍ଧିତ ଥିବା ଯୋଜନାଗୁଡ଼ିକରେ ଅଧିକ ନିବେଶ ଆବଶ୍ୟକ ବୋଲି ୟୁନାଇଟେଡ୍ ନେଶନ୍ ପପୁଲେଶନ୍ ଫଣ୍ଡ(ୟୁଏନ୍ଏଫ୍‌ପିଏ)ର ଭାରତ ମୁଖ୍ୟ ଆଣ୍ଡ୍ରିୟା ୱ୍ଜ୍‌ନାର କହିଛନ୍ତି। ୨୦୫୦ ସୁଦ୍ଧା ଭାରତରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଜନସଂଖ୍ୟା ବଢ଼ି ୩୪.୬ କୋଟିରେ ପହଞ୍ଚିବ, ଯାହା ବର୍ତ୍ତମାନ ରହିଥିବା ବରିଷ୍ଠ ନାଗରିକ ଜନସଂଖ୍ୟାର ଦ୍ୱିଗୁଣିତ ହୋଇଥିବା ୱ୍ଜ୍‌ନାର କହିଛନ୍ତି। ତେଣୁ ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା, ବାସଗୃହ, ପେନ୍‌ସନ ପରି ବରିଷ୍ଠ ନାଗରିକଙ୍କ ସହ ସମ୍ବନ୍ଧିତ ଥିବା ବିଭିନ୍ନ ଯୋଜନାରେ ଅଧିକ ନିବେଶର ଆବଶ୍ୟକତା ରହିଛି। ଏହାଦ୍ୱାରା ଏକାକୀ ରହୁଥିବା ବୟସ୍କା ମହିଳାମାନେ ଉପକୃତ ହେବେ। ଅନ୍ୟପକ୍ଷରେ ସମ୍ପ୍ରତି ଭାରତର ଜନସଂଖ୍ୟାର ଏକ ବଡ଼ ଅଂଶ ଯୁବକମାନଙ୍କର ହୋଇଥିବା ୱ୍ଜ୍‌ନାର କହିଛନ୍ତି। ୧୦ରୁ ୧୯ ବର୍ଷ ମଧ୍ୟରେ ୨୫.୨ କୋଟି ଲୋକ ବସବାସ କରୁଥିବାରୁ ସେମାନଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି ସୃଷ୍ଟି ଆଦି କ୍ଷେତ୍ରରେ ଅଧିକ ପୁଞ୍ଜି ବିନିଯୋଗର ଆବଶ୍ୟକତା ରହିଛି ବୋଲି 'ୟୁଏନ୍ଏଫ୍‌ପିଏ'ର ଭାରତ ମୁଖ୍ୟ କହିଛନ୍ତି। ସେହିପରି ୨୦୫୦ ବେଳକୁ ଭାରତରେ ସମୁଦାୟ ଜନସଂଖ୍ୟାର ୫୦% ଲୋକ ସହରରେ ବସବାସ କରୁଥିବେ ବୋଲି ୱ୍ଜ୍‌ନାର କହିଛନ୍ତି। ତେଣୁ ବସ୍ତି ଜନସଂଖ୍ୟା ବୃଦ୍ଧି, ବାୟୁ ପ୍ରଦୂଷଣ, ପରିବେଶ ଉପରେ ବିଭିନ୍ନ କୁପ୍ରଭାବ ଆଦି ପ୍ରସଙ୍ଗକୁ ନିୟନ୍ତ୍ରିତ କରିବାର ଆବଶ୍ୟକତା ରହିଛି।

## କାରଖାନାରେ ଆମୋନିଆ ଗ୍ୟାସ୍ ଲିକ୍, ୩୦ ମହିଳା ଶ୍ରମିକ ହସ୍ପିଟାଲରେ ଭର୍ତ୍ତି

ମଲ୍ଲାପୁରମ, ୨୧।୭

ତାମିଲନାଡୁର ଥୁଥୁକୁଡ଼ି ଜିଲାର ପୁଦୁରପାଣ୍ଡିଆପୁରମସ୍ଥିତ ଏକ ମତ୍ସ୍ୟ ପ୍ରକ୍ରିୟାକରଣ କାରଖାନାରେ ରବିବାର ଆମୋନିଆ ଗ୍ୟାସ ଲିକ୍ ହେବାରୁ ୩୦ ଜଣ ମହିଳା ଶ୍ରମିକ ଅସୁସ୍ଥ ହୋଇଛନ୍ତି। ଉକ୍ତ କାରଖାନା ମଧ୍ୟରେ ଏକ ଆମୋନିଆ ଗ୍ୟାସ୍ ପାଇପ ଫାଟିବାରୁ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସମୟରେ କାର୍ଯ୍ୟରତ ମହିଳା ଶ୍ରମିକ ଆମୋନିଆ ଗ୍ୟାସ ସଂସ୍ପର୍ଶରେ ଆସି ଅସୁସ୍ଥ ହୋଇଥିଲେ। ସେମାନଙ୍କ ନିକଟରେ ଆଖି ପୋଡ଼ିବା, ନିଶ୍ୱାସ ନେବାରେ ଅସୁବିଧା, ମୁଣ୍ଡ ବୁଲାଇବା ଆଦି ବିଭିନ୍ନ ଲକ୍ଷଣ ଦେଖା ଦେଇଥିଲା। ସମସ୍ତ ଅସୁସ୍ଥ ମହିଳାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍(ଆଇସିୟୁ)ରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ଅସୁସ୍ଥ ମହିଳାଙ୍କ ମଧ୍ୟରୁ ସର୍ବାଧିକ ୧୬ ଜଣ ଓଡ଼ିଶାର ରହିଛନ୍ତି। ତାମିଲନାଡୁ ଓ ଅନ୍ୟ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏହି ମତ୍ସ୍ୟ ପ୍ରକ୍ରିୟାକରଣ କାରଖାନାରେ ୫୦୦ରୁ ଊର୍ଦ୍ଧ୍ୱ ମହିଳା କାର୍ଯ୍ୟ କରୁଛନ୍ତି।

## ମାଲକାନଗିରିରେ ୮୨.୨ ମିମି ବର୍ଷା

ଭୁବନେଶ୍ୱର, ୨୧।୭
(ଅସମାପିକା ସାହୁ)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଶନିବାର ଅବପାତର ରୂପ ନେବା ପରେ ଦୁର୍ବଳ ହୋଇ ସୁସ୍ପଷ୍ଟ ଲଘୁଚାପରେ ପରିଣତ ହୋଇଥିଲା। ଏହି ସୁସ୍ପଷ୍ଟ ଲଘୁଚାପ ରବିବାର ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ସଂଲଗ୍ନ ଛତିଶଗଡ଼ ଅଞ୍ଚଳରେ ରହିଛି। ଏହା ଉତ୍ତର-ପଶ୍ଚିମ ଦିଗରେ ଛତିଶଗଡ଼ ଆଡ଼କୁ ଗତି କରୁଥିବା ବେଳେ ଧୀରେ ଧୀରେ ସୋମବାର ସୁଦ୍ଧା ଏହା ଆହୁରି ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଯିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହା ପ୍ରଭାବରେ ରବିବାର ମାଲକାନଗିରିରେ ସର୍ବାଧିକ ୮୨.୨ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ନୂଆପଡ଼ାରେ ୨୫.୪, ଚାନ୍ଦବାଲିରେ ୧୧ ଓ ଦାରିଙ୍ଗବାଡ଼ିରେ ୧୦ମିମି ବର୍ଷା ହୋଇଛି। ଆସନ୍ତା ଦୁଇଦିନ ରାଜ୍ୟରେ ମଧ୍ୟ ବର୍ଷା ହେବ ଓ ୨୫ରୁ ପୁଣି ବର୍ଷା ବଢ଼ିବ। ସୋମବାର କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଏବଂ ସମ୍ବଲପୁରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍ଆର୍‌ସି) ରବିବାର ରାଜ୍ୟରେ ବର୍ଷାଜନିତ ସ୍ଥିତିର ସମୀକ୍ଷା କରିଛନ୍ତି। ଏଥିସହିତ ପାଣି କମିବା ପରେ ସାଧାରଣ ଏବଂ ଘରୋଇ ସମ୍ପତ୍ତିର କ୍ଷୟକ୍ଷତି ରିପୋର୍ଟ ଦେବା ପାଇଁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, ବଲାଙ୍ଗୀର, ଖୋର୍ଦ୍ଧା, ନୟାଗଡ଼, ନୂଆପଡ଼ା, ବୌଦ୍ଧ ଏବଂ ଅନୁଗୋଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### କ୍ଷୟକ୍ଷତି ରିପୋର୍ଟ ଦେବାକୁ ୧୧ ଜିଲାପାଳଙ୍କୁ ଏସ୍ଆର୍‌ସିଙ୍କ ନିର୍ଦ୍ଦେଶ



## ରାଜ୍ୟର ପ୍ରଥମ ୱେରହାଉସ କଣ୍ଟେନର ସେବା ଆରମ୍ଭ

### ଓଡ଼ିଶାର ରପ୍ତାନି, ଆମଦାନୀ କ୍ଷେତ୍ରରେ ସହାୟକ ହେବ

ପାରାଦୀପ,୨୧।୭(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ରଙ୍ଗିଆଗଡ଼ସ୍ଥିତ କଙ୍କର ମଲ୍ଟି ମୋଡାଲ ଲଜିଷ୍ଟିକ୍ ପାର୍କ ମଧ୍ୟରେ ରବିବାର ୱେରହାଉସ ସେବା ଆରମ୍ଭ ହୋଇଛି। ଏଠାରେ ଏକାଧିକ ୱେରହାଉସ ରହିଛି। ସେଥିରୁ ଗୋଟିଏ ଘରୋଇ ସଂସ୍ଥା ଅଲଟ୍ରା କମର୍ସିଆଲ ଆଣ୍ଡ କୋ କମ୍ପାନୀ ଅଧିଗ୍ରହଣ କରିଛି। ଉକ୍ତ କମ୍ପାନୀ ରବିବାର ତା'ର ପ୍ରଥମ କଣ୍ଟେନର ସେବା ଆରମ୍ଭ କରିଛି। ଏହା ରାଜ୍ୟରେ ପ୍ରଥମ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ୱେରହାଉସ ଜରିଆରେ ବହୁମୁଖୀ ପଣ୍ୟ ସହଜରେ କାରବାର ହୋଇପାରିବ। ଏହାକୁ ପାରାଦୀପ ବନ୍ଦର ଟ୍ରାଫିକ ପରାମର୍ଶଦାତା ଆଶିଷ କୁମାର ବୋଷ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଏହା ଓଡ଼ିଶାର ରପ୍ତାନି ଓ ଆମଦାନୀ କ୍ଷେତ୍ରରେ ବିଶେଷ ସହାୟକ ହେବ। ନିବେଶକମାନେ ଉଚିତ ମୂଲ୍ୟରେ ତାଙ୍କର ପଣ୍ୟ କାରବାର କରିପାରିବେ। ୨୫ ହଜାର ସ୍କୋୟାର ଫୁଟ୍ ଅଞ୍ଚଳରେ ନିର୍ମିତ ଏହି ୱେରହାଉସ ମଧ୍ୟକୁ ଟ୍ରେନ୍ ଓ ଭାରିଯାନ ଚଳାଚଳ ପାଇଁ ବ୍ୟବସ୍ଥା କରାଯାଇଛି। ପାରାଦୀପ ବନ୍ଦର ସମ୍ପ୍ରତି ଦେଶର ଏକ ନମ୍ବର ସ୍ଥାନ ହାସଲ କରିଥିଲେ ହେଁ କ୍ଲିନ୍ କାର୍ଗୋ ପାଇଁ ସେପରି କୌଣସି ବ୍ୟବସ୍ଥା ନ ଥିଲା। କେବଳ ବଲ୍କ (ଲଘୁ ଓ ଖଣିଜ ପଦାର୍ଥ)କାର୍ଗୋ ଓ ଅଏଲ କାରବାର ହେଉଥିଲା। ଯେକୌଣସି ନିବେଶକ କିମ୍ବା ବ୍ୟବସାୟୀ ଶୃଙ୍ଖଳା ପଣ୍ୟ (ଔଷଧ, କପଡ଼ା, ମସଲା, ଖାଦ୍ୟସାମଗ୍ରୀ, ବୈଦ୍ୟୁତିକ ଉପକରଣ ଆଦି)କାରବାର ପାଇଁ ଭିତ୍ତିଭୂମି ନ ଥିଲା। ଏନେଇ ରେଲ୍‌ୱେ ସହଯୋଗୀ ସଂସ୍ଥା କଙ୍କର (କେନ୍ଦ୍ର ସରକାରଙ୍କ ଏକ ଉଦ୍ୟୋଗ)ଜରିଆରେ ରଙ୍ଗିଆଗଡ଼ଠାରେ ମଲ୍ଟି ମୋଡାଲ କରିଡର କରାଯାଇଛି। ସେଠାରେ ଏକାଧିକ ବଡ଼ ୱେରହାଉସ ନିର୍ମାଣ କରାଯାଇଛି। ଯେକୌଣସି କ୍ଲିନ୍ କାର୍ଗୋ ସେଠାରେ ସୁରକ୍ଷିତ ଭାବେ ରହିପାରିବ। ଏହାଦ୍ୱାରା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ ଏବେ ପାରାଦୀପ ବନ୍ଦର ଜରିଆରେ ସହଜରେ କାରବାର କରିହେବ ବୋଲି ବୋଷ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଲଟ୍ରା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ପଟ୍ଟନାୟକ, ପାର୍ଟନର ଚିନ୍ମୟ ପଟ୍ଟନାୟକ, କଙ୍କର ଆସିଷ୍ଟାଣ୍ଟ ଅଫିସର ରୁଦ୍ରରଞ୍ଜନ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।




## ଧସିଲା ପୋଟେରୁ ନଦୀ ପୋଲ

ମାଲକାନଗିରି, ୨୧।୭
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଗତ ୩ ଦିନ ଧରି ଲଘୁଚାପ ବର୍ଷା ଯୋଗୁ ଏମ୍‌ଭି ୯୦, ଏମ୍‌ଭି ୯୬, କାଙ୍ଗୁରୁକୋଣ୍ଡା, କନ୍ୟାଶ୍ରମ, ପାଙ୍ଗାମ ଓ ପୋଟେରୁ ନଦୀରେ ଜଳସ୍ତର ବୃଦ୍ଧି ପାଇ ପୋଲ ଉପରେ ୫ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି। ଶୁକ୍ରବାର ବର୍ଷା ପରିମାଣ କିଛିଟା କମିଥିବା ବେଳେ ରବିବାର ଏମ୍‌ଭି ୯୬ ନଦୀ ବ୍ୟତୀତ ଅନ୍ୟ ସମସ୍ତ ନଦୀ ପୋଲ ଉପରୁ ଜଳ କମିବାରେ ଲାଗିଛି। ଫଳରେ ଯାତାୟାତ ସ୍ୱାଭାବିକ ହୋଇଛି। ପୋଟେରୁ ନଦୀ ପୋଲର କିଛି ଅଂଶ ବର୍ଷା ଯୋଗୁ ତଳକୁ ଧସି ଯାଇଥିବା ଦେଖିବାକୁ ମିଳିଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ରବିବାର ସକାଳ ୮ଟା ସୁଦ୍ଧା ଜିଲାରେ ମୋଟ ୪୩୩.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ହାରାହାରି ୬୧.୯୭ ମିଲିମିଟର ବର୍ଷା ହୋଇଥିବା ଜଣାପଡିଛି।

## ଅଗଷ୍ଟ ୯ରୁ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ରାଜ୍ୟବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର,୨୧।୭(ବନ୍ଦନା ସେଠୀ)

ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘର ରାଜ୍ୟ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ପ୍ରତିଶ୍ରୁତି ପାଳନ କରି ଅଙ୍ଗନୱାଡି କର୍ମୀଙ୍କ ଭତ୍ତା ବୃଦ୍ଧି କରିବା ପାଇଁ ବୈଠକରେ ଦାବି ହେବା ସହ ଏସ୍ଏନ୍‌ପି ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ଯୋଗୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଅଗଷ୍ଟ ୯ରୁ ୧୪ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। ଏସ୍ଏନ୍‌ପି ସାମଗ୍ରୀର ବଜାର ମୂଲ୍ୟ ପ୍ରଦାନ କରିବା, ଖାଲିଥିବା ସୁପରଭାଇଜର ପଦବୀରେ ବରିଷ୍ଠତା ଭିତ୍ତିରେ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରୁ ପଦୋନ୍ନତି କରାଯାଇ ନିଯୁକ୍ତି ଦେବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଭିତ୍ତିରେ ଅବସର ବେଳେ ଗ୍ରାଚୁଇଟି ପ୍ରଦାନ, ୨୦୦୧ ମସିହା ସଂସଦୀୟ ଷ୍ଟାଣ୍ଡିଂ କମିଟି ସୁପାରିସ ମତେ ଅଙ୍ଗନୱାଡି କାର୍ଯ୍ୟକର୍ତ୍ତାଙ୍କୁ ଏଏନ୍ଏମ୍ ଓ ପ୍ରାଥମିକ ଶିକ୍ଷକ ପଦବୀକୁ ପଦୋନ୍ନତି ପ୍ରଦାନ ଆଦି ବିଭିନ୍ନ ଦାବି ନେଇ ଏହି ଆନ୍ଦୋଳନ କରିବାକୁ ସ୍ଥିର ହୋଇଥିଲା। ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ହରପ୍ରିୟା ସ୍ୱାଇଁ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ରାଜ୍ୟ କମିଟି ସଦସ୍ୟ ପ୍ରବୀଣ ଦାଶ, ପ୍ରତିଭା ପାଲ, ମମତାଜ ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ।

## ରାଷ୍ଟ୍ରପତି ଦୌଡ଼ରୁ ...

ପ୍ରଥମ ପୃଷ୍ଠାରୁ...

ସେହିପରି ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କୁ ଭାଇସ୍ ପ୍ରେସିଡେଣ୍ଟ ଟ୍ରମ୍ପ ବୋଲି କହିଥିଲେ। ଏହାର କିଛିଦିନ ପରେ ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ଏକ ଅଭ୍ୟର୍ଥନା କାର୍ଯ୍ୟକ୍ରମବେଳେ ଅନ୍ୟ ଜଣେ ମହିଳାଙ୍କୁ ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ମନେକରି ରାଷ୍ଟ୍ରପତି ତାଙ୍କୁ ଚୁମ୍ବନ ଦେବାକୁ ଯାଉଥିଲେ। ବାଇଡେନ୍‌ଙ୍କ ଏଭଳି ବାରମ୍ବାର ଭୁଲ୍ ଯୋଗୁ ଟ୍ରମ୍ପ ତାଙ୍କୁ ସବୁବେଳେ ଟାର୍ଗେଟ କରୁଥିଲେ। ବାଇଡେନ୍ ୮୫ ବର୍ଷରେ ଉପନୀତ ହେବା ପରେ ଆମେରିକାକୁ କିପରି ଚଳାଇବେ ବୋଲି ଚ୍ୟାଲେଞ୍ଜର ଟ୍ରମ୍ପ ପ୍ରଶ୍ନ କରିଥିଲେ। ଏହିସବୁ ବିଷୟକୁ ନେଇ ଶାସକ ଡେମୋକ୍ରାଟିକ୍ ପାର୍ଟିରେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବା ପାଇଁ ବାଇଡେନ୍‌ଙ୍କ ଉପରେ ଚାପ ବଢ଼ିବାରେ ଲାଗିଥିଲା। ଶେଷରେ ସେ ପ୍ରବଳ ଚାପ ଆଗରେ ମୁଣ୍ଡ ନୁଆଁଇ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ବାଇଡେନ୍ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ରବିବାର ରାତିରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପୋଷ୍ଟ କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଆମେରିକା ରାଷ୍ଟ୍ରପତି ଭାବେ ସେବା ପ୍ରଦାନ କରି ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି। ଗତ ସାଢ଼େ ୩ ବର୍ଷ ମଧ୍ୟରେ ଦେଶରେ ଅନେକ ବିକାଶ ସାଧିତ ହୋଇଛି। ଆଜି ଆମେରିକାର ଅର୍ଥନୀତି ବିଶ୍ୱର ସବୁଠୁ ଶକ୍ତିଶାଳୀ। ଦେଶର ପୁନଃନିର୍ମାଣ କ୍ଷେତ୍ରରେ ଆମେ ଐତିହାସିକ ନିବେଶ କରିଛୁ। ଆମେରିକାବାସୀଙ୍କ ସହଯୋଗ ବିନା ଏହା ସମ୍ଭବ ହୋଇ ନ ଥାନ୍ତା। ଦେଶକୁ ଆହୁରି ଆଗେଇ ନେବା ପାଇଁ ସେ ପୁନଃ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଗ୍ରହୀ ଥିଲେ। ତେବେ ଦେଶ ଓ ଦଳର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଓହରିଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ସମ୍ପର୍କରେ ଚଳିତ ସପ୍ତାହରେ ବିସ୍ତୃତ ଭାବେ ଦେଶବାସୀଙ୍କୁ ସମ୍ବୋଧିତ କରି ଅବଗତ କରାଇବେ ବୋଲି ବାଇଡେନ୍ କହିଛନ୍ତି। ଏହି ଅବସରରେ ବାଇଡେନ୍ ଉପରାଷ୍ଟ୍ରପତି ହାରିସ୍‌ଙ୍କୁ ତାଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି। ରାଷ୍ଟ୍ରପତି ପ୍ରାର୍ଥୀ ହେବା ପାଇଁ ହାରିସ୍ ସର୍ବୋତ୍ତମ ଡେମୋକ୍ରାଟ୍ ବୋଲି ବାଇଡେନ୍ କହିଛନ୍ତି। ତାଙ୍କ ପ୍ରସ୍ତାବକୁ ଡେମୋକ୍ରାଟିକ୍ ପାର୍ଟି କନ୍‌ଭେନ୍‌ସନ ଅନୁମୋଦନ ଦେଲେ ହାରିସ୍ ପ୍ରଥମ ଭାରତୀୟ ବଂଶୋଦ୍ଭବ ଆମେରିକା ରାଷ୍ଟ୍ରପତି ପ୍ରାର୍ଥୀ ହେବେ। ନଭେମ୍ବର ନିର୍ବାଚନରେ ସେ ବିଜୟୀ ହେଲେ ପ୍ରଥମ ମହିଳା ଏବଂ ଅଣଶ୍ୱେତାଙ୍ଗ ରାଷ୍ଟ୍ରପତି ହେବାର ଗୌରବ ଲାଭ କରିବେ।

# ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟରେ ଅନିୟମିତତା

ଢେଙ୍କାନାଳ,୨୧।୭
(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସୋଗରଠାରେ ଥିବା ମହାତ୍ମା ଗାନ୍ଧୀ ଔଷଧୀୟ ଅରଣ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଔଷଧୀୟ ଅରଣ୍ୟ ପାଇଁ ଏମ୍‌ଜିଏନ୍ଆର୍‌ଇଜିଏସ୍, ଡିଏମ୍ଏଫ୍ ଓ ବିଭିନ୍ନ କମ୍ପାନୀର ସିଏସ୍ଆର୍ ଫଣ୍ଡରୁ ଶତାଧିକ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏ ସମ୍ପର୍କରେ ବିଭିନ୍ନ ମହଲରେ ସ୍ୱର ଉଠିବା ପରେ ଜିଲା ପ୍ରଶାସନର ନିଦ ଭାଙ୍ଗିଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଗତ ୯ ଓ ୧୦ ତାରିଖରେ ହିନ୍ଦୋଳ ତହସିଲଦାରଙ୍କ ନେତୃତ୍ୱରେ ଜିଲା ବନବିଭାଗ ସହାୟତାରେ ଏହି ପ୍ରକଳ୍ପର ଖୋଳତାଡ କରାଯାଇଛି। ୨୦୧୦ ମସିହା ପରଠାରୁ ଏହି ପ୍ରକଳ୍ପ ତତ୍କାଳୀନ ସରକାରରେ ଥିବା ଜଣେ ବରିଷ୍ଠ ମନ୍ତ୍ରୀଙ୍କ କବ୍‌ଜାରେ ରହିଥିଲା। ଏପରିକି ଏହା ତାଙ୍କର ଫାର୍ମ ହାଉସ ଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ୨୦୧୦ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ପ୍ରାୟ ୭୦୩.୬୨ ଏକର ଜାଗାରେ ଥିବା ଏହି ଔଷଧୀୟ ଅରଣ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ପରଠାରୁ ଏହି ଔଷଧୀୟ ଅରଣ୍ୟ ପାଇଁ ବିଭିନ୍ନ ଉତ୍ସରୁ ଶତାଧିକ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବାଲେଶ୍ୱର ଓ ଢେଙ୍କାନାଳ ଜିଲାର ପ୍ରାୟ ୧୨ଟି କମ୍ପାନୀର ସିଏସ୍ଆର୍ ଫଣ୍ଡ ଅର୍ଥରେ ୨ଟି କାଠଘର ସମେତ ପ୍ରାୟ ୨୦ଟି ଘର ନିର୍ମାଣ ହୋଇଛି। ଏକ ଅଣ୍ଡର ଗ୍ରାଉଣ୍ଡ ଘର ମଧ୍ୟ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏକ ପଥପ୍ରାନ୍ତ ଗୃହ ସମେତ ଆଦିବାସୀ କଟେଜ୍ ନିର୍ମାଣ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ବେଆଇନ ଖଣି ଖଦାନରୁ ପଥର ଖୋଳାଯାଇଛି। ଉକ୍ତ ସ୍ଥାନରେ ୬ କୋଟି ଟଙ୍କା ବ୍ୟୟରେ ୱାଟରପାର୍କ କରାଯାଉଛି। ଜିଲା ମିନେରାଲ ଫଣ୍ଡ ପକ୍ଷରୁ ଏହି ପ୍ରକଳ୍ପ ନିମନ୍ତେ ପ୍ରାୟ ୨୦କୋଟି ଟଙ୍କା ବ୍ୟୟ ହୋଇଛି। କିନ୍ତୁ ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରାଯାଇନାହିଁ। ତେବେ କାହା ସ୍ୱାର୍ଥରେ ପାଣି ଭଳି ଏଠାରେ ଟଙ୍କା ଖର୍ଚ୍ଚ କରାଯାଇଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି କି ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏହି ପ୍ରକଳ୍ପ ସମ୍ପର୍କରେ ଲୋକମାନଙ୍କ ଅବଗତି ନିମନ୍ତେ କୌଣସି ପ୍ରଚାର ଓ ପ୍ରସାର କରା ନ ଯିବା ଉକ୍ତ ସନ୍ଦେହକୁ ଅଧିକ ବଢ଼ାଇ ଦେଇଛି। ଏହି ଔଷଧୀୟ ଅରଣ୍ୟକୁ ଜଣେ ପୂର୍ବତନ ମନ୍ତ୍ରୀଙ୍କ ଫାର୍ମ ହାଉସ କୁହାଯିବା ସହ ଏଠାରେ ଅଧିକାଂଶ ସମୟରେ ସମ୍ପୃକ୍ତ ମନ୍ତ୍ରୀଙ୍କ ସମର୍ଥକମାନେ ଆସର ଜମାଉଥିଲେ ବୋଲି ଆଲୋଚନା ହେଉଛି। ଏଠାକୁ ବିଭିନ୍ନ ସମୟରେ ପ୍ରଶାସନିକ ଅଧିକାରୀ ଓ ରାଜନେତାମାନଙ୍କ ଆତଯାତ ଥିଲା। ତତ୍କାଳୀନ ସରକାରଙ୍କ ଜଣେ ବରିଷ୍ଠ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ପ୍ରକଳ୍ପ ପରିଚାଳନା ପାଇଁ ଏକ କମିଟି ଗଠନ ହୋଇଥିଲା। ହେଲେ କମିଟିରେ କେତେଜଣ ସଦସ୍ୟଙ୍କ ମଧ୍ୟରେ ବିବାଦ ହେବାରୁ ଏହି ଘଟଣା ଧୀରେ ଧୀରେ ପଦାକୁ ଆସିଥିଲା। ଏପରି କି ୨୦୨୪ ନିର୍ବାଚନରେ ବିଜେଡି ସରକାରର ପରାଜୟ ପରେ ସମ୍ପୃକ୍ତ ପୂର୍ବତନ ମନ୍ତ୍ରୀ ଏବଂ ତାଙ୍କର ସମର୍ଥକମାନଙ୍କୁ କମିଟିର କେତେଜଣ ସଦସ୍ୟ ଏହି ପ୍ରକଳ୍ପ ପରିସରକୁ ପୂରାଇ ଦେଇ ନ ଥିଲେ। ଏହି ପ୍ରକଳ୍ପର ପାଚେରି ଏବଂ ବିଭିନ୍ନ ଯୋଜନାରେ ନିର୍ମାଣ ହୋଇଥିବା ଘର, ଗେଷ୍ଟ ହାଉସ ପାଇଁ ପ୍ରକଳ୍ପ ପରିସରରେ ଥିବା ୫ଟି ବେଆଇନ ପଥର ଖଣିରୁ ପଥର ଉଠାଯାଇଥିବା ବେଳେ ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥ ହଡପ କରାଯାଇଥିବା ଅଭିଯୋଗ ହେଉଛି। ପ୍ରକଳ୍ପଟି କାମାକ୍ଷାନଗର ବ୍ଲକ ଓ ତହସିଲ ଅଧୀନରେ ହୋଇଥିବା ବେଳେ ନିରପେକ୍ଷ ଯାଞ୍ଚ ନିମନ୍ତେ ହିନ୍ଦୋଳ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ହିନ୍ଦୋଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ନଂ. ୩୯୯୨, ତା. ୦୪।୦୭।୨୪ରେ ପ୍ରକଳ୍ପ ପରିସରରେ କେତେ ସମ୍ପତ୍ତି ରହିଛି ଏବଂ ଜାଗା କିସମ ସମ୍ପର୍କରେ ଯାଞ୍ଚ ନିମନ୍ତେ ହିନ୍ଦୋଳ ତହସିଲଦାରଙ୍କ ନେତୃତ୍ୱରେ ୨ଜଣ ଆରଆଇ ଓ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ଅଧିକାରୀ, କର୍ମଚାରୀଙ୍କ ସହାୟତା ଲୋଡାଯାଇଥିଲା। ଏହି ଟିମ୍ ନେତୃତ୍ୱରେ ଯାଞ୍ଚ କାର୍ଯ୍ୟ ଶେଷ ହୋଇଛି। ଏ ସଂକ୍ରାନ୍ତରେ ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି, ରାଜସ୍ୱ ଓ ବନବିଭାଗର ଏକ ଟିମ୍ ଗଠନ କରାଯାଇ ଔଷଧୀୟ ଅରଣ୍ୟ ପରିସରରେ ଥିବା ସମ୍ପତ୍ତି, ଜାଗା କିସମ ଏବଂ ବିଭିନ୍ନ ଯୋଜନାରେ ଯେଉଁ ଅର୍ଥ ବିନିଯୋଗ ହୋଇଛି, ତାହା ଜାଣିବା ପାଇଁ ଯାଞ୍ଚ କରାଯାଇଛି। ଉକ୍ତ ରିପୋର୍ଟ ଅନୁଧ୍ୟାନ ପରେ ଆଇନ ଅନୁଯାୟୀ ତାହାର ପରିଚାଳନା ନିମନ୍ତେ ପଦକ୍ଷେପ ନିଆଯିବ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଖୋଳତାଡ କରାଯାଇଛି। ରିପୋର୍ଟ ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ।

### ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଖୋଳତାଡ଼

### ଜଣେ ପୂର୍ବତନ ମନ୍ତ୍ରୀଙ୍କ ଫାର୍ମ ହାଉସ ଥିବା ଚର୍ଚ୍ଚା




ଔଷଧୀୟ ଅରଣ୍ୟ।



ଔଷଧୀୟ ଅରଣ୍ୟ ପରିସରରେ ବେଆଇନ ପଥରଖଣି।

## ସଂକ୍ଷେପରେ

### ଆକ୍ରମଣ ପରେ ଓଭରବ୍ରିଜ ଉପରୁ ଠେଲି ଦେବା ଉଦ୍ୟମ, ଯୁବକ ଗିରଫ

ଭୁବନେଶ୍ୱର,୨୧।୭(ସୂର୍ଯ୍ୟକାନ୍ତ ବେହେରା)

ରଙ୍ଗ୍‌ରୁଟରେ ଗାଡି ଚଲାଇବା ବେଳେ ଯୁବକଙ୍କୁ ଧକ୍କା ଦେଲେ। ନିଜ ଭୁଲ୍‌କୁ ନ ମାନି ଟ୍ରାଫିକ ନିୟମ ଅନୁସାରେ ଗାଡି ଚଲାଇ ଆସୁଥିବା ରାମାକାନ୍ତ ମହାପାତ୍ରଙ୍କୁ ମାଡ ମାରିବା ସହ ଓଭରବ୍ରିଜ ଉପରୁ ତଳକୁ ଠେଲି ଦେବା ଉଦ୍ୟମ କଲେ। ରାମାକାନ୍ତଙ୍କ ଅଭିଯୋଗ ପରେ ନୟାପଲ୍ଲୀ ଥାନା ପୋଲିସ ଶେଷରେ ଆକ୍ରମଣକାରୀ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡାର ହିମାଂଶୁ ନାୟକ ଓରଫ ବାପୁନି। ତାଙ୍କଠାରୁ ମୋଟରସାଇକେଲ ଜବତ ହୋଇଛି। ସୂଚନାନୁସାରେ, ରାମାକାନ୍ତ ଶନିବାର ସନ୍ଧ୍ୟାରେ ବରମୁଣ୍ଡା ଅଞ୍ଚଳରୁ ଜୟଦେବ ବିହାର ଅଭିମୁଖେ ନିଜ ମୋଟରସାଇକେଲରେ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତ ହିମାଂଶୁ ମଧ୍ୟ ନିଜ ମୋଟରସାଇକେଲରେ ଜୟଦେବ ବିହାର ପଟୁ ଭୁଲ୍ ଦିଗରେ ଗାଡି ଚଲାଇ ଯାଉଥିବା ବେଳେ ରାମାକାନ୍ତଙ୍କ ଗାଡିକୁ ଧକ୍କା ଦେଇଥିଲେ। ଦୁର୍ଘଟଣା ପରେ ଅଭିଯୁକ୍ତ ହିମାଂଶୁ ୭ ହଜାର ଟଙ୍କା ଦେବାକୁ କହିବାରୁ ରାମାକାନ୍ତ ମାନ କରି ଦେଇଥିଲେ। ଏହାପରେ ଅଭିଯୁକ୍ତ ତାଙ୍କୁ ଗାଳିଗୁଲଜ କରିବା ସହିତ ମାଡ ମାରିଥିଲେ। ଏଥିସହ ହେଲମେଟରେ ତାଙ୍କ ଗାଡିକୁ ବାଡେଇ ଭାଙ୍ଗି ଦେଇଥିଲେ। ଏହାପରେ ଅଭିଯୁକ୍ତ ଓଭରବ୍ରିଜ ଉପରୁ ରାମାକାନ୍ତଙ୍କୁ ତଳକୁ ଠେଲିଦେବା ଲାଗି ଉଦ୍ୟମ କରିଥିଲେ। ଖବର ପାଇ ଘଟଣା ସ୍ଥଳରେ ପିସିଆର ପୋଲିସ ପହଞ୍ଚି ଦୁଇଟି ମୋଟରସାଇକେଲ ସହ ଉଭୟଙ୍କୁ ଥାନାକୁ ଆଣିଥିଲା। ରାମାକାନ୍ତଙ୍କ ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ମେଣ୍ଢାଶାଳ ବଜାରରୁ ହରିଣ ଉଦ୍ଧାର

ବାରଙ୍ଗ,୨୧।୭(ଲିଙ୍ଗରାଜ ରାଉତ)

ଏକ ହରିଣ ରବିବାର ବଡ଼ି ଭୋର ସମୟରେ ଚନ୍ଦକା ଜଙ୍ଗଲରୁ ବାହାରି ମେଣ୍ଢାଶାଳ ବଜାରର ସୁବାସ ବେହେରାଙ୍କ ପାନ ଦୋକାନ ନିକଟରେ ଶୋଇଥିଲା। ସୁବାସ ସକାଳେ ଦୋକାନ ଖୋଲିବା ସମୟରେ ହରିଣଟି ଶୋଇଥିବା ଦେଖିଥିଲେ। ପରେ ହରିଣଟିକୁ ଦେଖିବାକୁ ଦେଖଣାହାରିଙ୍କ ଭିଡ଼ ବଢିଥିଲା। ସେହି ସମୟରେ ହରିଣଟି ଦୋକାନ ପଛପଟ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦଳଗାଡ଼ିଆ ଭିତରକୁ ପଳାଇଯାଇଥିଲା। ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ହରିଣକୁ ଆଉ ଦେଖିପାରି ନ ଥିଲେ। ପରେ ଖବରପାଇ ଚନ୍ଦକା ଅଭୟାରଣ୍ୟ ମୁଖ୍ୟ ଫାଟକ ଗୋଡ଼ିବାରି ପାଖରୁ କେତେଜଣ ବନ କର୍ମଚାରୀ ଆସି ଦଳଗାଡ଼ିଆରେ ହରିଣକୁ ଖୋଜି ବାହାର କରିବା ସହ ଜାଲ ପକାଇ ଉଦ୍ଧାର କରିଥିଲେ। ପରେ ବନ ବିଭାଗ ତାକୁ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି। ହରିଣଟି ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ଆସିଥିବାବେଳେ ବୁଲା କୁକୁରଙ୍କ କବଳରୁ ବଞ୍ଚିବାକୁ ପାନ ଦୋକାନ ପାଖକୁ ପଳାଇ ଆସିଥିବା ଅନୁମାନ କରାଯାଉଛି।

# ଅପହର୍ତ୍ତାଙ୍କ କବଳରୁ ଖସିଆସିଲେ ନାବାଳକ

ବାରଙ୍ଗ,୨୧।୭(ଲିଙ୍ଗରାଜ ରାଉତ)

- ଗାଧୋଇବାକୁ ଯିବାବେଳେ ୨ ଅପହର୍ତ୍ତା କାର୍‌ରେ ଅପହରଣ କରିନେଇଥିଲେ
- ଅଭିଯୋଗ ପାଇ ଚୁପ୍ ବସିଥିଲା ନନ୍ଦନକାନନ ପୋଲିସ

ନନ୍ଦନକାନନ ଥାନା ଅଧୀନ କେନ୍ଦୁପାଟଣା ଗ୍ରାମର ଜଣେ ନାବାଳକ ଗତ ଗୁରୁବାରଠାରୁ ନିଖୋଜ ହୋଇଥିବାବେଳେ ରବିବାର ପରିବାର ଲୋକଙ୍କ ପାଖକୁ ଫେରିଆସିଛନ୍ତି। ନାବାଳକ ଜଣକ ପୁରୀ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିବା ପରିବାର ଲୋକେ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ। ରବିବାର ନାବାଳକ ଜଣକ ନିଜ ଉଦ୍ୟମରେ ଘରେ ପହଞ୍ଚି ଅପହରଣର ପୂରା ଘଟଣା ବଖାଣିଛନ୍ତି। ସୂଚନାନୁସାରେ, କେନ୍ଦୁପାଟଣା କଲେଜ ଛକ ନିକଟ ଦୟା ଦକ୍ଷିଣ ଶାଖା କେନାଲ କଡ଼ରେ ଏକ ଝାଟିମାଟିର ଝୁମ୍ପୁଡ଼ିରେ ଉକ୍ତ ନାବାଳକଙ୍କ ପରିବାର ରହୁଛନ୍ତି। ବାଉଁଶ ତାଟି ତିଆରି କରି ଯାହା ଅର୍ଥ ଉପାର୍ଜନ ହୁଏ, ସେଥିରେ ସମଗ୍ର ପରିବାର ଦୁଃଖ କଷ୍ଟେ ଚଳିଯାଇଥାନ୍ତି। ତେବେ ଗୁରୁବାର ପୂର୍ବାହ୍ଣରେ ନାବାଳକ ଜଣକ ଗାଧୋଇବାକୁ ପୁରୀ ମୁଖ୍ୟ କେନାଲକୁ ଯାଇଥିଲେ। ଯିବା ରାସ୍ତାରେ ଏକ କାର୍ ତାଙ୍କ ପାଖରେ ଅଟକିଥିଲା। ଗାଡି ଚଳାଉଥିବା ବ୍ୟକ୍ତିଜଣକ ପ୍ରତାପନଗରୀ ଯିବାପାଇଁ ବାଟ ପଚାରିଥିଲେ। ନାବାଳକ ଜଣକ ବାଟ ଦେଖାଇବାବେଳେ ୨ଜଣ ଯୁବକ ତାଙ୍କ ମୁହଁରେ ଏକ କପଡ଼ା ବାନ୍ଧି କିଛି ଶୁଙ୍ଘାଇ କାର୍‌ରେ ନେଇ ଯାଇଥିଲେ। ତାଙ୍କର ଚେତା ଆସିବା ପରେ ସେ ଆନ୍ଧ୍ରପ୍ରଦେଶ ସୀମାର ଏକ ହୋଟେଲରେ ରହିଥିବା ଜାଣିବାକୁ ପାଇଥିଲେ। ସେ କୌଶଳକ୍ରମେ ହୋଟେଲରେ ଥିବା ଜଣେ ବ୍ୟକ୍ତିଙ୍କ ମୋବାଇଲରୁ ଏ ବିଷୟରେ ସମ୍ପର୍କୀୟଙ୍କୁ ଜଣାଇଥିଲେ। ପରିବାର ଲୋକ ବ୍ୟସ୍ତ ବିବ୍ରତ ହୋଇ କେଉଁ ସ୍ଥାନରେ ଅଛି ବୋଲି ଜାଣିବାକୁ ପୁନର୍ବାର ଫୋନ କରିବାରୁ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। ଏ ବିଷୟରେ ପରିବାର ଲୋକ ଥାନାକୁ ଜଣାଇ ମୋବାଇଲ ନମ୍ବର ଟ୍ରାକ୍ କରିବାକୁ କହିଥିଲେ ମଧ୍ୟ ପୋଲିସ ସେପରି କିଛି ତତ୍ପରତା ଦେଖାଇ ନ ଥିଲା। ଫଳରେ ପରିବାର ଲୋକେ ଚିନ୍ତାରେ ଥିଲେ। ଶନିବାର ସକାଳେ ଅପହର୍ତ୍ତାମାନେ ନାବାଳକଙ୍କୁ ଉକ୍ତ ସ୍ଥାନରୁ ଅନ୍ୟଏକ ସ୍ଥାନକୁ ନେବାବେଳେ ଏକ ବଜାର ପାଖରେ ଅଟକିଥିଲେ। ଏହି ସୁଯୋଗରେ ନାବାଳକ ଜଣଙ୍କ ଅପହର୍ତ୍ତାଙ୍କ କବଳରୁ ଖସି କିଛି ଦୂରରେ ଛିଡ଼ା ହୋଇଥିବା ଏକ ଟ୍ରେନ୍‌ରେ ଚଢ଼ି ଯାଇଥିଲେ। ଶନିବାର ରାତିରେ ଟ୍ରେନ୍‌ଟି ରମ୍ଭା ନିକଟ ଷ୍ଟେଶନରେ ଧୀରେ ଯାଉଥିବା ସୁଯୋଗରେ ଗାଡ଼ିରୁ ଡେଇଁପଡ଼ି ସମ୍ପର୍କୀୟଙ୍କ ଘରକୁ ଯାଇ ଅପହରଣର ଘଟଣା ବିଷୟରେ ସବୁ କହିଥିଲେ। ରବିବାର ସକାଳେ ପୁଅ ଘରେ ପହଞ୍ଚିବା ପରେ ପରିବାର ଲୋକେ ତାଙ୍କୁ ଧରି ଥାନାରେ ପହଞ୍ଚିଥିଲେ। ପୋଲିସ ଘଟଣା ବିଷୟରେ ପଚାରି ବୁଝି ତଦନ୍ତ ଜାରି ରଖିଛି।



ଭୁବନେଶ୍ୱର ଜନପଥରେ ରବିବାର ଆୟୋଜିତ ସପ୍ତରଙ୍ଗୀ ଶୋଭାଯାତ୍ରା 'ଭୁବନେଶ୍ୱର ପ୍ରାଇଡ'ରେ ସାମିଲ ହୋଇଥିବା ଏଲ୍‌ଜିବିଟିକ୍ୟୁ+ମାନେ।

# ରାଜଧାନୀରେ ଏଲ୍‌ଜିବିଟିକ୍ୟୁ+ଙ୍କ ସପ୍ତରଙ୍ଗୀ ଶୋଭାଯାତ୍ରା


ଏଲ୍‌ଜିବିଟିକ୍ୟୁ+ ପକ୍ଷରୁ ଅନୁଷ୍ଠିତ ସପ୍ତରଙ୍ଗୀ ଶୋଭାଯାତ୍ରା।

ଭୁବନେଶ୍ୱର,୨୧।୭
(ଶର୍ମିଷ୍ଠା ପାଣିଗ୍ରାହୀ)

ସମାନତା ଓ ସମବେଦନାର ଛବି ମନକୁ ଆସେ, ଯେବେ ସେମାନଙ୍କୁ ଏକା ସାଙ୍ଗରେ ନିଜର ଅଧିକାର ପାଇଁ ଲଢ଼େଇ କରିବାର ଦେଖିବାକୁ ମିଳେ। ବିଭିନ୍ନ ବର୍ଗରେ ସେମାନଙ୍କୁ ବିଭକ୍ତ କଲେ ମଧ୍ୟ ସେମାନେ ବନ୍ଧା ଏକ ସୂତାରେ। ସେମାନେ ହେଉଛନ୍ତି ଏଲ୍‌ଜିବିଟିକ୍ୟୁ+। ରବିବାର ସେମାନେ ଲିଙ୍ଗଗତ ସମାନତା, ନିଜ ସ୍ୱାଧୀନତା, ସମାଜରେ ସମ୍ମାନର ସହ ବଞ୍ଚିବା ବାର୍ତ୍ତା ନେଇ ରାଜଧାନୀ ରାସ୍ତାରେ ସପ୍ତରଙ୍ଗୀ ଶୋଭାଯାତ୍ରା 'ଭୁବନେଶ୍ୱର ପ୍ରାଇଡ' କରି ନିଜ ଦାବି ଓ ଅଧିକାର ନେଇ ନୂଆ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନପଥର ମାଷ୍ଟରକ୍ୟାଣ୍ଟିନ ଛକରୁ ଏହି ଶୋଭାଯାତ୍ରା ବାହାରି ସତ୍ୟନଗରସ୍ଥିତ ଶୁଭମ ମାର୍କେଟ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ ରଙ୍ଗ, ଭିନ୍ନ ବେଶରେ ଥିବା ଏହି ଏଲ୍‌ଜିବିଟିକ୍ୟୁ+ମାନଙ୍କୁ ଦେଖିବାକୁ ରାସ୍ତାରେ ଯାଉଥିବା ଲୋକେ ଅଟକି ଯାଉଥିଲେ। ସପ୍ତରଙ୍ଗର ପତାକା ସହ ବିଭିନ୍ନ ରଙ୍ଗର ପୋଷାକ ପରିଧାନ କରି ସେମାନେ ଖୁସିରେ ପାଦକୁ ପାଦ ମିଶାଇ ମନ ଖୋଲି ନାଚିଥିଲେ। ସେମାନେ ଯେ ସମାଜର ଏକ ଅଂଶ ସେନେଇ ଏକ ଖୋଲା ଆହ୍ୱାନ ଦେଇଥିଲା ପ୍ରାଇଡ୍ ପରେଡ।

### 'ନୂଆ ସରକାର ବଜେଟରେ ଆମ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ'

ଲିଙ୍ଗଗତ ସମାନତାର କଥା ତ ଆମେ କେବେଠୁ କହୁଛେ ମାତ୍ର ସାଧାରଣ ବର୍ଗଙ୍କ ପରି ସବୁ କ୍ଷେତ୍ରରେ ଏଲ୍‌ଜିବିଟିକ୍ୟୁ+ ବର୍ଗଙ୍କୁ ସୁବିଧା ଆଜି ବି ମିଳିପାରି ନାହିଁ। ଏ ସମ୍ପର୍କରେ ଟ୍ରାନ୍ସଜେଣ୍ଡର ଆୟେଷା କହିଛନ୍ତି, ସୋମବାର ନୂଆ ସରକାରଙ୍କ ପ୍ରଥମ ବଜେଟ୍ ଆସିବାକୁ ଯାଉଛି। ତେଣୁ ବଜେଟ୍‌ରେ ଯେଭଳି ଏଲ୍‌ଜିବିଟିକ୍ୟୁ+ଙ୍କ ପାଇଁ ସୋସିଆଲ ସ୍କିମ୍ ଓ ଉନ୍ନତିମୂଳକ ପଦକ୍ଷେପ ନିଆଯିବ ତାହା ଆମର ଆଶା। ଏଲ୍‌ଜିବିଟିକ୍ୟୁ+ଙ୍କର ମୌଳିକ ଆବଶ୍ୟକତା ତାହା ପୂରଣ ହେବା ଆବଶ୍ୟକ। ସରକାର ଆମ କଥା ଶୁଣିବେ ବୋଲି ଆୟେଷା କହିଛନ୍ତି। ଗେ କମ୍ୟୁନିଟିର ଅମିତ କହିଛନ୍ତି, ଏବେ ସବୁଠି ନିଯୁକ୍ତିର ସମସ୍ୟା। ଏଲ୍‌ଜିବିଟିକ୍ୟୁ+ଙ୍କ ନିଯୁକ୍ତି ପାଇଁ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି। ସମାଜରେ ଯେଭଳି ଆମେମାନେ କାମ କରିବାର ସୁଯୋଗ ପାଇବୁ ଓ ସମ୍ମାନର ସହ ବଞ୍ଚିପାରିବୁ ସେ ନେଇ ସରକାରୀ ସ୍ତରରେ ବ୍ୟବସ୍ଥା କରାଯାଉ ବୋଲି ଅମିତ କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ କାହ୍ନା


@ ମଧୁ


@ ପ୍ରଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଅଲ୍ ଓଡ଼ିଶା ରଜକ ମହାସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଅଲ ଓଡ଼ିଶା ରଜକ ମହାସଂଘର ପ୍ରଥମ ବାର୍ଷିକ ଉତ୍ସବ ବୁଦ୍ଧମନ୍ଦିରଠାରେ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। ମହାସଂଘ ସଭାପତି ଅନନ୍ତ ପ୍ରସାଦ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସାଧାରଣ ସମ୍ପାଦକ ଇଂ. ରୋହିତ କୁମାର ସେଠୀ ମହାସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକାରୀ ସଭାପତି ବଂଶୀଧର ସେଠୀ ଗତ ବର୍ଷକ ଭିତରେ ସଂଘ ପକ୍ଷରୁ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ଉପସଭାପତି ପ୍ରଫେସର ନାରାୟଣ ପ୍ରସାଦ ସେଠୀ, ଅନ୍ୟତମ ଉପସଭାପତି ଡ. ମିହିର ରଞ୍ଜନ ସେଠୀ, ଯୁଗ୍ମ ସମ୍ପାଦକ ଦେବରାଜ ସେଠୀ, ସଂଯୋଜନା ସମ୍ପାଦକ ଅମିୟ ଭୂଷଣ ସେଠୀ, ଅର୍ଥ ସମ୍ପାଦକ ରବିନାରାୟଣ ସେଠୀ, ଶରତ ଚନ୍ଦ୍ର ସେଠୀ ପ୍ରମୁଖ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଆଇନ ସମ୍ପାଦକ ବିଭୂତି ଭୂଷଣ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାମ୍ବାଦିକଙ୍କ ପେନସନ୍ ପାଇଁ ବିଧାନସଭାରେ ପ୍ରସ୍ତାବ ଆସୁ

ଭୁବନେଶ୍ୱର,୨୧।୭
(ଶର୍ମିଷ୍ଠା ପାଣିଗ୍ରାହୀ)



ଖବରଦାତା ସମ୍ମିଳନୀରେ ଓୟୁଜେ ସଭାପତି ପ୍ରସନ୍ନ ମହାନ୍ତିଙ୍କ ସହ ଅନ୍ୟମାନେ।

ସାମାଜିକ ନିରାପତ୍ତା ଅଭାବରୁ ଅବସର ପରେ ଅସହାୟ ଭାବରେ ସମୟ କାଟୁଥିବା ସାମ୍ବାଦିକଙ୍କ ପାଇଁ ଅନ୍ୟ ରାଜ୍ୟ ଭଳି ତୁରନ୍ତ ପେନସନ୍ ବ୍ୟବସ୍ଥା ଲାଗୁ କରିବାକୁ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ) ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛି। ସୋମବାରଠାରୁ ଆରମ୍ଭ ହେଉଥିବା ବିଧାନସଭା ଅଧିବେଶନ କାଳରେ ଉପସ୍ଥାପିତ ହେବାକୁ ଥିବା ରାଜ୍ୟ ବଜେଟ୍‌ରେ ସାମ୍ବାଦିକଙ୍କ ଏହି ନ୍ୟାୟୋଚିତ ଦାବିକୁ ସାମିଲ କରିବା ପାଇଁ ୟୁନିଅନ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ନିବେଦନ କରିଛି। ରବିବାର ଓୟୁଜେ ଭବନଠାରେ ଅନୁଷ୍ଠିତ ଓୟୁଜେ କର୍ମକର୍ତ୍ତା ବରିଷ୍ଠ ସଦସ୍ୟଙ୍କ ବୈଠକରେ ଏନେଇ ପ୍ରସ୍ତାବ ଗ୍ରହଣ କରାଯାଇଛି। ସଭାପତି ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ପୂର୍ବରୁ ବିଭିନ୍ନ ସରକାରୀ ଅନୁଷ୍ଠାନ ପ୍ରବେଶ ସମୟରେ ସାମ୍ବାଦିକଙ୍କ ଉପରେ ଲାଗୁ କରାଯାଇଥିବା କଟକଣାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଥିଲା। ସେହିପରି ରାଜ୍ୟରେ ଦୀର୍ଘ ୧୫ ବର୍ଷ ଧରି ଶୀତଳ ଭଣ୍ଡାରରେ ପଡ଼ିରହିଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିକୁ ତୁରନ୍ତ ପୁନର୍ଗଠନ, ରାଜ୍ୟରେ ପ୍ରେସ୍ ଏକାଡେମୀ ଗଠନ, ସ୍ୱାସ୍ଥ୍ୟବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ ଏଥିରେ ମାତାପିତାଙ୍କୁ ସାମିଲ କରିବା ଓ ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ତୁରନ୍ତ ଆଇନ ପ୍ରଣୟନ କରିବାକୁ ସଭାପତି ମହାନ୍ତି ଦାବି କରିଥିଲେ। ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ୟୁନିଅନର ସଦସ୍ୟ ପରିକ୍ଷିତ ବିଶ୍ୱାଳ, ଉପସଭାପତି ରାଜେଶ ପଟ୍ଟନାୟକ, ରାଜୀବ ମହାନ୍ତି, ପ୍ରସନ୍ନ ପାଇକରାୟ, ଅଭୟ ପତି, ସନ୍ତୋଷ କୁମାର ସିଂହଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ ଅଫିସର୍ସ କ୍ଲବରେ ତାଲା ପକାଇଲେ ପୋଲିସ

କଟକ,୨୧।୭ (କାର୍ତ୍ତିକ ସାହୁ)

- ୮ ବର୍ଷ ଧରି ଚାଲିଥିଲା ବେଆଇନ କାରବାର
- ବ୍ୟବସାୟିକ ଲାଭ ଉଠାଉଥିଲେ ଅବସରପ୍ରାପ୍ତ ଅଧିକାରୀ




ବେଆଇନ କାରବାର ରୋକିବା ତଥା ଦୁର୍ନୀତି ନିବାରଣ ଆଭିମୁଖ୍ୟ ନେଇ କାର୍ଯ୍ୟ କରୁଥିବା ପୋଲିସ ଏବେ ସମାଲୋଚିତ। ଖୋଦ୍ ପୋଲିସ ବିଭାଗରେ ଦୀର୍ଘ ୮ବର୍ଷ ଧରି ବେଆଇନ କାରବାର ଚାଲିଥିବା ନେଇ ଅଭିଯୋଗ ଉଠିଥିବାବେଳେ ପୋଲିସ ଏ ବିଷୟରେ ଜାଣି ନ ପାରିବା ଚର୍ଚ୍ଚାର ବିଷୟ ପାଲଟିଛି। ଶେଷରେ ରବିବାର ପୋଲିସ ଅଫିସର୍ସ କ୍ଲବରେ ତାଲା ପଡ଼ିଛି। କେତେଜଣ ପୋଲିସ ଅଧିକାରୀ କ୍ଲବରେ ତାଲା ପକାଇବା ପରେ ଚାବିକୁ ନେଇ ଲାଲ୍‌ବାଗ ଥାନାରେ ଜିମା ଦେଇଛନ୍ତି। ଏଥିସହ ଏହାର ତଦନ୍ତ ପାଇଁ ସେମାନେ ଏତଲା ଦେଇଛନ୍ତି। ସୂଚନା ଅନୁସାରେ, ଓଡ଼ିଶା ଜୁଡିସିଆଲ ଏକାଡେମୀ ଛକ ତଥା ପୂର୍ବର ବେଲଭ୍ୟୁ ଛକରେ ପୋଲିସ ଅଫିସର୍ସ କ୍ଲବ୍ ରହିଛି। ଏହି କ୍ଲବ ପରିସରରେ ଏକ କଲ୍ୟାଣ ମଣ୍ଡପ ମଧ୍ୟ ରହିଛି। ଉକ୍ତ କଲ୍ୟାଣ ମଣ୍ଡପରେ ବର୍ଷତମାମ ବିବାହ, ବ୍ରତ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇ ସେଥିରୁ ଭଡ଼ା ବାବଦରେ ଅର୍ଥ ରୋଜଗାର କରାଯାଇଥାଏ। ତେବେ ୨୦୧୬ ମସିହାରୁ ଉକ୍ତ କ୍ଲବର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ପୂରିଯାଇଛି। ଆଉ ନୂତନ ଭାବେ କର୍ମକର୍ତ୍ତା ନିର୍ବାଚନ ହୋଇ ନ ଥିବାରୁ ଏବେ କ୍ଲବର କେହି କର୍ମକର୍ତ୍ତା ନାହାନ୍ତି। କ୍ଲବ ଭାଙ୍ଗି ଯାଇଥିବାବେଳେ କଲ୍ୟାଣ ମଣ୍ଡପ ଦାୟିତ୍ୱ ନେବାକୁ କେହି କ୍ଷମତାପ୍ରାପ୍ତ ବ୍ୟକ୍ତି ନାହାନ୍ତି। ଅପରପକ୍ଷରେ ଧୀରେନ୍ ଦାସ ନାମକ ଜଣେ ପୋଲିସ ଅଧିକାରୀ କ୍ଲବ ଅଧୀନରେ କଲ୍ୟାଣ ମଣ୍ଡପକୁ ପରିଚାଳିତ କରୁଥିଲେ। ସେ କିଛିବର୍ଷ ହେବ ସରକାରୀ ଚାକିରିରୁ ଅବସର ନେଇସାରିଛନ୍ତି। ଚାକିରିରୁ ଅବସର ନେବା ପରେ କ୍ଲବ ତଥା କଲ୍ୟାଣ ମଣ୍ଡପର ଦାୟିତ୍ୱ ସେ କାହାରିକୁ ହସ୍ତାନ୍ତର କରିନାହାନ୍ତି ବରଂ ବେଆଇନ ଭାବେ ଉକ୍ତ କଲ୍ୟାଣ ମଣ୍ଡପକୁ ଚଲାଇ ଅର୍ଥ ରୋଜଗାର କରୁଥିବା ଥାନାରେ ଅଭିଯୋଗ ହୋଇଛି।

### ଲାଲ୍‌ବାଗ ଥାନାରେ ଏତଲା

କେତେଜଣ ପୋଲିସ କର୍ମଚାରୀ ଏହାର ବିଧିବଦ୍ଧ ତଦନ୍ତ ଦାବି କରି ଲାଲବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଲାଲବାଗ ଥାନା ଆଇଆଇସି ଦୟାନିଧି ନାୟକ କହିଛନ୍ତି, କେତେଜଣ ପୋଲିସ କର୍ମଚାରୀ ଏନେଇ ଲିଖିତ ଅଭିଯୋଗ କରିବା ସହ ପୋଲିସ ଅଫିସର୍ସ କ୍ଲବ୍‌ର ଚାବି ଥାନାରେ ଜିମା ଦେଇଛନ୍ତି। ଏହି ଘଟଣାର ତଦନ୍ତ କରାଯିବା ପରେ ଯାହା କିଛି ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ଘରୁ ସୁନା ଅଳଙ୍କାର ଚୋରି, ଯୁବକ ଗିରଫ

ଭୁବନେଶ୍ୱର,୨୧।୭(ସୂର୍ଯ୍ୟକାନ୍ତ ବେହେରା)

ଘରର ତାଲା ଭାଙ୍ଗି ସୁନା ଗହଣା, ଟଙ୍କା ଆଦି ଚୋରି କରିଥିବା ଜଣେ ଯୁବକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସେକ ମୁନ୍ତିଜିର ଅହମ୍ମଦ(୨୮)। ତାଙ୍କଠାରୁ ୨ହଳ ସୁନା କାନଫୁଲ, ୪ଟି ମୁଦି, ସୁନାର ହାର ଓ ୮୪ ହଜାର ଟଙ୍କା ଜବତ ହୋଇଛି । ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେକ୍ ମର୍ସିଦ ଅଲ୍ଲୀଙ୍କ ଅଭିଯୋଗ ଆଧାରରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତାଙ୍କ ଅଭିଯୋଗ ଅନୁସାରେ, ସେ ଓ ପରିବାରର ଅନ୍ୟ ସଦସ୍ୟମାନେ କୌଣସି କାମରେ ଜୁଲାଇ ୧୭ରୁ ବାହାରକୁ ଯାଇଥିଲେ। ଝିଅ ବାହାଘର ପାଇଁ କିଣିଥିବା ସୁନା ଅଳଙ୍କାରଗୁଡ଼ିକ ଘରେ ରହିଥିଲା। ଅଭିଯୁକ୍ତ ଜଣକ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶି ସୁନା ଅଳଙ୍କାର, ୩ ଲକ୍ଷ ଟଙ୍କା ନେଇଯାଇଥିଲେ। ଅଲ୍ଲୀ ଓ ପରିବାର ସଦସ୍ୟମାନେ ୧୯ ତାରିଖ ସନ୍ଧ୍ୟାରେ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

### ସ୍ୱତନ୍ତ୍ର ଗୋଇନ୍ଦା ସଂସ୍ଥା ଉପନିରୀକ୍ଷକଙ୍କ ବିୟୋଗରେ ଶୋକ

ବେଗୁନିଆ,୨୧।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଓ ବୋଲଗଡ ବ୍ଲକ ପାଇଁ କାର୍ଯ୍ୟରତ ସ୍ୱତନ୍ତ୍ର ଗୋଇନ୍ଦା ସଂସ୍ଥା ଉପ ନୀରିକ୍ଷକ ବସନ୍ତ କୁମାର ଦାଶଙ୍କ ବିୟୋଗରେ ବେଗୁନିଆ ମିଡିଆ ହାଉସ ପକ୍ଷରୁ ସିକୋସ୍ଥିତ ମା'ତାରାଦେଈଙ୍କ ପୀଠରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ତଥା ସାମ୍ବାଦିକ ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସମସ୍ତ କର୍ମକର୍ତ୍ତାମାନଙ୍କ ଉପସ୍ଥିତିରେ ଦିବଂଗତ ଦାଶଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଦାଶଙ୍କ ମୃତ୍ୟୁରେ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳି ଯାଇଛି ।

# କାଉଡ଼ିଆଙ୍କ ସୁରକ୍ଷା ପାଇଁ ୧୫ ସେକ୍ସନ ପୋଲିସ ଫୋର୍ସ

ଭୁବନେଶ୍ୱର,୨୧।୭(ସୂର୍ଯ୍ୟକାନ୍ତ ବେହେରା)

### ଆଜି ଶ୍ରାବଣର ପ୍ରଥମ ସୋମବାର




ଶ୍ରାବଣ ମାସର ପ୍ରଥମ ସୋମବାର। ଶୈବପୀଠରେ ଜଳଲାଗି ପାଇଁ ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁଙ୍କ ଆଗମନ ଲାଗି ରହିବ। ଜଳ ଉଠାଇବାଠାରୁ ଠାକୁରଙ୍କ ଜଳଲାଗି ପର୍ଯ୍ୟନ୍ତ ସବୁକିଛି କିପରି ସୁରକ୍ଷିତ ତଥା ଶୃଙ୍ଖଳିତ ଭାବେ ହେବ ସେଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କାଉଡ଼ିଆଙ୍କ ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, କ୍ରାଉଡ୍ ମ୍ୟାନେଜମେଣ୍ଟ, ଅପ୍ରୀତିକର ପରିସ୍ଥିତିକୁ ରୋକିବା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଲିଙ୍ଗରାଜ ମନ୍ଦିର ଓ ଅନ୍ୟ ୨୬ଟି ସ୍ଥାନରେ ୨ଜଣ ଅତିରିକ୍ତ ଡିସିପି, ୪ଜଣ ଏସିପି, ୬ ଇନ୍ସପେକ୍ଟର, ୩୦ ସବ୍‌ଇନ୍ସପେକ୍ଟର ଓ ଏଏସ୍ଆଇଙ୍କ ସହ ମୋଟ ୧୫ ସେକ୍ସନ ଫୋର୍ସ ମୁତୟନ ରହିଛନ୍ତି। ସହରର କାଉଡ଼ିଆଙ୍କ ଯିବା ଆସିବା ବାଟରେ ମୋବାଇଲ ପାଟ୍ରୋଲିଂ ଟିମ୍, ପିସିଆର ରହିବ। ଦୁର୍ଘଟଣା ରୋକିବା ସହ ଆଶୁ ଚିକିତ୍ସା ପାଇଁ ଛକଗୁଡ଼ିକରେ ଫାଷ୍ଟଏଡ୍ ଓ ମୋବାଇଲ ମେଡିକାଲ ୟୁନିଟ୍ ରହିବ। ବିଭିନ୍ନ ସ୍ଥାନରେ ସିସିଟିଭି ଲାଗିଥିବାବେଳେ କଣ୍ଟ୍ରୋଲ ରୁମ୍‌ରୁ ଏସବୁକୁ ମନିଟର କରାଯିବ ଏନେଇ ରବିବାର ଡିସିପି ପ୍ରତୀକ ସିଂ ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ମନ୍ଦିର ଭିତରେ ଏଏସଆଇ ପକ୍ଷରୁ ବ୍ୟାରିକେଡ କରାଯାଇଥିବା ବେଳେ ମନ୍ଦିର ଭିତରକୁ ବ୍ଲେଡ୍ ଓ ଛୁରି ନେବା ଉପରେ କଟକଣା କରାଯାଇଛି। କାଉଡ଼ିଆମାନେ ବେଢା ଭିତରେ ଆଡ଼କାଠ ନିକଟରେ ଥିବା ଏକ ତମ୍ବା ପାତ୍ରରେ ପାଣି ଢାଳିବେ। କୌଣସି ଠେକି ଭିତରକୁ ଛଡ଼ାଯିବ ନାହିଁ। ଠେକି ବେଢାରେ ରଖି ଭିତରକୁ ଦର୍ଶନ କରିବାକୁ ଯାଇପାରିବେ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷେ ଅଗ୍ନିଶମ ବିଭାଗ ମଧ୍ୟ ସଜାଗ ରହିଛି। ଜଳ ଉଠାଇବା ସ୍ଥାନ ବିନ୍ଦୁ ସାଗରରେ ଏବଂ ଜଳ ଲାଗି ସ୍ଥାନ ଲିଙ୍ଗରାଜ ମନ୍ଦିର ପରିସରରେ ଓଡ୍ରାଫ ଓ ଫାୟାର ଫାଇଟିଂ ୟୁନିଟ ମୁତୟନ ହେବେ। ଏଥିସହ ବିଭିନ୍ନ ନଦୀପଠାରେ ମଧ୍ୟ ଏହି ୟୁନିଟ୍ ନିୟୋଜିତ ରହିବେ ବୋଲି ଡେପୁଟି ଫାୟାର ଅଫିସର ଅବନୀ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଗୁରୁପୂଜନ, ପୁସ୍ତକ ଲୋକାର୍ପିତ



ଅତିଥିମାନେ 'ଦ୍ୱାଦଶ ମହାଜନ' ପୁସ୍ତକ ଲୋକାର୍ପଣ କରୁଛନ୍ତି।

ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)

ଗୁରୁ ପୂର୍ଣ୍ଣିମା ଓ ବ୍ୟାସ ଦେବଙ୍କ ଜନ୍ମତିଥି ଉପଲକ୍ଷେ ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏଶନ ପକ୍ଷରୁ ଗୁରୁପୂଜନ ଉତ୍ସବ ଓ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଶ୍ରୀ ବ୍ରହ୍ମମାଧ ଗୌଡ଼ିୟ ପରମ୍ପରାର ଗୁରୁବର୍ଗଙ୍କୁ ଆରତି, ପୁଷ୍ପାଞ୍ଜଳି ଦ୍ୱାରା ପୂଜନ କରାଯାଇ ସଂକୀର୍ତ୍ତନ କରଯାଇଥିଲା। ରବିବାରଠାରୁ ଶ୍ରୀଚୈତନ୍ୟ ବିହାରଠାରେ ଭାଗବତ ସପ୍ତାହ ପରାୟଣ ଆରମ୍ଭ ହୋଇଛି। ପ୍ରତେକ ସନ୍ଧ୍ୟାରେ ଶ୍ରୀଭକ୍ତି ପ୍ରଚାରକ ଯତି ମହାରାଜ ୭ଦିନ ପ୍ରବଚନ ଦେବେ। ଗୁରୁ ପୂର୍ଣ୍ଣିମା ଅବସରରେ ଆସୋସିଏଶନ ପକ୍ଷରୁ ଦିବଙ୍ଗତ ଭକ୍ତ ବଂଶୀଧର ସାହୁଙ୍କ ସ୍ମୃତିରେ ତାଙ୍କ ପୁଅ ଜଗନ୍ନାଥଙ୍କ ଆନୁକୂଲ୍ୟରେ ଜାନକୀ ବଲ୍ଲଭ ପଟ୍ଟନାୟକ ଲିଖିତ 'ଦ୍ୱାଦଶ ମହାଜନ' ପୁସ୍ତକ ଲୋକାର୍ପିତ ହୋଇଥିଲା। ଏଥିରେ ଯତି ମହାରାଜ, ବୋଧାୟନ ମହାରାଜ, ଅନନ୍ତ ମହାରାଜ, ବନମଳୀ ବାବା, ଜଗଦୀଶ ପ୍ରସାଦ ପଟ୍ଟନାୟକ, ବନ୍ଦୀତା ରାଣୀ ପଟ୍ଟନାୟକ, ସନ୍ତୋଷୀ ସାହୁ, ଗୋପବନ୍ଧୁ ପଣ୍ଡା, ଯୋଗେଶ୍ୱର ସିଂହ, ଅଶୋକ ରଣା, ଶିଶିର ରାଉତ ପ୍ରମୁଖ ଯୋଗଦେଇଥିଲେ। ଆସୋସିଏଶନର ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# 'ସାଗର ମନ୍ଥନ'ରୁ ଆରମ୍ଭ ହେଲା ନାଟକ ଉତ୍ସବ

ଭୁବନେଶ୍ୱର,୨୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

### ନାଟ୍ୟକାର ମନୋରଞ୍ଜନ ଦାସଙ୍କ ୫ ନାଟକ ମଞ୍ଚସ୍ଥ ହେବ



ରବୀନ୍ଦ୍ର ମଣ୍ଡପରେ ରବିବାର ପରିବେଷିତ ନାଟକର ଏକ ଦୃଶ୍ୟ।

ଓଡ଼ିଆ ନାଟ୍ୟ ଜଗତର ପ୍ରବାଦ ପୁରୁଷ, ନାଟ୍ୟକାର ତଥା ମଞ୍ଚ ଅଭିନେତା ସ୍ୱର୍ଗତ ମନୋରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ୫ ଦିନିଆ ନାଟକ ଉତ୍ସବ ରବିବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସ୍ୱର୍ଗତ ଦାସଙ୍କ ରଚିତ ନାଟକ ମଞ୍ଚସ୍ଥ ହେଉଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଉତ୍କଳ ରଙ୍ଗମଞ୍ଚ ପକ୍ଷରୁ ନାଟକ 'ସାଗର ମନ୍ଥନ' ମଞ୍ଚସ୍ଥ ହୋଇଥିଲା। ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଅନନ୍ତ ମହାପାତ୍ର। ଏହାକୁ ଉପସ୍ଥିତ ଅତିଥି ଓ ଦର୍ଶକ ମନଭରି ଉପଭୋଗ କରିଥିଲେ। ଉତ୍ସବରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ନୃତ୍ୟଶିଳ୍ପୀ ଗୁରୁ ଅରୁଣା ମହାନ୍ତି, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁ ସିକତା ଦାସ ଯୋଗଦେଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଯୋଜନା କରିଥିଲେ ଅଲିଭା ଭାରତୀ। ଆଗାମୀ ୪ଟି ସନ୍ଧ୍ୟାରେ 'ଆଗାମୀ', 'ଜନ୍ମମାଟି', 'ବିତର୍କିତ ଅପରାହ୍ନ' ଏବଂ 'ନନ୍ଦିକା କେଶରୀ' ମଞ୍ଚସ୍ଥ ହେବ ବୋଲି ସୂଚନା ଦିଆଯାଇଛି।

### ନୃତ୍ୟଗୀତର ଯୁଗଳବନ୍ଦୀ 'ତାନ ତରଙ୍ଗିଣୀ'

ଭୁବନେଶ୍ୱର,୨୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସଂଭାବନା ପକ୍ଷରୁ ତିନି ତରୁଣ କଳାକାରଙ୍କ ନୃତ୍ୟଗୀତର ଯୁଗଳବନ୍ଦୀରେ ଓଡ଼ିଆ ଭାଷା ଓ ସଂସ୍କୃତିର ଜୟଗାନ 'ତାନ ତରଙ୍ଗିଣୀ' ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାହିତ୍ୟିକ ଦାଶ ବେନହୁର, ଗୁରୁ ଡ. ପିତାମ୍ବର ବିଶ୍ୱାଳ, ଗୁରୁ ସସ୍ମିତା ମହାନ୍ତି ଓ ସମାଜସେବୀ କସ୍ତୁରିକା ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଶୀରେ ଅଭୀପ୍ସା ଭଞ୍ଜ ପରଷିଥିଲେ ନ ଯା ଯମୁନା ଏକା ଏକା..। ପରେ ସେ ଲଘୁନୃତ୍ୟରେ ପାଦରେ ପାଦ ଛନ୍ଦା ପାଦେ ନୁପୁର ବନ୍ଧା..ରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସେହିଭଳି ଶ୍ରଦ୍ଧା ସୁମନ ରଥ ପ୍ରସ୍ତୁତ କରିଥିଲେ ସଙ୍ଗିନୀରେ ଚାହାଁ..ଓ ଲଘୁନୃତ୍ୟରେ ଶ୍ରଦ୍ଧାଙ୍କ ପରିବେଷଣ ଥିଲା ଫୁରୁ କିନା ଉଡିଗଲା ବଣି..। ଓଡ଼ିଶୀରେ ଦୁହିଁଙ୍କ ଯୁଗଳବନ୍ଦୀରେ ଶିବସ୍ତୁତି ଓ ଲଘୁନୃତ୍ୟରେ ଦୁହେଁ ନାଚିଥିଲେ ସାଗା ମାପା ସଙ୍ଗୀତରେ...। ଅନୁରୂପ ଭାବେ କଣ୍ଠଶିଳ୍ପୀ ସିଦ୍ଧାନ୍ତ ହୃଦୟର ଏଇ ଶୂନ୍ୟତାକୁ.., ମତେ ଭଲ ଲାଗେ ମୋ ଗାଁ.., ନ ଯା ରାଧିକା ଏକା ଏକା..,ତୁମ ରଥ ଚକ ତଳେ..,ଏଇ ଦୁନିଆ ବୁକୁରେ ବଞ୍ଚିବାକୁ ହେଲେ.., ରୂପା ଶଗଡିରେ ସୁନା କନିଆ.., ମୋ ପ୍ରିୟା ଠାରୁ କିଏ ଅଧିକ ସୁନ୍ଦର.., ମୁଁ ଯେ ଏକ ପାଗଳ ଭଅଁର ପରିଚୟ ମତେ ମାଗନା.., ଯାଯାବର ମନ ମୋର,ନିତି ଗଢେ ନିତି ଭାଙ୍ଗେ.., ହେ ଫଗୁଣ ତୁମେ ଗଲା ପରେ ପରେ..,ମୟୁରୀ ଗୋ ତୁମ ମହ୍ଲାରେ ମେଘ ସାଜିବି.., ପୁଣ୍ୟର ନଦୀ ତୀରେ..,ପାପର ତରୁ ଡାଳେ.. ଆଦି ଗାନ କରିଥିଲେ। ଏହି ଅବସରରେ ଏହି ତିନି କଳାକାରଙ୍କ ମା'ମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରଷ୍ଟି ସ୍ମୃତି ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥାପନା କରିଥିଲେ।

# ୨୬ ୟୁନିଟ୍ ରକ୍ତ ସଂଗ୍ରହ




ରକ୍ତଦାନ ଶିବିରରେ ଗଣମାଧ୍ୟମ ପ୍ରତିନିଧି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୧।୭(ପ୍ରଭାତ ପାଣିଗ୍ରାହୀ)

ଗୁରୁପୂର୍ଣ୍ଣିମା ଅବସରରେ ଜିଲା ପ୍ରେସ କ୍ଲବ (ଡିପିସି) ଖୋର୍ଦ୍ଧା ଆନୁକୂଲ୍ୟରେ ଜାଗୃତି ଅନୁଷ୍ଠାନ, ଓଡ଼ିଶା ମୋ ପରିବାର, ଓୟୁଡବ୍ଲୁଜେ, ଓୟୁଜେ ସହଭାଗିତାରେ ରକ୍ତଦାନ ଶିବିର ସାମ୍ବାଦିକ ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୨୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଗଣମାଧ୍ୟମ ପ୍ରତିନିଧି, ସ୍ଥାନୀୟ ଯୁବକ, ସ୍ୱେଚ୍ଛାସେବୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଭଣ୍ଡାର ଅଧିକାରୀ ଡା.ସୌରଭ ରାୟ, ବରିଷ୍ଠ ଖବରଦାତା କୃଷ୍ଣଚନ୍ଦ୍ର ଦାଶ, ତପନ ନାୟକ, ଡିପିସି ସଭାପତି ଶୁଭ୍ରାଂଶୁ ଶେଖର ସାମନ୍ତରାୟ, ସମ୍ପାଦକ ଦିଲୀପ ପଟ୍ଟନାୟକ ପ୍ରମୁଖ ମହାପ୍ରଭୁଙ୍କ ଫଟୋରେ ଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ରକ୍ତଭଣ୍ଡାର ଲ୍ୟାବ ଟେକ୍ନିସିଆନ ଅରୁଣ କୁମାର ସାହୁ, ବିଚିସ୍ମିତା ପୁହାଣ, ଷ୍ଟାଫ ନର୍ସ ଝାନ୍ସିରାଣୀ ପାତ୍ର, କାଉନ୍‌ସିଲର ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାନ ଶିବିର ସଂଯୋଜକ ଅବ୍ୟକ୍ତ ହରିହର ଖାଡଙ୍ଗା, ସହ ସଂଯୋଜକ ପ୍ରଭାତ ପାଣିଗ୍ରାହୀଙ୍କ ସମେତ କ୍ଲବର ବରିଷ୍ଠ ସଦସ୍ୟ ପ୍ରକାଶ ହାତୀ, ଉପସଭାପତି ଲଳିତ ମୋହନ ମହାପାତ୍ର, ଯୁଗ୍ମ ସମ୍ପାଦକ ପ୍ରବୀଣ ଭଞ୍ଜ, ରଞ୍ଜିତ ସାମନ୍ତରାୟ, ସଦସ୍ୟ ଲିଆକତ ଅଲ୍ଲୀ, ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ଏସ୍.କେ. ହକଙ୍କ ସମେତ ବହୁ ଗଣମାଧ୍ୟମ ପ୍ରତିନିଧିମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର

କଟକ,୨୧।୭ (କାର୍ତ୍ତିକ ସାହୁ)



ନରାଜସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା ପକ୍ଷରୁ ଘରୋଇ ହିଂସା ପୀଡ଼ିତଙ୍କୁ ନ୍ୟାୟ ଓ ଆଇନ ପେସାରେ ଲିଙ୍ଗଗତ ବୈଷ୍ୟମତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସେଣ୍ଟର ଫର ଲ' ଆଣ୍ଡ ପବ୍ଲିକ ପଲିସି ଏବଂ ଦି ସେଣ୍ଟର ଫର୍ ୱିମେନ ଆଣ୍ଡ ଲ'ର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରରେ ଓଡ଼ିଶା ହାଇକୋର୍ଟର ବିଚାରପତି ସାବିତ୍ରୀ ରଥ, ସୁପରିୟର କୋର୍ଟ ଅଫ୍ ଲସ୍ ଏଞ୍ଜେଲସ୍ କଣ୍ଟ୍ରି ଇନ୍ କାଲିଫର୍ନିଆର ବିଚାରପତି ରୁପା ସିରାଇଟ୍ ଗୋସ୍ୱାମୀ, ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତ୍ତଲଙ୍କ ସହ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଆଇନ ଆସୋସିଏଟ୍ ପ୍ରଫେସର ଡ. ସୁମନ ଦାଶ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ଡ. ପରୋମିତା ଚଟୋରାଜ ସ୍ୱାଗତ ଭାଷଣ ଦେଇଥିଲେ। ଡ. ଭଙ୍ଗ ମିଶ୍ର ବର୍ତ୍ତମାନର ନ୍ୟାୟିକ ବ୍ୟବସ୍ଥାର ଅଗ୍ରଗତିଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଫେସର ଡ. ରଙ୍ଗୀନ ପଲ୍ଲବ ତ୍ରିପାଠୀ ଆଇନ ପେସାରେ ମହିଳାମାନଙ୍କ ପ୍ରବେଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦ କୁମାରୀ ମହିଳାମାନଙ୍କୁ ସାମ୍ପ୍ରତିକ ସ୍ଥିତିର ମୁକାବିଲା ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ।

# ଅଶ୍ଳୀଳ ଫଟୋ ପଠାଇ ଯୁବକ ଗିରଫ

ଖୁଣ୍ଟୁଣୀ,୨୧।୭(ସଚ୍ଚିଦାନନ୍ଦ ପଣ୍ଡା)

ଇନ୍‌ଷ୍ଟାଗ୍ରାମରେ ଅଶ୍ଳୀଳ ଫଟୋ ପଠାଇ ଯୁବତୀଙ୍କୁ ହଇରାଣ କରୁଥିବା ଜଣେ ଯୁବକଙ୍କୁ ଖୁଣ୍ଟୁଣୀ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ତିଗିରିଆ ଥାନା ଅଞ୍ଚଳର ପ୍ରମେଶ ବେହେରା। ଏନେଇ ପୋଲିସ ୧୪୨/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଅଭିଯୁକ୍ତ ପ୍ରମେଶ ନକଲି ଆଇଡି ଖୋଲି ଜଣେ ଯୁବତୀଙ୍କ ଇନଷ୍ଟାଗ୍ରାମକୁ ଅଶ୍ଳୀଳ ଫୋଟୋ ପଠାଇ ତାଙ୍କୁ ହଇରାଣ କରୁଥିବାରୁ ଯୁବତୀ ଜଣଙ୍କ ଗତ ଜୁନ ୨୪ରେ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ପ୍ରମେଶଙ୍କୁ କାବୁ କରିଛି।

# 'ନୀରବ ଝଡ଼ ଓ ଅନ୍ୟାନ୍ୟ ନାଟକ' ଲୋକାର୍ପିତ



ଅତିଥିମାନେ ନାଟକ ସଂକଳନ 'ନୀରବ ଝଡ଼ ଓ ଅନ୍ୟାନ୍ୟ ନାଟକ'କୁ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର,୨୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରକାଶନ ସଂସ୍ଥା ଟାଇମ୍‌ପାସ୍ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ବିଶିଷ୍ଟ ନାଟ୍ୟକାର ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ନାଟକ ସଂକଳନ 'ନୀରବ ଝଡ଼ ଓ ଅନ୍ୟାନ୍ୟ ନାଟକ' ଲୋକାର୍ପିତ ହୋଇଯାଇଛି। ୯ଟି ଅପ୍ରକାଶିତ ନାଟକକୁ ନେଇ ସଂକଳିତ ଏହି ପୁସ୍ତକଟି ସାହୁଙ୍କ ପ୍ରଥମ ପୁସ୍ତକ। ଲୋକାର୍ପଣ ପର୍ବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ନାଟ୍ୟକାର ତଥା ଲେଖକ ରମେଶ ପ୍ରସାଦ ପାଣିଗ୍ରାହୀ କହିଲେ, ନାଟ୍ୟକାର ସବୁବେଳେ ମାୟାର ଦୁନିଆରେ ଥାଏ। ଘଟଣା ଘଟିବା ଆଗରୁ ଯିଏ ଘଟଣା ଘଟାଇପାରେ ସେ ହିଁ ଭଲ ନାଟ୍ୟକାର। ମୁହଁରେ ରଙ୍ଗ ବୋଳିବାଠାରୁ ଦୁନିଆରେ ରଙ୍ଗ ବୋଳିବା ଯାଏ ପରିବ୍ୟାପ୍ତ ଜଣେ ନାଟ୍ୟକାରର ଦାୟିତ୍ୱ। ପେଶାରେ ଜଣେ ଇଞ୍ଜିନିୟର ହୋଇଥିବାରୁ ରାଜେନ୍ଦ୍ର ସାହୁ ନାଟକ ମାଧ୍ୟମରେ ସମାଜର ସବୁ ଯାନ୍ତ୍ରିକତାକୁ ଖୁବ୍ ସୁନ୍ଦର ଭାବେ ପରିବେଷଣ କରିଛନ୍ତି। ସେ ଜଣେ ସଫଳ ଉତ୍ତରଆଧୁନିକ ନାଟ୍ୟକାର। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ସଂଘମିତ୍ରା ମିଶ୍ର ପୁସ୍ତକର ସମୀକ୍ଷା କରି କହିଲେ, ଚରିତ୍ର ଉପଯୋଗୀ ଭାଷା ଓ ସମାଜ ସଚେତନମୂଳକ ବିଷୟକୁ ନେଇ ରାଜେନ୍ଦ୍ରଙ୍କ ନାଟକଗୁଡ଼ିକ ଖୁବ୍ ରୋଚକ ଶୈଳୀରେ ରଚିତ। ବରେଣ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର, ଅବସରପ୍ରାପ୍ତ ସୀମାଶୁଳ୍କ ଚିଫ୍ କମିଶନର ସୁବାସ ଚନ୍ଦ୍ର ଚୌଧୁରୀ, ଏମ୍.ସି.ଏଲ୍.ର ଅବସରପ୍ରାପ୍ତ ବରିଷ୍ଠ ମହାପ୍ରବନ୍ଧକ ସତ୍ୟଶିବସୁନ୍ଦର ପଣ୍ଡା ପ୍ରମୁଖ ଯୋଗଦେଇ ନାଟ୍ୟକାରଙ୍କୁ ଅଭିବାଦନ ଜଣାଇବା ସହ ପୁସ୍ତକ ସମ୍ପର୍କରେ ସ୍ୱମତ ଦେଇଥିଲେ। ଟାଇମ୍‌ପାସର ନିର୍ଦ୍ଦେଶକ ସରୋଜ ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଲେଖକ ରାଜେନ୍ଦ୍ର ପ୍ରସାଦ ସାହୁ ନିଜ ନାଟ୍ୟକାର ଜୀବନର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ବିଶିଷ୍ଟ କଥାକାର ପ୍ରକାଶ ମହାପାତ୍ର ବଂଶୀବାଦନ, କଣ୍ଠଶିଳ୍ପୀ ଅର୍ପିତା ପତି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବାବେଳେ ଉତ୍ସବର ଶେଷ ସ୍ପର୍ଶ ଦେଇଥିଲେ ଅରୁଣ ଦାସ। ଅରୁଣ କୁମାର ଦାସ, ଆଶିଷ କୁମାର ମିଶ୍ର, ଅବିନାଶ ସାହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ର ଜୀବନର ସ୍ମୃତିଚାରଣ କଲେ ଦୁଇ ମନ୍ତ୍ରୀ

### ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର, ୨୧।୭(ଅସମାପିକା ସାହୁ)




କାର୍ଯ୍ୟକ୍ରରେ ଉପସ୍ଥିତ୍ ଅତିଥି ଏବଂ ଅନ୍ୟମାନେ।

ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ୬୫ତମ ପ୍ରତିଷ୍ଠା ଦିବସ ରବିବାର ବିଭାଗ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଅତିଥି ଭାବେ ଯୋଗୁଦେଇ ଛାତ୍ର ଜୀବନର ସ୍ମୃତିଚାରଣ କରିବା ସହ ଛାତ୍ରୀଛାତ୍ରଙ୍କୁ କେତେକ ପରାମର୍ଶ ଦେଇଥିଲେ। ଆଇନ ମନ୍ତ୍ରୀ ହରିଚନ୍ଦନ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଭାବରେ ନିର୍ବାଚିତ ହୋଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ନିଜ ଛାତ୍ର ଜୀବନର ସ୍ମୃତିଚାରଣ ସହ ବିଦ୍ୟାର୍ଥୀମାନଙ୍କୁ ନିଜ ଅଧ୍ୟବସାୟ ବଳରେ ପ୍ରାଣୀବିଜ୍ଞାନ ବିଭାଗର ଗୌରବକୁ ଅକ୍ଷୁଣ୍ଣ ରଖିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗ ନିଜ ସଫଳତାର ଶ୍ରେୟ ଏହି ବିଭାଗକୁ ଦେବା ସହ ଏହାକୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶାର ସାମଗ୍ରିକ ଉନ୍ନତି ପାଇଁ ସରକାରଙ୍କ ୨୦୩୬ ଓ ୨୦୪୭ ମସିହା ରୂପରେଖ ବିଷୟରେ ପ୍ରାକ୍ ସୂଚନା ପ୍ରଦାନ କରି ଏହି ଆଭିମୁଖ୍ୟକୁ ସଫଳ କରିବା ପାଇଁ ବିଶ୍ୱବିଦ୍ୟାଳୟର ସହଯୋଗ କାମନା କରିଥିଲେ। ବିଭାଗର ଲାଇବ୍ରେରି, ମ୍ୟୁଜିୟମ୍, ଲାବୋରେଟୋରି ଓ ନିଜର ପୁରାତନ ଶ୍ରେଣୀକକ୍ଷକୁ ଦୁଇ ମନ୍ତ୍ରୀ ପରିଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସର୍ବଦା ଉଦ୍ୟମ କରିବେ ବୋଲି ସେମାନେ ନିଜ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ପଦ୍ମଶ୍ରୀ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦୀ ଓଡ଼ିଶାରେ ପ୍ରାଣୀବିଜ୍ଞାନର ସଫଳତା ବର୍ଣ୍ଣନା କରିବା ସହ ବିଭାଗର ଭବିଷ୍ୟତ କାର୍ଯ୍ୟପନ୍ଥାର ସମ୍ଭାବ୍ୟ ଦିଗଗୁଡ଼ିକ ଉପରେ ସୂଚନା ଦେଇଥିଲେ। ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଡ. ଗୁଣନିଧି ସାହୁ ସ୍ୱାଗତ ଭାଷଣରେ ଛାତ୍ରୀଛାତ୍ରଙ୍କ ଗବେଷଣାଲବ୍ଧ ଉପଲବ୍ଧି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସଭାପତିତ୍ୱ ଅଭିଭାଷଣରେ ଅତିଥିମାନେ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର ସାମଗ୍ରିକ ଉନ୍ନତିରେ ପ୍ରାଣୀବିଜ୍ଞାନ ବିଭାଗର ଯୋଗଦାନକୁ ସେ ପ୍ରଶଂସା କରିଥିଲେ। ପ୍ରଫେସର ପ୍ରଭାତୀ କୁମାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଜମିଜମା ବିବାଦରୁ ଗଣ୍ଡଗୋଳ, ଥାନାରେ ମାମଲା

ସାଲେପୁର,୨୧।୭(ଅରବିନ୍ଦ ଭୂୟାଁ)

ଜମିଜମା ବିବାଦକୁ କେନ୍ଦ୍ର କରି ମାରପିଟ ହେବା ଘଟଣାରେ ସାଲେପୁର ପୋଲିସ ୨ଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସାଲେପୁର ଥାନା ଅନ୍ତର୍ଗତ ମହଣ ଗ୍ରାମର ଲକ୍ଷ୍ମୀପ୍ରିୟା ଘଡେଇଙ୍କ ଅଭିଯୋଗ ଅନୁଯାୟୀ, ଜୁଲାଇ ୧୪ ସନ୍ଧ୍ୟାରେ ଉକ୍ତ ଗ୍ରାମର ଶଶାଙ୍କ ଶାନ୍ତି ଓ ତାଙ୍କ ସାନଭାଇ ସ୍ୱୟଂସମ୍ପୂର୍ଣ୍ଣ ତାଙ୍କ ଘରକୁ ଲାଗି ରହିଥିବା ବାଡ଼ିରେ ଲାଗିଥିବା ଫସଲକୁ ଜୋର ଜବରଦସ୍ତ ନଷ୍ଟ କରି ସିମେଣ୍ଟ ପାଚେରି ତିଆରି କରିଥିଲେ। ଲକ୍ଷ୍ମୀପ୍ରିୟା ଏହାର ବିରୋଧ କରିବାରୁ ଉଭୟ ଭାଇ ତାଙ୍କୁ ନିସ୍ତୁକ ମାଡ଼ ମାରି ଆହତ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ସାଲେପୁର ଥାନାରେ ମାମଲା (ନଂ.୩୧୧/୨୦୨୪) ରୁଜୁ କରାଯାଇଛି। ସେହିପରି ଲକ୍ଷ୍ମୀପ୍ରିୟା ଓ ତାଙ୍କ ଝିଅ ବିରୋଧରେ ଶଶାଙ୍କ ପାଲଟା ଅଭିଯୋଗ କରିଛନ୍ତି। ଶଶାଙ୍କ ମା'ଙ୍କୁ ମାଡ଼ ମରାଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୩୧୨/୨୦୨୪) ରୁଜୁ କରି ତଦନ୍ତ ଚଳାଇଛି।

### ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ, କର୍ମଚାରୀଙ୍କୁ ପେନସନ୍ ପ୍ରଦାନ କରାଯାଉ

ଫୁଲନଖରା,୨୧।୭
(ସତ୍ୟ ରଞ୍ଜନ ଦାସମହାପାତ୍ର):

ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କ ସାଧାରଣ ଅଧିବେଶନ ରବିବାର ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ, ଓଡ଼ିଶା ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ୫୧ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କୁ ପେନସନ୍ ପ୍ରଦାନ କରିବାକୁ ୨୦୨୪ ଜାନୁଆରୀ ୩୧ରେ ଆନ୍ତଃ ମନ୍ତ୍ରିମଣ୍ଡଳ କମିଟିରେ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଏଯାବତ୍ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ହୋଇ ନ ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଏଭଳି ସ୍ପର୍ଶକାତର ଓ ସମ୍ବେଦନଶୀଳ ସମସ୍ୟାର ସମାଧାନ ପାଇଁ ନୂତନ ମୁଖ୍ୟମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ସଂଘ ଦାବି କରିଛି। କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ଦେବାନନ୍ଦ ସାହୁ, ଦାମୋଦର ଦାଶ, ଉମାକାନ୍ତ ଷଡ଼ଙ୍ଗୀ, ସୁଶାନ୍ତ ମଲ୍ଲିକ, ଶରତ ମଲ୍ଲିକ, ବୁଦ୍ଧଦେବ ସ୍ୱାଇଁ, ମନତୋଷ ବେହେରା, ମନୋଜ ରଥ, ପ୍ରଦୀପ ମହାପାତ୍ର, ସ୍ମୃତିରେଖା ମିଶ୍ର, ନେପାଳ ଦୁହାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ପୂଜକଙ୍କ ପରଲୋକ

ନିଶ୍ଚିନ୍ତକୋଇଲି,୨୧।୭
(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମପଞ୍ଚାୟତ ମୁକୁନ୍ଦପୁର ଗ୍ରାମର ବିଶିଷ୍ଟ ପୂଜକ ବ୍ରଜବନ୍ଧୁ ଷଡ଼ଙ୍ଗୀ (୭୨)ଙ୍କ ରବିବାର ପରଲୋକେ ଘଟିଛି। ସେ ବ୍ଲକ ଅନ୍ତର୍ଗତ ବହୁ ପ୍ରସିଦ୍ଧ ମନ୍ଦିରରେ ପୂଜକ ଭାବେ କାର୍ଯ୍ୟ କରିଆସୁଥିଲେ। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର, ପୁତ୍ରବଧୂ, ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ପରିବାର ସଭାପତି ବଲ୍ଲଭ ଚରଣ ପଲେଇ, ପୂର୍ବତନ ସରପଞ୍ଚ କ୍ଷୀରୋଦ ପଣ୍ଡା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ବଳଦେବ ଜୀଉ ମନ୍ଦିର ଅର୍ଥ ଲୁଟ୍ , ଦେବୋତ୍ତର ବିଭାଗର ତଦନ୍ତ

■ ଗୁମର ଖୋଲିଲା ସୂଚନା ଅଧିକାର ଆଇନ
■ ୨୦୧୫ରୁ ମନ୍ଦିରରେ ପରିଚାଳନା କମିଟି ନାହିଁ

ନିଶ୍ଚିନ୍ତକୋଇଲି,୨୧।୭
(ଅଶୋକ କୁମାର ମହାପାତ୍ର):

ଦେବୋତ୍ତର ସମ୍ପତ୍ତିକୁ କେହି ଆଖି ଉଠାଇ ଚାହୁଁ ନ ଥିଲେ। ଏହାର ସୁଯୋଗ ନେଇ ଦେବୋତ୍ତର ସମ୍ପତ୍ତି ଓ ଅର୍ଥକୁ ଲୁଟିବା ପାଇଁ ବଡପଣ୍ଡାମାନେ ମସୁଧା କରୁଛନ୍ତି। ଏହାର ଏକ ନଜିର କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ବନ୍ଧକାଟିଆ ପଞ୍ଚାୟତରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତରେ ଥିବା ବଳଦେବ ଜୀଉ ମନ୍ଦିର ପାଇଁ ଆସିଥିବା ଅର୍ଥକୁ ବେଆଇନ ଭାବେ ଲୁଟ କରାଯାଇଥିବା ନେଇ ସୂଚନା ଅଧିକାର ଆଇରେ ଜରିଆରେ ଜଣାପଡ଼ିଛି। ଏହାପରେ ଦେବୋତ୍ତର ବିଭାଗର ଅଧିକାରୀ ମନ୍ଦିରରେ ପହଞ୍ଚି ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ପଞ୍ଚାୟତ ଅନ୍ତର୍ଗତ ସହଦେବପୁର(ମସ୍ତରାମ ମଠ)ସ୍ଥିତ ଶ୍ରୀଶ୍ରୀ ବଳଦେବ ଜୀଉ ମନ୍ଦିରରେ ରଥଯାତ୍ରା, ଦଶହରା ଓ ନୀତିକାନ୍ତି ନାମରେ ଲକ୍ଷାଧିକ ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ୨୦୧୫ ମସିହାରୁ ମନ୍ଦିରର କୌଣସି ପରିଚାଳନା କମିଟି ନାହିଁ। କିନ୍ତୁ ପ୍ରତିବର୍ଷ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ବିଭିନ୍ନ ଆଳରେ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଥିଲା। ପ୍ରତିବର୍ଷ ରାଜ୍ୟ ଦେବୋତ୍ତର ବିଭାଗ ପକ୍ଷରୁ ଏହି ମନ୍ଦିରରେ ରଥଯାତ୍ରା ନିମନ୍ତେ ଲକ୍ଷାଧିକ ଟଙ୍କା ଯୋଗାଇ ଦିଆଯାଏ। ୨୦୧୮-୧୯ ଆର୍ଥିକ ବର୍ଷରେ ୧ଲକ୍ଷ ଟଙ୍କା, ୨୦୧୯-୨୦ରେ ୨ଲକ୍ଷ, ଉକ୍ତ ଆର୍ଥିକ ବର୍ଷରେ ଦଶହରା ପାଇଁ ୨ଲକ୍ଷ, ୨୦୨୦-୨୧ରେ ଦଶହରା ପାଇଁ ୧୦ଲକ୍ଷ, ୨୦୨୧-୨୨ରେ ରଥଯାତ୍ରା ନିମନ୍ତେ ୫ଲକ୍ଷ,ଉକ୍ତ ବର୍ଷ ଦଶହରାରେ ୫ଲକ୍ଷ, ୨୦୨୨-୨୩ ରଥଯାତ୍ରା ନିମନ୍ତେ ୧ଲକ୍ଷ, ସେହି ବର୍ଷ ନୀତିକାନ୍ତି ନିମନ୍ତେ ୪୫ହଜାର ଓରତିସ୍ଥିତ ୟୁକୋ ବ୍ୟାଙ୍କ ଜମାଖାତାରେ ଜମା କରାଯାଇଥିବାର ସୂଚନା ଅଧିକାର ତଥ୍ୟରୁ ଜଣାପଡ଼ିଛି। ଏ ସମ୍ପର୍କରେ ସ୍ଥାନୀୟ ସହଦେବପୁରର ସାମାଜିକ କର୍ମୀ ଅଶୋକ କୁମାର ଦାସ ରାଜ୍ୟ ଦେବୋତ୍ତର ବିଭାଗକୁ ସୂଚନା ଅଧିକାରରେ ତଥ୍ୟ ମଗାଇଥିଲେ। ରାଜ୍ୟ ଦେବୋତ୍ତର ବିଭାଗ ସୂଚନା ଅଧିକାରରେ ଏହି ତଥ୍ୟ ପ୍ରଦାନ କରିଥିବାର ଜଣାଯାଇଛି। ତେବେ ଏହି ମନ୍ଦିରରେ କୌଣସି ବର୍ଷ ରଥଯାତ୍ରା କିମ୍ବା ଦଶହରା ପର୍ବ ପାଳନ କରା ନ ଯାଇ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଚଲୁ କରାଯାଉଥିବାର ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ରବିବାର ରାଜ୍ୟ ଦେବୋତ୍ତର ବିଭାଗ ସହକାରୀ କମିଶନରଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତକାରୀ ଅଫିସର ରୂପେ ପ୍ରଦିପ୍ତ କୁମାର ସାହୁ ଏହି ମନ୍ଦିରକୁ ଆସି ତଦନ୍ତ କରିଛନ୍ତି।

ଏହି ଅବସରରେ ସ୍ଥାନୀୟ ଅଞ୍ଚଳର କେତେଜଣ ରାଜନୈତିକ ବ୍ୟକ୍ତିଙ୍କ ସହ ସାହୁ ରୁଦ୍ଧ ଦ୍ୱାର ବୈଠକ କରିଛନ୍ତି। ତେବେ ତଦନ୍ତ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦିଆଯାଇନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

# ଯୋଗ୍ୟ ହିତାଧିକାରୀମାନଙ୍କ ପାଖରେ ଯୋଜନା ପହଞ୍ଚାଇବା ମୂଳ ଲକ୍ଷ୍ୟ



ବାଙ୍କୀ ୨୧।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )

**'ଆମକୁ ହକ ଦିଅ' ହିତାଧିକାରୀ ମହାସଂଘ ବାଙ୍କୀ ଶାଖା ପକ୍ଷରୁ ବୈଠକ**

ଡମପଡ଼ା ବ୍ଲକ ଗୋପାଳପୁର ରତ୍ନେଶ୍ୱର ମନ୍ଦିରରେ 'ଆମକୁ ହକ ଦିଅ' ହିତାଧିକାରୀ ମହାସଂଘ ବାଙ୍କୀ ଶାଖା ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଂସ୍ଥାପକ ରବୀନ୍ଦ୍ର ନାଥ ସାହୁ ସଭାପତିତ୍ୱ କରିଥିଲେ। ସେ କହିଥିଲେ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମ ଏବେ ଦିଗହରା ଓ ବାଟମାରଣା ହୋଇଯାଉଛି। ଭତ୍ତାଠାରୁ ଆରମ୍ଭ କରି ହରିଶ୍ଚନ୍ଦ୍ର ଯୋଜନା ପର୍ଯ୍ୟନ୍ତ ସବୁଥିରେ ଦୁର୍ନୀତି ହେଉଛି। ଗାଁ ଡିଲର ଚାଉଳ କିଲୋ ପିଛା ୧୦୦ଗ୍ରାମ କମ୍ ଦେଉଥିବାବେଳେ ମଣ୍ଡିରେ ମିଲର୍ ଧାନ କୁଇଣ୍ଟାଲ ପିଛା ୮ ରୁ ୧୦ କିଲୋ କଟନିଛଟନି କରୁଛି । ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆବାସ ମିଳୁନାହିଁ । ନୂଆ ରାଶନ କାର୍ଡ ହେଉ ବା ପୁରଣା ହେଉ ପ୍ରକୃତ ହିତାଧିକାରୀଙ୍କ ନାମ ଯୋଡି ହେଉନାହିଁ। ଡାକ୍ତରଖାନାରେ ରୋଗୀ ଅଧିକ କିନ୍ତୁ ଡାକ୍ତର ନାହାନ୍ତି । ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି। ବାଙ୍କୀରେ ଶୀତଳ ଭଣ୍ଡାରଟିଏ ନାହିଁ। ସାମାନ୍ୟ ବର୍ଷା ହେଲେ ବାଙ୍କୀ ସହରର କଚେରି ଛକରେ ପାଣିର ସୁଅ ଛୁଟୁଛି। ଘରକୁ ପିଇବା ପାଣି ଯୋଜନା କଥା କହିଲେ ନସରେ । ଏହାର ସରଳ ସମାଧାନ ପାଇଁ ଗାଁ ଗୁଡ଼ିକରରେ ଅନୁଷ୍ଠାନ ତରଫରୁ 'ଆମକୁ ହକ ଦିଅ' କମିଟି ଗଠନ କରାଯାଇଛି। ଯୋଗ୍ୟ ହିତାଧିକାରୀମାନଙ୍କ ପାଖରେ ଯୋଜନା ପହଞ୍ଚାଇବା ଏହି ଅନୁଷ୍ଠାନର ମୁଳ ଲକ୍ଷ୍ୟ ବୋଲି ବୈଠକରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଚନ୍ଦନ କୁମାର ସାହୁ, ସନ୍ତୋଷ କୁମାର ସ୍ୱାଇଁ, ଶେଷଦେବ ଭୋଇ, ପ୍ରଧିର ସେଠୀ, ଲିପିନା ବେହେରା, ସୁହାସିନୀ ବସନ୍ତରା, କବିତା ଦାସ, ନିତ୍ୟନନ୍ଦ ବେହେରା, ସୀତାରାମ ଭାଇ, ବ୍ରଜବନ୍ଧୁ ଜେନା, ଅରକ୍ଷୀତ ରାଉତ, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୩୭ ନଂ. ଜୋନ ଜିଲାପରିଷଦ ଅନ୍ତର୍ଗତ ୭ ପଞ୍ଚାୟତର ଜନସାଧାରଣ ସାମିଲ ହୋଇଥିଲେ।

# ଇଂଲିଶରେ ଓଡ଼ିଆ ସିନେମାର ଇତିହାସ ରଚନା ଉଲ୍ଲେଖଯୋଗ୍ୟ ଉଦ୍ୟମ




ଡ. ରଞ୍ଜନ କୁମାର ରଥଙ୍କ ରଚିତ ପୁସ୍ତକ 'ଇଭୋଲ୍ୟୁଶନ ଅଫ୍ ଓଡ଼ିଆ ସିନେମା: ଏ ହିଷ୍ଟୋରିକାଲ ଷ୍ଟଡି'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କଟକ,୨୧।୭(କାର୍ତ୍ତିକ ସାହୁ):

ବିଶିଷ୍ଟ ଗବେଷକ ଡକ୍ଟର ରଞ୍ଜନ କୁମାର ରଥଙ୍କ ରଚିତ 'ଇଭୋଲ୍ୟୁଶନ ଅଫ୍ ଓଡ଼ିଆ ସିନେମା: ଏ ହିଷ୍ଟୋରିକାଲ ଷ୍ଟଡି (୧୯୩୬-୨୦୧୦)'ର ଉନ୍ମୋଚନ ସମାରୋହ ଶ୍ରୀରାମଚନ୍ଦ୍ରଭବନରେ ରବିବାର ଆୟୋଜିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଐତିହାସିକ ପ୍ରଫେସର ଡ. ଖାରବେଳ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଐତିହାସିକ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ଓଡ଼ିଶା ଚଳଚ୍ଚିତ୍ର ନିଗମର ପୂର୍ବତନ ଅଧ୍ୟକ୍ଷ କୁନା ତ୍ରିପାଠୀ, ବିଶିଷ୍ଟ ଚଳଚ୍ଚିତ୍ର ଗବେଷକ ବାପୁ ଲେଙ୍କା ଉପସ୍ଥିତ ଥିଲେ। ଅତିଥିମାନେ ପୁସ୍ତକ ଉନ୍ମୋଚନ କରିବା ସହିତ ଇଂଲିଶ ଭାଷାରେ ଓଡ଼ିଆ ସିନେମା ଇତିହାସ ରଚନା କରିବା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କହିଥିଲେ। ଉତ୍ସବରେ ଲେଖକ ଡ. ରଥ ଲେଖକୀୟ ଅଭିବ୍ୟକ୍ତିରେ ଓଡ଼ିଆ ଚଳଚ୍ଚିତ୍ରର ବିଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବରିଷ୍ଠ ଚିତ୍ର ଉତ୍ତୋଳକ ସୁରେନ୍ଦ୍ର ସାହୁ, ବିଶିଷ୍ଟ ଅଭିନେତ୍ରୀ ନମ୍ରତା ଦାସ, ବନଜା ମହାନ୍ତି, ଲୋକପ୍ରିୟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ, ଜଣାଶୁଣା ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା, ଶ୍ରୀତମ ଦାସ, କୁନା ତ୍ରିପାଠୀ, ଅଧ୍ୟାପକ ପ୍ରଶାନ୍ତ ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରୋଜିନୀ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ସନ୍ଦିପ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବିକେ କ୍ଲାସିକ୍ ପ୍ରକାଶନୀ ସଂସ୍ଥାର ପ୍ରକାଶକ ବିଜୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ସମାରୋହରେ ବହୁ ଅଭିନେତା, ଅଭିନେତ୍ରୀ, ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଉନ୍ନୟନ ଖସଡ଼ା ପ୍ରସ୍ତୁତ ପାଇଁ ପଞ୍ଚାୟତ ସମିତି ବୈଠକ

କଟକ ସଦର,୨୧।୭
(ସୁଶାନ୍ତ କୁମାର ଜେନା)

ଉନ୍ନୟନ ଖସଡ଼ା ପ୍ରସ୍ତୁତି ପାଇଁ କଟକ ସଦର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ପୌରୋହିତ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୨୪-୨୦୨୫ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଖସଡ଼ା ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ୨୦୧୯ ମସିହାଠାରୁ ପଞ୍ଚାୟତ ସମିତି ଅଂଶଧନରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଖସଡ଼ା କେବଳ ସମିତି ସଭ୍ୟାସଭ୍ୟ ପ୍ରସ୍ତୁତ କରୁଥିଲେ। ଚଳିତ ସାଧାରଣ ନିର୍ବାଚନ ପରେ ଏହି ପରମ୍ପରାକୁ ପ୍ରତ୍ୟାହାର କରାଯାଇଥିଲା। ପ୍ରାରମ୍ଭରେ ବିଡିଓ ରୁମାନା ଜାଫ୍ରୀ ପ୍ରତି ପଞ୍ଚାୟତକୁ ୪ ଲକ୍ଷ ୧୮ ହଜାର ଟଙ୍କା ଦିଆଯିବ ବୋଲି ସୂଚନା ଦେଇଥିଲେ। ଶୀଘ୍ର ପ୍ରତି ଜୋନ୍‌ସ୍ତରରେ ଜନଶୁଣାଣି ଶିବିର ଆୟୋଜନ ସହ ସବୁ ପଞ୍ଚାୟତ ବୁଲିବାକୁ କାର୍ଯ୍ୟକ୍ରମ କରାଯିବ ବୋଲି କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଭାଷଣରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷା ଅମ୍ବିକା ପାତ୍ର, ଅତିରିକ୍ତ ବିଡିଓ ଝାଡ଼େଶ୍ୱର ଦାସ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ସହକାରୀ ନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପରମହଂସ ସରପଞ୍ଚ ତ୍ରିଲୋଚନ ପାତ୍ର ଧନ୍ୟବାଦ୍ ଦେଇଥିଲେ।

# ଫକୀରପଡ଼ାରେ ଚାରାରୋପଣ



ଫକୀରପଡ଼ା ପଞ୍ଚାୟତରେ ଚାରାରୋପଣ।

କଟକ ସଦର,୨୧।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ଫକୀରପଡ଼ା ପଞ୍ଚାୟତ ଶ୍ମଶାନ ପରିସରରେ ରବିବାର ଚାରାରୋପଣ କରାଯାଇଛି। ସ୍ଥାନୀୟ ସରପଞ୍ଚ ମିଲି ସେଠୀଙ୍କ ନେତୃତ୍ୱରେ ନାଏବ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟ, ସ୍ୱେଚ୍ଛାସେବୀ ବିଭିନ୍ନ କିସମର ଚାରା ଲଗାଇଥିଲେ। କଟକ ସଦର ବ୍ଲକର ଏକମାତ୍ର ପଞ୍ଚାୟତ ଯେଉଁଠାରେ ଉଦ୍‌ବୃତ୍ତ ଜମି ରହିଛି ସେଠାରେ ଚାରାରୋପଣ ସହ ସାମାଜିକ ବନୀକରଣ ଉପରେ ସରପଞ୍ଚ ସେଠୀ ଗୁରୁତ୍ୱାରୋପ କରିଥିଲେ। ଏଥିରେ ନାଏବ ସରପଞ୍ଚ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଜୟନ୍ତୀ ସାହୁ, ଅନିତା ରାଉତ, ପୂର୍ଣ୍ଣଚନ୍ଦ୍ର ଭୋଇ, ଆଶିଷ ସାହୁ, ସୁନିଲ ରାଉତ, ରାମଚନ୍ଦ୍ର ସାହୁ ଓ ସାମାଜିକ କାର୍ଯ୍ୟକର୍ତ୍ତା ଧୀରେନ୍ଦ୍ର ସ୍ୱାଇଁ, ଯୋଗେନ୍ଦ୍ର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଯୁବତୀଙ୍କୁ ଅଶ୍ଳୀଳ ଫଟୋ ପଠାଇ ଯୁବକ ଗିରଫ

ଖୁଣ୍ଟୁଣୀ,୨୧।୭(ସଚ୍ଚିଦାନନ୍ଦ ପଣ୍ଡା)

ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମରେ ଅଶ୍ଳୀଳ ଫଟୋ ପଠାଇ ଯୁବତୀଙ୍କୁ ମାନସିକସ୍ତରରେ ହଇରାଣ କରୁଥିବା ଜଣେ ଯୁବକଙ୍କୁ ଖୁଣ୍ଟୁଣୀ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ତିଗିରିଆ ଥାନା ନୂଆପାଟଣା ଗୋକର୍ଣ୍ଣଖାଲ ଗ୍ରାମର ପ୍ରମେଶ ବେହେରା। ଏନେଇ ପୋଲିସ ୧୪୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଅଭିଯୁକ୍ତ ପ୍ରମେଶ ନକଲି ଆଇଡି ଖୋଲି ଜଣେ ଯୁବତୀଙ୍କ ଇନଷ୍ଟାଗ୍ରାମକୁ ଅଶ୍ଳୀଳ ଫୋଟୋ ପଠାଇ ତାଙ୍କୁ ମାନସିକସ୍ତରରେ ଆଘାତ ଦେଉଥିବାର ଯୁବତୀ ଜଣଙ୍କ ଗତ ଜୁନ ୨୪ ତାରିଖରେ ଖୁଣ୍ଟୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯୁବତୀଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ପ୍ରମେଶଙ୍କୁ କାବୁ କରିଛି।

# ଅଜ୍ଞାନ ଅନ୍ଧକାରରୁ ଶିଷ୍ୟଙ୍କୁ ମୁକ୍ତି କରନ୍ତି ଗୁରୁ

ବଡ଼ମ୍ବା, ୨୧।୭( ମାୟାଧର ମଲ୍ଲିକ )

ପ୍ରାଣଯୋଗ ପ୍ରତିଷ୍ଠାନ ବଡ଼ମ୍ବା ଆନୁକୂଲ୍ୟରେରେ ସ୍ଥାନୀୟ ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ରବିବାର ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଋଷି ଗୁରୁ ବ୍ୟାସଦେବ, ବୈଦିକ ଗୁରୁ ମହର୍ଷି ଦୟାନନ୍ଦ ସରସ୍ୱତୀ ଏବଂ ଉତ୍କଳମଣି ଗୋପବନ୍ଧୁଙ୍କୁ ପୂଜାର୍ଚ୍ଚନା କରାଯାଇ ଥିଲା। ପ୍ରତିଷ୍ଠାନର ଯୋଗଗୁରୁ ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ବେଦ ଯଜ୍ଞ କରାଯାଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷା ପ୍ରବୀଣା ମହାନ୍ତି ଯୋଗଦେଇ ସତ୍ୟନିଷ୍ଠ ଗୁରୁ ସର୍ବଦା ଅଜ୍ଞାନ ଅନ୍ଧକାରରୁ ଶିଷ୍ୟକୁ ମୁକ୍ତ କରାଇ ନିସ୍ୱାର୍ଥପର ଭାବେ ଜ୍ଞାନର ଆଲୋକ ପ୍ରଦାନ କରିଥାଆନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ମହିମାଧର୍ମୀ କବି ଭକ୍ତ ଚାରଣ ବେହେରା, ବଡ଼ମ୍ବା ବ୍ଲସମ କନଭେଣ୍ଟ ସ୍କୁଲ ଅଧ୍ୟକ୍ଷା ରଞ୍ଜିତା ଭଟ୍ଟାଚାର୍ଯ୍ୟ, ସଦସ୍ୟ ବିଜୟ କୁମାର ମିଶ୍ର, ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ସହକାରୀ ଗ୍ରନ୍ଥାଗାରିକ ରିତା ପ୍ରଧାନ, ଜ୍ୟୋତ୍ସ୍ନାରାଣୀ ପାଟଶାଣୀ ପ୍ରମୁଖ ଯୋଗଦେଇ ଗୁରୁ ପୂର୍ଣ୍ଣିମାର ମହତ୍ତ୍ୱ ପ୍ରତିପାଦନ କରିଥିଲେ। ଶିଳ୍ପୀ ସଞ୍ଜିବିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୧୫ ଦିନରେ ସାଲେପୁର-ଛତିଆ ରାସ୍ତା ନିର୍ମାଣ ଶେଷ କର

**ଆନ୍ଦୋଳନ ପାଇଁ ଚେତାବନୀ**

ସାଲେପୁର,୨୧।୭(ଅରବିନ୍ଦ ଭୂୟାଁ)

କୁଆଁପାଳ-ସାଲେପୁର ରାସ୍ତା ନିର୍ମାଣ ଅବଧି ଶେଷ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ କଚ୍ଛପ ଗତିରେ ଚାଲିଛି। ଅଦ୍ୟାବଧି ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିରହିଛି। ଏନେଇ ଆସନ୍ତା ୧୫ଦିନ ମଧ୍ୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଦାବି କରାଯାଇଛି। ନଚେତ୍ କଟକ-ସାଲେପୁର ରାସ୍ତା ଦୀର୍ଘ ସମୟ ଧରି ଅବରୋଧ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ସାଲେପୁରର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ବିଶେଶ୍ୱର ସ୍ୱାଇଁ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରି ଚେତାବନୀ ଦେଇଛନ୍ତି।



ପୂର୍ତ୍ତବିଭାଗ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

ପ୍ରକାଶ ଯେ, ସାଲେପୁର ବଜାରରୁ ଛତିଆ ପର୍ଯ୍ୟନ୍ତ କୁଆଁପାଳ ରାସ୍ତାର ଦୋହରିକରଣ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ଠିକାଦାରଙ୍କ ଖାମଖିଆଲ ନୀତି ଯୋଗୁ ନିର୍ମାଣ କାର୍ଯ୍ୟର ଅବଧି ଶେଷ ହୋଇ ପାରିନାହିଁ। ଠିକାଦାର ମନମୁଖି ଭାବେ ରାସ୍ତାର ବିଭିନ୍ନ ସ୍ଥାନ ଖୋଳି ପକାଇଛି। ଫଳରେ ବର୍ଷା ଦିନେ ଖୋଳାଯାଇଥିବା ରାସ୍ତାରେ ପାଣି ଜମି ରହୁଛି। ଏନେଇ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ରାସ୍ତାର ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଜରୁରିକାଳୀନ ଯାନବାହନ ଉକ୍ତ ରାସ୍ତା ଦେଇ ଯାତାୟାତ କରିପାରୁନାହିଁ। ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି। ଠିକାଦାରଙ୍କ ଚୁକ୍ତିପତ୍ର ଅନୁଯାୟୀ, ରାସ୍ତା ନିର୍ମାଣ କାର୍ଯ୍ୟର ଅବଧି ଶେଷ ହୋଇଥିଲେ ମଧ୍ୟ ଅଦ୍ୟାବଧି ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସ୍ୱାଇଁ ଦାବି କରିଛନ୍ତି।



ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଓ ବ୍ୟାସପୂର୍ଣ୍ଣିମା ଉପଲକ୍ଷେ ଚାରାରୋପଣ କରାଯାଉଛି।



ସାଲେପୁର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଏଣ୍ଡ୍ ଟେକ୍‌ନୋଲୋଜି ତରଫରୁ ରବିବାର ଆୟୋଜିତ କ୍ୟାମ୍ପସ୍ ଚୟନ ଶିବିରରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ଘରୁ ସୁନା ଅଳଙ୍କାର ଚୋରି, ଯୁବକ ଗିରଫ

ଭୁବନେଶ୍ୱର,୨୧।୭ (ସୂର୍ଯ୍ୟକାନ୍ତ ବେହେରା)

ଘରର ତାଲା ଭାଙ୍ଗି ସୁନା ଗହଣା, ଟଙ୍କା ଆଦି ଚୋରି କରିଥିବା ଜଣେ ଯୁବକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସେକ ମୁନ୍‌ତିଜିର ଅହମ୍ମଦ(୨୮)। ତାଙ୍କଠାରୁ ୨ହଳ ସୁନା କାନଫୁଲ, ୪ଟି ମୁଦି, ସୁନାର ହାର ଓ ୮୪ ହଜାର ଟଙ୍କା ଜବତ ହୋଇଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେକ୍ ମର୍ସିଦ ଅଲ୍ଲୀଙ୍କ ଅଭିଯୋଗ ଆଧାରରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତାଙ୍କ ଅଭିଯୋଗ ଅନୁସାରେ, ସେ ଓ ପରିବାରର ଅନ୍ୟ ସଦସ୍ୟମାନେ କୌଣସି କାମରେ ଜୁଲାଇ ୧୭ରୁ ବାହାରକୁ ଯାଇଥିଲେ। ଝିଅ ବାହାଘର ପାଇଁ କିଣିଥିବା ସୁନା ଅଳଙ୍କାରଗୁଡିକ ଘରେ ରହିଥିଲା। ଅଭିଯୁକ୍ତ ଜଣକ ତାଙ୍କ ଘର ତାଲା ଭାଙ୍ଗି ଭିତରେ ପଶି ସୁନା ଅଳଙ୍କାର, ୩ ଲକ୍ଷ ଟଙ୍କା ନେଇଯାଇଥିଲେ। ଅଲ୍ଲୀ ଓ ପରିବାର ସଦସ୍ୟମାନେ ୧୯ ତାରିଖ ସନ୍ଧ୍ୟାରେ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଥିଲେ।

### ଖଣ୍ଡଗିରି ଗୁମ୍ଫାରେ ରହି ପ୍ରେମୀଯୁଗଳଙ୍କୁ ବ୍ଲାକ୍‌ମେଲ୍, ଲୁଟ୍ କରୁଥିବା ଯୁବକ ଗିରଫ

ଭୁବନେଶ୍ୱର,୨୧।୭ (ସୂର୍ଯ୍ୟକାନ୍ତ ବେହେରା)

ପ୍ରେମୀଯୁଗଳଙ୍କୁ ଆକ୍ରମଣ କରି ଚେନ ଓ ମୋବାଇଲ ଲୁଟ୍ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ରଣପୁର ଥାନା ବ୍ରଜରାଜପୁରର ମାନସ କୁମାର ଦଳ ବେହେରା। ତାଙ୍କ ନିକଟରୁ ଲୁଟ ମୋବାଇଲ ଫୋନ୍‌ଟିକୁ ଜବତ କରାଯାଇଛି। ସୂଚନା ଅନୁସାରେ, ଅଭିଯୁକ୍ତ ମାନସ ଖଣ୍ଡଗିରି ପାହାଡ଼ର ଏକ ଗୁମ୍ଫାରେ ରୁହନ୍ତି। ଖଣ୍ଡଗିରି ଭ୍ରମଣରେ ଆସୁଥିବା ଯୁବକ/ଯୁବତୀଙ୍କୁ ବ୍ଲାକମେଲ କରିବା ସହ ସେମାନଙ୍କଠାରୁ ବିଭିନ୍ନ ଜିନିଷ ଛିନତାଇ କରିନେଇ ସେଠାରୁ ଖସିଯାଆନ୍ତି। ଗତ ୧୨ ରାତି ୯ଟା ସମୟରେ ଅଭିଯୋଗକାରୀ ଜାବିର ହୋସେନ ଏବଂ ତାଙ୍କ ବାନ୍ଧବୀ ଖଣ୍ଡଗିରି ପାହାଡରେ ଥିବା ଜୈନ ମନ୍ଦିର ନିକଟରେ ବସିଥିଲେ। ଏହି ସମୟରେ ଅଭିଯୁକ୍ତ ମାନସ ସେଠାରେ ପହଞ୍ଚି ତାଙ୍କ ପାଖରେ ଯାଇ ବସିଥିଲେ। ଉଭୟ ଅଭିଯୋଗକାରୀ ଏବଂ ତାଙ୍କ ବାନ୍ଧବୀ ଅଭିଯୁକ୍ତଙ୍କୁ ପାଖରେ ବସିବା ଲାଗି ମନା କରିବାରୁ ଅଭିଯୁକ୍ତ ଜଣକ ଉଭୟଙ୍କୁ ଗାଳିଗୁଲଜ କରିବା ସହିତ ପଥରରେ ଆକ୍ରମଣ କରିଥିଲେ। ଏଥିସହ ବାନ୍ଧବୀଙ୍କ ବେକରୁ ଏକ ସୁନା ଚେନ ଓ ମୋବାଇଲ ଫୋନ ବଳପୂର୍ବକ ଛଡ଼ାଇ ନେଇ ସେଠାରୁ ଖସିଯାଇଥିଲେ। ଏନେଇ ଜାବିର ଖଣ୍ଡଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

# କାଉଡ଼ିଆଙ୍କ ପାଇଁ ୧୫ ସେକ୍ସନ ପୋଲିସ ଫୋର୍ସ


ଡିସିପି ପ୍ରତୀକ ସିଂ ଲିଙ୍ଗରାଜ ମନ୍ଦିର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।


କାଉଡ଼ିଆଙ୍କ ସୁରକ୍ଷା ପାଇଁ କ୍ଷେତ୍ରସ୍ଥଳକୁ ଯିବାକୁ ପ୍ରସ୍ତୁତ ହେଉଥିବା ଅଗ୍ନିଶମ ବାହିନୀ।

ଭୁବନେଶ୍ୱର,୨୧।୭ (ସୂର୍ଯ୍ୟକାନ୍ତ ବେହେରା)

**ଆଜି ଶ୍ରାବଣର ପ୍ରଥମ ସୋମବାର**

- ଜଳ ଉଠାଇବା ସ୍ଥାନ, ମନ୍ଦିରରେ ପ୍ରସ୍ତୁତ ରହିବେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ

ଶ୍ରାବଣ ମାସର ପ୍ରଥମ ସୋମବାର। ଶୈବପୀଠରେ ଜଳଲାଗି ପାଇଁ ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁଙ୍କ ଆଗମନ ଲାଗି ରହିବ। ଜଳ ଉଠାଇବାଠାରୁ ଠାକୁରଙ୍କ ଜଳଲାଗି ପର୍ଯ୍ୟନ୍ତ ସବୁକିଛି କିପରି ସୁରକ୍ଷିତ ତଥା ଶୃଙ୍ଖଳିତ ଭାବେ ହେବ ସେଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କାଉଡ଼ିଆଙ୍କ ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, କ୍ରାଉଡ୍ ମ୍ୟାନେଜମେଣ୍ଟ, ଅପ୍ରୀତିକର ପରିସ୍ଥିତିକୁ ରୋକିବା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଲିଙ୍ଗରାଜ ମନ୍ଦିର ଓ ଅନ୍ୟ ୨୬ଟି ସ୍ଥାନରେ ୨ଜଣ ଅତିରିକ୍ତ ଡିସିପି, ୪ଜଣ ଏସିପି, ୬ ଇନ୍ସପେକ୍ଟର, ୩୦ ସବ୍‌ଇନ୍ସପେକ୍ଟର ଓ ଏଏସ୍‌ଆଇଙ୍କ ସହ ମୋଟ ୧୫ ସେକ୍ସନ ଫୋର୍ସ ମୁତୟନ ରହିଛନ୍ତି। ସହରର କାଉଡ଼ିଆଙ୍କ ଯିବା ଆସିବା ବାଟରେ ମୋବାଇଲ ପାଟ୍ରୋଲିଂ ଟିମ୍, ପିସିଆର ରହିବ। ଦୁର୍ଘଟଣା ରୋକିବା ସହ ଆଶୁ ଚିକିତ୍ସା ପାଇଁ ଛକଗୁଡିକରେ ଫାଷ୍ଟଏଡ୍ ଓ ମୋବାଇଲ ମେଡିକାଲ ୟୁନିଟ୍ ରହିବ। ବିଭିନ୍ନ ସ୍ଥାନରେ ସିସିଟିଭି ଲାଗିଥିବାବେଳେ କଣ୍ଟ୍ରୋଲ ରୁମ୍‌ରୁ ଏସବୁକୁ ମନିଟର କରାଯିବ ଏନେଇ ରବିବାର ଡିସିପି ପ୍ରତୀକ ସିଂ ଲିଙ୍ଗରାଜ ମନ୍ଦିର ପରିଦର୍ଶନ କରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ମନ୍ଦିର ଭିତରେ ଏଏସଆଇ ପକ୍ଷରୁ ବ୍ୟାରିକେଡ କରାଯାଇଥିବା ବେଳେ ମନ୍ଦିର ଭିତରକୁ ବ୍ଲେଡ୍ ଓ ଛୁରି ନେବା ଉପରେ କଟକଣା କରାଯାଇଛି। କାଉଡ଼ିଆମାନେ ବେଢା ଭିତରେ ଆଡ଼କାଠ ନିକଟରେ ଥିବା ଏକ ତମ୍ବା ପାତ୍ରରେ ପାଣି ଢାଳିବେ। କୌଣସି ଠେକି ଭିତରକୁ ଛଡ଼ାଯିବ ନାହିଁ। ଠେକି ବେଢାରେ ରଖି ଭିତରକୁ ଦର୍ଶନ କରିବାକୁ ଯାଇପାରିବେ ବୋଲି ସୂଚନା ଦିଆଯାଇଛି।

ଅପରପକ୍ଷେ ଅଗ୍ନିଶମ ବିଭାଗ ମଧ୍ୟ ସଜାଗ ରହିଛି। ଜଳ ଉଠାଇବା ସ୍ଥାନ ବିନ୍ଦୁ ସାଗରରେ ଏବଂ ଜଳ ଲାଗି ସ୍ଥାନ ଲିଙ୍ଗରାଜ ମନ୍ଦିର ପରିସରରେ ଓଡ୍ରାଫ ଓ ଫାୟାର ଫାଇଟିଂ ୟୁନିଟ ମୁତୟନ ହେବେ। ଏଥିସହ ବିଭିନ୍ନ ନଦୀପଠାରେ ମଧ୍ୟ ଏହି ୟୁନିଟ୍ ନିୟୋଜିତ ରହିବେ ବୋଲି ଡେପୁଟି ଫାୟାର ଅଫିସର ଅବନୀ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ନୃତ୍ୟଗୀତର ଯୁଗଳବନ୍ଦୀ 'ତାନ୍ ତରଙ୍ଗିଣୀ'

ଭୁବନେଶ୍ୱର,୨୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସଂଭାବନା ପକ୍ଷରୁ ତିନି ତରୁଣ କଳାକାରଙ୍କ ନୃତ୍ୟଗୀତର ଯୁଗଳବନ୍ଦୀରେ ଓଡ଼ିଆ ଭାଷା ଓ ସଂସ୍କୃତିର ଜୟଗାନ 'ତାନ ତରଙ୍ଗିଣୀ' ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାହିତ୍ୟିକ ଦାଶ ବେନହୁର, ଗୁରୁ ଡ. ପୀତାମ୍ବର ବିଶ୍ୱାଳ, ଗୁରୁ ସସ୍ମିତା ମହାନ୍ତି ଓ ସମାଜସେବୀ କସ୍ତୁରିକା ପଟ୍ଟନାୟକ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଓଡ଼ିଶୀରେ ଅଭୀପ୍ସା ଭଞ୍ଜ ପରଷିଥିଲେ ନ ଯା ଯମୁନା ଏକା ଏକା..। ପରେ ସେ ଲଘୁନୃତ୍ୟରେ ପାଦରେ ପାଦ ଛନ୍ଦା ପାଦେ ନୂପୁର ବନ୍ଧା..ରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସେହିଭଳି ଶ୍ରଦ୍ଧା ସୁମନ ରଥ ପ୍ରସ୍ତୁତ କରିଥିଲେ ସଙ୍ଗିନୀରେ ଚାହାଁ..ଓ ଲଘୁନୃତ୍ୟରେ ଶ୍ରଦ୍ଧାଙ୍କ ପରିବେଷଣ ଥିଲା ଫୁର୍ କିନା ଉଡିଗଲା ବଣି..। ଓଡ଼ିଶୀରେ ଦୁହିଙ୍କ ଯୁଗଳବନ୍ଦୀରେ ଶିବସ୍ତୁତି ଓ ଲଘୁନୃତ୍ୟରେ ଦୁହେଁ ନାଚିଥିଲେ ସାଗା ମାପା ସଙ୍ଗୀତରେ...। ଅନୁରୂପ ଭାବେ କଣ୍ଠଶିଳ୍ପୀ ସିଦ୍ଧାନ୍ତ ହୃଦୟର ଏଇ ଶୂନ୍ୟତାକୁ.., ମତେ ଭଲ ଲାଗେ ମୋ ଗାଁ.., ନ ଯା ରାଧିକା ଏକା ଏକା..,ତୁମ ରଥ ଚକ ତଳେ..,ଏଇ ଦୁନିଆ ବୁକୁରେ ବଞ୍ଚିବାକୁ ହେଲେ.., ରୁପା ଶଗଡ଼ିରେ ସୁନା କନିଆ.., ମୋ ପ୍ରିୟାଠାରୁ କିଏ ଅଧିକ ସୁନ୍ଦର.., ମୁଁ ଯେ ଏକ ପାଗଳ ଭଅଁର ପରିଚୟ ମତେ ମାଗନା.., ଯାଯାବର ମନ ମୋର,ନିତି ଗଢେ ନିତି ଭାଙ୍ଗେ.., ହେ ଫଗୁଣ ତୁମେ ଗଲା ପରେ ପରେ.., ମୟୂରୀ ଗୋ ତୁମ ମହ୍ଲାରେ ମେଘ ସାଜିବି.., ପୁଣ୍ୟର ନଦୀ ତୀରେ..,ପାପର ତରୁ ଡାଳେ.. ଆଦି ଗାନ କରିଥିଲେ। ଏହି ଅବସରରେ ଏହି ତିନି କଳାକାରଙ୍କ ମା'ମାନଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରଷ୍ଟି ସ୍ମୃତି ମହାନ୍ତି କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର, ଶୁଭାରମ୍ଭ କଲେ ବାବୁ ସିଂ



ପୁରୁଣା ଭୁବନେଶ୍ୱର, ୨୧।୭(ସୁବାସ ଚନ୍ଦ୍ର ପ୍ରଧାନ)

**ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ**

ଏକାମ୍ର ନିର୍ବାଚନ ମଣ୍ଡଳୀରେ ରବିବାର ବିଧାୟକ ବାବୁ ସିଂ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶୁଭାରମ୍ଭ କରିଛନ୍ତି। ସୁନ୍ଦରପଦା ହରିଆ ଛକଠାରୁ ଦୁର୍ଗା ମଣ୍ଡପ ଏବଂ ପାଲା ମଣ୍ଡପଠାରୁ ଷଣ୍ଢ କ୍ଲବ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାର ଭିତ୍ତିପ୍ରସ୍ତର କରାଯାଇଛି। ସୁନ୍ଦରପଦା ପାଲା ମଣ୍ଡପଠାରୁ ଆର୍ପିତ ଆପାର୍ଟମେଣ୍ଟ ଭାୟା ଭୋଇସାହି ବିମଳା ମନ୍ଦିର ପର୍ଯ୍ୟନ୍ତ, ଗୋଲଖ ଚନ୍ଦ୍ର ପ୍ରଧାନ ଘରଠାରୁ ସୂର୍ଯ୍ୟ ଟ୍ରେଡ଼ିଂ ପର୍ଯ୍ୟନ୍ତ କଂକ୍ରିଟ ନାଳ ନିର୍ମାଣ। ଏଥିସହ ଗୋଖିବାବା କମ୍ୟୁନିଟି ହଲ, ଭଟ ସାହି କମ୍ୟୁନିଟି ହଲ୍‌ର ଉଦ୍‌ଘାଟନ କରାଯାଇଛି। ଗୋଖିବାବା ମନ୍ଦିରରୁ ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ଫେବର ବ୍ଲକ ରାସ୍ତାର ଭିତ୍ତିପ୍ରସ୍ତର କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ୱାର୍ଡ ନମ୍ବର ୬୭ର କର୍ପୋରେଟର ମଧୁସ୍ମିତା ପ୍ରଧାନ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, କର୍ପୋରେଟର ରାମ ଚନ୍ଦ୍ର ରଣସିଂହ, ଭାଜପା ଭୁବନେଶ୍ୱର ଉପସଭାପତି ଧିରେନ ପାତ୍ର, ସୁନ୍ଦରପଦା କପିଳପ୍ରସାଦ ଗ୍ରାମର ମହେନ୍ଦ୍ର କୁମାର ନନ୍ଦ, ରାଜକିଶୋର ରାଉତରାୟ, ବିଜୟ ସ୍ୱାଇଁ, ବିଜୟ ସାହୁ, ମୁରଲି ମନୋହର ପାତ୍ର, ଜୟ କୃଷ୍ଣ ମାର୍ଥା, ରବୀନ୍ଦ୍ର ନାୟକ, ତପନ ରାଉତରାୟ, ସୁରେନ୍ଦ୍ର ଜେନା, ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# 'ସାଗର ମନ୍ଥନ'ରୁ ଆରମ୍ଭ ହେଲା ନାଟକ ଉତ୍ସବ


ନାଟକ 'ସାଗର ମନ୍ଥନ'ର ଏକ ଦୃଶ୍ୟ।

ଭୁବନେଶ୍ୱର,୨୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

**ନାଟ୍ୟକାର ମନୋରଞ୍ଜନ ଦାସଙ୍କ ୫ ନାଟକ ମଞ୍ଚସ୍ଥ ହେବ**

ଓଡ଼ିଆ ନାଟ୍ୟ ଜଗତର ପ୍ରବାଦ ପୁରୁଷ, ନାଟ୍ୟକାର ତଥା ମଞ୍ଚ ଅଭିନେତା ସ୍ୱର୍ଗତ ମନୋରଞ୍ଜନ ଦାସଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ୫ ଦିନିଆ ନାଟକ ଉତ୍ସବ ରବିବାର ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସ୍ୱର୍ଗତ ଦାସଙ୍କ ରଚିତ ନାଟକ ମଞ୍ଚସ୍ଥ ହେଉଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଉତ୍କଳ ରଙ୍ଗମଞ୍ଚ ପକ୍ଷରୁ ନାଟକ 'ସାଗର ମନ୍ଥନ' ମଞ୍ଚସ୍ଥ ହୋଇଥିଲା। ନାଟକର ନିର୍ଦ୍ଦେଶନା ଦେଇଛନ୍ତି ଅନନ୍ତ ମହାପାତ୍ର। ଏହାକୁ ଉପସ୍ଥିତ ଅତିଥି ଓ ଦର୍ଶକ ମନଭରି ଉପଭୋଗ କରିଥିଲେ।

ଉତ୍ସବରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ, ନୃତ୍ୟଶିଳ୍ପୀ ଗୁରୁ ଅରୁଣା ମହାନ୍ତି, ଗୁରୁ କେଳୁଚରଣ ମହାପାତ୍ର, ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁ ସିକତା ଦାସ ଯୋଗଦେଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଯୋଜନା କରିଥିଲେ ଅଳିଭା ଭାରତୀ। ଆଗାମୀ ୪ଟି ସନ୍ଧ୍ୟାରେ 'ଆଗାମୀ', 'ଜନ୍ମମାଟି', 'ବିତର୍କିତ ଅପରାହ୍ନ' ଏବଂ 'ନନ୍ଦିକା କେଶରୀ' ମଞ୍ଚସ୍ଥ ହେବ ବୋଲି ସୂଚନା ଦିଆଯାଇଛି।

### ଶ୍ରୀମନ୍ଦିର ହୁଣ୍ଡିରୁ ମିଳିଲା ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ହୁଣ୍ଡିରୁ ରବିବାର ୨୨ ଲକ୍ଷ ୩୧ ହଜାର ୬୪୨ ଟଙ୍କା ସମେତ ୧ ଗ୍ରାମ ୧୫୦ ମିଲିଗ୍ରାମ ସୁନା ଏବଂ ୩୧ ଗ୍ରାମ ୨୨୦ ମିଲିଗ୍ରାମ ରୁପା ମିଳିଛି। ହୁଣ୍ଡିରୁ ବାହାରିଥିବା ଏହି ଅର୍ଥ ଅନ୍ୟ ଦିନ ଅପେକ୍ଷା ଅଧିକ ରହିଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ହୁଣ୍ଡିରେ ଦାନ ଦେଇଥାନ୍ତି। ଏହି ଦାନ ମଧ୍ୟରେ ସୁନା, ରୁପା ସହ ଟଙ୍କା ରହିଥାଏ। ଯାହାକୁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବାହାର କରାଯାଇ ଗଣତି କରାଯାଇଥାଏ।

# 'ଲକ୍ଷ୍ମୀସାଗର ମୁକ୍ତିପଥ' ଶ୍ମଶାନ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୭ (ବନ୍ଦନା ସେଠୀ)



ୱାର୍ଡ ନଂ. ୪୩ ଅନ୍ତର୍ଗତ ଲକ୍ଷ୍ମୀସାଗରରେ ରବିବାର 'ଲକ୍ଷ୍ମୀସାଗର ମୁକ୍ତିପଥ' ଶ୍ମଶାନ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ କର୍ପୋରେଟର ଭରତ ଲେଙ୍କା ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ସହ ଲକ୍ଷ୍ମୀସାଗର ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇଛି। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ସ୍ଥାନୀୟ କର୍ପୋରେଟରଙ୍କ ମିଳିତ ଉଦ୍ୟମରେ ୫୯ଲକ୍ଷ ୪୮ହଜାର ୩୨୯ ଟଙ୍କା ବ୍ୟୟରେ ଏହାର ନିର୍ମାଣ କରାଯାଇଛି। ଶ୍ମଶାନ ପରିସରରେ ପାନୀୟ ଜଳ ବ୍ୟବସ୍ଥା ସହ ଆଲୋକୀକରଣ, ତୋରଣ ଓ ପାଚେରୀ ନିର୍ମାଣ କରାଯାଇଛି। ଏଥିସହ ଶ୍ମଶାନର ସୌନ୍ଦର୍ଯ୍ୟକରଣ, ଗାଧୁଆ ଘର, ବସିବା ପାଇଁ ସ୍ଥାନ ଓ ବୃକ୍ଷରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁ ଏହା ସଫଳ ହୋଇଥିବାରୁ କୃତଜ୍ଞତା ଜଣାଇଛନ୍ତି। ଆଗକୁ ପ୍ରତି ୱାର୍ଡରେ ଥିବା ଶ୍ମଶାନକୁ ଏଭଳି ଢଙ୍ଗରେ କରାଯିବା ନେଇ ସୂଚନା ଦିଆଯାଇଥିଲା। କର୍ପୋରେଟର ଶ୍ରୀଧର ଜେନା, ଆସିୟା ବେଗମ, ଆଶିଷ ପଟ୍ଟନାୟକ, ପୂର୍ବତନ ଉଠା ଜଳସେଚନ ଅଧକ୍ଷ ଅମରେଶ ପତ୍ରୀ, କ୍ରିକେଟ କୋଚ କ୍ଷୀରୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ୟାମାଶଙ୍କର ମଠରେ ଗୁରୁପୂର୍ଣ୍ଣିମା

ପୁରୁଣା ଭୁବନେଶ୍ୱର, ୨୧।୭(ସୁବାସ ଚନ୍ଦ୍ର ପ୍ରଧାନ)

ସ୍ଥାନୀୟ ହାଟସାହି ସ୍ଥିତ ଶ୍ୟାମାଶଙ୍କର ମଠ ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ମଠ ପରିସରକୁ ବିଭିନ୍ନ ଫୁଲରେ ସଜ୍ଜିତ କରାଯାଇଥିଲା। ପ୍ରାତଃରୁ ସଦ୍‌ଗୁରୁ ତଥା ଠାକୁର ସୀତାରାମ ଦାଶଙ୍କ ମନ୍ଦିରରେ ମଙ୍ଗଳ ଆଳତି, ଗୁରୁ ପୂଜା, ମହମନ୍ତ୍ର ନାମ ଜପ କରାଯାଇଥିଲା। ଏହା ପରେ ଅତିଥିମାନଙ୍କ ଦ୍ୱାରା 'ଜଗନ୍ନାଥ' ଓ 'ସୁଭଦ୍ରା' ପତ୍ରିକାର ଗୁରୁପୂର୍ଣ୍ଣିମା ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ଦିନତମାମ ନାମ ସଂକୀର୍ତ୍ତନ ହୋଇଥିଲା। ପରେ କୁନି ପିଲାମାନଙ୍କ ଦ୍ୱାରା ଆଧାତ୍ମିକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ଭାଇ ଓ ଗୁରୁ ଭଉଣୀମାନଙ୍କ ଦ୍ୱାରା ଏହି ଉତ୍ସବ ପରିଚାଳନା କରାଯାଇଥିଲା। ମଠ ମୁଖ୍ୟ ପରିଚାଳକ ଅରୁଣ କୁମାର ଗାଙ୍ଗୁଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସଞ୍ଜୟ ମିତ୍ର, ଜୟଦେବ ପଣ୍ଡା, ପ୍ରଶାନ୍ତ ପରିଡା, ପୂର୍ଣ୍ଣଚନ୍ଦ୍ର ସାହୁ, ତ୍ରିବେଣୀ ଗାଙ୍ଗୁଲି, ସମ୍ପା ପଟ୍ଟନାୟକ, ଛନ୍ଦା ଚଟାର୍ଜୀ, କବିରାଜ ମିଶ୍ର, ମଙ୍ଗଳା କାପୁର, ରୋହିତ ସରକାର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# 'ନୀରବ ଝଡ଼ ଓ ଅନ୍ୟାନ୍ୟ ନାଟକ' ଲୋକାର୍ପିତ

ଭୁବନେଶ୍ୱର,୨୧।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଟାଇମ୍‌ପାସ୍ ପକ୍ଷରୁ ରବିବାର ସ୍ଥାନୀୟ ଏକ ହୋଟେଲରେ ବିଶିଷ୍ଟ ନାଟ୍ୟକାର ରାଜେନ୍ଦ୍ର ପ୍ରସାଦ ସାହୁଙ୍କ ନାଟକ ସଂକଳନ 'ନୀରବ ଝଡ଼ ଓ ଅନ୍ୟାନ୍ୟ ନାଟକ' ଲୋକାର୍ପିତ ହୋଇଯାଇଛି। ୯ଟି ଅପ୍ରକାଶିତ ନାଟକକୁ ନେଇ ସଂକଳିତ ଏହି ପୁସ୍ତକଟି ସାହୁଙ୍କ ପ୍ରଥମ ପୁସ୍ତକ। ଲୋକାର୍ପଣ ପର୍ବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ନାଟ୍ୟକାର ତଥା ଲେଖକ ରମେଶ ପ୍ରସାଦ ପାଣିଗ୍ରାହୀ କହିଲେ, ନାଟ୍ୟକାର ସବୁବେଳେ ମାୟାର ଦୁନିଆରେ ଥାଏ। ଘଟଣା ଘଟିବା ଆଗରୁ ଯିଏ ଘଟଣା ଘଟାଇପାରେ ସେ ହିଁ ଭଲ ନାଟ୍ୟକାର। ମୁହଁରେ ରଙ୍ଗ ବୋଳିବାଠାରୁ ଦୁନିଆରେ ରଙ୍ଗ ବୋଳିବା ଯାଏ ପରିବ୍ୟାପ୍ତ ଜଣେ ନାଟ୍ୟକାରର ଦାୟିତ୍ୱ। ପେସାରେ ଜଣେ ଇଞ୍ଜିନିୟର ହୋଇଥିବାରୁ ରାଜେନ୍ଦ୍ର ସାହୁ ନାଟକ ମାଧ୍ୟମରେ ସମାଜର ସବୁ ଯାନ୍ତ୍ରିକତାକୁ ଖୁବ୍ ସୁନ୍ଦର ଭାବେ ପରିବେଷଣ କରିଛନ୍ତି। ସେ ଜଣେ ସଫଳ ଉତ୍ତର ଆଧୁନିକ ନାଟ୍ୟକାର। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ସଂଘମିତ୍ରା ମିଶ୍ର ପୁସ୍ତକର ସମୀକ୍ଷା କରି କହିଲେ, ଚରିତ୍ର ଉପଯୋଗୀ ଭାଷା ଓ ସମାଜ ସଚେତନମୂଳକ ବିଷୟକୁ ନେଇ ରାଜେନ୍ଦ୍ରଙ୍କ ନାଟକଗୁଡିକ ଖୁବ୍ ରୋଚକ ଶୈଳୀରେ ରଚିତ। ବରେଣ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନୀଲ କୁମାର ମିଶ୍ର, ଅବସରପ୍ରାପ୍ତ ସୀମାଶୁଳ୍କ ଚିଫ୍ କମିଶନର ସୁବାସ ଚନ୍ଦ୍ର ଚୌଧୁରୀ, ଏମ୍.ସି.ଏଲ୍.ର ଅବସରପ୍ରାପ୍ତ ବରିଷ୍ଠ ମହାପ୍ରବନ୍ଧକ ସତ୍ୟଶିବସୁନ୍ଦର ପଣ୍ଡା ପ୍ରମୁଖ ଯୋଗଦେଇ ନାଟ୍ୟକାରଙ୍କୁ ଅଭିବାଦନ ଜଣାଇବା ସହ ପୁସ୍ତକ ସମ୍ପର୍କରେ ସ୍ୱମତ ଦେଇଥିଲେ। ଟାଇମ୍‌ପାସର ନିର୍ଦ୍ଦେଶକ ସରୋଜ ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଲେଖକ ରାଜେନ୍ଦ୍ର ପ୍ରସାଦ ସାହୁ ନିଜ ନାଟ୍ୟକାର ଜୀବନର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ବିଶିଷ୍ଟ କଥାକାର ପ୍ରକାଶ ମହାପାତ୍ର ବଂଶୀବାଦନ, କଣ୍ଠଶିଳ୍ପୀ ଅର୍ପିତା ପତି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅରୁଣ କୁମାର ଦାସ, ଆଶିଷ କୁମାର ମିଶ୍ର, ଅବିନାଶ ସାହୁ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିମାନେ 'ନୀରବ ଝଡ଼ ଓ ଅନ୍ୟାନ୍ୟ ନାଟକ' ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଛାତ୍ର ଜୀବନର ସ୍ମୃତିଚାରଣ କଲେ ଦୁଇ ମନ୍ତ୍ରୀ

ଭୁବନେଶ୍ୱର, ୨୧।୭(ଅସମାପିକା ସାହୁ)

**ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ପ୍ରତିଷ୍ଠା ଉତ୍ସବ**



ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ପ୍ରତିଷ୍ଠା ଦିବସରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ଅନ୍ୟ ଅତିଥିମାନେ।

ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ୬୫ତମ ପ୍ରତିଷ୍ଠା ଦିବସ ରବିବାର ବିଭାଗ ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଅତିଥି ଭାବେ ଯୋଗୁଦେଇ ଛାତ୍ର ଜୀବନର ସ୍ମୃତିଚାରଣ କରିବା ସହ ଛାତ୍ରୀଛାତ୍ରଙ୍କୁ କେତେକ ପରାମର୍ଶ ଦେଇଥିଲେ। ଆଇନ ମନ୍ତ୍ରୀ ହରିଚନ୍ଦନ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଭାବରେ ନିର୍ବାଚିତ ହୋଇ ସେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ନିଜ ଛାତ୍ର ଜୀବନର ସ୍ମୃତିଚାରଣ ସହ ବିଦ୍ୟାର୍ଥୀମାନଙ୍କୁ ନିଜ ଅଧ୍ୟବସାୟ ବଳରେ ପ୍ରାଣୀବିଜ୍ଞାନ ବିଭାଗର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗ ନିଜ ସଫଳତାର ଶ୍ରେୟ ଏହି ବିଭାଗକୁ ଦେବା ସହ ଏହାକୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶାର ସାମଗ୍ରିକ ଉନ୍ନତି ପାଇଁ ସରକାରଙ୍କ ୨୦୩୬ ଓ ୨୦୪୭ ମସିହା ରୂପରେଖ ବିଷୟରେ ପ୍ରାକ୍ ସୂଚନା ପ୍ରଦାନ କରି ଏହି ଆଭିମୁଖ୍ୟକୁ ସଫଳ କରିବା ପାଇଁ ବିଶ୍ୱବିଦ୍ୟାଳୟର ସହଯୋଗ କାମନା କରିଥିଲେ। ବିଭାଗର ଲାଇବ୍ରେରି, ମ୍ୟୁଜିୟମ୍, ଲାବୋରେଟୋରି ଓ ନିଜର ପୁରାତନ ଶ୍ରେଣୀକକ୍ଷକୁ ଦୁଇ ମନ୍ତ୍ରୀ ପରିଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ସର୍ବଦା ଉଦ୍ୟମ କରିବେ ବୋଲି ସେମାନେ ନିଜ ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ପଦ୍ମଶ୍ରୀ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦୀ ଓଡ଼ିଶାରେ ପ୍ରାଣୀବିଜ୍ଞାନର ସଫଳତା ବର୍ଣ୍ଣନା କରିବା ସହ ବିଭାଗର ଭବିଷ୍ୟତ କାର୍ଯ୍ୟପନ୍ଥାର ସମ୍ଭାବ୍ୟ ଦିଗଗୁଡ଼ିକ ଉପରେ ସୂଚନା ଦେଇଥିଲେ। ପ୍ରାଣୀବିଜ୍ଞାନ ବିଭାଗର ମୁଖ୍ୟ ଡ. ଗୁଣନିଧି ସାହୁ ସ୍ୱାଗତ ଭାଷଣରେ ଛାତ୍ରୀଛାତ୍ରଙ୍କ ଗବେଷଣାଲବ୍ଧ ଉପଲବ୍ଧି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସଭାପତିତ୍ୱ ଅଭିଭାଷଣରେ ଅତିଥିମାନେ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ବିଶ୍ୱବିଦ୍ୟାଳୟର ସାମଗ୍ରିକ ଉନ୍ନତିରେ ପ୍ରାଣୀବିଜ୍ଞାନ ବିଭାଗର ଯୋଗଦାନକୁ ସେ ପ୍ରଶଂସା କରିଥିଲେ। ପ୍ରଫେସର ପ୍ରଭାତୀ କୁମାରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଗୁରୁ ହିଁ ସମାଜର ମାର୍ଗଦର୍ଶକ

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ନୀଳାଚଳ ନାରାୟଣ ସଂସ୍କୃତ ମହାବିଦ୍ୟାଳୟ କେନ୍ଦ୍ରୀୟ କକ୍ଷରେ ଉତ୍କଳୀୟ ଜ୍ୟୋତିଷ କର୍ମକାଣ୍ଡ ବ୍ରାହ୍ମଣ ପରିବାର ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବିନାରାୟଣ ସାମନ୍ତ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅଧ୍ୟାପକ ଡ. ବଳରାମ ଦାଶ ପ୍ରାଚୀନ ଗୁରୁ ପରମ୍ପରାର ଉଦାହରଣ ଦେଇ ମହାଭାରତ ଓ ରାମାୟଣ ତଥା ଶାସ୍ତ୍ର, ପୁରାଣ ଓ ବ୍ୟାସ ପୂର୍ଣ୍ଣିମାର ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗୁରୁ ହିଁ ସମାଜର ମାର୍ଗଦର୍ଶକ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତା ରୂପେ ସଚ୍ଚିଦାନନ୍ଦ ମିଶ୍ର, ସମ୍ମାନିତ ଅତିଥିଭାବେ ପଣ୍ଡିତ ଦୟାନିଧି ପଣ୍ଡା, ଅଧ୍ୟାପକ ନାରାୟଣ ପଣ୍ଡା, ପ୍ରଶାନ୍ତ ନନ୍ଦ, ସୁବାସ ଚନ୍ଦ୍ର ଦାଶ ଯୋଗଦେଇ ଗୁରୁ-ଶିଷ୍ୟ ପରମ୍ପରାର ପ୍ରାଚୀନତା, ଗୁରୁକୁଳ ଆଶ୍ରମର ଗୁରୁପୂର୍ଣ୍ଣିମା ପାଳନର ପରମ୍ପରା ତଥା ଆଧୁନିକ ସମାଜରେ ଏକଲବ୍ୟ ପରି ଶିଷ୍ୟ ବିରଳ ବୋଲି କହିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ସମେତ ଗୁରୁମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଗୁରୁ ବନ୍ଦନା କରାଯାଇଥିଲା। ଶେଷରେ ରାଜକିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଗୋବର୍ଦ୍ଧନ ମଠରେ ଗୁରୁପୂର୍ଣ୍ଣିମା

ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ସନାତନ ହିନ୍ଦୁଧର୍ମରେ ପବିତ୍ର ଆଷାଢ଼ ମାସ ପୂର୍ଣ୍ଣିମାକୁ ଗୁରୁପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ। ରବିବାର ଗୁରୁପୂର୍ଣ୍ଣିମା ଅବସରରେ ଗୋବର୍ଦ୍ଧନ ମଠ ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଗୋବର୍ଦ୍ଧନ ମଠର ମଠାଧିଶ୍ୱର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ସାନିଧ୍ୟରେ ଗୁରୁପୂର୍ଣ୍ଣିମା ମହୋତ୍ସବ ପାଳନ କରାଯାଇଥିଲା। ପ୍ରାତଃ ସମୟରେ ପୂଜ୍ୟ ଶଙ୍କରାଚାର୍ଯ୍ୟ ନିଜ ସଚିବ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପୂଜନ ପରେ ଭଗବାନ ନାରାୟଣଙ୍କ ପାଦୁକା ପୂଜନ ଓ ପାରମ୍ପରିକ ଗୁରୁପୂଜନ ପୀଠ ସମ୍ପାଦନ ହୋଇଥିଲା। ପରେ ପୀଠର ଅନ୍ତେବାସୀ, ଭକ୍ତବୃନ୍ଦ ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ଦର୍ଶନ ଓ ପାଦୁକା ପୂଜାର୍ଚ୍ଚନା କରିଥିଲେ। ଭକ୍ତ, ମଠର ଅନ୍ତେବାସୀ ଏବଂ ବୈଦିକ କର୍ମକାଣ୍ଡୀଙ୍କ ଦ୍ୱାରା ମହୋତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ କେତେଜଣ ଭକ୍ତଙ୍କୁ ପୂଜ୍ୟ ଶଙ୍କରାଚାର୍ଯ୍ୟ ମହାରାଜ ଦୀକ୍ଷା ପ୍ରଦାନ କରିଥିଲେ। ସେହିପରି ଅପରାହ୍ଣରେ କର୍ମକର୍ତ୍ତାମାନଙ୍କୁ ପୂଜ୍ୟ ଗୁରୁଦେବ ଦର୍ଶନ ଓ ଆଶୀର୍ବଚନ ପ୍ରଦାନ କରିଥିଲେ। ସଦାସର୍ବଦା ସଦ୍‌ମାର୍ଗରେ ରହି ଲୋକଙ୍କ ସେବା କରିବାକୁ ଗୁରୁଜୀ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ରାଜ୍ୟପାଳ ରଘୁବର ଦାସ ପୂଜ୍ୟ ଗୁରୁଦେବଙ୍କ ଦର୍ଶନ ଓ ପୂଜନ କରି ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ତାଙ୍କର ଗୁରୁ ପୂର୍ଣ୍ଣିମା ଭଳି ଦିନରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ମିଳିବା ତାଙ୍କ ପାଇଁ ସୌଭାଗ୍ୟର କଥା। ଗୁରୁଜୀଙ୍କ ପ୍ରବଚନ ଶୁଣିବା ସହ ତାଙ୍କ କହିଥିବା ବାଟରେ ଚାଲିବା ନେଇ ସଂକଳ୍ପ ନେଲି। ଗୁରୁ ପୂର୍ଣ୍ଣିମା ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଉଛି। ପ୍ରାଚୀନ କାଳରୁ ଭାରତରେ ସଦ୍‌ଗୁରୁ ପରମ୍ପରା ଚାଲି ଆସିଛି। ଯେପରି ଗୁରୁଜୀ କହିଛନ୍ତି, ଭବିଷ୍ୟତରେ ସାରା ବିଶ୍ୱରେ ଭାରତ ଏକ ଧାର୍ମିକ ଗୁରୁ ଭାବେ ପରିଣତ ହେବ। କାରଣ ସନାତନ ଧର୍ମରେ ଏପରି ଶକ୍ତି ରହିଛି, ଯାହା ସମସ୍ତଙ୍କୁ ଯୋଡ଼ିବ ଓ ସମସ୍ତଙ୍କ ହିତ ପାଇଁ ଚିନ୍ତା କରିଥାଏ ବୋଲି ରାଜ୍ୟପାଳ କହିଛନ୍ତି।

# ଦେବୀନଦୀ ଶିଖରଘାଟରୁ ବେଆଇନ ବାଲି ଚାଲାଣ

ଯୋଗେଶ୍ୱରପୁର,୧୯।୭
(ରଶ୍ମିରଞ୍ଜନ ସାହୁ)

ନୟାହାଟ ବଜାରଠାରୁ ୫ କିଲୋମିଟର ଦୂରବର୍ତ୍ତୀ ଦେବୀନଦୀର ଶିଖରଘାଟରୁ କୋଟି କୋଟି ଟଙ୍କାର ବାଲି ଚାଲାଣ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ଘଟଣା ଏବେ ପଦାକୁ ଆସିଛି।

ପ୍ରକାଶ ଯେ, ପୂର୍ବ ସରକାରଙ୍କ ସମୟରେ ଦେବୀନଦୀର ଶିଖରଘାଟ, ପୋକାମୂଳ ଘାଟରୁ ମେଶିନ ସାହାଯ୍ୟରେ ରାତି ଅଧରେ ଓଦା ବାଲି ନଦୀ ଗର୍ଭରୁ ଉଠାଇବା ଘଟଣା ସାମ୍ନାକୁ ଆସିଛି। ଏହି ବାଲି ଚୋରା ଚାଲାଣକୁ ବିରୋଧ କରିବା ସହିତ ନୟାହାଟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ବାଲିଘାଟ ପାଇଁ ଆବଶ୍ୟକ କେଫର୍ମ, ଟିପି ଫର୍ମ ଡଫର ମାଲିକଙ୍କ ପାଖରେ ନାହିଁ। ଗାଁଗଣ୍ଡା ରାସ୍ତାରେ ୧୫ରୁ ୨୫ଟନ୍ ଗାଡ଼ି ଚାଲିପାରିବ। କିନ୍ତୁ ଡଫର ମାଧ୍ୟମରେ ୫୦ରୁ ଊର୍ଦ୍ଧ୍ୱ ଟନ ବାଲି ଆଣିବା ଦ୍ୱାରା ନୟାହାଟରୁ ଶିଖରଘାଟ ରାସ୍ତା ନଷ୍ଟ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ବେଆଇନ ଭାବେ ବାଲି ଚାଲାଣ ହେବା ଫଳରେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେଉଛି। ଜିଲା ବାହାରୁ ବାଲି ମାଫିଆମାନେ ଦେବୀନଦୀରୁ ରାତି ଅଧରେ ବାଲି ଲୁଟ୍ କରୁଛନ୍ତି। ବାଲି ଘାଟ ଚୋରା ଚାଲାଣ ରୋକିବାକୁ ମାଇନିସ ବିଭାଗ ଉପରେ ନେସ୍ତ ରହିଥିବାବେଳେ ସେମାନେ ଆଦୌ ଚଢ଼ାଉ କରୁନାହାନ୍ତି। ପ୍ରତିଦିନ ଶହ ଶହ ବାଲି ଗାଡ଼ି ନୟାହାଟ ଅଞ୍ଚଳ ଦେଇ ଯିବା ଫଳରେ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ବାଲି ଗାଡ଼ି ଚେକ କରାଯାଉନାହିଁ। ଏ ସମ୍ପର୍କରେ ଗୋପ ତହସିଲଦାର ରଞ୍ଜନ ପରିଡ଼ାଙ୍କୁ ପଚାରିବାରେ, ତାଙ୍କ ପାଖରେ ଏନେଇ ଅଭିଯୋଗ ନାହିଁ। ଅଭିଯୋଗ ହେଲେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ଛାତ୍ରୀମାନେ ନିଷ୍ଠାର ସହ ଶିକ୍ଷା ଗ୍ରହଣ କରନ୍ତୁ



ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ଅତିଥିମାନେ ।

ଚାରିଛକ,୨୧।୭(ଶିଶିର ସ୍ୱାଇଁ)

**ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଦିବସ**

ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ୪୩ତମ ପ୍ରତିଷ୍ଠା ଉତ୍ସବ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମ୍ମାନିତ ଅତିଥି ଭାବେ ୧୧ନଂ. ଜିଲାପରିଷଦ ସଦସ୍ୟ ପ୍ରମୋଦ ରାୟ, ପୂର୍ବତନ ଜିଲାପରିଷଦ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ସଭାପତି ସନ୍ତୋଷ ମିତ୍ର ସଭାରେ ସଭାପତିତ୍ୱ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନାନନ୍ଦ ଦାଶ ସଭା ପରିଚାଳନା କରିଥିଲେ। କଲେଜ ଅଧ୍ୟକ୍ଷା ବିନୋଦିନୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାରେ ଓଡ଼ିଆ ବିଭାଗ ଅଧ୍ୟାପିକା ଶର୍ମିଷ୍ଠା ରାଣୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ପରିଡ଼ା କଲେଜ ପରିସରରେ 'ମା ପାଇଁ ଗଛଟିଏ' ଉଦ୍ଦେଶ୍ୟରେ ଏକ ଚାରାରୋପଣ କରିଥିଲେ। ଛାତ୍ରୀମାନେ ନିଷ୍ଠାର ସହ ଶିକ୍ଷା ଗ୍ରହଣ କରିବା ସହ ଶିକ୍ଷକମାନେ କର୍ତ୍ତବ୍ୟନିଷ୍ଠ ଭାବରେ ଅଧ୍ୟାପନା କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନେ ନିଜକୁ ଉତ୍ତମ ଭାବେ ଗଢ଼ି ତୋଳନ୍ତୁ ବୋଲି କଲେଜର ସଭାପତି ଡ. ସନ୍ତୋଷ ମିତ୍ର କହିଥିଲେ। ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକ ତଥା କଲେଜ ପ୍ରତିଷ୍ଠାତା ସଦସ୍ୟ ଲକ୍ଷ୍ମୀଧର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ, ପରିଚାଳନା କମିଟି ସଦସ୍ୟ, ଅଞ୍ଚଳର ବୁଦ୍ଧିଜୀବୀ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀଙ୍କ ସହିତ ଛାତ୍ରୀମାନେ ଯୋଗଦେଇଥିଲେ। କଲେଜର ମେଜର ପୁଷ୍ପଲତା ଦତ୍ତ ଧନ୍ୟବାଦ ଦେଇଥିଲେ।


ଗୋବର୍ଦ୍ଧନ ପୀଠରେ ଶିଷ୍ୟମାନେ ଗୁରୁପୂଜନ କରୁଛନ୍ତି ।

# ଦୟାନଦୀ ସୁରକ୍ଷା ପ୍ରସଙ୍ଗରେ ଦୟା ସୁରକ୍ଷା ଅଭିଯାନ

### ଜବରଦଖଲକାରୀଙ୍କ କବଳରୁ ମୁକ୍ତ ହେବ ନଦୀପଠା

ପିପିଲି,୨୧।୭(ଦୁର୍ଗାମାଧବ ମିଶ୍ର)

ଦୟା ସୁରକ୍ଷା ଅଭିଯାନ ଓ ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଦୟାନଦୀ କୂଳରେ ପିପିଲି ବ୍ଲକ କଣ୍ଟିର କଲ୍ୟାଣ ମଣ୍ଡପଠାରେ ନଦୀ ସୁରକ୍ଷା ସଂକ୍ରାନ୍ତୀୟ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୟା, ଗଙ୍ଗୁଆ, କୁଶଭଦ୍ରା, ଧନୁଆ ଓ ଭାର୍ଗବୀ ନଦୀ ଆନ୍ଦୋଳନର ଅନେକ ନେତୃତ୍ୱ, ସୂଚନା ଅଧିକାର, ଭାଷା ଆନ୍ଦୋଳନ, ଚାଷୀ ଆନ୍ଦୋଳନ ଇତ୍ୟାଦିର ନେତୃତ୍ୱ ଏଥିରେ ଯୋଗ ଦେଇଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନର ପୂର୍ବରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ବୈଠକର ସୁପାରିଶ ଯଥା ଓଡ଼ିଶା ପାଇଁ ନଦୀ ନୀତି, ନଦୀ ମିଶନ ଗଠନ, ଟ୍ରିବ୍ୟୁନାଲ ବାହାରେ ଆପୋଷ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ, ରାଜ୍ୟର ନଦନଦୀ ଗୁଡ଼ିକର ତାଲିକା ପ୍ରସ୍ତୁତ ଇତ୍ୟାଦିକୁ ଏଥିରେ ଅନୁମୋଦନ କରାଯାଇଥିଲା। ଲୋକଙ୍କୁ ନଦୀ ସହିତ ଯୋଡ଼ିବାର ପ୍ରୟାସ ଭାବରେ ପ୍ରତି ମାସର ସଂକ୍ରାନ୍ତି ଦିନ ନଦୀ ଆଳତି କରିବାକୁ ଆହ୍ୱାନ ଦିଆଯାଇଥିଲା। ଖୁବ୍‌ଶୀଘ୍ର ଦୟାନଦୀ ପଞ୍ଚାୟତ ଗଠନ କରିବାର ନିଷ୍ପତ୍ତି ହୋଇଛି। ନଦୀପଠା ଜମିକୁ ଜବରଦଖଲକାରୀଙ୍କ କବଳରୁ ମୁକ୍ତ କରିବାକୁ ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବାର ନିଷ୍ପତ୍ତି ନିଆଯାଇଛି। ଦୟା ସୁରକ୍ଷା ଅଭିଯାନ ଆବାହକ ସଚିକାନ୍ତ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ, ସୂଚନା ଅଧିକାର ଅଭିଯାନ ଆବାହକ ପ୍ରଦୀପ ପ୍ରଧାନ, ଓପନ ଲର୍ଣ୍ଣିଂ ସିଷ୍ଟମ ନିର୍ଦ୍ଦେଶକ ପ୍ରକାଶ ରଥ, ଓଡ଼ିଆ ଭାଷା ଆନ୍ଦୋଳନର ନେତା ଡ. ସୁବ୍ରତ କୁମାର ପୃଷ୍ଟି, ଏନ୍‌ଜିଟିର ଅଧିବକ୍ତା ଶଙ୍କର ପାଣି, ଅଶୋକ ପ୍ରଧାନ, କିଶନ ପଟ୍ଟନାୟକ, ପ୍ରସନ୍ନ ବିଶୋଇ, ସଂଯୋଜକ ବିଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏକ ପ୍ରତିନିଧି ଦଳ ଗଙ୍ଗୁଆ ଓ ଦୟାର ସଙ୍ଗମସ୍ଥଳ କଣ୍ଟି ନିଜିଗଡ଼ କୁରିଖିଠାରେ କ୍ଷେତ୍ର ପରିଦର୍ଶନ କରି ଗଙ୍ଗୁଆର ପାଣି କିଭଳି ଦୟାନଦୀକୁ ପ୍ରଦୂଷିତ କରୁଛି ତାହା ଦେଖିଥିଲେ। ଆସନ୍ତା ୨୩ ତାରିଖରେ ଗଙ୍ଗୁଆ ନଦୀ ପରିକ୍ରମା କରିବାର ନିଷ୍ପତ୍ତି ହୋଇଛି। ପରେ ବିଡିଏ ଅଧ୍ୟକ୍ଷ ଓ ବିଏମ୍‌ସି ମେୟର ଓ କମିଶନରଙ୍କୁ ଦାବିପତ୍ର ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ଭାରତୀୟ ପରମ୍ପରାରେ ପରମଗୁରୁ ଶ୍ରୀଜଗନ୍ନାଥ



ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ପକ୍ଷରୁ ରବିବାର ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ବ୍ୟାସ ପୂର୍ଣ୍ଣିମା ଅବସରରେ ସ୍ୱତନ୍ତ୍ର ବିଶେଷାଙ୍କ ଲୋକାର୍ପଣ ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୁରୁ ପରମ୍ପରା ଏବଂ ଶ୍ରୀଜଗନ୍ନାଥ ଶୀର୍ଷକକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଟ୍ରଷ୍ଟର ଅଧ୍ୟକ୍ଷ ଅବସରପ୍ରାପ୍ତ ପ୍ରଶାସକ ଅଶ୍ୱିନୀ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ, ସଦସ୍ୟା ପ୍ରତିଭା ତ୍ରିପାଠୀ, ଐତିହାସିକ ମଦନ ମୋହନ ମହାପାତ୍ର, ବିଜୟଲକ୍ଷ୍ମୀ ସାହୁ, ଟ୍ରଷ୍ଟ ଉପାଧ୍ୟକ୍ଷା ବିନୋଦ କୁମାର ପଣ୍ଡା, ପ୍ରାଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା ଯେ, ଭାରତୀୟ ପରମ୍ପରାରେ ବ୍ୟାସ ହେଲେ ଗୁରୁ ଓ ପ୍ରଭୁ ଶ୍ରୀ ଜଗନ୍ନାଥ ପରମଗୁରୁ। ବ୍ୟାସଦେବ ଅଷ୍ଟାଦଶ ପୁରଣ ରଚନା କରି ସମସ୍ତ ପୁରାଣରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ବୈଶିଷ୍ଟ୍ୟ ଓ ଆଧ୍ୟାତ୍ମିକ ଉତ୍କର୍ଷତା ପ୍ରତିପାଦନ କରିଛନ୍ତି। ପରମବ୍ରହ୍ମ ଶ୍ରୀକୃଷ୍ଣ ଓ ପରଂବ୍ରହ୍ମ ଭିତରେ ଅଭିନ୍ନତା ଦର୍ଶାଇ ଦାରୁବ୍ରହ୍ମଙ୍କର ଜୟଗାନ କରିଛନ୍ତି। ତେଣୁ ଆଜିର ଦିବସକୁ ଗୁରୁ ପୂର୍ଣ୍ଣିମା କୁହାଯାଏ। ଆଲୋଚନା ଚକ୍ରରେ ଡ. ଚନ୍ଦ୍ରଶେଖର ଦାଶ, ପଣ୍ଡିତ ସଦାଶିବ ମିଶ୍ର, ଦୟାନିଧି ତ୍ରିପାଠୀ, ଗବେଷକ ନାରାୟଣ ନନ୍ଦ, ଡ. ସସ୍ମିତା ମିଶ୍ର, ଅଧ୍ୟାପକ ଭାରତୀ ଭୂଷଣ ଦାସ, ସୁରେଶ କୁମାର ପଟ୍ଟନାୟକ, ବୃନ୍ଦାବନ ସ୍ୱାଇଁ, ଅଧ୍ୟାପକ ସହଦେବ ସାହୁ, ପ୍ରଭାକର ମିଶ୍ର, ଆଶାଲତା ପ୍ରଧାନ, ଅର୍ଣ୍ଣପୂର୍ଣ୍ଣା ଦେବୀ, ସାରଙ୍ଗଧର ଷଡ଼ଙ୍ଗୀ ପ୍ରମୁଖ ଅଂଶଗ୍ରହଣ କରି ଗୁରୁ ପରମ୍ପରାର ମହତ୍ୱ ଓ ପ୍ରାଚୀନ ଗୁରୁ ପରମ୍ପରା ଉପରେ ନିଜ ମତ ରଖିଥିଲେ । ପ୍ରାରମ୍ଭରେ ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ସର୍ବେଶ୍ୱର ଷଡ଼ଙ୍ଗୀ ଆଲୋଚନା ଚକ୍ରକୁ ସଂଯୋଜନା କରିଥିଲେ। ଏହି ଅବସରରେ ଟ୍ରଷ୍ଟର ସ୍ୱତନ୍ତ୍ର ବିଶେଷାଙ୍କ ଶ୍ରୀଗୁଣ୍ଡିଚା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଟି. ପ୍ରକାଶ ରାଓ, ତପନ କୁମାର ସେଠୀ, ଭାଗବତ ପ୍ରସାଦ ପଟ୍ଟନାୟକ, ଅଶୋକ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁଶ୍ରୀ କ୍ରିଷ୍ଣା ଦେବୀ ଧନ୍ୟବାଦ ଦେଇଥିଲେ।

# ଶିଶୁ ସମାଚାର ପକ୍ଷରୁ ଚେସ୍ ପ୍ରତିଯୋଗିତା



ପୁରୀ,୨୧।୭(ଅଜିତ୍ କୁମାର ମହାନ୍ତି)

ଶିଶୁ ସମାଚାରର ୧୭ଶ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ରବିବାର ସୁଖଲତା ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ସ୍କୁଲରୁ ଆସିଥିବା ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସେଣ୍ଟ ଜାଭିୟର ହାଇସ୍କୁଲର ଶୋଭିତ ସାହୁ ଏବଂ ଅଂଶୁମାନ ବଳିୟାରସିଂ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ, ବ୍ଲେସ୍‌ଡ ସାକ୍ରେଡ୍ ହାଇସ୍କୁଲ୍‌ର ରୁଦ୍ରାଂଶୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜୁନିୟର୍ ଗ୍ରୁପରେ ପ୍ରଶାନ୍ତି ଇଂଲିଶ ମିଡ଼ିୟମ ସ୍କୁଲର ଶାନ୍ତନୁ ବରାଳ ପ୍ରଥମ, ସନ୍ତୋଷୀ ଇଂଲିଶ ମିଡ଼ିୟମ୍ ସ୍କୁଲର ଆଦିତି ନାୟକ ଦ୍ୱିତୀୟ, ବିଶ୍ୱମ୍ଭର ବିଦ୍ୟାପୀଠର ଆଦିତ୍ୟ ପଟ୍ଟନାୟକ ତୃତୀୟସ୍ଥାନ ହାସଲ କରିଛନ୍ତି। ମିନି ଗ୍ରୁପ୍‌ରେ ଡିଏଭି ପବ୍ଲିକ ସ୍କୁଲର ତରୁଣ ମହାପାତ୍ର ପ୍ରଥମ, କେନ୍ଦ୍ରୀୟ ବିଦ୍ୟାଳୟର ସାଇ ଆମ୍ରିତ ପ୍ରତିହାରୀ ଦ୍ୱିତୀୟ ଓ ବ୍ଲେସ୍‌ଡ ସାକ୍ରେଡ୍ ହାଇସ୍କୁଲର ଶାନ୍ତି ଶ୍ରେୟା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ବିମଳ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଦିଗରେ ଶିଶୁ ସମାଚାର ପ୍ରୟାସକୁ ପ୍ରଶଂସା କରିଥିଲେ। ଚେସ ପ୍ରଶିକ୍ଷକ ସାମଲ କୁଣ୍ଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୧୦ ତାରିଖରେ ଶିଶୁ ସମାଚାର ସ୍ୱନକ୍ଷତ୍ର ଉତ୍ସବରେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଯିବ ବୋଲି ଶିଶୁ ସମାଚାର ଉତ୍ସବ କମିଟିର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସୂଚନା ଦେଇଛନ୍ତି।

# ପଞ୍ଚଗବ୍ୟ ଦ୍ୱାରା ସମସ୍ତ ରୋଗର ଚିକିତ୍ସା ହୋଇପାରିବ

ସାକ୍ଷୀଗୋପାଳ,୨୧।୭
(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ଅଳଗୁମରେ ରବିବାର ଏକ ଗୋବିଜ୍ଞାନ ପ୍ରଶିକ୍ଷଣ ଜାଗରଣ ଅଭିଯାନ ଓ ପଞ୍ଚଗବ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଯୋଗ ଦେଇଥିବା ଅନେକ ମହିଳା ଓ ପୁରୁଷ ରୋଗୀଙ୍କୁ ଆଣ୍ଠୁଗଣ୍ଠି ବାତ ରୋଗକୁ ପଞ୍ଚଗବ୍ୟ ଦ୍ୱାରା କିଭଳି ସଫଳ ଚିକିତ୍ସା କରାଯାଇପାରିବ ସେନେଇ ପରାମର୍ଶ ଦିଆଯାଇଥିଲା। ଗୋଗ୍ରାମ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗଠନ ଅଧ୍ୟକ୍ଷ ପ୍ରଦୀପ୍ତ ତ୍ରିପାଠୀ, ଗବ୍ୟସିଦ୍ଧ ଡା. ସୁଶାନ୍ତ ନାୟକ, ଗୋସେବିକା ସଙ୍ଗିତା ମହାନ୍ତି, ଗୋସେବକ ସରୋଜ ଭାଇ, ଗୋସେବକ ସୁଶାନ୍ତ ନାୟକ ଏବଂ ସାମାଜିକ କର୍ମୀ ତିରୁପତି ଜେନା ପ୍ରମୁଖ ଯୋଗଦେଇଥିଲେ। ମାରାତ୍ମକ କର୍କଟ ରୋଗର ଚିକିତ୍ସା ମଧ୍ୟ ଏହି ପଞ୍ଚଗବ୍ୟ ଚିକିତ୍ସା ଦ୍ୱାରା ଆରୋଗ୍ୟ ହୋଇପାରିବ ବୋଲି ଚିକିତ୍ସା ପରାମର୍ଶ ଦେଉଥିବା ଡାକ୍ତରମାନେ ପ୍ରକାଶ କରିବା ସହ ସମ୍ପ୍ରତି ଯେତେ ପ୍ରକାର ଚିକିତ୍ସା ଅଛି ତନ୍ମଧ୍ୟରୁ ପଞ୍ଚଗବ୍ୟ ଚିକିତ୍ସା ସର୍ବୋତ୍ତମ ବୋଲି କହିଥିଲେ। ଦେଶୀ ଗୋମାତାଙ୍କ ମଳ ମୂତ୍ର ସହ ଅନ୍ୟ ସାମଗ୍ରୀ ମିଶାଯାଇ ପ୍ରସ୍ତୁତ ହେଉଥିବା ଏହି ପଞ୍ଚଗବ୍ୟ ପଦ୍ଧତି ଦ୍ୱାରା ମଣିଷର ପାଦର ନଖଠାରୁ ମୁଣ୍ଡର କେଶ ପର୍ଯ୍ୟନ୍ତ ସବୁ ରୋଗ ସଫଳ ଚିକିତ୍ସା ହୋଇପାରୁଛି ବୋଲି କହିଥିଲେ।



ପଞ୍ଚଗବ୍ୟ ଚିକିତ୍ସା ଶିବିରରେ ଉପସ୍ଥିତ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି।

# 'ଅନ୍ୟାୟ, ଦୁର୍ନୀତିକୁ କଂଗ୍ରେସ ବରଦାସ୍ତ କରିବ ନାହିଁ'

ନିମାପଡ଼ା,୨୧।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା କଂଗ୍ରେସ କମିଟି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ନିମାପଡ଼ାସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ପୂର୍ବତନ ସରପଞ୍ଚ ଗୋବିନ୍ଦ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଦଳର ବରିଷ୍ଠ ନେତା ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ରାଉତରାୟ, ବିଜୟ ମଲ୍ଲିକ, କାଳନ୍ଦୀ ବାରିକ୍, ମନୋଜ ସାହୁ, ଦେବେନ୍ଦ୍ର ପ୍ରଧାନ, ନରେନ୍ଦ୍ର ବେହେରା, ରେଣୁବାଳା ମାଝି ପ୍ରମୁଖ ଯୋଗଦେଇ ନିମାପଡ଼ାରେ ଶାସକ ଦଳର ଅନ୍ୟାୟ, ଦୁର୍ନୀତି, ବ୍ୟଭିଚାର ଶାସନକୁ କଂଗ୍ରେସ କେବେ ବି ବରଦାସ୍ତ କରିବ ନାହିଁ। ଗରିବ, ନିରୀହ, ସାଧାରଣ ଜନତାଙ୍କ ଅଧିକାର, ନ୍ୟାଯ୍ୟଦାବି ପାଇଁ କଂଗ୍ରେସ ସଂଗ୍ରାମ କରିବ। ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳୀୟ ନେତୃବୃନ୍ଦମାନେ ପ୍ରକାଶ କରିଛନ୍ତି। କଂଗ୍ରେସ ପକ୍ଷରୁ ସେବାକେନ୍ଦ୍ର ଜରିଆରେ ସାଧାରଣ ଜନତାଙ୍କୁ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ ବୋଲି ନେତୃବୃନ୍ଦମାନେ କହିଛନ୍ତି। ଏହି ଅବସରରେ ଦଳ ପକ୍ଷରୁ ୩ଟି କମିଟି ଗଠନ କରାଯାଇଛି। ନୂତନ ବ୍ଲକ କମିଟିରେ ସଭାପତି ଭାବେ ମନୋଜ ସାହୁ, ଚାରିଛକ ଜୋନ୍ କମିଟି ସଭାପତି ଭାବେ ବିଜୟ ମଲ୍ଲିକ, ବଳଙ୍ଗା ଜୋନ୍ କମିଟି ସଭାପତି ଭାବେ ଦେବେନ୍ଦ୍ର ପ୍ରଧାନ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ମୋଟରେ ୨୦ ଜଣ ବରିଷ୍ଠ ନେତୃବୃନ୍ଦଙ୍କୁ ନେଇ ଦଳ ପକ୍ଷରୁ ଏହି ୩ଟି ନୂତନ କମିଟି ଗଠନ ହୋଇଛି। ବ୍ଲକ, ତହସିଲ, ଥାନା, ଏନ୍‌ଏସି ଅଫିସ ଓ ମେଡିକାଲର କାର୍ଯ୍ୟ ତଦାରଖ ଓ ଦଳୀୟ କର୍ମୀମାନଙ୍କ ବିଭିନ୍ନ କାର୍ଯ୍ୟ କରାଯିବା ପାଇଁ ଦଳ ପକ୍ଷରୁ ଜଣେ ଜଣେ ବରିଷ୍ଠ ପ୍ରତିନିଧିଙ୍କୁ ନିଯୁକ୍ତ କରାଯାଇଛି। ସମ୍ମିଳନୀରେ ନିମାପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳୀୟ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।


ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ କର୍ମୀ।

# ହତ୍ୟା ଅଭିଯୁକ୍ତଙ୍କୁ ଧରିଲା ପୋଲିସ

## ପ୍ରେମିକା ଓ ସହପାଠୀଙ୍କୁ ହତ୍ୟା ଘଟଣା

**କୁତ୍ରା, ୨୧।୭ (ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ଡୁନମୁରା ପଞ୍ଚାୟତ କାଶିପଡାରେ ଗତ ୧୪ ତାରିଖ ରାତିରେ ଘଟିଥିବା ଡବଲ ମର୍ଡର ଘଟଣାରେ ପୋଲିସ ଶନିବାର ହତ୍ୟାକାରୀ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାଜୁ ନାଗ। ହତ୍ୟା ସମୟରେ ଅଭିଯୁକ୍ତ ବ୍ୟବହାର କରିଥିବା ଛୁରା, ପିନ୍ଧିଥିବା ରକ୍ତଭିଜା ଶାର୍ଟ, ଚପଲ ପୋଲିସ ଜବତ କରିଛି। ଘଟଣା ଘଟାଇବା ପରେ ଅଭିଯୁକ୍ତ ରାଜୁ ଫେରାର ହୋଇଯାଇଥିଲେ। ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ଟି ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ରାଜଗାଙ୍ଗପୁର ବ୍ଲକ ଜଉରୁମାଲ ଜଙ୍ଗଲରେ ଅଭିଯୁକ୍ତ ଥିବା ନେଇ ସୂଚନା ପାଇ କୁତ୍ରା ଥାନା ଅଧିକାରୀ ମନୋରଞ୍ଜନ ବିଶି ଓ ତାଙ୍କ ଟିମ ଚଡାଉ କରି ଗିରଫ କରିଥିଲେ। ଏନେଇ ଏସ୍‌ଡିପିଓ ପାଣିଗ୍ରାହୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁସାରେ, ଅଭିଯୁକ୍ତ ରାଜୁ ଏବଂ ଲିପ୍ସାଙ୍କ ଭିତରେ ୨୦୧୨-୧୩ ରେ ପ୍ରଥମ ପରିଚୟ ହୋଇଥିଲା। ଗତ ୪ବର୍ଷ ହେବ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢିବା ସହିତ ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଥିଲେ। ପ୍ରେମିକା ଲିପ୍ସା ଏମ୍‌ବିଏ ପାଠ ପଢିବା ବେଳେ ସହପାଠୀ ପ୍ରତାପଙ୍କ ସହ ବନ୍ଧୁତା ହୋଇଥିଲା। ଏହା ପରେ ଲିପ୍ସା ଧୀରେ ଧୀରେ ରାଜୁଙ୍କୁ ଅବହେଳା କରି ଆସୁଥିଲେ। ଲିପ୍ସାଙ୍କ ବ୍ୟବହାର ରାଜୁ ହୃଦୟକୁ ଆଘାତ ଦେଇଥିଲା। ଲିପ୍ସା ଓ ପ୍ରତାପଙ୍କ ଭିତରେ ପ୍ରେମ ସମ୍ପର୍କ ଥିବା ସନ୍ଦେହ କରି ଶେଷରେ ଏଭଳି ନାରକୀୟ କାଣ୍ଡ ଘଟାଇଥିବା ରାଜୁ ସ୍ୱୀକାର କରିଥିବା ଏସ୍‌ଡିପିଓ ପାଣିଗ୍ରାହୀ କହିଛନ୍ତି।

ସୂଚନା ଅନୁଯାୟୀ, କାଶିପଡାର ଜନ୍ କେର୍କେଟାଙ୍କ ଗାଡି ଚାଳକ ଭାବେ ରାଜୁ କାମ କରୁଥିଲେ। ଏହାରି ଭିତରେ ସେ ତାଙ୍କ ଝିଅ ଲିପ୍ସାଙ୍କୁ ପ୍ରେମ କରୁଥିଲେ। ଜନ ଏବଂ ତାଙ୍କ ସ୍ତ୍ରୀ ଶୁଶୁମା ସେମାନଙ୍କ ସମ୍ପର୍କକୁ ଗ୍ରହଣ କରି ନ ଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କ ପ୍ରେମରେ ତିକ୍ତତା ସୃଷ୍ଟି ହୋଇଥିଲା। ଲିପ୍ସା ଏବଂ ତାଙ୍କ ସହପାଠୀ ପ୍ରତାପଙ୍କ ବନ୍ଧୁତାକୁ ସହ୍ୟ କରିପାରି ନ ଥିଲେ ରାଜୁ। ଈର୍ଷାନ୍ୱିତ ହୋଇ ଗତ ୧୪ ତାରିଖ ରାତିରେ ଲିପ୍ସାଙ୍କୁ ତାଙ୍କ ଘରେ ଝୁରିଭୁସି ହତ୍ୟା କରିଥିଲେ। ଲିପ୍ସାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିବା ପ୍ରତାପ ମଧ୍ୟ ଛୁରାମାଡରେ ପ୍ରାଣ ହରାଇଥିଲେ।

# ଟ୍ରେଲର ଧକ୍କାରେ ଗଲା ମା'ପୁଅଙ୍କ ଜୀବନ

**କୁଚିଣ୍ଡା, ୨୧।୭ (ବିରଞ୍ଚି ଦର୍ଜୀ)**



ଆନ୍ଦୋଳନକାରୀଙ୍କ ସହ ଏସ୍‌ଡିପିଓ ଏବଂ ତହସିଲଦାର ଆଲୋଚନା କରୁଛନ୍ତି।

ସମ୍ବଲପୁର ଜିଲା କୁଚିଣ୍ଡା-ବଣାଇଁ ରାଜ୍ୟ ରାଜପଥର ମହୁଲପାଲି ଓ କୁଚିଣ୍ଡା ଥାନା ସୀମାନ୍ତ ଲଇଡାଗୁଣା ଛକ ନିକଟରେ ରବିବାର ସକାଳ ପ୍ରାୟ ୯ଟାରେ ଏକ ଟ୍ରେଲର ଧକ୍କାରେ ବାଇକ୍‌ରେ ଯାଉଥିବା ମା'ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମହୁଲପାଲି ଥାନା ଡୁରେଇ ପଞ୍ଚାୟତ କୁର୍ମୁଲୋଇ ଗ୍ରାମର ସୁବାସିନୀ ନାୟକ(୫୮) ଓ ତାଙ୍କ ପୁଅ ସୁବ୍ରତ ନାୟକ(୩୬)। ମହୁଲପାଲି ପୋଲିସ ଦୁର୍ଘଟଣା ଘଟାଇ ପଳାଇ ଯାଉଥିବା ଟ୍ରେଲରକୁ କୁସୁମୀରୁ ଜବତ କରିଛି। ଅପରପକ୍ଷେ ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଲଇଡାଗୁଣା ଛକରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ସହ କୁଚିଣ୍ଡାରୁ କୁସୁମୀ ପର୍ଯ୍ୟନ୍ତ ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ ରଖିବାକୁ ଦାବି କରିଥିଲେ। କୁଚିଣ୍ଡା ଏସ୍‌ଡିପିଓ ଅମିତାଭ ପଣ୍ଡା, ମହୁଲପାଲି ଥାନା ଅଧିକାରୀ ସୁମିତ ଫିରୋଜ ଏକ୍କା, କୁଚିଣ୍ଡା ତହସିଲଦାର ପ୍ରସନ୍ନ

### ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଟେଟେ, କୁସୁମୀ ଫାଣ୍ଡି ଅଧିକାରୀ ଏମ.ଡି.ଜାହାଙ୍ଗୀର ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏ ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ରାସ୍ତାରେ ଦିନବେଳା ଭାରିଯାନ ଚଳାଚଳ ବନ୍ଦ ପାଇଁ ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲ ପଠାଇଛି। ଏ ନେଇ ଥାନାରେ ମାମଲା ରୁଜୁ କରି ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରେଲର ଓ ବାଇକ୍‌କୁ ଜବତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, କୁର୍ମୁଲୋଇ ଗ୍ରାମର ସୁବ୍ରତ ନାୟକ କୁଚିଣ୍ଡାରେ ପିଲାଙ୍କ ପାଠପଢ଼ା ପାଇଁ ଘରଭଡା ନେଇ ସପରିବାର ରହୁଥିଲେ। ଚାଷ ସମୟରେ ସେ ଗାଁକୁ ଆସିଥିଲେ। ରବିବାର ସକାଳେ ସୁବ୍ରତ ମା' ସୁବାସିନୀଙ୍କୁ ବାଇକ୍ (ନଂ.ଓଡି ୧୫ଏ ୩୪୨୯)ରେ ନେଇ କୁଚିଣ୍ଡା ଆସୁଥିଲେ। ଏହି ସମୟରେ କୁଚିଣ୍ଡାରୁ କୁସୁମୀ ପଟକୁ ଯାଉଥିବା ଟ୍ରେଲର (ନଂ.ଓଡି ୧୪ ଏଏଫ ୭୪୧୨)ତାଙ୍କୁ ସାମନାପଟୁ ଧକ୍କା ଦେଇଥିଲା। ବର୍ତ୍ତମାନ ସୁବ୍ରତଙ୍କ ସ୍ତ୍ରୀଙ୍କ ସହ ୧୦ ବର୍ଷର ପୁଅ ଓ ୪ ବର୍ଷର ଝିଅ ଅଛନ୍ତି।

# ବିଷ ପିଇଲେ ମା'ପୁଅ

## ମା' ମୃତ, ପୁଅ ଗୁରୁତର

**ନାକଟୀଦେଉଳ, ୨୧।୭ (ବୈକୁଣ୍ଠନାଥ ସାହୁ)**

ବିଷ ପିଇଲେ ମା' ଏବଂ ପୁଅ। ବୁର୍ଲା ଡାକ୍ତରଖାନାରେ ରବିବାର ମା'ଙ୍କର ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ଅବସ୍ଥାରେ ସେଠାରେ ଚିକିତ୍ସିତ ହେଉଛନ୍ତି। ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ପୋଡ଼ାଖୋଲ ଗ୍ରାମରେ। ମୃତା ହେଲେ ପୋଡ଼ାଖୋଲ ଗ୍ରାମର ତାରା ପ୍ରଧାନ (୫୭)ଏବଂ ଅସୁସ୍ଥ ପୁଅ ତରୁଣ କୁମାର ପ୍ରଧାନ(୩୦)। ଅତ୍ୟଧିକ ଋଣଭାର ଯୋଗୁ ଉଭୟ ମା' ଏବଂ ପୁଅ ଏଭଳି କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ପୋଡ଼ାଖୋଲ ଗ୍ରାମର ଅନ୍ତର୍ଯ୍ୟାମୀ ପ୍ରଧାନ ଦୀର୍ଘବର୍ଷ ହେଲା ସ୍ତ୍ରୀ ଏବଂ ପୁଅ ଝିଅଙ୍କୁ ଛାଡି ଦ୍ୱିତୀୟ ବିବାହ କରି ଅନ୍ୟତ୍ର ରହୁଛନ୍ତି। ତାରା ନିଜ ଝିଅପୁଅଙ୍କ ସହ ପୋଡ଼ାଖୋଲ ଗ୍ରାମରେ ରହୁଥିଲେ। ଗତବର୍ଷ ଝିଅକୁ ବିବାହ ଦେବା ପରେ ପୁଅ ତରୁଣଙ୍କ ସହ ପୋଡ଼ାଖୋଲରେ ରହୁଥିଲେ। ସବୁଦିନ ପରି ଶୁକ୍ରବାର ରାତିରେ ଖାଇ ଘରେ ଶୋଇଥିଲେ। ଶନିବାର ସକାଳେ ସେମାନେ ଘରୁ ଉଠି ନ ଥିଲେ। ଘର ପାଖରେ ରହୁଥିବା ଜଣେ ସମ୍ପର୍କୀୟ ସନ୍ଦେହ କରି ଘରର କବାଟ ଭାଙ୍ଗି ଭିତରକୁ ଯାଇଥିଲେ। ମା' ପୁଅ ବିଛଣାରେ ମୁମୂର୍ଷୁ ଅବସ୍ଥାରେ ପଡିରହିଥିବା ବେଳେ ପାଖରେ ଏକ ବିଷ ବୋତଲ ପଡ଼ିଥିବା ସେମାନେ ଦେଖିବାକୁ ପାଇଥିଲେ। ସାହିପଡିଶାଙ୍କ ସହଯୋଗରେ ମା' ପୁଅଙ୍କୁ ଉଦ୍ଧାର କରି ବୁର୍ଲା ଭିମସାର ନିଆଯାଇଥଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ତାରାଙ୍କର ମୃତ୍ୟୁ ଘଟିଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତରୁଣଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାରା ଜଣେ ଗୃହିଣୀ ହୋଇଥିବା ବେଳେ ତରୁଣ ନିଜର ସ୍ୱଳ୍ପଜମିରେ ଚାଷ କରୁଥିଲେ। ୨୦୨୩ମସିହାରେ ଝିଅର ବାହାଘର ବେଳେ ତାରା ସମ୍ପର୍କୀୟଙ୍କଠାରୁ ଋଣ କରିଥିଲେ। ଭିନ୍ନକ୍ଷମ ବାବଦ ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ମାସକୁ ୧୦କେଜି ଚାଉଳ ପାଉଥିବା ତାରା ଚରମ ଆର୍ଥିକଦୁର୍ଗତି ଦେଇ ଗତି କରୁଥିଲେ। ଏହି ପରିବାର ଉଧାର କରିଥିବା ଋଣ ପରିଶୋଧ କରି ପାରୁ ନ ଥିଲେ। ଏହାକୁ ନେଇ ମା' ଓ ପୁଅ ଚିନ୍ତାରେ ରହୁଥିବା ତାରାଙ୍କ ପୁତୁରା ଭବାନୀ ଶଙ୍କର ପ୍ରଧାନ କହିଛନ୍ତି।

# ନାବାଳିକା ବଳାତ୍କାର: ଯୁବକ ଗିରଫ

**କେନ୍ଦୁଝର, ୨୧।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା କାଞ୍ଜିପାଣି ଥାନା ଅଞ୍ଚଳର ଜଣେ ଆଦିବାସୀ ନାବାଳିକାକୁ ଅପହରଣ କରି ବଳାତ୍କାର ମାମଲାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଏସ୍‌କେ.କୁର୍ବାନ(୪୭)। ସେ କାଞ୍ଜିପାଣି ଥାନା ଅନ୍ତର୍ଗତ ବାରାହାଦେବତା ଘାଟିରେ ରହି ଗୋରୁ ଏବଂ କାଠ ବ୍ୟବସାୟ କରନ୍ତି। ରବିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ କେନ୍ଦୁଝର ଏସ୍‌ଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜୁଲାଇ ୧୫ରେ ନାବାଳିକା ବାରାହାଦେବତା ସାପ୍ତାହିକ ହାଟକୁ ବୁଲିବାକୁ ଯାଇଥିବାବେଳେ କୁର୍ବାନ ତାଙ୍କୁ ବାଇକରେ ଉଠାଇ ନେଇ ବଳାତ୍କାର କରିଥିଲେ। ପରେ ତାଙ୍କୁ ଜାତୀୟ ରାଜପଥ ୪୯ରେ ଛାଡ଼ି ଫେରାର ହୋଇଯାଇଥିଲେ। ନାବାଳିକାଙ୍କ ପରିବାର ଲୋକ ଖୋଜାଖୋଜି କରି ସୋମବାର ରାତିରେ ନାବାଳିକାଙ୍କୁ ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ପ୍ରଥମେ କାଞ୍ଜିପାଣି ଥାନାରେ ଅଭିଯୋଗ କରିଥିଲେ। ତେବେ ଘଟଣା ତେଲକୋଇ ଥାନାଞ୍ଚଳରେ ହୋଇଥିବାରୁ ତେଲକୋଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା(ନଂ.୨୨୨/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଗିରଫଦାରୀ ବିଳମ୍ବକୁ ନେଇ ଉକ୍ତ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିଲା। ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରିଥିଲା। ଦିଲୀପ ମୁର୍ମୁ ଓ ଅଭୟ କୁଲୁଙ୍କ ନେତୃତ୍ୱରେ ଟିମ ମୟୂରଭଞ୍ଜ ଜିଲା କରଞ୍ଜିଆ ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

# ଖେଳ ଦେଖି ଫେରୁଥିବାବେଳେ ୩ ଜଣଙ୍କୁ ଚାପିଦେଲା ଟ୍ରକ୍

**ଟେନସା, ୨୧।୭ (ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା କୋଇଡା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ବିଜଡ଼ିହି ପୋଲ ନିକଟରେ ରବିବାର ସନ୍ଧ୍ୟାରେ ଟ୍ରକ ଧକ୍କାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ତୋଡା ବସ୍ତିର ଦେବେନ୍ଦ୍ର ଦେହୁରୀ, ଅନୀଲ ଦେହୁରୀ, ଅନାଦି ନାୟକ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଟ୍ରକ ବାଇକ୍ ସହ ୩ ଜଣଙ୍କୁ ଅଧକିଲୋମିଟର ପର୍ଯ୍ୟନ୍ତ ଘୋଷାରି ନେଇଥିଲା। ଘଟଣା ସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିଲା। କୋଇଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଇଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ସୋମବାର ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି। ଖବର ଲେଖା ହେବା ସୁଦ୍ଧା ରାତି ୯ଟା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ମନୋରଞ୍ଜନ କୁମ୍ଭାର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରବିବାର ୩ ଜଣ ବାଇକ୍ (ନଂ.ଓଡି୧୪ଏଡି୦୯୬୨) ଯୋଗେ ତୋଡା ବସ୍ତିକୁ ଫୁଟବଲ ଖେଳ ଦେଖିବାକୁ ଯାଇଥିଲେ। ଖେଳ ଦେଖି ଫେରୁଥିବା ବେଳେ କଲାଟା ନିକଟ ବିଜଡ଼ିହି ପୋଲ ନିକଟରେ ଏକ ଟ୍ରକ (ନଂ. ଓଡି୧୪ଏକ୍ସ୯୩୧୧) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଟ୍ରକ ଚାଳକ କିଛି ଦୂରରେ ଥିବା ଏକ ଜଙ୍ଗଲରେ ଗାଡିକୁ ଛିଡା କରି ଫେରାର ହୋଇଯାଇଛନ୍ତି।

# ଶିଶୁକନ୍ୟାଙ୍କୁ ସମ୍ପର୍କୀୟ କକାଙ୍କ ବଳାତ୍କାର ଅଭିଯୋଗ

**ପାଲଲହଡା, ୨୧।୭ (ଦିବ୍ୟଜ୍ୟୋତି ଦାଶ)**

ସମ୍ପର୍କ ଭୁଲି ୫ ବର୍ଷିଆ ଝିଆରୀଙ୍କୁ ବଳାତ୍କାର କରିଛନ୍ତି ସମ୍ପର୍କୀୟ କକା। ଅନୁଗୋଳ ଜିଲା ପାଲଲହଡା ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଘଟିଛି ଏପରି ଏକ ଲଜ୍ଜ୍ୟାକର ଘଟଣା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲିସ କହିଛି, ସମ୍ପୃକ୍ତ ଶିଶୁକନ୍ୟା ଘରେ ଏକୁଟିଆ ଥିବା ଦେଖି ସମ୍ପର୍କୀୟ କକା ତାଙ୍କୁ କୁରକୁରେ ଦେବାକୁ କହି ଗାଁ ମୁଣ୍ଡ ଅଙ୍ଗନୱାଡି ଘରକୁ ନେଇ ବଳାତ୍କାର କରିଥିଲେ। ତେବେ ଦୀର୍ଘ ସମୟ ଧରି ଶିଶୁକନ୍ୟାଙ୍କୁ ନ ପାଇ ମା' ଓ ବାପା ଖୋଜାଖୋଜି କରିଥିଲେ। ପରେ ଅଙ୍ଗନୱାଡି ଘର ନିକଟରେ ଅଭିଯୁକ୍ତ କକା ଝିଅର ହାତ ଧରିଥିବା ଦେଖି ସନ୍ଦେହରେ ଝିଅଙ୍କୁ ଆଣି ପଚରା ଉଚରା କରିଥିଲେ। ଏହାପରେ ଶିଶୁକନ୍ୟା ଜଣକ ମା'ଙ୍କ ଆଗରେ ସବୁକଥା କହିଥିଲେ। ଶିଶୁକନ୍ୟାଙ୍କ ପରିବାର ଲୋକେ ପାଲଲହଡା ଥାନାରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କ ଡାକ୍ତରୀ ଯାଞ୍ଚ ପରେ ନାବାଳିକା ଅତ୍ୟାଚାର ଆଇନ ଅନୁସାରେ କୋର୍ଟ ଚାଲାଣ କରାଯିବ ବୋଲି ପାଲଲହଡା ଥାନା ଅଧିକାରୀ ପରାଓ ଟୁଡୁ କହିଛନ୍ତି।

# ମନ୍ଦିରା ଡ୍ୟାମରେ ବୁଡ଼ିଗଲେ ୨ ଯୁବକ

**କୁଆଁରମୁଣ୍ଡା, ୨୧।୭ (ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ମନ୍ଦିରା ଡ୍ୟାମରେ ବୁଡି ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଏବୋଗା ଥାନା ଅନ୍ତର୍ଗତ ଝାରବେଡା ଗ୍ରାମର ପୀୟୂଷ ବାଖଲା(୫୫) ଓ ବୀରମିତ୍ରପୁର ଦେଓକରଣ ଦଫେଇର ସୁମନ ଡାଙ୍ଗ(୨୬)। ରାଏବୋଗା ଥାନା ଏଏସଆଇ ପ୍ରହ୍ଲାଦ ପ୍ରଧାନ, କୁଆଁରମୁଣ୍ଡା ଅଗ୍ନିଶମ ବାହିନୀ ଓଆଇସି ରବୀନ୍ଦ୍ର କୁମାର ବେହେରା ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ମୃତଦେହ ଦ୍ୱୟକୁ ରାଏବୋଗା ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖାଯାଇଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ପୀୟୂଷ ଓ ସୁମନ ମନ୍ଦିରା ଡ୍ୟାମରେ ମାଛ ଧରିବାକୁ ଯାଇ ହଠାତ୍ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ।

# ଜମିଜମା ବିବାଦ: ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

**ଦଶମନ୍ତପୁର, ୨୧।୭ (ଅରବିନ୍ଦ ନାୟକ)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚିକାମ୍ବ ପଞ୍ଚାୟତ ଅନ୍ତର୍ଗତ ପିରିମାଛି ଗ୍ରାମରେ ରବିବାର ଜମିରେ ଧାନ ରୁଆକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଖବରରୁ ପ୍ରକାଶ, ପିରିମାଛି ଗ୍ରାମର ଲକି ଜାନି ଦୁଇଟି ବିବାହ କରିଥିଲେ। ପ୍ରଥମ ସ୍ତ୍ରୀ ସନାଇଙ୍କୁ ରାୟଗଡା ଜିଲା କାଶୀପୁର ବ୍ଲକ କୁଚେପଦର ପଞ୍ଚାୟତର ପୁକେଶ ଗ୍ରାମରୁ ବିବାହ କରିଥିବା ବେଳେ କୁଚେଇପଦର ଗ୍ରାମର ତିଲାଇଙ୍କୁ ଦ୍ୱିତୀୟ ବିବାହ କରି ଆଣିଥିଲେ। ପ୍ରଥମ ସ୍ତ୍ରୀ ସନାଇଙ୍କ ଏକ ପୁତ୍ର ସନ୍ତାନ ଥିବାବେଳେ ଦ୍ୱିତୀୟ ସ୍ତ୍ରୀ ତିଲାଇଙ୍କ ୨ ପୁଅ ଓ ଗୋଟିଏ ଝିଅ ରହିଛନ୍ତି। ତେବେ ଗତ ପାଞ୍ଚ ବର୍ଷ ତଳେ ଗ୍ରାମରେ ଏକ ବୈଠକ କରି ଲକି ଜମିକୁ ତିନି ଭାଗ କରି ବାଣ୍ଟିଥିଲେ। ସନାଇଙ୍କ ପୁଅ ପାତ୍ରଙ୍କୁ ଗୋଟିଏ ଭାଗ ଓ ତିଲାଇଙ୍କ ଦୁଇ ପୁଅଙ୍କୁ ଦୁଇ ଭାଗ କରି ଲକି ବାଣ୍ଟିଥିଲେ। ସେମାନେ ନିଜ ନିଜ ଚାଷ ଜମିରେ ଚାଷ କରି ଚଳି ଆସୁଥିଲେ। ଗ୍ରାମଠାରୁ ଏକ କି.ମି. ଦୂର ପୁକିଖୋଲାଠାରେ ଥିବା ପାତ୍ରଙ୍କ ଏକ ବିଲରେ ତିଲାଇଙ୍କ ଦୁଇ ପୁଅ ଧାନ ତଳି ପକାଇଥିଲେ। ତେବେ ରବିବାର ପାତ୍ରଙ୍କ ସ୍ତ୍ରୀ ବାମଣି ନିଜ ବିଲ ଦେଖିବାକୁ ଯାଇଥିବା ବେଳେ ସେହି ବିଲରେ ତିଲାଇଙ୍କ ସହ ତାଙ୍କ ଦୁଇପୁଅ, ଝିଅ ଓ ବଡ଼ପୁଅ ପଦନଙ୍କ ସ୍ତ୍ରୀ ଚାରା ରୋପଣ କରୁଥିବା ଦେଖିବାକୁ ପାଇଥିଲେ। ସେଠାରେ ବାମଣିଙ୍କ ସହ ସେମାନଙ୍କର ବଚସା ହୋଇଥିଲା। ଦୁଇ ଭାଇ ମିଶି ବାମଣିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେଠାରୁ କୌଣସି ମତେ ଖସି ଆସି ବାମଣି ତାଙ୍କ ସାନ ବାପା ମେଘନାଥଙ୍କୁ ଜଣାଇଥିଲେ। ପରେ ସେଠାରେ ମାଡ଼ ମାରିଥିବା ଦୁଇ ଭାଇ ଆସି ପହଞ୍ଚିଥିଲେ। ଏନେଇ ଦଶମନ୍ତପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ବନ୍ୟପ୍ରାଣୀ ଅଂଶବିଶେଷ ବିକ୍ରି ସମୟରେ ମାଡ଼ିବସିଲା ବନ ବିଭାଗ

**କରଞ୍ଜିଆ/ବାରିପଦା, ୨୧।୭ (କବିତା ମହାନ୍ତ/ନୀଳାଦ୍ରି ଦଣ୍ଡପାଟ)**



## ଭାଲୁ ନଖ, ଶୟର ଶିଙ୍ଗ ଆଦି ଜବତ

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଦୁଧିଆଣି ବନାଞ୍ଚଳ ଅନ୍ତର୍ଗତ ଗିଧିବାସ ଛକ ନିକଟରେ ବନ୍ୟପ୍ରାଣୀଙ୍କ ଅଂଶବିଶେଷ ବିକ୍ରି ସମୟରେ ବନ ବିଭାଗ ଚଢ଼ାଉ କରିଛି। ଘଟଣାରେ ୨ ଯୁବକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ କେନ୍ଦୁଝର ଜିଲା ପାଟଣା ଥାନା ମାଛଗଡ଼ ଗ୍ରାମର ପ୍ରତାପ ମଣ୍ଡଳ(୧୯) ଏବଂ କରଞ୍ଜିଆ ନୂଆସାହିର ଅଙ୍କିତ ଦେହୁରୀ(୧୯) ବୋଲି ଜଣାପଡିଛି। ସେମାନଙ୍କ ନିକଟରୁ ବ୍ୟାପକ ବନ୍ୟପ୍ରାଣୀଙ୍କ ଅଂଶବିଶେଷ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ଗିଧିବାସ ଛକ ନିକଟରେ ଶନିବାର ସନ୍ଧ୍ୟା ୬ଟା ସମୟରେ ବନ୍ୟପ୍ରାଣୀଙ୍କ ଅଂଶବିଶେଷ ବିକ୍ରି ନିମନ୍ତେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଯଶୀପୁରସ୍ଥିତ ଶିମିଳିପାଳ ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟର କର୍ମଚାରୀମାନେ କୌଣସି ସୂତ୍ରରୁ ଖବର ପାଇ ଛକ ନିକଟରେ ପୂର୍ବରୁ ଛକି ବସିଥିଲେ। ଅଭିଯୁକ୍ତଦ୍ୱୟ ଏକ ଜରି ବ୍ୟାଗରେ ହାତୀଦାନ୍ତର ଅଗ୍ରଭାଗ(୪୦ଗ୍ରାମ), ଚିତାବାଘ ଚମଡ଼ା ଖଣ୍ଡ(୬ସେ.ମିରୁ ୪ ସେ.ମି), ଭାଲୁ ନଖ(୧ ଟା) ଏବଂ ଶମ୍ବର ଶିଙ୍ଗ ଟୁକୁଡା(୨) ନେଇ ବିକ୍ରି ପାଇଁ ପହଞ୍ଚିଥିବା ବେଳେ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ଚଢ଼ାଉ ସମୟରେ କରଞ୍ଜିଆ ସହକାରୀ ବନ ସଂରକ୍ଷକ ଫାଲଗୁନୀ ବେହେରା ଏବଂ ଦୁଧିଆଣି ବନାଞ୍ଚଳ ଟାଇଁସିରା ବିଟର ବନରକ୍ଷୀ ମନୋଜ କୁମାର ମହାନ୍ତ ସାମିଲ ଥିଲେ। ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା ଓ ଡାକ୍ତରୀ ପରୀକ୍ଷା ପରେ ରବିବାର କୋର୍ଟଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଶାରେ ଖେଳୁଛି ପଶା
ପଞ୍ଚୁପାଣ୍ଡଙ୍କ ଦଶା।**

ପଶା ବା ଜୁଆଖେଳ ଏକପ୍ରକାର ନିଶା କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ଏକ ଅନିଶ୍ଚିତତାର ଖେଳ ହୋଇଥିବାବେଳେ ଜିତିବା ଓ ହାରିବା ଲାଗିରହିଥାଏ। ଜିତୁଥିବା ବ୍ୟକ୍ତି ଆନନ୍ଦରେ ଅଧୀର ହୋଇଯାଉଥିବାବେଳେ ହାରୁଥିବା ବ୍ୟକ୍ତି ସର୍ବସ୍ୱ ହରାଇ ଦେଉଥିବାର ମଧ୍ୟ ଆଶଙ୍କା ରହିଥାଏ, ଯାହାକି ପଞ୍ଚୁପାଣ୍ଡବଙ୍କ କ୍ଷେତ୍ରରେ ହୋଇଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆହାର ଛାଟ,
ଜଗି ନ ରହିଲେ ଯମର ଭେଟ।**

ଆହାର ବା ଖାଦ୍ୟ ଶରୀର ନିର୍ବାହ ପାଇଁ ଆବଶ୍ୟକ। ଏହା ଦେହକୁ କ୍ରିୟାଶୀଳ କରି କାର୍ଯ୍ୟ କରିବାକୁ ଶକ୍ତି ଯୋଗାଏ। ସାଧାରଣତଃ ଲୋକମାନେ ଜିହ୍ୱା ଲାଳସାରେ ଅନେକ ପ୍ରକାର ଖାଦ୍ୟ ଖାଇଦିଅନ୍ତି। ଖାଦ୍ୟର ଉପକାରୀ ଗୁଣ ସହ ଅପକାରୀ ଗୁଣ ମଧ୍ୟ ରହିଛି। ଖାଦ୍ୟର ଗୁଣ, ତତ୍ତ୍ୱ ଓ ପରିମାଣ ବିଚାର ନ କଲେ ଶରୀର ଅସୁସ୍ଥ ହୋଇ ମୃତ୍ୟୁମୁଖରେ ପଡିବାର ମଧ୍ୟ ସମ୍ଭାବନା ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମାଓବାଦୀ ଶିବିର ଧ୍ୱଂସ, ବିପୁଳ ସାମଗ୍ରୀ ଜବତ

**ମାଲକାନଗିରି, ୨୧।୭ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ କୋଣ୍ଡାଗାଓଁ ଅଞ୍ଚଳରେ ରବିବାର ଯବାନମାନେ ମାଓବାଦୀ ଶିବିର ଧ୍ୱଂସ କରିବା ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ବସ୍ତର ଜିଲାରେ ସୁରକ୍ଷା ବାହିନୀ ଦ୍ୱାରା ଅପରେଶନ ଜାରିଥିବା ବେଳେ ସ୍ଥାନୀୟ ପୋଲିସ ଓ ଏସ୍‌ଟିଏଫ୍ ଏବଂ ଡିଆରଜି ଯବାନଙ୍କ ଦ୍ୱାରା କୋଣ୍ଡାଗାଓଁ ଅଞ୍ଚଳ କୁଦାଡୱାହି ଜଙ୍ଗଲରେ ଯବାନମାନେ ତଲାସି କରୁଥିଲେ। ତେବେ ମାଓବାଦୀ ଲୁଚି ରହିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ତଲାସି ଜୋରଦାର କରାଯାଇଥିଲା। ତେବେ କୁଦାଡୱାହି ଜଙ୍ଗଲରେ ଯବାନ ପହଞ୍ଚିବା ପୂର୍ବରୁ ସେଠାରୁ ମାଓବାଦୀ କ୍ୟାମ୍ପ ଛାଡି ପଳାଇଥିଲେ। ଯବାନମାନେ ତଲାସି ବେଳେ ଏହି କ୍ୟାମ୍ପ ଠାବକରି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି।

# ଅପହରଣର ଦିନକ ପରେ କାଜୁ ଜଙ୍ଗଲରୁ ଉଦ୍ଧାର

**ହାଟଡିହୀ, ୨୧।୭ (ଶୁଭକାନ୍ତ ନାୟକ)**

### ବାପାଙ୍କୁ ମାଡ଼ମାରି ପୁଅଙ୍କୁ ଉଠାଇନେବା ଘଟଣା



ପୋଲିସ ଅଭିଯୁକ୍ତଙ୍କୁ ନେଇ ଘଟଣାର ରିକ୍ରିଏଶନ କରୁଛି।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ୍ ଅଧଧୀନ ନନ୍ଦିପଦା ଥାନା ପନ୍ଦାଡୋ କେନାଲ ନିକଟରୁ ଶନିବାର ଦୁର୍ବୃତ୍ତ ବାପାଙ୍କୁ ମାଡ଼ମାରି ପୁଅଙ୍କୁ ଅପହରଣ କରିନେଇଥିଲେ। ପୋଲିସ ଅପହୃତ ଯୁବକଙ୍କୁ ଆନନ୍ଦପୁର ଉପଖଣ୍ଡ ଟୋଲଙ୍କପଡ଼ା କାଜୁ ଜଙ୍ଗଲରୁ ରବିବାର ଉଦ୍ଧାର କରିଛି। ଘଟଣାରେ ମୁଖ୍ୟ ଅଭିଯୁକ୍ତ ଟୋଲଙ୍କପଡ଼ା ଗ୍ରାମର ଲିପୁନ ବାରିକଙ୍କୁ ଗିରଫ କରିଛି। ଅପହୃତ ହେଲେ ପନ୍ଦାଡୋ ଗ୍ରାମର ନରେନ୍ଦ୍ର ନାୟକଙ୍କ ପୁଅ ସନାତନ। ନରେନ୍ଦ୍ର ଗୁରୁତର ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

ସୂଚନା ଅନୁଯାୟୀ, ହାଟଡିହୀ ଜେଏମ୍‌ଏଫ୍‌ସି କୋର୍ଟକୁ ଏକ ମାମଲାରେ ବାପ-ପୁଅ ଯାଇଥିଲେ। କୋର୍ଟ କାମ ସାରି ଘରକୁ ବାଇକ୍ ଯୋଗେ ଫେରୁଥିଲେ। କୋର୍ଟଠାରୁ କିଛି ଦୂରରେ କେତେଜଣ ବ୍ୟକ୍ତି ନରେନ୍ଦ୍ରଙ୍କୁ ମାଡ଼ମାରି ରାସ୍ତାକଡ଼କୁ ଫିଙ୍ଗିଦେଇ ପୁଅ ସନାତନଙ୍କୁ ଅପହରଣ କରି ନେଇଥିଲେ। ଖବର ପାଇ ପରିବାର ଲୋକ ଓ ଗ୍ରାମବାସୀ ପହଞ୍ଚି ନରେନ୍ଦ୍ରଙ୍କୁ ଉଦ୍ଧାରକରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ନରେନ୍ଦ୍ରଙ୍କ ସ୍ତ୍ରୀ ପଦ୍ମାବତୀ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୨୨୫/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ପୋଲିସ ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେଶନ କରି ଅପହୃତ ସନାତନଙ୍କୁ ଟୋଲଙ୍କପଡ଼ା କାଜୁ ଜଙ୍ଗଲରୁ ଉଦ୍ଧାର କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରି ସିନ୍ ରିକ୍ରିଏଶନ କରାଯାଇଛି। ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି, ସନାତନ ଅଭିଯୁକ୍ତଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇଥିଲେ। କିନ୍ତୁ ଫେରସ୍ତ ନ କରିବାରୁ ଏପରି ଘଟଣା ଘଟିଛି। ଏ ସଂକ୍ରାନ୍ତୀୟ ମାମଲା ପୂର୍ବରୁ ଥାନାରେ ରହିଛି। ଅପହରଣ ଘଟଣାରେ ଲିପୁନ ମୁଖ୍ୟ ଅଭିଯୁକ୍ତ ଏବଂ ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଛି।


ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବିଧାନସଭା ପରିସରରେ ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ସମେତ ଅନ୍ୟମାନେ।

# ଅଧିବେଶନ ପୂର୍ବରୁ ଶାସକ-ବିରୋଧୀ ପ୍ରସ୍ତୁତ

- ବିରୋଧୀଙ୍କୁ ପାଲଟା ଆକ୍ରମଣ ପାଇଁ ଭାଜପାର ରଣନୀତି
- ଗୃହରେ ଦୃଢ଼ ଭାବେ ପ୍ରସଙ୍ଗ ଉଠାଅ: ନବୀନ
- ଆଜି ବସିବ କଂଗ୍ରେସ ବିଧାୟକ ଦଳ ବୈଠକ

ଭୁବନେଶ୍ୱର, ୨୧।୭(ସୁନିତ୍ ମିଶ୍ର)

ବିଧାନସଭା ଅଧିବେଶନ ସୋମବାରଠାରୁ ଆରମ୍ଭ ହେବ। ରାଜ୍ୟରେ ଭାଜପା ସରକାରର ଏହା ପ୍ରଥମ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ୨୪ବର୍ଷ ପରେ ବିଜେଡି ବିରୋଧୀ ଦଳରେ ବସିଛି। ତେଣୁ ସୋମବାରଠାରୁ ଆରମ୍ଭ ହେବାକୁ ଥିବା ୨୭ ଦିନିଆ ବିଧାନସଭା ଅଧିବେଶନ ଉପରେ ସମସ୍ତଙ୍କ ନଜର ରହିଛି। ଏପରି ସ୍ଥିତିରେ ଭାଜପା ସରକାର ବିରୋଧରେ ରଣନୀତି ପ୍ରସ୍ତୁତ କରିବା ଲାଗି ବିଜେଡି ପ୍ରସ୍ତୁତ ହୋଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବା ସହିତ ସରକାରୀ ଦଳକୁ ଘେରିବା ଲାଗି ରଣନୀତି ପ୍ରସ୍ତୁତ ହୋଇଛି। ଅନ୍ୟପଟେ ବିରୋଧୀଙ୍କୁ ପାଲଟା ଆକ୍ରମଣ କରିବା ଲାଗି ଭାଜପା ବିଧାୟକ ଦଳ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରବିବାର ସନ୍ଧ୍ୟାରେ ବିଧାନସଭା ସ୍ଥିତ ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଛି। ବିରୋଧୀଙ୍କୁ ପାଲଟା ଆକ୍ରମଣ କରିବା ଲାଗି ଶାସକ ଦଳର ସଦସ୍ୟମାନେ ନିଜର ପ୍ରସ୍ତୁତି କରିଛନ୍ତି। ପୂର୍ବ ସରକାର ସମୟରେ ରାଜ୍ୟରେ ହୋଇଥିବା ଦୁର୍ନୀତି, ଖଣି ଚୋରି, ବିଭିନ୍ନ ଯୋଜନା ଆରମ୍ଭ କରି ଲକ୍ଷାଧିକ ଟଙ୍କା ଲୁଟ୍ ଆଦି କଥା ପ୍ରସଙ୍ଗ କରାଯିବ। ଏହାସହ ଭାଜପା ରାଜ୍ୟରେ ପ୍ରଥମେ ସରକାରକୁ ଆସିବା ପରେ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲିବା ଏବଂ ଗଣତି ପ୍ରକ୍ରିୟା ଆରମ୍ଭ କରିବା, ସୁଭଦ୍ରା ଯୋଜନା ଲାଗୁ କରିବାକୁ ପ୍ରସ୍ତୁତି କରିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନେଉଥିବା ପଦକ୍ଷେପ ବାବଦରେ ଗୃହରେ ଆଲୋଚନା କରି ଶାସକ ଦଳ ପାଟି ବନ୍ଦ କରିବାକୁ ଯୋଜନା ରଖିଛି। ସେହିପରି ଆଗକୁ ଶାସକ ଦଳ ଯେଉଁସବୁ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଯାଉଛି ସେନେଇ ମଧ୍ୟ ଗୃହରେ ନିଜର ଦୃଢ ଯୁକ୍ତି ଉପସ୍ଥାପନ କରିବ ବୋଲି ଆଲୋଚନା ହୋଇଛି। ତେବେ ମୋହନ ମାଝୀଙ୍କ ନେତୃତ୍ୱରେ ବସିବାକୁ ଥିବା ବିଧାନସଭା ଅଧିବେଶନ ପୂର୍ବରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଦଳର ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ଆସି ପହଞ୍ଚିଥିଲେ। କିଛି ସମୟ ଧରି ମୋହନ ମାଝୀ ଉଭୟ ନେତାଙ୍କ ସହିତ ଆଲୋଚନା କରିବା ପରେ ଯାଇ ବିଧାୟକ ଦଳ ବୈଠକରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ତେବେ ଭାଜପା ରାଜ୍ୟରେ ସରକାରକୁ ଆସିବା ପରେ ଏହା ପ୍ରଥମ ଅଧିବେଶନ ହୋଇଥିବାରୁ ଦଳ ସବୁ କଥାକୁ ବୁଝିବିଚାରି କରିବାକୁ ଚାହୁଁଛି। ଅନ୍ୟପଟେ ବିଜେଡି ବିଧାୟକ ଦଳ ବୈଠକ ଅବସରରେ ନବୀନ କହିଥିଲେ ଯେ, ରଥଯାତ୍ରାର ତ୍ରୁଟିପୂର୍ଣ୍ଣ ପରିଚାଳନା, ବଳଭଦ୍ରଙ୍କୁ ଚାରମାଳ ଉପରେ ଫୋପାଡ଼ିଦେବା, ରାଜ୍ୟପାଳଙ୍କ ପୁଅ ଏଏସ୍‌ଓଙ୍କୁ ମାଡ଼ ମାରିବା ସତ୍ତ୍ୱେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା, ଦରଦାମ୍ ବୃଦ୍ଧି ଆଦି ପ୍ରସଙ୍ଗ ଗୃହରେ ଉଠାଯିବ। ରାଜ୍ୟରେ ଶାସକ ଦଳ ପାଖରେ ସେତେ ଅଧିକ ସଂଖ୍ୟା ନାହିଁ। କିଛି ଆସନ ଅଧିକ ପାଇ ସେମାନେ ସରକାର କରିଛନ୍ତି। ସେହିପରି କେନ୍ଦ୍ରରେ ମଧ୍ୟ ସେମାନଙ୍କ ଆସନ ସେତେଟା ଅଧିକ ନାହିଁ। ତେଣୁ ବ୍ୟସ୍ତ ନ ହୋଇ ଦୃଢ଼ୋକ୍ତି ସହକାରେ ବିଭିନ୍ନ ପ୍ରସଙ୍ଗ ଗୃହରେ ଉଠାଇବା ଦରକାର। ଭାଜପା ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା ତାକୁ କେତେ ପୂରଣ କରୁଛି ସେଥିପ୍ରତି ଦୃଷ୍ଟି ଦିଅ। ବିଜୁଳି ୩୦୦ ୟୁନିଟ୍ କେବେ ସୁଦ୍ଧା ଛାଡ଼ କରିବେ ସେକଥା ଗୃହରେ ପଚାର। ଏଭଳି ଭାବେ ଶାସକ ଦଳକୁ ଟାର୍ଗେଟ କରିବାକୁ ନବୀନ ବିଧାୟକ ଦଳ ବୈଠକରେ ପରାମର୍ଶ ଦେଇଥିବା ସୂଚନା ମିଳିଛି। ଅନ୍ୟପଟେ କଂଗ୍ରେସ ବିଧାୟକ ଦଳ ନେତା ରବିବାର ଚୟନ କରାଯାଇଛି। ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମଙ୍କୁ ବିଧାୟକ ଦଳ ନେତା ଭାବେ ଚୟନ କରାଯାଇଛି। ତେଣୁ ତାଙ୍କ ନେତୃତ୍ୱରେ ଦଳ ସୋମବାର ବିଧାୟକ ଦଳ ବୈଠକ କରିବ ବୋଲି ଜଣାପଡ଼ିଛି।


ଭାଜପା ବିଧାୟକ ଦଳ ବୈଠକରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦଳୀୟ ନେତୃବୃନ୍ଦ।

## ବିରୋଧ ନୁହେଁ, କାଡାମଙ୍କୁ ତାରାଙ୍କ ସମର୍ଥନ

ରାୟଗଡା, ୨୧।୭(ଆଶିଷ ରଞ୍ଜନ ପଣ୍ଡା)

ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ମାତ୍ର ୧୪ଟି ଆସନରେ ବିଜୟୀ ହୋଇଛି। ନୂଆ ସରକାରର ପ୍ରଥମ ବିଧାନସଭା ଅଧିବେଶନ ବସିବାର ପୂର୍ବଦିନ କଂଗ୍ରେସର ବିଧାୟକ ଦଳ ନେତା ଭାବେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମଙ୍କ ନାମ ଘୋଷଣା କରାଯାଇଛି। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଏହି ପଦବୀ ଦୌଡ଼ରେ ଥିଲେ ମଧ୍ୟ କାଡାମ ଶେଷରେ ବାଜି ମାରି ନେଇଛନ୍ତି। ତେବେ କାଡାମଙ୍କ ପ୍ରତି ବିରୋଧଭାବ ନାହିଁ, ବରଂ ସମର୍ଥନ ରହିଛି ବୋଲି ତାରା କହିବା ପରେ କଂଗ୍ରେସ ଭିତରେ କିଛି ଦିନ ଧରି ଲାଗି ରହିଥିବା ଭିନ୍ନ ଧରଣର ଆଲୋଚନାରେ ବିରାମ ଲାଗିଛି।

କୁହାଯାଉଛି ଭାଜପା ଜଣେ ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରିଥିବା ବେଳେ କଂଗ୍ରେସ ସମ୍ଭବତଃ ଜଣେ ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କୁ ବିଧାୟକ ଦଳ ନେତା କରିଛି। କାଡାମ ପୂର୍ବରୁ ୧୯୯୫ ଓ ୨୦୦୯ରେ ଦୁଇ ଥର କଂଗ୍ରେସ ଦଳରୁ ପଟାଙ୍ଗୀ ଆସନ ପାଇଁ ପ୍ରାର୍ଥୀ ହୋଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୧୪ ଓ ୨୦୧୯ରେ ଦୁଇ ଥର ବିଧାୟକ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା କାଡାମ ୨୦୨୪ରେ ପୁନଶ୍ଚ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ ପାଙ୍ଗିଙ୍କଠାରୁ ୧,୯୧୯ ଖଣ୍ଡ ଭୋଟରେ ଆଗୁଆ ରହି ବାଜିମାତ କରିଥିଲେ । ଏବେ କାଡାମ ବିଧାୟକ ଦଳ ନେତା ହେବା ପଛରେ ଓଡିଶାରୁ କୋରାପୁଟ ଲୋକ ସଭା ଆସନରୁ ଦ୍ୱିତୀୟ ଥର ଏମ୍‌ପି ହୋଇଥିବା ସପ୍ତଗିରି ଉଲାକାଙ୍କ ହାତ ଥିବା ଜୋର ଆଲୋଚନା ହେଉଛି। କାଡାମ ବିଧାୟକ ଦଳ ନେତା ହୋଇଥିବା ନେଇ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା କହିଛନ୍ତି, ସେ ଦଳକୁ ସଙ୍ଗଠିତ କରିବା ସହିତ ବିଧାନସଭାରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାରେ ସକ୍ଷମ ହେବେ। ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା ଓ ବିଷମକଟକ ବିଧାୟକ ନୀଳମାଧବ ହିକକା ଏଆଇସିସି ଅଧ୍ୟକ୍ଷଙ୍କୁ ଏଥିଲାଗି କୃତଜ୍ଞତା ଜଣାଇଛନ୍ତି। ଆଦିବାସୀ ତଥା କୋରାପୁଟ ସଂସଦୀୟ କ୍ଷେତ୍ରର ଜଣେ ବିଧାୟକଙ୍କୁ କଂଗ୍ରେସ ବିଧାୟକ ଦଳର ନେତା ଭାବେ ଚୟନ କରାଯାଇଥିବାରୁ ଜିଲା ସଭାପତି ଶଙ୍କର ଜିଲାକାରା, ଜିଲା ମୁଖପାତ୍ର ଶଙ୍କର୍ଷଣ ମଙ୍ଗରାଜ, ଉପସଭାପତି ସୁନୀଲ ପଣ୍ଡା, ପାର୍ଥ ବର୍ଦ୍ଧନ ପ୍ରମୁଖ ଏଆଇସିସିକୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

ଏ ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ପଚାରିବାରୁ କାଡାମ ଜଣେ ଆଦିବାସୀ ନେତା ତଥା ଜଣେ ଶିକ୍ଷିତ, ଅଭିଜ୍ଞ ଓ ଦକ୍ଷ ନେତା ବୋଲି କହିଛନ୍ତି। ଅବିଭକ୍ତ କୋରାପୁଟ ଜିଲା ସମେତ ଓଡ଼ିଶାର ବିକାଶ ପାଇଁ ସେ ବିଧାନସଭାରେ ସ୍ୱର ଉତ୍ତୋଳନ କରିପାରିବେ ବୋଲି କହିଛନ୍ତି। ତେବେ ବିଧାୟକ ଦଳ ନେତା ଲବିରେ ତାଙ୍କ ନାମ ଚର୍ଚ୍ଚାରେ ରହିଥିବା ନେଇ ପଚାରିବାରୁ କହିଛନ୍ତି ସେ ୫ ଥର ବିଧାୟକ ହୋଇଥିବା ବେଳେ କାଡାମ ୩ ଥର ବିଧାୟକ ଅଛନ୍ତି। ତେବେ ଦଳ ଯାହାକୁ ଦାୟିତ୍ୱ ଦେଇଛି, ସେଥିରେ ତାଙ୍କର ସମ୍ପୂର୍ଣ୍ଣ ସମର୍ଥନ ଅଛି। ପୁଣି ଦଳ ଜଣେ ଟ୍ରାଇବାଲ ନେତାଙ୍କୁ ଏହି ପଦବୀ ଦେଇଥିବାରୁ କଂଗ୍ରେସର ଭେଟରାନ ନେତା ରାହୁଲ ଗାନ୍ଧୀଙ୍କ ସମେତ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସେ କୃତଜ୍ଞତା ଜଣାଇଥିବା କହିଛନ୍ତି। ସପ୍ତଗିରି ମଧ୍ୟ ଏଥିପାଇଁ ପ୍ରଚେଷ୍ଟା କରିଛନ୍ତି, ତେଣୁ ତାଙ୍କ ପ୍ରଚେଷ୍ଟାକୁ ମଧ୍ୟ ସ୍ୱାଗତ କରୁଛି। ଆହୁରି ମଧ୍ୟ କହିଛନ୍ତି ଯେ, ଦଳ ତାଙ୍କୁ ୫ ଥର ବିଧାୟକ ପାଇଁ ଟିକେଟ ଦେଇଛି ଏବଂ ସେ ଦଳକୁ କେବେ ନିରାଶ କରିନାହାନ୍ତି। ଭାଲୁ (ତାରା) ସହିତ ଜନସମର୍ଥନ ସବୁବେଳେ ଅଛି ଆଉ ରହିବ, କାରଣ ସେ ନିଜ ଅଞ୍ଚଳର ଲୋକଙ୍କ ବିକାଶ ପାଇଁ ସବୁବେଳେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।

## ରାଜ୍ୟ ସଭାରେ ପ୍ରଭାବଶାଳୀ ବିରୋଧୀ ଭୂମିକା ନେବ ବିଜେଡି: ସସ୍ମିତ

ନୂଆଦିଲ୍ଲୀ, ୨୧।୭

ବିଜୁ ଜନତା ଦଳ (ବିଜେଡି) ପାର୍ଲାମେଣ୍ଟର ଉଚ୍ଚ ସଦନ ରାଜ୍ୟ ସଭାରେ ପ୍ରଭାବଶାଳୀ ବିରୋଧୀ ଦଳ ଭୂମିକା ନିଭାଇବ। ବିଜେଡିର ରାଜ୍ୟ ସଭା ନେତା ସସ୍ମିତ ପାତ୍ର ରବିବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ନୂଆଦିଲ୍ଲୀରେ ସରକାର ଡାକିଥିବା ସର୍ବଦଳୀୟ ବୈଠକ ପରେ ସସ୍ମିତ କହିଛନ୍ତି, ଭାଜପାର ସହଯୋଗୀ ଟିଡିପି ଏବଂ ଜେଡିୟୁ ଯଥାକ୍ରମେ ଆନ୍ଧ୍ରପ୍ରଦେଶ ଓ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ପାଇଁ ଦାବି କରିଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବା ପାଇଁ ବିଜେଡି ୨ ଦଶନ୍ଧି ଧରି ଲଢ଼େଇ କରିଆସୁଛି। ତେଣୁ କେନ୍ଦ୍ର ସରକାର ସ୍ପେଶାଲ କାଟାଗୋରି ଷ୍ଟାଟସ୍ ପ୍ରସଙ୍ଗରେ ନିଜ ଆଭିମୁଖ୍ୟର ସମୀକ୍ଷା କରିବା ଉଚିତ। ପାର୍ଲାମେଣ୍ଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଜେଡି ଭାଜପାକୁ ସହଯୋଗ କରିଆସୁଥିଲା। ବର୍ତ୍ତମାନ ପରିବର୍ତ୍ତିତ ପରିସ୍ଥିତିରେ ଆମେ ବିରୋଧୀ ଭୂମିକା ନେବାକୁ ଯାଉଛୁ। ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ରାଜଭବନ କର୍ମଚାରୀଙ୍କୁ ମାଡ଼ ମାରିବା ପ୍ରସଙ୍ଗରେ ରାଜ୍ୟର ଭାଜପା ସରକାର କାର୍ଯ୍ୟାନୁଷ୍ଠାନ ନ ନେବା ଦୁର୍ଭାଗ୍ୟଜନକ। ସର୍ବଦଳୀୟ ବୈଠକରେ ଆମେ ଏହିସବୁ ପ୍ରସଙ୍ଗ ଉଠାଇଛୁ। ସୋମବାର ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନରେ ମଧ୍ୟ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗଗୁଡ଼ିକୁ ଉପସ୍ଥାପନ କରିବୁ ବୋଲି ସସ୍ମିତ କହିଛନ୍ତି।

## ମୋଦି ସରକାରଙ୍କ ପତନ ଖୁବ୍‌ଶୀଘ୍ର

### କେନ୍ଦ୍ର ଉପରେ ବର୍ଷିଲେ ମମତା, ଅଖିଳେଶ

କୋଲକାତା, ୨୧।୭

ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଅଳ୍ପାୟୁ। ସଂଖ୍ୟାବଳ ନ ଥାଇ ଏଣୁତେଣୁ କରି କ୍ଷମତାସୀନ ହୋଇଥିବା ଏହି ସରକାର ଖୁବ୍‌ଶୀଘ୍ର ଭାଙ୍ଗିଯିବ ବୋଲି ରବିବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଭବିଷ୍ୟବାଣୀ କରିଛନ୍ତି।

କୋଲକାତାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବାର୍ଷିକ ଶହୀଦ ଦିବସ ପାଳନ ଅବସରରେ ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଟିଏମ୍‌ସି ସୁପ୍ରିମୋ ମମତା ରାଲିକୁ ସମ୍ବୋଧିତ କରି କହିଥିଲେ, କେନ୍ଦ୍ରର ଏନ୍‌ଡିଏ ସରକାର କ୍ଷମତାରେ ଅଧିକ ଦିନ ରହିପାରିବ ନାହିଁ। ଭାଜପା ଏବଂ ଏହାର କୁଶାସନକୁ ହଟାଇବା ପାଇଁ ଅଖିଳେଶଙ୍କ ସମେତ ଇଣ୍ଡିଆ ବ୍ଲକ୍‌ର ସମଭାବାପନ୍ନ ଦଳଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବେ। ଭାଜପାର ସଂଖ୍ୟାବଳ ନାହିଁ। କିନ୍ତୁ ଅନ୍ୟ ଛୋଟ ଦଳଗୁଡ଼ିକର ଏମ୍‌ପିମାନଙ୍କୁ କିଣାକିଣି କରି ସରକାର ଗଢ଼ିଛି। ଅଖିଳେଶ ଯେଉଁ ଖେଳ କରିଥିଲେ, ସେଥିରେ ୟୁପିରେ ଯୋଗୀ ସରକାର ଇସ୍ତଫା ଦେବାକୁ ବାଧ ହୋଇଥାନ୍ତେ। କିନ୍ତୁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରି ଏହି ନିର୍ଲଜ୍ଜ ସରକାର ତିଷ୍ଠି ରହିଛି ବୋଲି ମମତା ସମାଲୋଚନା କରିଛନ୍ତି।

ଏସ୍‌ପି ମୁଖ୍ୟ ଅଖିଳେଶ କହିଛନ୍ତି, ଯେ ଦିଲ୍ଲୀ ସରକାର ଚାଲିବ ନାହିଁ। ଖୁବ୍‌ଶୀଘ୍ର ଏହାର ପତନ ଘଟିବ। ଲୋକଙ୍କ କଥା ଆଦୌ ବୁଝୁ ନ ଥିବା ସରକାର ଭାଙ୍ଗିଗଲେ ଜନସାଧାରଣ ଖୁସି ହେବେ। ନକାରାତ୍ମକ ଓ ସାମ୍ପ୍ରଦାୟିକ ରାଜନୀତିରେ ବିଶ୍ୱାସ କରୁଥିବା ଭାଜପାକୁ ହଟାଇବା ଏବଂ ସମ୍ବିଧାନର ସୁରକ୍ଷା ପାଇଁ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। ମମତା ବିଭାଜନବାଦୀ ରାଜନୀତିକୁ ପରାଜିତ କରିଥିବାବେଳେ ତାଙ୍କ ସହ ଉତ୍ତରପ୍ରଦେଶ ମଧ୍ୟ ଲଢ଼େଇରେ ସାମିଲ ହୋଇଛି। କେନ୍ଦ୍ରୀୟ ଏଜେନ୍ସି ଓ ନିର୍ବାଚନ କମିଶନଙ୍କ ଦୁରୁପଯୋଗ ଆଉ ଚାଲିବ ନାହିଁ। ମୋଦି ସରକାର ଯେକୌଣସି ସମୟରେ ଭାଙ୍ଗିଯିବ ବୋଲି ଅଖିଳେଶ କହିଛନ୍ତି।


କୋଲକାତାର ଟିଏମ୍‌ସି ରାଲିରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ।

## ସମ୍ବଲପୁର ଭାଜପାରେ ଫାଟ

- ଜିଲା ଭାଜପା ସଭାପତିଙ୍କ ନିଜସ୍ୱ କାର୍ଯ୍ୟାଳୟ ଉଦ୍‌ଘାଟିତ
- ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଜିଲା ସଭାପତିଙ୍କ ଚ୍ୟାଲେଞ୍ଜ

ସମ୍ବଲପୁର, ୨୧।୭
(ଭବାନୀ ଶଙ୍କର ଭୋଇ )

ସମ୍ବଲପୁର ଭାଜପା ଜିଲା ସଭାପତି ଗିରୀଶ ପଟେଲଙ୍କ ଜନ୍ମଦିନ ଅବସରରେ ରବିବାର ନୟାପଡାରେ ଉଦ୍‌ଘାଟିତ ହୋଇଛି ଜିଲା ସଭାପତିଙ୍କ ଦଳୀୟ କାର୍ଯ୍ୟାଳୟ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାନ ସଭା କ୍ଷେତ୍ର ଅଧୀନ ବହୁ ପଦାଧିକାରୀ ଓ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଗତ ସାଧାରଣ ନିର୍ବାଚନରେ ଜିଲା ସଭାପତି ପଟେଲ ଦଳବିରୋଧୀ କାର୍ଯ୍ୟ କରୁଥିବା ନେଇ ଜୟନାରାୟଣ ମିଶ୍ରଙ୍କ ସମର୍ଥକ ଅଭିଯୋଗ କରିଥିଲେ। ଏପରିକି କଚେରୀ ରୋଡସ୍ଥିତ ଭାଜପା କାର୍ଯ୍ୟାଳୟରେ ଥିବା ଜିଲା ସଭାପତିଙ୍କ କୋଠରିରେ ସେମାନେ ତାଲା ପକାଇ ଦେଇଥିଲେ। ତେବେ ଏବେ ଜିଲା ସଭାପତି ପଟେଲ ନୂଆ ଦଳୀୟ କାର୍ଯ୍ୟାଳୟ ଖୋଲିବାକୁ ନେଇ ଭାଜପା ରାଜନୀତି ଗୋଳମାଳିଆ ହୋଇଯାଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ରବିବାର ଜିଲା ସଭାପତିଙ୍କ କାର୍ଯ୍ୟାଳୟ ଖୋଲିବା କାର୍ଯ୍ୟକ୍ରମରେ ସାକ୍ଷୀଗୋପୀନାଥ ମଣ୍ଡଳ ସଭାପତି ସରୋଜ ଘଡେଇ, ବୀର ବିର୍ସାମୁଣ୍ଡା ମଣ୍ଡଳ ସଭାପତି ଗିରିଜାଶଙ୍କର ସାହୁ, ବୁର୍ଲା ମଣ୍ଡଳ ସଭାପତି ଜୟନ୍ତ ଦାଶ, ହୀରାକୁଦ ମଣ୍ଡଳ ସଭାପତି ନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସଭାପତି ପଟେଲ ସମସ୍ତଙ୍କୁ ମିଠା ଖୁଆଇଥିଲେ।

କିଛିଦିନ ପୂର୍ବରୁ କଚେରିରୋଡ଼ସ୍ଥିତ ଭାଜପା କାର୍ଯ୍ୟାଳୟରେ ଜୟନାରାୟଣ ମିଶ୍ରଙ୍କ ସମର୍ଥକ ଜିଲା ସଭାପତିଙ୍କ କୋଠରିରେ ତାଲା ପକାଇବା ପରେ ଭାଜପାରେ ସବୁକିଛି ଠିକ୍‌ଠାକ ଚାଲି ନ ଥିବା ଜଣାପଡିଥିଲା। ଜିଲା ସଭାପତି ଗତ ସାଧାରଣ ନିର୍ବାଚନରେ ଦଳବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗ କରି ଜୟନାରାୟଣଙ୍କ ସମର୍ଥକମାନେ ତାଙ୍କୁ ପଦରୁ ହଟାଇବା ପାଇଁ ରାଜ୍ୟ ସଭାପତିଙ୍କୁ ଲିଖିତଭାବେ ଜଣାଇଥିଲେ। ଏହାପରେ ବି ଜିଲା ସଭାପତି ପଟେଲଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଅନ୍ୟପକ୍ଷରେ ଜୟନାରାୟଣଙ୍କ ଅନେକ ସମର୍ଥକ ରବିବାର ଜିଲା ସଭାପତିଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ସାମିଲ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଜିଲା ସଭାପତି ଏବଂ ସମ୍ବଲପୁର ବିଧାୟକଙ୍କ ମଧ୍ୟରେ ଫାଟ ଜଳଜଳ ଦିଶୁଥିବା ବେଳେ ରାଜ୍ୟ ନେତୃତ୍ୱ ଚୁପ୍ ରହିବା ଆଗାମୀ ଦିନରେ ଏଠାରେ ଭାଜପାର ସ୍ଥିତିକୁ ଦୁର୍ବଳ କରିବ ବୋଲି ରାଜନୈତିକ ସମୀକ୍ଷକ ମତ ଦେଉଛନ୍ତି।



ସମ୍ବଲପୁର ଭାଜପା ଜିଲା ସଭାପତିଙ୍କ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଦଳୀୟ କର୍ମକର୍ତ୍ତା।

## ଧର୍ମଶାଳା ପୂର୍ବତନ ବିଧାୟକଙ୍କ ମନ୍ତବ୍ୟକୁ ଭାଜପାର ନିନ୍ଦା

କାଏମା, ୨୧।୭(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଜାରକାସ୍ଥିତ କୁମାରୀ କାର୍ଯ୍ୟାଳୟରେ ରବିବାର ଏକ ଖବରଦାତା ସମ୍ମିଳନୀ ହୋଇଯାଇଛି। ଏଥିରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଆଇନଶୃଙ୍ଖଳା ଏବଂ ପ୍ରଶାସନ ସ୍ଥାଣୁ ପାଲଟିଥିବା ନେଇ ଗଣମାଧ୍ୟମରେ ଯେଉଁ ପ୍ରତିକ୍ରିୟା ଦେଇଛନ୍ତି ତାହାକୁ ନିନ୍ଦା କରାଯାଇଛି। ପୂର୍ବତନ ବିଧାୟକଙ୍କ ଏଭଳି ମନ୍ତବ୍ୟକୁ ଭାଜପା ନେତା ସର୍ବେଶ୍ୱର ବେହୁରା, ଉପେନ୍ଦ୍ର କର, ଚନ୍ଦ୍ରକାନ୍ତ ପଣ୍ଡିତ ଓ ସବ୍ୟସାଚୀ ସୁନ୍ଦର ରାୟ ପ୍ରମୁଖ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏଥିସହିତ ପୂର୍ବତନ ବିଧାୟକଙ୍କ ସମୟର ୨ ସମ୍ବେଦନଶୀଳ ଘଟଣାକୁ ଲୋକଲୋଚନକୁ ଅଣାଯାଇଛି। ବିଜେଡି ସରକାର ସମୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିବା ସହିତ ଆଇନ ସବୁବେଳେ ବାଟ ଭାଙ୍ଗି ଚାଲିଯାଇଥିଲା ବୋଲି କୁହାଯାଇଛି। ସେ ସମୟରେ ବୋମା ମାଡ଼ଠାରୁ ଆରମ୍ଭ କରି ଖଣି ମୃତ୍ୟୁକୁ ଚାପି ଦେବା ଭଳି ଘଟଣା ଘଟିଥିଲା। ପୋଲିସ ହାତବାରିସି ସାଜିଥିଲା। ସର୍ବେଶ୍ୱରଙ୍କ ଉପରେ ୨୦୨୧ରେ ବୋମା ମାଡ଼ ହେବା ପରେ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଗ୍ରହଣ ନ କରି ବିଳମ୍ବ ହୋଇଥିବା ପୋଲିସ ଦର୍ଶାଇ ନିଜ ଆଡୁ ମାମଲା ଗ୍ରହଣ କରିବା କ'ଣ ଆଇନ ଶୃଙ୍ଖଳା ବୋଲି ପ୍ରଶ୍ନକରାଯାଇଛି। ସେହିପରି ଡଙ୍କାରୀ ଖଣି ଦୁର୍ଘଟଣାରେ ମୃତକମାନଙ୍କୁ ନ୍ୟାୟ ମିଳିଲା କି। ସେ ଘଟଣାରେ ପୋଲିସ କାହାକୁ ଗିରଫ କରିଛି ବୋଲି ପ୍ରଶ୍ନ କରି ପୂର୍ବତନ ବିଧାୟକଙ୍କୁ ଭାଜପା ନେତାମାନେ ଘେରିଛନ୍ତି। ଏହି ସମ୍ମିଳନୀରେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ପୂର୍ବତନ ବିଧାୟକ ବିଲେଇ ଭଳି ଲୁଚି ଲୁଚି କ୍ଷୀର ପିଉଛନ୍ତି ବୋଲି କହିଛନ୍ତି। ଯଦି ସତ୍ ସାହାସ ଅଛି ଖୋଲା ମଞ୍ଚରେ ବସନ୍ତୁ, ଆଲୋଚନାରେ ଭାଗ ନିଅନ୍ତୁ। ତାଙ୍କ ସମୟରେ କେତେ ବାଟ ଭାଙ୍ଗି ଆଇନ ଯାଇଛି ତା'ର ଉଦାହରଣ ତାଙ୍କ ପାଖରେ ଅଛି। ଲୋକେ ଆଗାମୀ ଦିନରେ ତାଙ୍କୁ ଗାଁରେ ପୂରେଇ ଦେବେ ନାହିଁ ବୋଲି ହିମାଂଶୁ କହିଛନ୍ତି। ଭାଜପା ସାଧାରଣ ଲୋକଙ୍କ ଦଳ ଏବଂ ନୂତନ ସରକାର ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ପାଇଁ ତତ୍ପର। ମାଫିଆ, ଅରାଜକତାକାରି ଏବଂ ଲୁଟେରାଙ୍କୁ ସାବାଡ଼ କରିବା ପାଇଁ ଭାଜପା ପ୍ରତିଶ୍ରୁତିବଦ୍ଧ ବୋଲି ସର୍ବେଶ୍ୱର ପ୍ରକାଶ କରିଛନ୍ତି।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୫୦ ଦିନରେ ୫ କୋଟିରୁ ଅଧିକ କାରବାର

### ମୁଖ୍ୟ ଆକର୍ଷଣ ବୟନିକାର କ୍ଲିୟରାନ୍ସ ସେଲ୍

ଭୁବନେଶ୍ୱର, ୨୧।୭ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ 'ନ୍ୟୁ ରାଜସ୍ଥାନ କଟନ୍ ଫାବ୍-୨୦୨୪ ପ୍ରଦର୍ଶନ (ମେଳା)'ର କାରବାର ବେଶ୍ ଉତ୍ସାହଜନକ ରହିଛି। ଏପରିକି ଜୁନ୍ ୧ରୁ ଆରମ୍ଭ ହୋଇଥିବା ଏହି ମେଳା ଏହାରି ମଧ୍ୟରେ ୫୦ ଦିନ ଅତିକ୍ରମ କରିଥିବାବେଳେ ଏହି ୫୦ ଦିନରେ ବ୍ୟବସାୟୀମାନେ ୫ କୋଟିରୁ ଅଧିକ ଟଙ୍କାର କାରବାର କରିଥିବା ଉଭୟ ବ୍ୟବସାୟୀ ଓ ମେଳାର ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷ କରି ସନ୍ଧ୍ୟା ହେଲେ ସ୍ମାର୍ଟସିଟିବାସୀ ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ 'ନ୍ୟୁ ରାଜସ୍ଥାନ କଟନ୍ ଫାବ୍-୨୦୨୪ ପ୍ରଦର୍ଶନୀ (ମେଳା)'ରେ ଭିଡ ଜମାଉଛନ୍ତି।




ସେହିଭଳି ଉଭୟ ବ୍ୟବସାୟୀ ଓ ବୁଣାକାର ସମିତିଗୁଡିକ ପକ୍ଷରୁ ମଧ୍ୟ ଭଳିକି ଭଳି ପୋଷାକ ଓ ବିଭିନ୍ନ ରାଜ୍ୟର ଲୋକପ୍ରିୟ ତଥା ପ୍ରସିଦ୍ଧ ବସ୍ତ୍ରଗୁଡିକର ବ୍ୟାପକ ସମ୍ଭାର ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି ବୋଲି ଆୟୋଜକ ଓ ବ୍ୟବସାୟୀମାନେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଅପରପକ୍ଷରେ ସୁଲଭ ମୂଲ୍ୟରେ ମନପସନ୍ଦର ପୋଷାକ ଆଦି ସାଙ୍ଗକୁ ଘର ସାଜସଜ୍ଜା ପାଇଁ ବିଭିନ୍ନ ବର୍ଗର ସାମଗ୍ରୀ ମେଳାରେ ମିଳୁଥିଲାବେଳେ ଗୁଣାତ୍ମକ ହ୍ୟାଣ୍ଡଲୁମ ପୋଷାକ ଓ ବୟନିକ ଷ୍ଟଲ ପକ୍ଷରୁ ମଧ୍ୟ ଆକର୍ଷଣୀୟ ୧୦+୨୦% ର ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଅପରପକ୍ଷରେ ବୟନିକାର କ୍ଲିୟରାନ୍ସ ସେଲ୍‌ସ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରୁଥିବାବେଳେ ପ୍ରତି କ୍ରୟ ଉପରେ ଆକର୍ଷଣୀୟ ୭୦% ପର୍ଯ୍ୟନ୍ତର ରିହାତି ଯୋଗାଇ ଦିଆଯାଉଛି। ସେହିପରି ୨୦୨୪ ଜୁନ ୧ରୁ ଆରମ୍ଭ ହୋଇଥିବା ଏହି ମେଳା ଚଳିତ ବର୍ଷ ଅଗଷ୍ଟ ୨ୟ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏପରିକି ପ୍ରଦର୍ଶନୀର କାରବାର ବେଶ୍ ଉତ୍ସାହଜନକ ରହିଥିବାରୁ ଆୟୋଜକଙ୍କ ପକ୍ଷରୁ ମେଳାର ଅବଧିକୁ ୨୦୨୪ ଅଗଷ୍ଟ ୬ପର୍ଯ୍ୟନ୍ତ ବଢାଇ ଦିଆଯାଇଛି।

# ସୋନି ବ୍ରାଭିଆ ୩ ଟିଭି ସିରିଜ

ଭୁବନେଶ୍ୱର, ୨୧।୭ (ଅଭୟ ଦାଶ)

ସୋନି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବ୍ରାଭିଆ ୩ ସିରିଜ୍ ଟିଭିକୁ ନିକଟରେ ଉନ୍ମୋଚନ କରାଯାଇଛି। ଏପରିକି ଏହି ସିରିଜ୍‌ରେ ଆକର୍ଷଣୀୟ ଡିଜାଇନ, ଅତୁଳନୀୟ ଛବିର ମାନ, ଉନ୍ନତ ସାଉଣ୍ଡ ଓ ବଳିଷ୍ଠ ୟୁଜର ଇଣ୍ଟରଫେସ୍ ଭଳି ଫିଚର ସାମିଲ ରହିଛି। ସେହିଭଳି ନୂଆ ବ୍ରାଭିଆ ୩ ଟିଭି ସିରିଜ୍ ୪୩ ଇଞ୍ଚ, ୫୦ଇଞ୍ଚ, ୫୫ ଇଞ୍ଚ, ୬୫ ଇଞ୍ଚ, ୭୫ ଇଞ୍ଚ ଓ ୮୫ ଇଞ୍ଚରେ ଉପଲବ୍ଧ ହେଉଥିଲାବେଳେ ଏଥିରେ ୪କେ ଏଚ୍‌ଡିଆର୍ ଏକ୍ସ୧ ପ୍ରୋସେସର ରହିଛି, ଯାହା ଉନ୍ନତ ଆଲଗୋରିଦମ୍ ସହ ଛବିର ମାନ ବଢ଼ାଇବା ସହିତ ଏହାର ୪କେ ଏକ୍ସ-ରିଅଲିଟି ପିଆର୍‌ଓ ଜରିଆରେ ଅଣ-୪କେ ଭିଡିଓଗୁଡ଼ିକୁ ୪କେ ଭଳି ଉପସ୍ଥାପନ କରୁଛି। ଏପରିକି ଟ୍ରିଲୁମିନସ୍ ପ୍ରୋ ସହିତ ଏହା ଜୀବନ୍ତ ରଙ୍ଗ ପ୍ରଦାନ କରୁଛି, ଚମତ୍କାର କଣ୍ଟ୍ରାଷ୍ଟ ଏନ୍‌ହାନ୍‌ସର୍ ସହ ଏହା କଣ୍ଟ୍ରାଷ୍ଟରେ ମଧ୍ୟ ଉନ୍ନତି ଆଣୁଛି। ଏଥିରେ ଥିବା ଟ୍ରିଲୁମିନସ୍ ପ୍ରୋ ଡିସ୍‌ପ୍ଲେ ଠିକ୍ ରଙ୍ଗ ଓ ସମୃଦ୍ଧତା ସହ ଅଧିକ ପ୍ରାକୃତିକ ଛବି ଉପସ୍ଥାପନ କରୁଛି।

# ଭାରତ କ୍ୟୁଆର୍ କୋଡ୍‌ର ଶୁଭାରମ୍ଭ

ଭୁବନେଶ୍ୱର, ୨୧।୭ (ଅଭୟ ଦାଶ)

ବନ୍ଧନ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂଆ ପେମେଣ୍ଟ ସମାଧାନ 'ଭାରତ କ୍ୟୁଆର୍ କୋଡ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତ କ୍ୟୁଆର୍ କୋଡ୍ ଜରିଆରେ ଏହି ନୂଆ ପେମେଣ୍ଟ ସମାଧାନ ଆରମ୍ଭ ହୋଇଯାଇଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଇଡି ତଥା ସିବିଓ ରାଜିନ୍ଦର ବବର୍ କହିଛନ୍ତି, ଆମର ମୂଲ୍ୟବାନ ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତା ଅନୁଯାୟୀ ସୁବିଧା ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ଏପରିକି ଭାରତ କ୍ୟୁଆର୍ କୋଡ୍ (ବିକ୍ୟୁଆର୍) ର ଶୁଭାରମ୍ଭ ସହିତ ଆମେ ଏକ ଦୃଢ଼ ପେମେଣ୍ଟ ସମାଧାନ ପ୍ରଦାନ କରିବାକୁ ଚାହୁଁଛୁ, ଯାହା ଗ୍ରାହକମାନଙ୍କୁ ସୁବିଧାଜନକ ପେମେଣ୍ଟ ମାଧ୍ୟମ ପ୍ରଦାନ କରିବାରେ ମର୍ଚାଣ୍ଟମାନଙ୍କୁ ସଶକ୍ତ କରିବ। ଉନ୍ନତ ପ୍ରଯୁକ୍ତି ଓ ଗ୍ରାହକକେନ୍ଦ୍ରିକ ସମାଧାନ ସହିତ ନିରନ୍ତର ନିବେଶ ଜରିଆରେ ଆମେ ଗ୍ରାହକମାନଙ୍କ ଲାଗି ଏକ ନିରବଚ୍ଛିନ୍ନ, ଦୃଢ଼ ଏବଂ ଉନ୍ନତ ବ୍ୟାଙ୍କିଙ୍ଗ ଅନୁଭୂତି ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ପ୍ରଦାନ କରିବାକୁ ଚାହୁଁଛୁ। ସେହିଭଳି ବ୍ୟାଙ୍କର ଚଳନ୍ତି ଓ ସଞ୍ଚୟ ଖାତାଧାରୀ ଗ୍ରାହକମାନଙ୍କ ପାଇଁ ଏହା ବେଶ୍ ସୁବିଧାଜନକ ଥିଲାବେଳେ ଯେକୌଣସି ମର୍ଚାଣ୍ଟ ଆଉଟ୍‌ଲେଟ୍‌ରେ ପେମେଣ୍ଟ କରିବାର ଏହି ସୁବିଧା ଉପଲବ୍ଧ। ଏପରିକି ଏହି ବର୍ଗର ସ୍ୱାବଲମ୍ବୀ ଗ୍ରାହକମାନଙ୍କ ଲାଗି ସହଜ ହେବ। ପ୍ରତି ପେମେଣ୍ଟ ପରେ ଏକ ଛୋଟ ସ୍ପିକର୍ ଜରିଆରେ ପେମେଣ୍ଟ ହୋଇଥିବାର ସୂଚନା ପ୍ରାପ୍ତହେବ। ସେହିପରି ଡେବିଟ୍ କିମ୍ବା କ୍ରେଡିଟ୍ କାର୍ଡକୁ ସ୍ୱାଇପ୍ ନ କରି ଗ୍ରାହକମାନେ ଯେକୌଣସି ବ୍ୟାଙ୍କିଙ୍ଗ ଆପ୍ କିମ୍ବା ୟୁପିଆଇ ଆପ୍ ଜରିଆରେ ପେମେଣ୍ଟ କରିପାରିବେ। ପେମେଣ୍ଟ କରିବା ଲାଗି ଭାରତ କ୍ୟୁଆର୍ ହେଉଛି, ଏକ ଅତ୍ୟଧିକ ସୁରକ୍ଷିତ ଓ ଦ୍ରୁତ ଆପ୍। ଛୋଟ ହୁଅନ୍ତୁ କିମ୍ବା ବଡ଼ ରିଟେଲର୍ ଫର୍ମାଟ୍‌ର ଷ୍ଟୋର୍, ମର୍ଚାଣ୍ଟମାନେ ଏହି ସମାଧାନ ଦ୍ୱାରା ଉପକୃତ ହେବେ। ଡିଜିଟାଲ୍ ନବସୃଜନ ଆଗକୁ ବଢୁଥିବା ବେଳେ ଅତ୍ୟାଧୁନିକ ପ୍ରଯୁକ୍ତି ଓ ନିରବଚ୍ଛିନ୍ନ ଡିଜିଟାଲ୍ ଅଭିଜ୍ଞତା ଜରିଆରେ ବ୍ୟାଙ୍କିଙ୍ଗର ଭବିଷ୍ୟତ ବଦଳାଇବାରେ ବ୍ୟାଙ୍କ ଅଗ୍ରଣୀ ରହିଛି।


### ଅକ୍ଷୟ ଅଗରୱାଲାଙ୍କ ପିଏଚ୍.ଡି. ଲାଭ



ମୟୂରଭଞ୍ଜ ଜିଲ୍ଲାର 'ସମାଜ' ସମ୍ବାଦଦାତା ଅକ୍ଷୟ କୁମାର ଅଗରୱାଲାଙ୍କୁ ସାମ୍ବାଦିକ କ୍ଷେତ୍ରରେ ଅବଦାନ ପାଇଁ ମେରିଲ୍ୟାଣ୍ଡ ଷ୍ଟେଟ୍ ୟୁନିଭର୍ସିଟି ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସମ୍ମାନଜନକ ପିଏଚ୍.ଡି. ସହ ସ୍ୱର୍ଣ୍ଣପଦକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ମେରିଲ୍ୟାଣ୍ଡ ଷ୍ଟେଟ୍ ୟୁନିଭର୍ସିଟିର କୁଳାଧିପତି ଡ.ଜୋନ ଏନ୍.କଲରାସ, କୁଳପତି ଡ. ସୋଫି ନୁବାଣୀ ଓ ଏସିଆ ମହାଦେଶର ମୁଖ୍ୟ ପ୍ରଫେସର ଡ. ପି.କେ. ରାଜପୁତ; ଏଏଏଫ୍‌ଟି ୟୁନିଭର୍ସିଟିର କୁଳାଧିପତି ଡ. ସନ୍ଦୀପ ମାରୱା; ମେୱାର ୟୁନିଭର୍ସିଟିର କୁଳାଧିପତି ଡ. ଅଶୋକ କୁମାର ଗଡ଼ିୟା ପ୍ରମୁଖ ବହୁ ବିଶିଷ୍ଟ ଅତିଥି ଯୋଗ ଦେଇଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ୧୯୯୪ରେ ଏଲ୍‌ଏଲ୍‌ବି ଓ ୧୯୯୬ରେ ଏମ୍.କମ୍; ଓଡ଼ିଶା ଷ୍ଟେଟ୍ ବୋର୍ଡ ଅଫ୍ ଫାର୍ମାସିରୁ ୨୦୦୮ରେ ଡିପ୍ଲୋମା ଇନ୍ ଫାର୍ମାସି ଏବଂ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରୁ ୨୦୧୧ରେ ଏମ୍.ଏ.ଇନ୍ ଜର୍ଣ୍ଣାଲିଜିମ୍ ଏଣ୍ଡ ମାସ୍ କମ୍ୟୁନିକେସନରେ କୃତିତ୍ୱ ସହ ଡିଗ୍ରୀ ହାସଲ କରିଥିଲେ। ସେ ଏଥିପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକା ଏବଂ ଶ୍ରୀ ଗୁରୁକୃପାଙ୍କୁ ଭୂମିଷ୍ଠ ପ୍ରଣାମ ଜଣାଇଛନ୍ତି। ସେ ବର୍ଷୀୟାନ ସାମ୍ବାଦିକ ତଥା ସମାଜସେବୀ ସ୍ୱର୍ଗତ ବାବୁଲାଲ ଅଗରୱାଲା ଓ ପାର୍ବତୀ ଦେବୀ ଅଗରୱାଲାଙ୍କ ବଡ଼ ନାତି ଏବଂ ବରିଷ୍ଠ ପରିବେଶବିତ୍ ତଥା ଶିଶୁ ସାହିତ୍ୟ ଗବେଷକ ଡ. ବିଜୟ କୁମାର ଅଗରୱାଲା ଓ ସତ୍ୟଭାମା ଅଗରୱାଲାଙ୍କ ଏକମାତ୍ର ପୁତ୍ର। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

ଧ-୮୦୦


# ପତଞ୍ଜଳି ଯୋଗପୀଠରେ ଗୁରୁପୂର୍ଣ୍ଣିମା ପାଳିତ

ଭୁବନେଶ୍ୱର, ୨୧।୭ (ଅଭୟ ଦାଶ)



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପତଞ୍ଜଳି ଯୋଗପୀଠ ହରିଦ୍ୱାରଠାରେ ଗୁରୁପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏପରିକି ପତଞ୍ଜଳି ୱେଲ୍‌ନେସ ସେଣ୍ଟର ଯୋଗପୀଠ-୨ସ୍ଥିତ ଯୋଗ ଭବନ ଅଡିଟୋରିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ପତଞ୍ଜଳି ଯୋଗପୀଠର ପ୍ରତିଷ୍ଠାତା ଅଧ୍ୟକ୍ଷ ସ୍ୱାମୀ ରାମଦେବ, ସମ୍ପାଦକ (ମହାମନ୍ତ୍ରୀ) ଆଚାର୍ଯ୍ୟ ବାଳକୃଷ୍ଣଙ୍କ ସମେତ ଶତାଧିକ ଗୁରୁ ଓ ଶିଷ୍ୟ ଏକତ୍ର ହୋଇଥିଲେ। ସେହିଭଳି ଗୁରୁଶିଷ୍ୟର ପରମ୍ପରା ଅନୁଯାୟୀ ନୀତି-ନିୟମ ମଧ୍ୟରେ ଏହି ଦିବସ ମହାଆଡମ୍ବର ସହକାରେ ପାଳିତ ହୋଇଥିଲା।

# ସ୍ଲରି ପାଇପଲାଇନ୍‌ସ ଅଧିଗ୍ରହଣକୁ ବୋର୍ଡ ମଞ୍ଜୁରୀ

ଭୁବନେଶ୍ୱର, ୨୧।୭ (ଅଭୟ ଦାଶ)

ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଅଂଶ ତଥା ଭାରତର ଦ୍ୱିତୀୟ ସର୍ବବୃହତ ଘରୋଇ ବାଣିଜ୍ୟିକ ବନ୍ଦର ଅପରେଟର ଜେଏସ୍‌ଡବ୍ଲ୍ୟୁ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଲିମିଟେଡ୍ ପକ୍ଷରୁ ବିକଶିତ ହେଉଥିବା ଏକ ସ୍ଲରି ପାଇପଲାଇନ୍ ପ୍ରକଳ୍ପକୁ ନିକଟରେ କ୍ରୟ କରାଯାଇଥିବା ଘୋଷଣା କରାଯାଇଛି। ଜେଏସ୍‌ଡବ୍ଲ୍ୟୁର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡର ବିକଶିତ ହେଉଥିବା ବାର୍ଷିକ ୩୦ନିୟୁତ ଟନ୍ (ଏମ୍‌ଟିପିଏ) ସ୍ଲରି ପାଇପଲାଇନ୍‌ସ ଅଧିଗ୍ରହଣକୁ କମ୍ପାନୀର ବୋର୍ଡ ମଞ୍ଜୁରୀ ପ୍ରଦାନ କରିଛି। ଫଳରେ ଲୁହାପଥର ପରିବହନ କରିବାରେ ଏହି ପାଇପଲାଇନକୁ ବ୍ୟବହାର କରିବା ଲାଗି ୨୦ବର୍ଷିଆ 'ଟେକ୍ ଅର୍ ପେ'ଚୁକ୍ତି ସ୍ୱାକ୍ଷର କରିଛି। ଜଗତ୍‌ସିଂହପୁର ଜିଲ୍ଲାର ନୂଆଗାଁରୁ ଜଗତ୍‌ସିଂହପୁର ପର୍ଯ୍ୟନ୍ତ ୩୦୨ କି.ମିର ଏହି ସ୍ଲରି ପାଇପ୍‌ଲାଇନ୍ ପ୍ରକଳ୍ପ ଓଡ଼ିଶାର ପ୍ରସ୍ତାବିତ ଜଟାଧାର ବନ୍ଦରକୁ ସିଧାସଳଖ ସଂଯୋଗ କରିବ। ଏହି ପ୍ରକଳ୍ପ ୧୨୨ କିଲୋମିଟର କାର୍ଯ୍ୟ ଶେଷ ହୋଇସାରିଛି, ୨୦୨୭ ପ୍ରାରମ୍ଭିକ ସମୟ ସୁଦ୍ଧା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ସମୟ ନିର୍ଘଣ୍ଟ କରାଯାଇଛି ଏବଂ ୨୦୨୭ ଏପ୍ରିଲ୍ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବାର ଆଶା କରାଯାଉଛି। ଏହି ସ୍ଲରି ପାଇପ୍‌ଲାଇନ୍‌ର ହସ୍ତାନ୍ତର ମୂଲ୍ୟ ନିର୍ଦ୍ଧାରଣ କରିବାର ଦାୟିତ୍ୱ ଏକ ସ୍ୱାଧୀନ ମୂଲ୍ୟାୟନ ସଂସ୍ଥାକୁ ପ୍ରଦାନ କରାଯାଇଛି, ଯାହା ବର୍ତ୍ତମାନ ମୂଲ୍ୟ ନିର୍ଦ୍ଧାରଣ କରୁଛି। ଏଥିପାଇଁ ବିଚାରଯୋଗ୍ୟ ମୂଲ୍ୟ ପ୍ରାୟ ୧୭୦୦ କୋଟି ଟଙ୍କା ରହିଛି। ଯେଉଁଥିରେ ୨୦୨୪ ମେ ୩୧ସୁଦ୍ଧା ପ୍ରକଳ୍ପରେ ଖର୍ଚ୍ଚ ହୋଇଥିବା ଉଚିତ ମୂଲ୍ୟ ଏବଂ ୨୦୨୪ ମେ ୩୧ ପରେ ପ୍ରକୃତ ସ୍ଥାନାନ୍ତର ହେବା ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଖର୍ଚ୍ଚ ଅନ୍ତର୍ଭୁକ୍ତ ରହିଛି।

# ଅନର୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର, ୨୧।୭ (ଅଭୟ ଦାଶ)

ଦେଶର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ 'ଅନର୍'ର ନୂତନ ଉତ୍ପାଦ 'ଅନର ୨୦୦ ସିରିଜ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଅନରର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍ନୋଲୋଜିରେ ନିର୍ମିତ ଅନର୍ ୨୦୦ ପ୍ରୋ ୫ଜି ଏବଂ ଅନର୍୨୦୦ ୫ଜିର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ସେହିଭଳି ଏହି ନୂତନ ସିରିଜ୍ ଅତ୍ୟାଧୁନିକ ଏଆଇ-ପରିଚାଳିତ ପୋର୍ଟ୍ରେଟ କ୍ଷମତା,ନିମଜ୍ଜିତ ଡିସ୍‌ପ୍ଲେ, ମଜଭୁତ ହାର୍ଡୱେର ପ୍ରଦର୍ଶନ ଓ ଅନ୍ତର୍ନିହିତକାରୀ ଉପଭୋକ୍ତା କୈନ୍ଦ୍ରିକ ଏଆଇ ଅନୁଭୂତି ସହିତ ଉପଭୋକ୍ତାଙ୍କ ପାଇଁ ଶୀର୍ଷସ୍ତରର ଅଭିଜ୍ଞତା ପ୍ରଦାନ କରୁଛି। ଏ ସମ୍ପର୍କରେ ଏର୍‌ଟେକର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ସିପି ଖଣ୍ଡେଲୱାଲ କହିଛନ୍ତି, ଅନର୍୨୦୦ ସିରିଜ୍‌ର ଶୁଭାରମ୍ଭ ଭାରତରେ ସ୍ମାର୍ଟଫୋନ୍ ଅଭିଜ୍ଞତାକୁ ପୁନଃ ପରିଭାଷିତ କରିବା ପାଇଁ ଆମର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ଏହାର ଅତ୍ୟାଧୁନିକ ଏଆଇ-ପରିଚାଳିତ ପୋର୍ଟ୍ରେଟ ଫଟୋଗ୍ରାଫି, ଉତ୍କୃଷ୍ଟ ଡିସ୍‌ପ୍ଲେ ଟେକ୍ନୋଲୋଜି ଓ ପ୍ରଦର୍ଶନ କ୍ଷମତା ସହିତ ଅନର୍୨୦୦ ସିରିଜ୍ ଶିଳ୍ପରେ ନୂଆ ବେଞ୍ଚମାର୍କ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ ରହିଛି। ଅନର୍୨୦୦ପ୍ରୋ ୫ଜି ଦୁଇଟି ସୁନ୍ଦର କଲର ଯଥା ଓସେନ ସିଆନ ଓ ବ୍ଲାକ୍‌ରେ ଉପଲବ୍ଧ ହେବ ଏବଂ ଏହାର ମୂଲ୍ୟ ୫୭,୯୯୯ଟଙ୍କା ରହିବ।

# 'ଗ୍ରାହକ ସନ୍ତୁଷ୍ଟିକୁ ଗୁରୁତ୍ୱ'

ଭୁବନେଶ୍ୱର, ୨୧।୭ (ଅଭୟ ଦାଶ)

ଦେଶର ପ୍ରମୁଖ ଅନ୍‌ଲାଇନ ତଥା ଇ-କମର୍ସ ପ୍ଲାଟଫର୍ମ ଆମାଜନ ଇଣ୍ଡିଆର ବହୁପ୍ରତୀକ୍ଷିତ ପ୍ରାଇମ ଡେ ସେଲ୍‌ସ ନିକଟରେ ସଫଳତାର ସହ ଶେଷ ହୋଇଛି। ଏପରିକି ଏକ ଉନ୍ନତ ଡିଲ୍, ନୂଆ ଶୁଭାରମ୍ଭ ଓ ବ୍ଲକ୍‌ବଷ୍ଟର ମନୋରଞ୍ଜନ ସହିତ ଗ୍ରାହକଙ୍କ ପାଇଁ ଏହା କେବଳ ଖୁସି ଆଣି ନାହିଁ ବରଂ ଦେଶବ୍ୟାପୀ ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉତ୍ସର୍ଗୀକୃତ ରହିଛି। ଏ ସମ୍ପର୍କରେ ଆମାଜନର ସିନିୟର ମ୍ୟାନେଜର (ଏମର୍ଜିଙ୍ଗ ମାର୍କେଟ୍‌ସ, ସପିଂ ଏକ୍ସପେରିଏନ୍ସ ବିଭାଗ) ବିଦ୍ୟା କାନନ କହିଛନ୍ତି, ଆପଣ ଆମାଜନରୁ ଜଣେ ବ୍ୟକ୍ତିଙ୍କୁ ବାହାର କରିପାରିବେ କିନ୍ତୁ ଜଣେ ବ୍ୟକ୍ତିଙ୍କ ମଧ୍ୟରୁ ଆମାଜନକୁ ବାହାର କରିପାରିବେ ନାହିଁ। ଏପରିକି ସମଗ୍ର ଆମାଜନ ଟିମ୍ ସୁଗମ ୱେବ୍‌ସାଇଟ୍ ପରିଚାଳନା ଓ ଦକ୍ଷ ଅର୍ଡର ପ୍ରୋସେସିଂ ସୁନିଶ୍ଚିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିଥାଏ।


## Classified Everyday
**0674-2580101, 2549949**



### REAL ESTATE

### SALE

30ft. Road, Boundary, Gharabari plot sale, East College, Nakhara. 9776866520. D-75978

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895. D-808

Apartment sale near Sum Hospital, Malipada, Bhubaneswar sqft.- 4200/-, Contact- 9777433701. D-75975

SC plot sale at Bagchi Cancer Hospital backside- 2000sqft.- 30,00,000. 6372753860. D-75972

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital ଏବଂ Grand Bazar, NH-16ରୁ ଅଳ୍ପ ଦୂରତାରେ ଘରବାଡ଼ି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 8249422604 । D-75977

### ACCOMMODATION

Free Accommodation for Senior Citizens and Mentally ill person with all facilities. Contact- 9337160036, 7326991853. D-782




Relax, refresh your body, mind by expert therapist. Contact: 9938843929. D-768

Fully relaxed body massage trained therapist. Central SPA. 9556483961. D-75763

### AFFIDAVIT

By virtue an affidavit before Notary Public, dtd. 20 July 2024 has been changed from Ranjulata Chaini to Rajani Chaini, D/o- Kapil Chaini, At- Kunjar, Pipili, Puri for all purposes. D-806

By virtue an affidavit before Notary Public, dtd. 20 July 2024 has been changed from Sandhya Rani Sahoo to Pramila Sahoo, W/o- Purna Chandra Sahoo, At- Pokhariput, Khordha for all purposes. D-807

By virtue of an affidavit sworn before the Executive Magistrate, Junagarh, dated 5.7.2024, I, Sabita Khosla, W/o- Aditya Sen, R/o- Village Haldigarh, P.O.- Karlapada, Dist.- Kalahandi, Odisha declare that I have changed my son's name from Sen Kumar to Amar Sen. Henceforth he shall be known as Amar Sen for all purposes.
Sabita Khosla
D-803

By virtue of an affidavit sworn before the Executive Magistrate, Junagarh, dated 5.7.2024, I, Sabita Khosla, W/o- Aditya Sen, R/o- Village Haldigarh, P.O.- Karlapada, Dist.- Kalahandi, Odisha declare that I have changed my daughter's name from Sushree Ashriya Aparajita to Aparajita Sen. Henceforth she shall be known as Aparajita Sen for all purposes.
Sabita Khosla
D-804

By virtue of an affidavit sworn before the Executive Magistrate, Junagarh, dated 5.7.2024, I, Sabita Khosla, W/o- Aditya Sen, R/o- Village Haldigarh, P.O.- Karlapada, Dist.- Kalahandi, Odisha declare that I have changed my son's name from Vinit Kumar to Abhaya Sen. Henceforth he shall be known as Abhaya Sen for all purposes.
Sabita Khosla
D-805

### LEGAL NOTICE

ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଦାଲତ, ୟୁନିଟ୍-୫, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର-୧୪୦୭/୨୦୨୨

ଶ୍ରୀ ବିଶ୍ୱନାଥ ପାତ୍ର .....ବାଦୀ

ବନାମ

ପବିତ୍ର ମୋହନ ଦାଶ ଏବଂ ଅନ୍ୟମାନେ ...ପ୍ରତିବାଦୀମାନେ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା-

୧) ପ୍ରତିବାଦୀ ନଂ.-୨, ପ୍ରଫୁଲ୍ଲ କୁମାରୀ ଷଡ଼ଙ୍ଗୀ, ସ୍ୱା- ବଂଶୀଧର ଷଡ଼ଙ୍ଗୀ, ପିତା- ବାସୁ ଦାଶ, ଗ୍ରାମ/ପୋ- ଘାଟିକିଆ, ଥାନା- ଭରତପୁର, ଜିଲ୍ଲା- ଖୋର୍ଦ୍ଧା, ୨) ପ୍ରତିବାଦୀ ନଂ.-୫, ପଦ୍ମାବତୀ ଦାଶ, ପିତା- ୰ଲିଙ୍ଗରାଜ ଦାଶ, ଗ୍ରାମ/ପୋ- ଘାଟିକିଆ, ଥାନା- ଭରତପୁର, ଜିଲ୍ଲା- ଖୋର୍ଦ୍ଧା, ୩) ପ୍ରତିବାଦୀ ନଂ.-୬, ଦୁଃଖୀଶ୍ୟାମ ଦାଶ, ପିତା- ୰ଲିଙ୍ଗରାଜ ଦାଶ, ଗ୍ରାମ/ପୋ- ଘାଟିକିଆ, ଥାନା- ଭରତପୁର, ଜିଲ୍ଲା- ଖୋର୍ଦ୍ଧା, ୪) ପ୍ରତିବାଦୀ ନଂ.-୭, ରମାମଣୀ ପାତ୍ର, ସ୍ୱା- ବିଶ୍ୱନାଥ ପାତ୍ର, ପ୍ଲଟ୍ ନଂ.-୫୩୭/୩୯୮୫, ପାରାଦୀପ କଲୋନୀ, ଶଙ୍କରପୁର, ମହାବୀର ନଗର, ପୋ- ଖଣ୍ଡଗିରି, ଥାନା- ଭରତପୁର, ଜିଲ୍ଲା- ଖୋର୍ଦ୍ଧା, ସ୍ଥାୟୀ ଠିକଣା- ଗ୍ରା/ପୋ- ମୟୂରଝାଲିଆ, ଥାନା- ରଣପୁର, ଜି- ନୟାଗଡ଼

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଦାଲତରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ପ୍ରତିବାଦୀ ନଂ.-୨ ଏବଂ ୬ଙ୍କର ମୃତ୍ୟୁ ହୋଇଯାଇଥିବାରୁ ଫେରସ୍ତ ଆସିଅଛି, ସେହିପରି ପ୍ରତିବାଦୀ ନଂ.-୫ ଏବଂ ୭ ବିଭିନ୍ନ କାରଣ ଦର୍ଶାଇ ନୋଟିସ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଦାଲତ, ୟୁନିଟ-୫, ଭୁବନେଶ୍ୱର, ଇଜଲାସରେ ଆସନ୍ତା ତା୧୯।୦୯।୨୦୨୪ରିଖ ଦିବା ୧୦.୩୦ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା(୫୫), ମୌଜା- ଶଙ୍କରପୁର

ସାବକ

ଖାତା ନମ୍ବର- ୩୯୬, ପ୍ଲଟ୍ ନମ୍ବର- ୯୧୧, କିସମ- ଶାରଦ-୨, ରକବା- ଏ୦.୫୫୦ଡି. ସ୍ୱଧରୁ ଏ୦.୦୫୦ଡି., ସ୍ୱତ୍ୱ- ସ୍ଥିତିବାନ

ହାଲ

ଖାତା ନମ୍ବର- ୪୬୬, ପ୍ଲଟ୍ ନମ୍ବର- ୫୩୭, କିସମ- ଶାରଦ ଅଣ ଜଳସେଚିତ-୨, ରକବା- ଏ୦.୧୫୫ଡି. ସ୍ୱଧରୁ ଏ୦.୦୫୦ଡି., ସ୍ୱତ୍ୱ- ସ୍ଥିତିବାନ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା.

ଭୁବନେଶ୍ୱର

ସ୍ୱା./- ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଆଦେଶ ଅନୁଯାୟୀ
Under Secretary Board of Revenue, Odisha, Cuttack

ଧ-୮୦୧

### ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇଂ ଭୀମଚରଣ ସାମଲ

ତଳସାହି, ଲକ୍ଷ୍ମୀସାଗର, ଭୁବନେଶ୍ୱର

ଆବିର୍ଭାବ: ୧୪।୦୮।୧୯୩୯
ତିରୋଧାନ: ୧୨।୦୭।୨୦୨୪

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଅଶେଷ ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୮୦୨


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା ଲାୟନ୍ସ ଚାମ୍ପିୟନ



ଓସିଏଲ୍-୨୦୨୪ ଚାମ୍ପିୟନ ଓଡ଼ିଶା ଲାୟନ୍ସ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ। (ଫଟୋ: ରାଜକିଶୋର ମହାନ୍ତି)

## ଓସିଏଲ୍ ୨୦୨୪

**ଭୁବନେଶ୍ୱର,୨୧।୭(ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ଓଡ଼ିଶା କ୍ରିକେଟ ଲିଗ୍(ଓସିଏଲ୍)ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଓଡ଼ିଶା ଲାୟନ୍ସ। ରବିବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ଲାୟନ୍ସ ୯ ରନ୍‌ରେ ଓଡ଼ିଶା ଟାଇଗର୍ସଙ୍କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଲାୟନ୍ସ ୮ ଉଇକେଟ ହରାଇ ୧୫୫ ରନ୍ କରିଥିଲା। ଜବାବରେ ଟାଇଗର୍ସ ୮ ଉଇକେଟ ହରାଇ ୧୪୬ ରନ୍ କରି ପାରିଥିଲା। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଓ ଅଲିମ୍ପିକ୍ ଆସୋସିଏଶନ ଅଫ ଓଡ଼ିଶା(ଓଓଏ) ସମ୍ପାଦକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥି ଓ ଓଓଏ ସମ୍ପାଦକ ଅଭିଜିତ୍ ପଲ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଓସିଏ ପକ୍ଷରୁ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଓ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଲାୟନ୍ସ ପକ୍ଷରୁ ଅନୁରାଗ ଷଡଙ୍ଗୀ ୨୮ ବଲ୍‌ରୁ ୪୧ ରନ୍ କରିଥିଲେ। ଏହି ଇନିଂସରେ ୩ ଚୌକା ଓ ୨ ଛକା ସାମିଲ ଥିଲା। ତେବେ ଶେଷ ଆଡକୁ ଉଇକେଟ କିପର ବ୍ୟାଟର ପ୍ରବୀଣ କୁମାର ଲୁହା ଧୂଆଁଧାର ୪୩ ରନ୍ କରିବାରୁ ଲାୟନ୍ସ ୧୫୫ ରନରେ ପହଞ୍ଚିଥିଲା। ପ୍ରବୀଣ ୨୪ ବଲ୍ ଖେଳି ୪ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସୂର୍ଯ୍ୟକାନ୍ତ ପ୍ରଧାନ ୧୭ ରନ୍ କରିଥିଲେ। ଟାଇଗର୍ସ ପକ୍ଷରୁ ତାରିଣୀ ସ'୪, ସୁମିତ ଶର୍ମା ୨, ଆଶୁତୋଷ ମାର୍ଣ୍ଣି ଓ ଦୀନେଶ ଶ୍ରୀବାସ୍ତବ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

୧୫୬ ରନ୍ ବିଜୟ ଲକ୍ଷ୍ୟରେ ବ୍ୟାଟିଂ ଆରମ୍ଭ କରିଥିବା ଟାଇଗର୍ସ ୧୬ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଟୁକୁନା ସାହୁ(୪୪) ଓ ବିଶ୍ୱଭୂଷଣ ବିହାରୀ(୫୫) ଚତୁର୍ଥ ଉଇକେଟରେ ୬୬ ରନ୍ ଯୋଡିଥିଲେ। ଟୁକୁନା ୪୫ ବଲ୍‌ର ଧିମା ଇନିଂସରେ ୧ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟପକ୍ଷରେ ବିହାରୀ ୩୫ ବଲ୍‌ର ଇନିଂସରେ ୪ ଚୌକା ଓ ୩ ଛକା ମାରିଥିଲେ। ଏହି ୨ ଖେଳାଳି ଆଉଟ ହେବା ପରେ ଟାଇଗର୍ସ ଇନିଂସ ଦିଗହରା ହୋଇ ଯାଇଥିଲା। ଲାୟନ୍ସ ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ, ପ୍ରଦୀପ ପ୍ରଧାନ ଦୁଇଟି ଲେଖାଏ, ପପ୍ପୁ ରାୟ, ରାହୁଲ ଚୌଧାରୀ ଓ ସୁମିତ ମହାରଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବିସ୍ଫୋରକ ଇନିଂସ ପାଇଁ ପ୍ରବୀଣ କୁମାର ଲୁହାଙ୍କୁ ପ୍ଲେୟର ଅଫ ଦ ଫାଇନାଲ ଘୋଷଣା କରାଯାଇଥିଲା। ଓଡ଼ିଶା ଟାଇଗର୍ସଙ୍କୁ ଫେୟାର ପ୍ଲେ ଆୱାର୍ଡ ମିଳିଥିବା ବେଳେ ଓଡ଼ିଶା ଟାଇଗର୍ସର ତାରିଣୀ ସ'ଙ୍କୁ ଶ୍ରେଷ୍ଠ ବୋଲର, ଓଡ଼ିଶା ଚିତାସ୍‌ର ଶ୍ରେୟଂସ ଭରଦ୍ୱାଜ ଶ୍ରେଷ୍ଠ ବ୍ୟାଟର ଓ ଓଡ଼ିଶା ଲାୟନ୍ସର ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ଲାୟନ୍ସ ୨୦ ଓଭରରେ ୧୫୫/୮(ପ୍ରବୀଣ କୁମାର ଲୁହା-୪୩, ଅନୁରାଗ ଷଡଙ୍ଗୀ -୪୧, ସୂର୍ଯ୍ୟକାନ୍ତ ପ୍ରଧାନ-୧୭, ତାରିଣୀ ସ'-୪/୩୧, ସୁମିତ ଶର୍ମା-୨/୧୬, ଦୀନେଶ ଶ୍ରୀବାସ୍ତବ-୧/୨୫)। ଓଡ଼ିଶା ଟାଇଗର୍ସ ୨୦ ଓଭରରେ ୧୪୬/୮(ବିଶ୍ୱଭୂଷଣ ବିହାରୀ-୫୫, ଟୁକୁନା ସାହୁ-୪୪, ସୌମ୍ୟ ବିଶ୍ୱାଳ-୧୬, ସୂର୍ଯ୍ୟକାନ୍ତ ପ୍ରଧାନ-୨/୨୪, ପ୍ରଦୀପ ପ୍ରଧାନ-୨/୨୦, ପପ୍ପୁ ରାୟ-୧/୨୦)।

# ପୋଗାକାର ଜିତିଲେ ଟୁର୍ ଡି' ଫ୍ରାନ୍ସ

**ପ୍ୟାରିସ, ୨୧।୭**



ଟୁର୍ ଡି' ଫ୍ରାନ୍ସ ଟାଇଟଲ ବିଜୟୀ ଟାଡେଜ ପୋଗାକାର।

ସ୍ଲୋଭେନିଆର ଟାଡେଜ ପୋଗାକାର ୨୧ତମ ଷ୍ଟେଜ ସହ ଚଳିତ ବର୍ଷର ଟୁର୍ ଡି' ଫ୍ରାନ୍ସ ରେସ୍ ଜିତିଛନ୍ତି। ଏଥର ସେ ପ୍ରତିଯୋଗିତାର ୬ଟି ଷ୍ଟେଜ ଜିତିବାରେ ସମର୍ଥ ହୋଇଛନ୍ତି। ସମାନ ବର୍ଷରେ ଦୁଇଟି ବଡ଼ ସାଇକ୍ଲିଂ ରେସ୍ ଟୁର୍ ଡି' ଫ୍ରାନ୍ସ ଓ ଗିରୋ ଡି' ଇଟାଲିଆ ଜିତିବାରେ ୧୯୯୮ରେ ଇଟାଲୀର ମାର୍କୋ ପାଣ୍ଟାନିଙ୍କ ପରେ ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି। ଫ୍ରେଞ୍ଚ୍ ରାଜଧାନୀ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଚଳାଇଥିବାରୁ ୧୯୦୩ ପରେ ଟୁର୍‌ର ଫିନାଲେ ପ୍ୟାରିସ ବାହାରେ ଅନୁଷ୍ଠିତ ହୋଇଥିଲା। ରବିବାର ଏହି ବିଜୟ ଦ୍ୱାରା ପୋଗାକାର ତୃତୀୟ ଥର ପାଇଁ ଟୁର୍ ଡି' ଫ୍ରାନ୍ସ ଜିତିବାରେ ସଫଳ ହୋଇଛନ୍ତି। ଏଥିସହିତ ଓଭର ଅଲ୍ ଦୁଇଥର ବିଜେତା ଡେନମାର୍କର ଜୋନାସ ଭିଙ୍ଗେଗାର୍ଡଙ୍କଠାରୁ ତାଙ୍କ ଅଗ୍ରଣୀ ବ୍ୟବଧାନ ୬ ମିନିଟ୍ ୧୭ସେକେଣ୍ଡ ବୃଦ୍ଧି ପାଇଛି। ପଦାର୍ପଣକାରୀ ବେଲଜିୟମର ରେମକୋ ଇଭେନପୋଏଲ ଷ୍ଟେଜ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜେନେରାଲ କ୍ଲାସିଫିକେଶନରେ ସେ ପୋଡିୟମ ଫିନିଶ କରିଥିଲେ। ପ୍ରଥମ ସପ୍ତାହରେ ସେଣ୍ଟ ଭଲଭାସଠାରେ ମାର୍କ କାଭେଣ୍ଡିସଙ୍କ ରେକର୍ଡ ୩୫ତମ ଷ୍ଟେଜ ବିଜୟ ୨୦୨୪ ସଂସ୍କରଣ ସ୍ମରଣୀୟ ହୋଇ ରହିବ। ଏହି କିମ୍ବଦନ୍ତୀ ବ୍ରିଟିଶ ସ୍ପ୍ରିଣ୍ଟର ତାଙ୍କ ଟାଇମ୍ ଟ୍ରାଏଲ ପରେ ଚଳିତ ବର୍ଷର ଟୁର୍ ତାଙ୍କର ଶେଷ ରେସ୍ ବୋଲି କହିଥିଲେ। ପୋଗାକାର ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିବା ଲକ୍ଷ୍ୟରେ ଅଛନ୍ତି। ସ୍ଲୋଭେନିଆନ ରାଇଡର ଟୁର୍ ଡି' ଫ୍ରାନ୍ସରେ ଏହା ପୂର୍ବରୁ ୨୦୨୦ ଓ ୨୦୨୧ରେ ଓଭରଅଲ୍ କ୍ଲାସିଫିକେଶନରେ ବିଜୟ ହାସଲ କରିଥିଲେ। ସେ ଏଥର ଆହୁରି ମଧ୍ୟ ବେଷ୍ଟ କ୍ଲାଇମ୍ବର ହିସାବରେ ପୋଲ୍‌କା ଡଟ୍ ଜର୍ସି ଏବଂ ବେଷ୍ଟ ୟଙ୍ଗ ରାଇଡର ଭାବେ ସେ ହ୍ୱାଇଟ ଜର୍ସି ପାଇଛନ୍ତି।

# ଭାରତ ୭୮ ରନ୍‌ରେ ବିଜୟୀ

**ଡାମ୍ବୁଲା,୨୧।୭(ପି.ଟି.)**

ମହିଳା ଏସିଆ କପ୍ କ୍ରିକେଟ ଟି୨୦ରେ ରବିବାର ୟୁଏଇ ବିପକ୍ଷରେ ଭାରତ ୭୮ ରନ୍‌ରେ ବିଜୟ ହାସଲ କରିଛି। ପ୍ରଥମ ଥର ଭାରତ ମହିଳା ଟି୨୦ରେ ୨୦୦ ରନ୍ ସ୍କୋର କରିବା ସହ କ୍ରମାଗତ ମ୍ୟାଚ୍‌ରେ ବିଜୟୀ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୧ ରନ୍ କରିଥିଲା। ଜବାବରେ ୟୁଏଇ ୨୦ ଓଭରରେ ୭ ଉଇକେଟରେ ୧୨୩ ରନ୍‌ରେ ସୀମିତ ରହିଥିଲା।

## ମହିଳା ଏସିଆ କପ୍

### ଟି୨୦ରେ ପ୍ରଥମ ଥର ୨୦୦ ପାର

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପକ୍ଷରୁ ଶେଫାଳି ବର୍ମା ଦ୍ରୁତ ଆରମ୍ଭ କରି ୧୮ ବଲ୍‌ରୁ ୩୭ ରନ୍ କରିଥିଲେ। ଅଧିନାୟିକା ହରମନ୍‌ପ୍ରୀତ୍ କୌର(୬୬) ଓ ପ୍ଲେୟର ଅଫ୍ ଦ ମ୍ୟାଚ୍ ରିଚା ଘୋଷ (୬୪*) ରନ୍ କରିଥିଲେ। ହରମନ୍‌ପ୍ରୀତ ୪୭ ବଲ୍ ଖେଳି ୭ଚୌକା ଓ ୧ ଛକା ମାରି ୨୦ ତମ ଓଭରର ପ୍ରଥମ ବଲରେ ରନ୍‌ଆଉଟ ହୋଇଥିଲେ। ଅନ୍ୟ ପକ୍ଷରେ ରିଚା ୨୯ ବଲ୍ ଖେଳି ୧୨ ଚୌକା ଓ ୧ ଛକା ମାରିଥିଲେ। ୟୁଏଇ ପକ୍ଷରୁ ଅଫସ୍ପିନର କଭିଶା ଏଡୋଗେଡ ୨ ଉଇକେଟ ନେଇଥିଲେ।

ଜବାବରେ ୟୁଏଇ ୧୨୩/୭ରେ ସୀମିତ ରହିଥିଲା। ଦଳ ପକ୍ଷରୁ କଭିଶା ଏଡୋଗେଡ ଅପରାଜିତ ୪୦ ଓ ଇଶା ରୋହିତ ଓଝା ୩୮ ରନ୍ କରିଥିଲେ। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିଲେ।



ରିଚା ଘୋଷ

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୦୧/୫ (ହରମନ୍‌ପ୍ରୀତ କୌର-୬୬, ରିଚା ଘୋଷ-୬୪*, ଶେଫାଳି ବର୍ମା-୩୭, କଭିଶା ଏଡୋଗେଡ୍-୨/୩୬)। ୟୁଏଇ ୨୦ ଓଭରରେ ୧୨୩/୭ (କଭିଶା ଏଡୋଗେଡ -୪୦*,ଇଶା ରୋହିତ ଓଝା-୩୮, ଦୀପ୍ତି ଶର୍ମା-୨/୨୩,ତନୁଜା କଓଁର-୧/୧୪, ପୂଜା ବସ୍ତ୍ରକାର-୧/୨୭)।

# ୨୭ରୁ ରାଜ୍ୟସ୍ତରୀୟ ସିନିୟର ଚେସ୍

**ଢେଙ୍କାନାଳ,୨୧।୭ (ରତନ ନାୟାର):** ୬୪ତମ ଓଡ଼ିଶା ରାଜ୍ୟ ସିନିୟର ଫିଡେ ରେଟିଂ ଓପନଚେସ୍ ପ୍ରତିଯୋଗିତା ୨୦୨୪ ଆସନ୍ତା ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ମହିଷାପାଟସ୍ଥିତ ହୋଟେଲ ନିରୁପମା ପରିସରରେ ଅନୁଷ୍ଠିତ ହେବ। ଢେଙ୍କାନାଳ ଜିଲା ଚେସ୍ ଆସୋସିଏଶନ ସହାୟତା ଏବଂ ସର୍ବଭାରତୀୟ ଚେସ୍ ଫେଡେରେଶନର ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜନ ହେବ। ରବିବାର ଅପରାହ୍ନରେ ଢେଙ୍କାନାଳ ସହରସ୍ଥିତ ହୋଟେଲ ଆର୍‌କେ ରିଜେନ୍ସି ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସମ୍ପାଦକ ଦେବବ୍ରତ ଭଞ୍ଜ ଏ ନେଇ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରୁ ଚୟନ ହେବାକୁ ଥିବା ୪ଜଣ ପ୍ରତିଯୋଗୀ ଆସନ୍ତା ଅଗଷ୍ଟ ୧୫ରୁ ହରିୟାଣାଠାରେ ହେବାକୁ ଥିବା ଜାତୀୟ ଚେସ୍ ପ୍ରତିଯୋଗିତାରେ ଭାଗନେବେ। ଢେଙ୍କାନାଳ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ପ୍ରତିଯୋଗିତାରେ ମୋଟ ୫୦ ହଜାର ଟଙ୍କା ଅର୍ଥ ରାଶିର ପୁରସ୍କାର ରଖାଯାଇଛି। ପ୍ରତିଯୋଗିତା ପାଇଁ ୬୦୦ ଟଙ୍କା ପ୍ରବେଶିକା ଦେୟ ରଖାଯାଇଛି। ଢେଙ୍କାନାଳ ଜିଲାର ଖେଳାଳିଙ୍କ ପାଇଁ ୪୦୦ ଟଙ୍କା ପ୍ରବେଶିକା ଦେୟ ରହିଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୧୫୦ରୁ ୨୦୦ ମଧ୍ୟରେ ପ୍ରତିଯୋଗୀ ଭାଗନେବେ ବୋଲି ସୂଚନା ଦିଆଯାଇଛି। ପ୍ରତିଯୋଗିତାରେ ଆର୍ବିଟର ଭାବରେ ତାପସ ମହାନ୍ତି, ଭବେଶ ମହାନ୍ତି ଓ ସନ୍ତୋଷ କୁମାର ମହାପାତ୍ର ଯୋଗଦେବେ। ବାହାରୁ ଆସୁଥିବା ଖେଳାଳିଙ୍କ ପାଇଁ ରହିବା ବ୍ୟବସ୍ଥା କରାଯାଇଛି।

# ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଚେସ୍ ଖେଳାଳିଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ହେବା ଅବସରରେ ଚେସ୍ ଖେଳାଳିମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।

**କଟକ,୨୧।୭(କାର୍ତ୍ତିକ ସାହୁ)**

ବିଶ୍ୱ ଚେସ୍ ଦିବସ ଉପଲକ୍ଷେ ରବିବାର ରାଜ୍ୟର ୩ ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଚେସ୍ ଖେଳାଳିଙ୍କୁ ଲିଙ୍କ ହସ୍‌ପିଟାଲର ସଭାଗୃହରେ ସମ୍ବର୍ଦ୍ଧିତ କରାଯାଇଛି। ସାତ୍ତ୍ୱିକ ସ୍ୱାଇଁ (୧୫୬୭), ନୈନିକା ସାହୁ(୧୫୧୨) ଓ ଅଦ୍‌ଭିକ ଆଦିତ୍ୟ ସ୍ୱାଇଁ(୧୫୦୧)ଙ୍କୁ ସମ୍ମାନିତ କରାଯାଇଥିଲା। ଆଇଏସ୍ ଚେସ୍ ସେଣ୍ଟର ଓ ଭାରତ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ଖେଳାଳିମାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇଥିଲା। ମୁଖ୍ୟବକ୍ତା ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଖେଳାଳିମାନଙ୍କୁ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ। କଟକ ଜିଲା ଚେସ୍ ସଂଘର ପୂର୍ବତନ ସଭାପତି ଅସିତ୍ ମୁଖାର୍ଜୀ, ରାଜ୍ୟ ଚେସ୍ ସଂଘର ସମ୍ପାଦକ ଦେବବ୍ରତ ଭଞ୍ଜ, ସିଡ଼ିସିଏ ସଭାପତି ବିବେକ ଟିବରେୱାଲ, ସାମାଜକ କର୍ମୀ ମନୋଜ କୁମାର ପତି ଅତିଥି ଭାବେ ଯୋଗଦେଇଥିଲେ। ଆଡ୍‌ଭୋକେଟ ପ୍ରଦୀପ ପଟ୍ଟନାୟକ, ଜାତିସଂଘର ମାନବ ଅଧିକାର ପ୍ରତିନିଧି ଦ୍ୱୀପାୟନ ପଟ୍ଟନାୟକ, ଲିଙ୍କ ଚକ୍ଷୁ ଚିକିତ୍ସାଳୟର ମୁଖ୍ୟ ଆଲୋକ କୁମାର ସାହୁ, ଆଇଏସ୍ ଚେସ୍ ସେଣ୍ଟର ନିର୍ଦ୍ଦେଶକ ମାନସ ପାଣି, କୋଚ୍ ଶଙ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସୋନାଲି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତର କୁଶ ମାଇନି ଜିତିଲେ ଫର୍ମୁଲା-୨ ସ୍ପ୍ରିଣ୍ଟ ରେସ୍

**ବୁଦାପେଷ୍ଟ, ୨୧।୭ (ପି.ଟି.)**

ଭାରତର କୁଶ ମାଇନି ହଙ୍ଗେରିଆନ ଗ୍ରାଁ ପ୍ରିରେ ତାଙ୍କର ପ୍ରଥମ ଥର ଫର୍ମୁଲା-୨ ରେସ୍ ଜିତିଛନ୍ତି। ରେସ୍‌ର ପ୍ରକୃତ ବିଜେତା ଥିଲେ ରିଚାର୍ଡ ଭର୍ଚୁର। ମାତ୍ର ବୈଷୟିକ ତ୍ରୁଟି ଯୋଗୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଟପ୍ ପୋଡିୟମ ଫିନିଶ ଯୋଗୁ ଏହି ୨୩ବର୍ଷୀୟ ଇନ୍‌ଭିକ୍ଟା ରେସିଂ ଡ୍ରାଇଭର ତାଙ୍କ ସିଜନ ପଏଣ୍ଟ ସଂଖ୍ୟାରେ ଆଉ ୧୦ ପଏଣ୍ଟ ଯୋଗ କରିଛନ୍ତି। ହୁଙ୍ଗାରୋରିଂରେ ଏହି ବିଜୟ ଦ୍ୱାରା ମାଇନି ଫର୍ମୁଲା-୨ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ୬୬ ପଏଣ୍ଟ ସହ ମର୍ସିଡିଜ ଡ୍ରାଇଭର କିମି ଆଣ୍ଟୋନେଲିଙ୍କୁ ଅତିକ୍ରମ କରିଯାଇଛନ୍ତି। ୨୦୨୪ ଫର୍ମୁଲା-୨ ଗ୍ରିଡ୍ ମଇଦାନରେ ଅବତୀର୍ଣ୍ଣ ହୋଇଥିବା ଏକମାତ୍ର ଭାରତୀୟ ଡ୍ରାଇଭରଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ସିଜନ ବୋଲି କୁହାଯାଉଛି। ୫ଟି ପୋଡିୟମ ଫିନିଶ ସହ ସେ ଗୋଟିଏ ରେସ୍‌ରେ ବିଜୟ ଲାଭ କରିପାରିଛନ୍ତି।

## ଫୁରସତ୍

# ଉଦାସ ଭାଲୁ ସହ ସେଲ୍‌ଫି ନିଅନି

**ଫ୍ଲୋରିଡା**



ଆମେରିକାର ଫ୍ଲୋରିଡା ରାଜ୍ୟର ସାଣ୍ଟା ରୋଜା ବେଳାଭୂମି ନିକଟସ୍ଥ ୯୮ ନମ୍ବର ରାଜପଥର ଉତ୍ତର ପାର୍ଶ୍ୱରେ ଥିବା ଏକ ଟେଲିଫୋନ୍ ପୋଲ୍ ନିକଟରେ ଶନିବାର ଏକ କଳାଭାଲୁ ବସିଥିବାର ଦେଖିବାକୁ ମିଳିଥିଲା। ଭାଲୁଟି ଚାପଗ୍ରସ୍ତ ଓ ଉଦାସୀନ ଥିବା ପରି ଜଣାପଡୁଥିଲା। ତେବେ ଏହି ଭାଲୁଟି ଉଦାସୀନ ଭାବରେ ବସିଥିବାରୁ ଏହା ଉକ୍ତ ରାସ୍ତାରେ ଯିବା ଆସିବା କରୁଥିବା ଲୋକଙ୍କର ଧ୍ୟାନ ଆକର୍ଷଣ କରୁଥିଲା। ସ୍ଥାନୀୟ ଲୋକେ ଉକ୍ତ ଭାଲୁର ଫଟୋ ଉଠାଇଥିଲେ ଏବଂ ତା' ସହ ସେଲ୍‌ଫି ନେବା ମଧ୍ୟ ଆରମ୍ଭ କରିଦେଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପୋଲିସ ଉକ୍ତ ସ୍ଥାନରେ ପହଞ୍ଚିବା ସହ ରାସ୍ତାକଡ଼ରେ ଉଦାସ ହୋଇ ବସି ରହିଥିବା ଉକ୍ତ ଭାଲୁର ଫଟୋ କିମ୍ବା ତା' ସହ ସେଲ୍‌ଫି ନ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲା।

## ସ୍ଥାନୀୟ ଲୋକଙ୍କୁ ଫ୍ଲୋରିଡା ପୋଲିସର ନିବେଦନ

ଭାଲୁଟି ଚାପଗ୍ରସ୍ତ, ଉଦାସୀନ ଥିବା ପରି ଜଣାପଡୁଥିଲା ଏବଂ ଲୋକମାନେ ତା' ସହ ଫଟୋ ଉଠାଉଥିଲେ ମଧ୍ୟ ସେ ଏଥିପାଇଁ ଆଗ୍ରହ ଦେଖାଉ ନ ଥିଲା ବୋଲି ଫ୍ଲୋରିଡା ପୋଲିସର ଜଣେ ଅଧିକାରୀ କହିଛନ୍ତି। ପୋଲିସର ଅନୁରୋଧ କ୍ରମେ ସ୍ଥାନୀୟ ଲୋକେ ଉକ୍ତ ଉଦାସୀନ ଭାଲୁ ନିକଟକୁ ଯିବା ବନ୍ଦ କରିଥିଲେ। ଏହାପରେ ପୋଲିସ ଫ୍ଲୋରିଡା ମତ୍ସ୍ୟ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ଆୟୋଗ(ଏଫ୍‌ଡବ୍ଲ୍ୟୁସି)କୁ ଘଟଣାସ୍ଥଳକୁ ଡକାଇଥିଲା। ତେବେ ଏଫ୍‌ଡବ୍ଲ୍ୟୁସି ପହଞ୍ଚିବା ବେଳକୁ ଉକ୍ତ ଭାଲୁ ସେହି ଅଞ୍ଚଳ ଛାଡ଼ି ନିକଟସ୍ଥ ଜଙ୍ଗଲକୁ ଚାଲି ଯାଇଥିଲା।

ତେବେ ଲୋକମାନେ ଉକ୍ତ ଭାଲୁ ସହ ଉଠାଇଥିବା ଫଟୋକୁ ଦେଖିଲେ ଭାଲୁଟି ଆହତ ହୋଇନାହିଁ ବୋଲି ଜଣାପଡ଼ିଛି। ହୁଏତ ଭାଲୁଟି ଅତ୍ୟଧିକ ଗରମ ଯୋଗୁ ଆଗକୁ ବଢିବା ପୂର୍ବରୁ ଉକ୍ତ ସ୍ଥାନରେ କିଛି ସମୟ ବିଶ୍ରାମ ନେଉଥିଲା ବୋଲି ଏକ ବିବୃତିରେ ଏଫ୍‌ଡବ୍ଲ୍ୟୁସି କହିଛି। ସାଧାରଣତଃ ବସନ୍ତ ଓ ଗ୍ରୀଷ୍ମ ଋତୁରେ ଫ୍ଲୋରିଡାର ବିଭିନ୍ନ ସ୍ଥାନରେ କଳାଭାଲୁଙ୍କୁ ବହୁଳ ଭାବେ ଦେଖିବାକୁ ମିଳିଥାଏ। ଏଫ୍‌ଡବ୍ଲ୍ୟୁସିର ଆକଳନ ଅନୁଯାୟୀ ଫ୍ଲୋରିଡାର ଜଙ୍ଗଲରେ ପ୍ରାୟ ୪,୦୫୦ କଳାଭାଲୁ ବସବାସ କରନ୍ତି। ତେବେ ଉଦ୍ଦେଶ୍ୟମୂଳକ ଭାବେ ଭାଲୁଙ୍କୁ ଖାଇବାକୁ ଦେବା ଫ୍ଲୋରିଡାରେ ବେଆଇନ ହୋଇଥିବା ଏଫ୍‌ଡବ୍ଲ୍ୟୁସି କହିଛି।

# ୩ ବର୍ଷ ଧରି ସିଙ୍ଗଲ ଅଛନ୍ତି ସୁସ୍ମିତା

**ମୁମ୍ବାଇ**



ବଲିଉଡ୍‌ର ପ୍ରସିଦ୍ଧ ଅଭିନେତ୍ରୀ ତଥା ପୂର୍ବତନ ବ୍ରହ୍ମାଣ୍ଡ ସୁନ୍ଦରୀ ସୁସ୍ମିତା ସେନ୍ ଗତ ତିନିବର୍ଷ ଧରି ସିଙ୍ଗଲ ଅଛନ୍ତି। ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କ ପୋଡ୍‌କାଷ୍ଟ 'ଚାପ୍ଟର ୨'ର ପ୍ରଥମ ଏପିସୋଡ୍‌ରେ ସାକ୍ଷାତ୍‌କାର ଦେଇ ସୁସ୍ମିତା ଏପରି କହିଛନ୍ତି। ସେ ଏବେ ସିଙ୍ଗଲ ଅଛନ୍ତି ଏବଂ ତାଙ୍କ ପାଇଁ କୌଣସି ସାଥୀ ଖୋଜୁ ନାହାନ୍ତି ବୋଲି ରିୟାଙ୍କ ଏକ ପ୍ରଶ୍ନର ଉତ୍ତରରେ ସୁସ୍ମିତା କହିଛନ୍ତି। ସେହିପରି ପୂର୍ବତନ ପ୍ରେମିକ ତଥା ମଡେଲ ରୋହମାନ ଶାଲ୍‌ଙ୍କ ସହ ତାଙ୍କୁ ନେଇ ହେଉଥିବା ଚର୍ଚ୍ଚା ଉପରେ ସୁସ୍ମିତା ବିରାମ ଲଗାଇଛନ୍ତି। ଜଣେ ବନ୍ଧୁ ଭାବରେ କେତେକ ପ୍ରସଙ୍ଗରେ ସେ ରୋହମାନଙ୍କ ସହ ନଜର ଆସିଛନ୍ତି ବୋଲି ସେ କହିଛନ୍ତି। ସମ୍ପ୍ରତି ତାଙ୍କ ଜୀବନରେ କୌଣସି ପୁରୁଷ ନାହାନ୍ତି ଏବଂ ସେ ବର୍ତ୍ତମାନ କୌଣସି ପୁରୁଷଙ୍କ ସହ ରିଲେଶନ୍‌ଶିପ୍‌ରେ ମଧ୍ୟ ରହିବାକୁ ଚାହୁଁ ନ ଥିବା ଏହି ସାକ୍ଷାତ୍‌କାରରେ ସୁସ୍ମିତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସୁସ୍ମିତା ନିଜର ପୂର୍ବତନ ପ୍ରେମିକ ରୋହମାନଙ୍କ ସହ ୫ ବର୍ଷ ଧରି ରିଲେଶନ୍‌ଶିପ୍‌ରେ ଥିବା ସହ ଡେଟ୍ କରିଆସୁଥିଲେ। ୨୦୨୧ରେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଥିଲା। ବ୍ରେକ୍‌ଅପ୍ ପରେ ମଧ୍ୟ ଉଭୟଙ୍କୁ କେତେକ ପାର୍ଟି ଏବଂ ଇଭେଣ୍ଟରେ ଏକାଠି ଦେଖିବାକୁ ମିଳିଛି। ସୁସ୍ମିତାଙ୍କୁ ଶେଷଥର ପାଇଁ ଡିଜ୍‌ନି ପ୍ଲସ୍ ହଟ୍‌ଷ୍ଟାର୍‌ରେ ଷ୍ଟ୍ରିମିଂ ହୋଇଥିବା 'ଆର୍ଯ୍ୟା ଅନ୍ତିମ ବାର୍' ସିରିଜରେ ଦେଖିବାକୁ ମିଳିଥିଲା।

# ୧୧୭ ଟଙ୍କାରେ ହୋଟେଲ ରୁମ୍

**ପେଶାୱର**

୧୫୯ଟି ଦେଶ ପରିଦର୍ଶନ କରି ସାରିଥିବା ନେଦରଲ୍ୟାଣ୍ଡର ଟମ୍ ନାମକ ଜଣେ ଲୋକପ୍ରିୟ ଟ୍ରାଭେଲ ବ୍ଲଗର ଏବେ ପାକିସ୍ତାନ ଗସ୍ତରେ ରହିଛନ୍ତି। ଟମ୍ ତାଙ୍କର ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ କ୍ଲିପ୍ ପୋଷ୍ଟ କରିଛନ୍ତି। ସେ ଏହି ପୋଷ୍ଟ'ର କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ବୋଧହୁଏ ବିଶ୍ୱର ସବୁଠାରୁ ଶସ୍ତା ହୋଟେଲ ପାକିସ୍ତାନରେ ରହିଛି। ପେଶାୱରରେ ଥିବା ଏକ ହୋଟେଲରେ ମାତ୍ର ୧.୪ ଆମେରିକୀୟ ଡଲାର(୧୧୭ ଟଙ୍କା)ରେ ରୁମ୍ ଉପଲବ୍ଧ ରହିଛି। ଏହି ଭିଡିଓରେ, ହୋଟେଲ ରୁମ୍‌ର ଦାମ୍ ମାତ୍ର ୧୧୭ ଟଙ୍କା ଜାଣି ଟମ୍ ଆଶ୍ଚର୍ଯ୍ୟ ଚକିତ ହୋଇ ଯାଉଛନ୍ତି। ଉକ୍ତ ହୋଟେଲ ରୁମ୍ ମଧ୍ୟରେ ଏକ ଛୋଟ ଟିଭି, ଗୋଟିଏ ଫ୍ୟାନ୍ ଓ ୨ଟି ଛୋଟ ଶଯ୍ୟା ଥିବା ନେଇ ଟମ୍ ପୋଷ୍ଟ କରିଥିବା ଭିଡିଓରେ ଦେଖିବାକୁ ମିଳିଛି। ଭିଡିଓରେ ଟମ୍ ପ୍ରଶଂସକମାନଙ୍କ ସହ ଏହି ହୋଟେଲରେ ରହିବାର ନିଜ ଅନୁଭୂତିକୁ ବାଣ୍ଟିଛନ୍ତି। ଏତେ କମ ମୂଲ୍ୟରେ ମଧ୍ୟ ସେ ଏହି ହୋଟେଲରୁ ଆଶାଠାରୁ ବହୁ ଅଧିକ ପାଇଥିବା ଟମ୍ କହିଛନ୍ତି।

# ଖୋର୍ଦ୍ଧା–ଭୁବନେଶ୍ୱର ଚାମ୍ପିୟନ

**ଭୁବନେଶ୍ୱର, ୨୧ାଠ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ ପରିସରରେ ରାଜ୍ୟ ସନ୍ତରଣ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଖୋର୍ଦ୍ଧା–ଭୁବନେଶ୍ୱର ଚାମ୍ପିୟନ ଏବଂ ସମ୍ବଲପୁର ରନରଅପ୍ ହୋଇଛି। ମହିଳା ବିଭାଗରେ ପ୍ରତ୍ୟାଶା ରାୟ ଓ ସୃଷ୍ଟି ଉପାଧ୍ୟାୟ ଯୁଗ୍ମ ଚାମ୍ପିୟନ ହୋଇଛନ୍ତି। ସେହିପରି ବାଳିକା ଗ୍ରୁପ୍–୧ରେ ମନ୍ନତା ମିଶ୍ର, ଗ୍ରୁପ–୨ରେ ଚିନ୍ମୟୀ ବେହେରା(ଭୁବନେଶ୍ୱର) ଓ ଶ୍ରୀଜିତା ମହାକୁର (ସମ୍ବଲପୁର) ଓ

**ରାଜ୍ୟ ସନ୍ତରଣ ପ୍ରତିଯୋଗିତା ଉଦ୍‌ଯାପିତ**

ଗ୍ରୁପ୍–୩ରେ ମ୍ରିଗ୍ୟଙ୍କା ପୃଷ୍ଟି (ସମ୍ବଲପୁର) ଚାମ୍ପିୟନ ହୋଇଛନ୍ତି। ପୁରୁଷରେ ଅଂଶୁମାନ ବଶିଷ୍ଠ(କଟକ) ଓ ଯଯାତ ଗୁପ୍ତା(ଭୁବନେଶ୍ୱର) ଯୁଗ୍ମ ଚାମ୍ପିୟନ ହୋଇଛନ୍ତି। ଗ୍ରୁପ୍–୧ରେ ଅଂଶୁମାନ ବଶିଷ୍ଠ (କଟକ) ଓ ଯଯାତ ଗୁପ୍ତା (ଭୁବନେଶ୍ୱର) ଯୁଗ୍ମ ଚାମ୍ପିୟନ ହୋଇଥିବାବେଳେ ଗ୍ରୁପ୍–୨ରେ ଅବିନଭ କୁମାର ସିଂ (ଭୁବନେଶ୍ୱର) ଓ ଯଥାର୍ଥ ଦେବ ପଣ୍ଡା (କିସ୍) ଯୁଗ୍ମ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଗ୍ରୁପ୍–୩ରେ ଚାମ୍ପିୟନ ହୋଇଛନ୍ତି ଶିବାଂଶ ଶତପଥୀ (ସମ୍ବଲପୁର)। ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ସଭାପତି ପ୍ରଦୀପ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ହକି ପ୍ରମୋଶନ କାଉନସିଲ ଅଫ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି ଏବଂ ଏମସିଏଲ୍ ଏବଂ ସେଲ୍‌ର ପୂର୍ବତନ ନିର୍ଦ୍ଦେଶକ ହିମାଂଶୁ ଶେଖର ପତି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।



ଓଭରଅଲ୍ ଚାମ୍ପିୟନ ଖୋର୍ଦ୍ଧା–ଭୁବନେଶ୍ୱର ଦଳର ସନ୍ତରଣକାରୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ପ୍ୟାରିସ୍ ସୁରକ୍ଷାରେ ଏଆଇ, ଜେଟ୍

**ପ୍ୟାରିସ୍,୨୧ାଠ(ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ନିକଟତର ହୋଇ ଆସୁଥିବା ବେଳେ ଏହାକୁ ନେଇ ଫ୍ରାନ୍ସ ରାଜଧାନୀରେ ଉତ୍କଣ୍ଠା ବୃଦ୍ଧି ପାଇବାରେ ଲାଗିଛି। ପ୍ରଥମଥର ପାଇଁ ଅଲିମ୍ପିକ୍ସ ଉଦ୍‌ଘାଟନୀ ସମାରୋହ ସିନ୍ ନଦୀ ମଧ୍ୟରେ ହେବ। ଏହାକୁ ନେଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି ଫ୍ରାନ୍ସ ପ୍ରଶାସନ। ପ୍ରଥମ ଥର ପାଇଁ କୌଣସି ଅଲିମ୍ପିକ୍ସର ସୁରକ୍ଷା ବ୍ୟବସ୍ଥାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ)ର ବ୍ୟବହାର କରାଯାଇଛି। ଏହା ସହିତ ଜେଟ୍ ଓ ବିଶାଳ ପ୍ୟାରିସ୍ ପୋଲିସ ଓ ମିଲିଟାରିର ମଧ୍ୟ ବ୍ୟବହାର କରାଯାଇଛି। ପୋଲିସ ଓ ମିଲିଟାରି ପକ୍ଷରୁ ସିନ୍ ନଦୀର ଉଭୟ ପାର୍ଶ୍ୱକୁ ଲୁହାର ଚଦରରେ ଆଚ୍ଛାଦିତ କରାଯାଇଛି। ଫ୍ରାନ୍ସର ବିଶାଳ ପୋଲିସ ଓ ମିଲିଟାରି ଉପରେ ବୋଝ ଆହୁରି ବଢ଼ିବାକୁ ଯାଉଛି। ଅନେକ ସମୟରେ କଠୋରପନ୍ଥୀଙ୍କ କାରଣରୁ ହିଂସାର ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ବର୍ତ୍ତମାନ ୟୁକ୍ରେନ ଓ ଗାଜାରେ ଚାଲିଥିବା ଯୁଦ୍ଧ ଆହୁରି ସଙ୍କଟଜନକ ପରିସ୍ଥିତି ସୃଷ୍ଟି କରିଛି।

**ପ୍ୟାରିସ୍ ଅଲିମ୍ପିକ୍ସ**

PARiS 2024

**ଆଉ ୪ ଦିନ**

୨୦୧୨ ଲଣ୍ଡନ ଓ ୨୦୧୬ ରିଓ ଡି ଜେନେରିଓରେ ଅଲିମ୍ପିକ୍ସ ସାଧାରଣତଃ ସହର ବାହାରେ ଅନୁଷ୍ଠିତ ହେଉଥିଲା। ତେବେ ପ୍ୟାରିସ୍ ଆୟୋଜକମାନେ ସହର ମଝିରେ ଏହି ଇଭେଣ୍ଟ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ୧୦,୫୦୦ ଆଥଲେଟ ଓ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା ଚିନ୍ତାର କାରଣ ପାଲଟିଛି। ଏହା ସହ ଫ୍ରାନ୍ସରେ ସାଇବର ଆଟାକର ସମ୍ଭାବନାକୁ ନେଇ ଚିନ୍ତାରେ ଅଛନ୍ତି ଆୟୋଜକ। ନଜର ରଖିବା ପାଇଁ ଏଆଇର ବ୍ୟବହାର ହେଉଥିବା ବେଳେ ଏହା ହ୍ୟାକ ହେବାର ସମ୍ଭାବନା ରହିଛି। ୩.୫ ମାଇଲର ନଦୀ ଉପରେ ଓପନିଙ୍ଗ ସେରିମନି ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଜଟିଳ କରିଛି।

ଟୁର୍ନାମେଣ୍ଟ ସୁରକ୍ଷା ବ୍ୟବସ୍ଥାରେ ୪୫ ହଜାର ପୋଲିସ ଓ ୧୦ ହଜାର ମିଲିଟାରି ସୈନ୍ୟଙ୍କୁ ନିୟୋଜିତ କରାଯାଇଛି। ଏହା ବ୍ୟତୀତ ୪୦ଟି ଦେଶରୁ ଫ୍ରାନ୍ସକୁ ମିଲିଟାରି ସହାୟତା ପ୍ରଦାନ କରାଯାଉଛି। ଏହି ସୈନ୍ୟମାନଙ୍କ ନିକଟରେ କାହାକୁ ଗିରଫ କରିବାର ଶକ୍ତି ରହିବ ନାହିଁ। ତେବେ ସେମାନେ ଚାହିଁଲେ ଅଟକ ରଖିପାରିବେ। ଫ୍ରାନ୍ସ ପକ୍ଷରୁ ଏୟାର ସର୍ଭେଲାନ୍ସ ପାଇଁ ରାଫେଲ ଯୁଦ୍ଧ ବିମାନଗୁଡ଼ିକୁ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ହେଲିକପ୍ଟର ଓ ଡ୍ରୋନ୍‌ର ବ୍ୟବସ୍ଥା ମଧ୍ୟ ରହିଛି। ଗେମ୍ସ ସମୟରେ ପ୍ୟାରିସ୍‌ର ୧୫୦ କି.ମି. ଇଲାକାକୁ ନୋ ଫ୍ଲାଇଂ ଜୋନ୍‌କୁ ପରିବର୍ତ୍ତନ କରାଯାଇଛି।

# ଆର୍ଚେରୀରେ ଭାରତ ଜିତିବ ୩ ପଦକ: ସଞ୍ଜୀବ ସିଂ

**ନୂଆଦିଲ୍ଲୀ,୨୧ାଠ(ପି.ଟି.)**

ଭାରତୀୟ ତୀରନ୍ଦାଜ ଦଳ ପ୍ୟାରିସ୍ ୨୦୨୪ରେ ଅନ୍ୟୁନ ୩ ପଦକ ଜିତିବ ବୋଲି ପୂର୍ବତନ ଅଲିମ୍ପିଆନ ତଥା ସାଇର ହାଇ ପର୍ଫମାନ୍ସ ଡିରେକ୍ଟର ସଞ୍ଜୀବ ସିଂ ମତ ଦେଇଛନ୍ତି। ଭାରତୀୟ ଅର୍ଚର ମାନେ ୫ଟି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସମୁଦାୟ ୬ ଜଣ ଭାରତୀୟ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ପୁରୁଷ ଖେଳାଳିଙ୍କ ମଧ୍ୟରେ ଧୀରଜ ବୋମ୍ମାଦେବରା, ପ୍ରବୀଣ ଯାଦବ, ତରୁଣଦୀପ ରାୟ ଥିବା ବେଳେ ମହିଳା ଖେଳାଳିଙ୍କ ମଧ୍ୟରେ ଅଛନ୍ତି ଦୀପିକା କୁମାରୀ, ଭଜନ କୌର ଓ ଅଙ୍କିତା ଭକତ। ଏହି ଖେଳାଳିଙ୍କ ନିକଟରୁ ଅନ୍ୟୁନ ୩ ପଦକ ଆଶା ରହିଥିବା କହିଛନ୍ତି ସଞ୍ଜୀବ। ୨୦୨୧ ତୁଳନାରେ ଭାରତୀୟ ଦଳର ପ୍ରସ୍ତୁତି ଅତ୍ୟନ୍ତ ଚମତ୍କାର ରହିଛି। ଅଭ୍ୟାସରେ ବିଜ୍ଞାନ ଓ ପ୍ରଯୁକ୍ତି କୌଶଳର ବ୍ୟବହାର ଭାରତୀୟ ଖେଳାଳିଙ୍କୁ ବେଶ ଶକ୍ତିଶାଳୀ କରିଛି। ତେବେ କୋରିଆର କୋଚ୍ ବେକ୍ ଉଙ୍ଗଙ୍କୁ ଆକ୍ରେଡେଶନ ନ ମିଳିବା ଉପରେ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି। ଭାରତୀୟ ଆର୍ଚେରୀ ଦଳ ବର୍ତ୍ତମାନ ପ୍ୟାରିସ୍ ଗେମ୍ସ ଭିଲେଜରେ ଅବସ୍ଥାନ କରୁଥିବା ବେଳେ ବେକ୍ ଉଙ୍ଗ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ଏଭଳି ଘଟଣାକୁ ବେକ୍ ନିନ୍ଦା କରିଛନ୍ତି। ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ମୋତେ ନିଯୁକ୍ତି ମିଳିଥିଲା। ତେବେ ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଦଳକୁ ଏକୁଟିଆ ଛାଡ଼ିବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

# ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ୨୫ରୁ

**ଭୁବନେଶ୍ୱର, ୨୧ାଠ (ବିଜୟ ରଣା)**

ଓଡ଼ିଶା ରାଜ୍ୟ ରାଇଫଲ ସଂଘ ଆନୁକୂଲ୍ୟରେ ଚଳିତ ମାସ ୨୫ରୁ ୨୮ ପର୍ଯ୍ୟନ୍ତ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ୫୦ ମିଟର ଶୁଟିଂ ରେଞ୍ଜ ଓ ଉତ୍କଳ କରାଟେ ସ୍କୁଲ ୧୦ ମିଟର ଶୁଟିଂ ରେଞ୍ଜରେ ତ୍ରୟୋଦଶ ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସଂଘ ସହ ଅନୁବନ୍ଧିତ ୧୫ଟି ଜିଲ୍ଲା ରାଇଫଲ ସଂଘ ଏବଂ ଅନୁବନ୍ଧିତ ରାଇଫଲ ସଂଘର ପ୍ରାୟ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିରୁ ଉତ୍ତୀର୍ଣ୍ଣ ଶୁଟରମାନେ ଆଗାମି ପୂର୍ବାଞ୍ଚଳ ବନ୍ଧୁକଚାଳନା ପ୍ରତିଯୋଗିତା ଏବଂ ଏବଂ ଅଲଇଣ୍ଡିଆ ପ୍ରି–ନ୍ୟାଶନାଲ ପ୍ରତିଯୋଗିତାରେ ଭାଗ ନେଇ ପାରିବେ। ୨୫ ଓ ୨୬ରେ ଫାୟାର ଆର୍ମସ ପ୍ରତିଯୋଗିତା ଯଥା ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଶୁଟିଂ ଓ ୫୦ ମିଟର ରାଇଫଲ ଶୁଟିଂ ପ୍ରତିଯୋଗିତା କଳିଙ୍ଗ ଶୁଟିଂ ରେଞ୍ଜରେ ହେବାକୁ ଥିବା ବେଳେ ୨୭ ଓ ୨୮ ତାରିଖରେ ଏୟାର ରାଇଫଲ ଏବଂ ଏୟାର ପିସ୍ତଲ ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲ ଶୁଟିଂ ରେଞ୍ଜରେ ହେବ। ୨୮ ତାରିଖ ସନ୍ଧ୍ୟାରେ ଉତ୍କଳ କରାଟେ ସ୍କୁଲ ପରିସରରେ ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ।



ଭୁଟାନର ଥିମ୍ପୁଠାରେ ଅନୁଷ୍ଠିତ ଦକ୍ଷିଣ ଏସୀୟ କରାଟେ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ୮ ପଦକ ହାସଲ କରି ରବିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା ଓଡ଼ିଶା କରାଟେକାମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

# ରାଜ୍ୟ ଓପନ ଚେସ୍: ଫକୀର ବିଜେତା

**ଭୁବନେଶ୍ୱର, ୨୧ାଠ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ସୁନ୍ଦରପଦା ଚେସ୍ କ୍ଲବର ମିଳିତ ଆନୁକୂଲ୍ୟରେ ରବିବାର ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୧ଜଣ ଅନ୍ତର୍ଜାତୀୟ ରେଟେଡ ଖେଳାଳି ଅଂଶଗ୍ରହଣ କରିଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ରାୟଗଡ଼ାର ଫକୀର ମାଝି ୬.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। କଟକର ହର୍ଷିତ ରଞ୍ଜନ ସାହୁ ଏବଂ ଭୁବନେଶ୍ୱରର ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧା ସ୍ମରଣୀକା ନନ୍ଦ, ପ୍ରତ୍ୟୁଷ ମହାପାତ୍ର, ରବୀନ୍ଦ୍ର କୁମାର ଓଝା, ଓମ୍ ଆଦିତ୍ୟ ଖାଡ଼ଙ୍ଗା, ଲରେନ୍ସ ପ୍ରଧାନ, ସୃଜନ ପ୍ରଣୟୀ ରାୟ ଓ ଶୁଭେନ୍ଦୁ କୁମାର ପାତ୍ର (ସମସ୍ତେ ୫ ପଏଣ୍ଟ) ଟପ୍–୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୮, ୧୦, ୧୨, ୧୪ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଭୀମସେନ ପ୍ରଧାନ ଓ ସ୍ନେହାଞ୍ଜଳି ପ୍ରଧାନ ଯଥାକ୍ରମେ ଶ୍ରେଷ୍ଠ ଭେଟେରାନ ଓ ଶ୍ରେଷ୍ଠ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଏଜି ଅଫିସର ଅବସରପ୍ରାପ୍ତ ସିନିୟର ଆକାଉଣ୍ଟ୍ସ ଅଫିସର ନଟବର ଦାସ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏଜି ଅଫିସର ସିନିୟର ଆକାଉଣ୍ଟ୍ସ ଅଫିସର ସାରଦା ପ୍ରସନ୍ନ ମହାପାତ୍ର ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

# ସୁଇଜରଲାଣ୍ଡରେ ଟାଇଟଲ ଜିତିଲେ ଭାମ୍ବ୍ରି

**ଜିଷ୍ଟାଡ୍, ୨୧ାଠ(ପି.ଟି.)**

ଭାରତର ଯୁକି ଭାମ୍ବ୍ରି ଓ ତାଙ୍କ ଫ୍ରେଞ୍ଚ ପାର୍ଟନର ଅଲ୍‌ବାନୋ ଓଲିଭେଟ ସୁଇସ ଓପନ ଏଟିପି ଟୁର୍ ଟେନିସ ଟୁର୍ନାମେଣ୍ଟ ପୁରୁଷ ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେମାନେ ଉଗୋ ହୁମ୍ବର୍ଟ ଓ ଫାବ୍ରିସ ମାର୍ଟିନଙ୍କୁ ହରାଇ ଦେଇଛନ୍ତି। ଏହି ଏଟିପି ୨୫୦ କ୍ଲେ କୋର୍ଟ ଟୁର୍ନାମେଣ୍ଟରେ ତୃତୀୟ ସିଡ୍ ମାନ୍ୟତାପ୍ରାପ୍ତ ଭାମ୍ବ୍ରି ଓ ଓଲିଭେଟ୍ ସେମାନଙ୍କ ଫ୍ରେଞ୍ଚ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୩–୬, ୬–୩, ୧୦–୬ରେ ହରାଇ ଦେଇଛନ୍ତି। ୧ ଘଣ୍ଟା ୬ ମିନିଟ ଧରି ଅନୁଷ୍ଠିତ ଏହି ମ୍ୟାଚରେ ଭାମ୍ବ୍ରି ଓ ଓଲିଭେଟ ବିଜୟୀ ହେବା ପୂର୍ବରୁ ଦୁଇ ଯୋଡ଼ି ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ। ୩୨ବର୍ଷୀୟ ଭାମ୍ବ୍ରିଙ୍କର ଏହା ହେଉଛି ତୃତୀୟ ଏଟିପି ଡବଲ୍ସ ଟାଇଟଲ ଏବଂ ଓଲିଭେଟିଙ୍କୁ ସାଥୀ କରି ଏହା ଦ୍ୱିତୀୟ ଟାଇଟଲ।

**ଟେନିସ ହଲ୍ ଅଫ୍ ଫେମ୍**

# ସାମିଲ ହେଲେ ପେସ୍, ଅମୃତରାଜ

**ନ୍ୟୁପୋର୍ଟ, ୨୧ାଠ(ପି.ଟି.):** ଭାରତର କିମ୍ବଦନ୍ତୀ ଟେନିସ ଲିଆଣ୍ଡର ପେସ୍ ଓ ବିଜୟ ଅମୃତରାଜ ରବିବାର ଏସିଆର ପ୍ରଥମ ଦୁଇ ଖେଳାଳି ଭାବେ ଇଣ୍ଟରନ୍ୟାଶନାଲ ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇଛନ୍ତି। ଉଭୟେ ସେମାନଙ୍କ ସମୟରେ ଟେନିସରେ ଅନେକ ଐତିହାସିକ ସଫଳତା ହାସଲ କରିଛନ୍ତି। ୫୧ ବର୍ଷୀୟ ପେସ୍‌ଙ୍କ ସଫଳତା ତାଲିକାରେ ରହିଛି ୧୯୯୬ ଆଟଲାଣ୍ଟା ଅଲିମ୍ପିକ ଗେମ୍ସ ପୁରୁଷ ସିଙ୍ଗଲ୍ସ ବ୍ରୋଞ୍ଜ, ୮ ପୁରୁଷ ଡବଲ୍ସ ଏବଂ ୧୦ ମିକ୍ସଡ ଡବଲ୍ସ ଗ୍ରାଣ୍ଡସ୍ଲାମ ଟାଇଟଲ। ଏହାଛଡ଼ା ଡେଭିସ କପ୍‌ରେ ଅନେକ ସ୍ମରଣୀୟ ବିଜୟ ଦ୍ୱାରା ପ୍ଲେୟର କାଟେଗୋରିରେ ତାଙ୍କୁ ଏହି ବିରଳ ସମ୍ମାନ ମିଳିଛି। ଅନ୍ୟପକ୍ଷରେ ୭୦ବର୍ଷୀୟ ବିଜୟ ଅମୃତରାଜଙ୍କ ସଫଳତା ତାଲିକାରେ ୱିମ୍ବେଲଡନ ଓ ୟୁଏସ୍ ଓପନରେ ଦୁଇଥର ଲେଖାଏ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲ, ୧୯୭୪ ଓ ୧୯୮୭ରେ ଭାରତକୁ ଡେଭିସ କପ୍ ଫାଇନାଲରେ ପ୍ରବେଶ କରାଇବାରେ ପ୍ରମୁଖ ଭୂମିକା ଅନ୍ୟତମ। ସେ ତାଙ୍କ ଶ୍ରେଷ୍ଠ ଫର୍ମରେ ରହିଥିବା ବେଳେ ସିଙ୍ଗଲ୍ସରେ ୧୮ତମ ଏବଂ ଡବଲ୍ସରେ ୨୩ତମ ର୍‍ୟାଙ୍କିଙ୍ଗ ହାସଲ କରିପାରିଥିଲେ। ସେ ଓ ରିଚାର୍ଡ ଇଭାନ୍ସ ହଲ୍ ଅଫ୍ ଫେମ୍‌ର 'କଣ୍ଟ୍ରିବ୍ୟୁଟର କାଟେଗୋରି'ରେ ସ୍ଥାନ ପାଇଛନ୍ତି। ପେସ୍‌ଙ୍କୁ ପ୍ଲେୟର କାଟେଗୋରିରେ ସ୍ଥାନ ମିଳିଛି। ଏହି ୩ଜଣ ସାମିଲ ହେବା ପରେ ହଲ୍ ଅଫ୍ ଫେମ୍‌ରେ ପ୍ରତିନିଧିତ୍ୱ କରୁଥିବା ୨୮ଟି ରାଷ୍ଟ୍ରର କିମ୍ବଦନ୍ତୀଙ୍କ ସଂଖ୍ୟା ବର୍ତ୍ତମାନ ୨୬୭ରେ ପହଞ୍ଚିଥିବା ଇଣ୍ଟରନ୍ୟାଶନାଲ ହଲ୍ ଅଫ୍ ଫେମ୍ ତରଫରୁ ଏକ ବିବୃତିରେ ପ୍ରକାଶ କରାଯାଇଛି। ପେସ୍ ୩୭ ସପ୍ତାହ ଡବଲ୍ସ ବିଶ୍ୱ ର୍‍ୟାଙ୍କିଙ୍ଗରେ ନମ୍ବର–୧ ସ୍ଥାନରେ ରହିପାରିଛନ୍ତି। ସେ ତାଙ୍କ କ୍ୟାରିୟରରେ ୫୪ ଡବଲ୍ସ ଟାଇଟଲ ଜିତିପାରିଛନ୍ତି। ଟେନିସ ଇତିହାସରେ ଯେଉଁ ୩ଜଣ ପୁରୁଷ ଖେଳାଳି ଉଭୟ ବିଭାଗରେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଛନ୍ତି ସେମାନଙ୍କ ମଧ୍ୟରେ ପେସ୍ ହେଉଛନ୍ତି ଅନ୍ୟତମ। କୋଲକାତାର ପେସ୍ ବାର୍ସିଲୋନା ୧୯୯୨ରୁ ରିଓ ୨୦୧୬ ପର୍ଯ୍ୟନ୍ତ କ୍ରମାଗତ ୭ଥର ଅଲିମ୍ପିକ ଗେମ୍ସରେ ଭାଗ ନେଇଛନ୍ତି, ଯାହାକି ଟେନିସ ଇତିହାସରେ ସର୍ବାଧିକ।

# ପିଆଷ୍ଟ୍ରିଙ୍କ ପ୍ରଥମ ଫର୍ମୁଲାୱାନ ରେସ୍ ବିଜୟ

**ବୁଦାପେଷ୍ଟ, ୨୧ାଠ**

ହଙ୍ଗେରିଆନ ଫର୍ମୁଲା ୱାନ୍ ରେସ୍‌ରେ ମ୍ୟାକଲରେନର ଦୁଇ ଡ୍ରାଇଭର ଓସ୍କାର ପିଆଷ୍ଟ୍ରି ଓ ଲାଣ୍ଡୋ ନୋରିସ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ମର୍ସିଡିଜର ଲୁଇସ ହାମିଲଟନ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏକ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍‌ରେ ପୋଲ୍ ସିଟର ନୋରିସଙ୍କ ପଛରେ ଦ୍ୱିତୀୟ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ୨୩ ବର୍ଷୀୟ ଅଷ୍ଟ୍ରେଲିଆନ ଡ୍ରାଇଭର ପିଆଷ୍ଟ୍ରିଙ୍କର ଏହା ହେଉଛି ପ୍ରଥମ ବିଜୟ। ପିଟ୍–ଷ୍ଟପ୍ ଷ୍ଟ୍ରାଟେଜି ପରେ ନୋରିସ ଅଗ୍ରଣୀ ଲାଭ କରିବାରେ ସମର୍ଥ ହୋଇଥିଲେ। ମାତ୍ର ଟିମ୍‌ର ଅନୁରୋଧ ରକ୍ଷା କରି ସେ ତାଙ୍କ ପାର୍ଟନରଙ୍କୁ ରାସ୍ତା ଛାଡ଼ି ଦେଇଥିଲେ। ହାମିଲଟନଙ୍କ କ୍ୟାରିୟରର ଏହାଥିଲା ୨୦୦ତମ କ୍ୟାରିୟର ପୋଡିୟମ ଫିନିଶ। ପଏଣ୍ଟ ଲିଡର ମାକ୍ସ ଭର୍ଷ୍ଟାପେନ୍ ଫେରାରିର ଚାର୍ଲ୍ସ ଲେକରେକଙ୍କ ପଛକୁ ୫ମ ସ୍ଥାନ ଅଧିକାର କରିଥିଲେ। ଫେରାରି ବର୍ତ୍ତମାନ ୩ଟି ରେସ୍‌ରେ ଗୋଟିଏ ହେଲେ ବିଜୟ ହାସଲ କରିବାରେ ସମର୍ଥ ହୋଇପାରି ନାହିଁ। ରେସ୍ ବେଳେ ହାମିଲଟନଙ୍କୁ ଅତିକ୍ରମ କରିବାକୁ ଉଦ୍ୟମ କରିବା ବେଳେ ଦୁହିଁଙ୍କ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ରବିବାର ଅନୁଷ୍ଠିତ ଏହି ରେସ୍‌ରେ ଯଥାକ୍ରମେ ୬ଷ୍ଠରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ସର୍ଗିଓ ପେରେଜ (ରେଡବୁଲ୍), ଜର୍ଜ ରସେଲ (ମର୍ସିଡିଜ), ୟୁକି ଟିସୁନୋଦା (ଆରବି) ଓ ଲାନ୍ସ ଷ୍ଟ୍ରୋଲ (ଆଷ୍ଟନ ମାର୍ଟିନ)। ହଙ୍ଗେରିଆନ ଗ୍ରାଁ ପ୍ରି ପରେ ଡ୍ରାଇଭର୍ସ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ଥାନରେ ଥିବା ଲାଣ୍ଡୋ ନୋରିସ (୧୮୯)ଙ୍କଠାରୁ ଶୀର୍ଷ ସ୍ଥାନରେ ରହିଥିବା ଭର୍ଷ୍ଟାପେନଙ୍କ ଅଗ୍ରଣୀ ବ୍ୟବଧାନ ୭୬ ପଏଣ୍ଟକୁ ହ୍ରାସ ପାଇଛି। ଚାର୍ଲ୍ସ ଲେକ୍‌ରେକ୍ (୧୬୨), କାର୍ଲୋସ ସେଞ୍ଜ (୧୫୪)ଙ୍କ ପଛକୁ ପିଆଷ୍ଟ୍ରି ୫ମ ସ୍ଥାନରେ ରହିଛନ୍ତି।

# ଓଡ଼ିଶା ପୁରୁଷ ବର୍ଗ ଚାମ୍ପିୟନ

**ଭୁବନେଶ୍ୱର,୨୧ାଠ(ସରୋଜ ଜେନା)**

କୋଲକାତାରେ ଅନୁଷ୍ଠିତ ଇଷ୍ଟଜୋନ୍ ହକି ଚାମ୍ପିୟନଶିପ୍ ୨୦୨୪ର ଦ୍ୱିତୀୟ ସଂସ୍କରଣରେ ପୁରୁଷ ବର୍ଗରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଓଡ଼ିଶା। ରବିବାର ଅନୁଷ୍ଠିତ ଫାଇନାଲରେ ଦଳ ଝାଡଖଣ୍ଡକୁ ହରାଇଥିଲା। ସେହିପରି ମହିଳା ବର୍ଗରେ ହକି ଝାଡଖଣ୍ଡ ୪–୩ ପେନାଲ୍ଟି ଶୁଟ ଆଉଟରେ ବେଙ୍ଗଲକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ମହିଳା ବର୍ଗରେ ତୃତୀୟ ସ୍ଥାନ ମ୍ୟାଚ୍‌ରେ ଓଡ଼ିଶା ୪–୩ ପେନାଲ୍ଟି ଶୁଟଆଉଟରେ ମଣିପୁରକୁ ହରାଇଥିବା ବେଳେ ପୁରୁଷ ବର୍ଗର ତୃତୀୟ ସ୍ଥାନ ମ୍ୟାଚରେ ମଣିପୁର

**ଇଷ୍ଟଜୋନ୍ ହକି ଚାମ୍ପିୟନଶିପ୍ ୨୦୨୪**

**ମହିଳା ଦଳକୁ ତୃତୀୟ ସ୍ଥାନ**

୭–୨ରେ ବିହାରକୁ ହରାଇଥିଲା। ରବିବାର ସଲ୍ଟ ଲେକ୍‌ର ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୨–୦ ଗୋଲରେ ଝାଡଖଣ୍ଡକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଆର୍ଯ୍ୟନ୍ ଖେସ୍ (୨୫) ଓ ଦେଓନାଥ ନନୱର(୨୭) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟ କ୍ୱାର୍ଟରରେ ଓଡ଼ିଶା ଦୁଇଟି ଗୋଲ ଦେଇଥିବା ବେଳେ ଅନ୍ୟ ସମସ୍ତ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା। ତୃତୀୟ ସ୍ଥାନ ପ୍ଲେ ଅଫ୍‌ରେ ମଣିପୁର ୭–୨ ଗୋଲରେ ବିହାରକୁ ହରାଇଥିଲା। ମଣିପୁର ପକ୍ଷରୁ ଥୋକଚୋମ ଥଙ୍ଗଲେନ(୧୫), ନିଙ୍ଗୋମବାମ ଅମରଜିତ ସିଂ(୧୬, ୪୦), ଶିଲହେଇବା ଲିସାମ(୨୫, ୫୪), ଖାଙ୍ଗେମ୍ବାମ ସୋମିକାନ୍ତ ସିଂ(୫୦) ଓ ରିକି ଟୋଞ୍ଜାମ(୩୪) ସ୍କୋର କରିଥିଲେ। ବିହାର ପକ୍ଷରୁ ଆକାଶ ଯାଦବ(୧୮) ଓ ଅତୀତ କୁମାର (୨୮) ଗୋଲ ଦେଇଥିଲେ। ମହିଳା ବର୍ଗର ଫାଇନାଲ ନିର୍ଦ୍ଧାରିତ ସମୟରେ ୧–୧ ରହିଥିଲା। ୩୨ ତମ ମିନିଟରେ ଝାଡଖଣ୍ଡର ମୁଣ୍ଡୁ ସୁକରମଣି ଗୋଲ ସ୍କୋର କରିଥିବା ବେଳେ ଏହାର ଦୁଇ ମିନିଟ ପରେ ବେଙ୍ଗଲ ପକ୍ଷରୁ ଲାଲପେକସାଙ୍ଗି ଗୋଲ ପରିଶୋଧ କରିଥିଲେ। ଶୁଟଆଉଟରେ ଉଭୟ ଦଳ ୨ ଥର ଲେଖାଏ ସ୍କୋର କରିଥିଲେ। ସଡନ ଡେଥ୍‌ରେ ଝାଡଖଣ୍ଡ ମ୍ୟାଚକୁ ଜିତି ନେଇଥିଲା। ମହିଳା ବର୍ଗର ତୃତୀୟ ସ୍ଥାନ ପ୍ଲେ ଅଫ୍ ମ୍ୟାଚ୍ ଓଡ଼ିଶା ଓ ମଣିପୁର ମଧ୍ୟରେ ଖେଳା ଯାଇଥିଲା। ନିର୍ଦ୍ଧାରତ ସମୟରେ ମ୍ୟାଚ୍ ଗୋଲଶୂନ୍ୟ ରହିଥିଲା। ପରେ ଶୁଟଆଉଟରେ ଉଭୟ ଦଳ ସ୍କୋର କରିଥିଲେ। ସଡନ ଡେଥ୍‌ରେ ଓଡ଼ିଶା ଅଧିନାୟିକା ଦ୍ରୁପତି ନାୟକ ଓ ସୁପ୍ରିୟା ସ୍କୋର କରି ଓଡ଼ିଶାକୁ ଜିତାଇଥିଲେ।




ପୁରୁଷ ବର୍ଗରେ ଚାମ୍ପିୟନ ଓଡ଼ିଶା ପୁରୁଷ ଦଳ (ଉପର) ଓ ବ୍ରୋଞ୍ଜ ବିଜୟିନୀ ମହିଳା ଦଳ ।

# ୩ ପ୍ରଶିକ୍ଷକଙ୍କ ଥାଇଲାଣ୍ଡ ଯାତ୍ରା



ଏଫଆଇଭିବି ଲେଭଲ–୨ କୋଚିଂ କୋର୍ସ ପାଇଁ ମନୋନୀତ ଓଡ଼ିଶାର ୩ କୋଚ୍।

**ଭୁବନେଶ୍ୱର, ୨୧ାଠ (ତପନ ସ୍ୱାଇଁ)**

ଅନ୍ତର୍ଜାତୀୟ ଭଲିବଲ ମହାସଂଘ (ଏଫ୍ଆଇଭିବି) ପକ୍ଷରୁ ଜୁଲାଇ ୨୩ରୁ ୨୮ ପର୍ଯ୍ୟନ୍ତ ଲେଭଲ–୨ କୋଚିଂ କୋର୍ସ ଥାଇଲାଣ୍ଡରେ ହେବ। ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଓଡ଼ିଶାର ୩ଜଣ ପ୍ରଶିକ୍ଷକଙ୍କୁ ଏଫ୍ଆଇଭିବି ପକ୍ଷରୁ ଡକରା ଆସିଛି। ଏହି ତିନି ଓଡ଼ିଆ ପ୍ରଶିକ୍ଷକ ହେଲେ ରତ୍ନାକର ପାତ୍ର, ଆଶୁତୋଷ ପାତ୍ର ଏବଂ ଦୀୟା ମଜୁମଦାର। ପୂର୍ବରୁ ଲେଭଲ–୧ ଅନ୍ତର୍ଜାତୀୟ ପ୍ରଶିକ୍ଷକ

**ଏଫଆଇଭିବି ଲେଭଲ–୨ କୋଚିଂ କୋର୍ସ**

ଭାବେ ଏମାନେ ମାନ୍ୟତା ହାସଲ କରିସାରିଛନ୍ତି। ରବିବାର ଉପରୋକ୍ତ ତିନି ଓଡ଼ିଆ ପ୍ରଶିକ୍ଷକ ଥାଇଲାଣ୍ଡ ଯାତ୍ରା କରିଛନ୍ତି। ପ୍ରକାଶଥାଉକି, ଆଶୁତୋଷ ଏବଂ ଦୀୟା ହେଉଛନ୍ତି ସ୍ୱାମୀ–ସ୍ତ୍ରୀ। ବିଗତ କିଛି ବର୍ଷ ଧରି ଉଭୟେ ରାଜ୍ୟରେ ଭଲିବଲ କ୍ରୀଡାର ତୃଣମୂଳ ସ୍ତରରୁ ବିକାଶ ଦିଗରେ କାର୍ଯ୍ୟ କରୁଛନ୍ତି।

# ଲାଞ୍ଜ ହଜିବା ରହସ୍ୟ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ଜାପାନସ୍ଥିତ କେଇଓ ବିଶ୍ୱବିଦ୍ୟାଳୟର କିଛି ଜୈବ ଇଞ୍ଜିନିୟର ମଣିଷଠାରେ ଲଗାଇବା ପାଇଁ କୃତ୍ରିମ ଲାଞ୍ଜ ତିଆରି କରିଛନ୍ତି। ଏହାର ନାମ ରଖାଯାଇଛି 'ଆରକ୍ୟୁ'। ଭଲ କରି ଚାଲି ପାରୁ ନ ଥିବା ବୟସ୍କ ଲୋକଙ୍କଠାରେ ଏହା ଲଗାଯାଉଛି। ଫଳରେ ସେମାନେ ପାହାଡ଼ ଚଢ଼ିବାବେଳେ, ଉଚ୍ଚ ସ୍ଥାନକୁ ଗଲାବେଳେ ପଡ଼ିଯିବାରୁ ସୁରକ୍ଷା ମିଳୁଛି। ପୁନଶ୍ଚ ଦୀର୍ଘ ସମୟ ଧରି ବସି ରହିବାକୁ ପଡୁଥିବା ଲୋକଙ୍କର ଅଣ୍ଟାର ଯନ୍ତ୍ରଣା ମଧ୍ୟ ଏହାଦ୍ୱାରା ଉପଶମ ହେଉଛି।''

ମଣିଷ ଭଳି କେତେକଙ୍କୁ ବାଦ୍ ଦେଲେ ଅଧିକାଂଶ ପ୍ରାଣୀଙ୍କର ଲାଞ୍ଜ ହେଉଛି ଏକ ଉପାଦେୟ ଅଂଶ। ଏହାରି ସାହାଯ୍ୟରେ ସେମାନେ ନାନାଦି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରନ୍ତି। ମଶାମାଛିଙ୍କୁ ଘଉଡ଼ାଇବାଠାରୁ ଚାଲିବା ବା ଦଉଡ଼ିବା ବେଳେ ଆଗକୁ ବାହାରି ରହୁଥିବା ମୁଣ୍ଡର ଓଜନ ସହିତ ସମତୁଲତା ରକ୍ଷାକରିବା, ମାଛ ଆଦି ଜଳଜୀବମାନଙ୍କୁ ପହଁରିବା ପାଇଁ ଏବଂ ପକ୍ଷୀମାନଙ୍କୁ ଉଡ଼ିବା ଆଦିରେ ଏହା ସାହାଯ୍ୟ କରେ। କୁମ୍ଭୀର ଆଦି କେତେକ ପ୍ରାଣୀ ସେମାନଙ୍କର ଲାଞ୍ଜରେ ଚର୍ବି ବା ସ୍ନେହସାର ସଞ୍ଚୟ କରି ରଖିଥାଆନ୍ତି। ଖାଦ୍ୟ ନ ମିଳିବା ସମୟରେ ସେମାନେ ଏହାକୁ ଶକ୍ତିର ଉତ୍ସ ରୂପେ ବ୍ୟବହାର କରନ୍ତି। ଗଛରେ ବାସ କରୁଥିବା ମାଙ୍କଡ଼ ଭଳି ପ୍ରାଣୀଙ୍କୁ ଡାଳରୁ ଡାଳ ଗଲା ବେଳେ ଏହା ମଧ୍ୟ ସେମାନଙ୍କ ଶରୀରକୁ ସମତୁଲ ହୋଇ ରହିବାରେ ସାହାଯ୍ୟ କରେ। ତେଣୁ ସେମାନେ ତଳେ ପଡ଼ିଯାଆନ୍ତି ନାହିଁ।

ମାଙ୍କଡ଼ ବା ପ୍ରାକ୍-ମଣିଷ (Ape) ଉଭୟ ହେଲେ ମଣିଷର ପୂର୍ବପୁରୁଷ। ଅନ୍ୟ ଭାଷାରେ କହିବାକୁ ହେଲେ ସେମାନେ ତା' ବିବର୍ତ୍ତନୀୟ ପରିବାର ବୃକ୍ଷର ଅଂଶବିଶେଷ। ଏହି ତିନି ଶ୍ରେଣୀର ଜୀବଙ୍କ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଭେଦତା ହେଲା ଯେ ମାଙ୍କଡ଼ର ଲାଞ୍ଜ ଥିବା ବେଳେ ଅନ୍ୟ ଦୁଇଟିର ଲାଞ୍ଜ ନାହିଁ। ସମ୍ଭବତଃ ଆଜକୁ ପ୍ରାୟ ୨୫ ନିୟୁତ ବର୍ଷ ପୂର୍ବେ ଆମ ପୂର୍ବପୁରୁଷ, ଅର୍ଥାତ୍ ପ୍ରାଗ୍-ମଣିଷ ଏହି ଅଙ୍ଗଟି ହରାଇଥିଲେ। ବିବର୍ତ୍ତନ ହେତୁ ଏପରି ଘଟିଲା ବୋଲି ବୈଜ୍ଞାନିକମାନଙ୍କର ମତ ପ୍ରଚଳିତ ହୋଇ ଆସିଛି ଡାର୍‌ଉଇନ୍‌ଙ୍କ ଯୁଗରୁ।



ଏଥି ଅନୁଯାୟୀ ମାଙ୍କଡ଼ ହେଲା ଚତୁଷ୍ପଦ ପ୍ରାଣୀ। ଅଧିକାଂଶ ସମୟରେ ଏହା ବୃକ୍ଷରେ ବାସ କରେ। ତାକୁ ଡାଳରୁ ଡାଳ ଡେଇଁ ଯା'ଆସ କରିବାକୁ ପଡ଼େ। ଏ କାର୍ଯ୍ୟରେ ଲାଞ୍ଜ ତାକୁ ସହାୟକ ହୋଇଥାଏ। ତେବେ ପ୍ରାଗ୍-ମଣିଷ ସୃଷ୍ଟି ହେଲା ବେଳକୁ ଆଫ୍ରିକାର ଅନେକ ଅଞ୍ଚଳ ଶୁଷ୍କ ହେବାକୁ ଲାଗିଲା। ଏହାର ଗଛଗୁଡ଼ିକ ଅପେକ୍ଷାକୃତ ସାନ ହେଲା। ପ୍ରାଗ୍-ମଣିଷକୁ ଏଥିରୁ ଫଳ ସଂଗ୍ରହ କରିବାକୁ ଭୂମି ଉପରେ ଦୁଇଗୋଡ଼ରେ ଠିଆ ହେବାକୁ ପଡ଼ିଲା। ଧୀରେ ଧୀରେ ସେ ଏମିତି ଚାଲିବା ମଧ୍ୟ ଦେଖିଲେ। ଏଣୁ ତା'ର ଲାଞ୍ଜର ଆବଶ୍ୟକତା ପଡ଼ିଲା ନାହିଁ। ତା'ପରେ ଆଜକୁ ପ୍ରାୟ ୬.୫ ନିୟୁତ ବର୍ଷ ପୂର୍ବେ ଆସିଲା ମଣିଷ। ପ୍ରାଗ୍-ମଣିଷ ଚାଲିବାରେ ଉଭୟ ଚାରି ଗୋଡ଼ ଏବଂ ଦୁଇ ଗୋଡ଼ ବ୍ୟବହାର କରୁଥିଲା। ହେଲେ ମଣିଷ ଭୂମି ଉପରେ ଦୁଇ ଗୋଡ଼ରେ ସିଧା ଠିଆ ହୋଇଥିଲା। ଏହା ତାକୁ ପ୍ରାଗ୍-ମଣିଷଠାରୁ ଭିନ୍ନ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଲା। ତା'ପରେ ସେ ମଧ୍ୟ ହାତରେ କାମ କରିବାକୁ ଲାଗିଲା। ଏଣୁ ଲାଞ୍ଜ ସମ୍ପୂର୍ଣ୍ଣ ଅଦରକାରୀ ହୋଇପଡ଼ିଲା। ସେଥିପାଇଁ ବିବର୍ତ୍ତନୀୟ ନିର୍ବାଚନ ତାକୁ ଲୋପ କରିଦେଲା। ତଥାପି ଗର୍ଭାଶୟରେ ଥିବା ବେଳେ ମଣିଷର ଭ୍ରୂଣଠାରେ ଲାଞ୍ଜଟିଏ ରହୁଛି। ଜନ୍ମ ହେବା ବେଳକୁ ତାହା ଉଭେଇ ଯାଉଛି ସିନା, ହେଲେ ମେରୁଦଣ୍ଡର ଶେଷ ଭାଗରେ ରହିଯାଉଛି ଲାଞ୍ଜ ହାଡ଼ ସ୍ୱରୂପ କିଛି ଅଂଶ।



ପ୍ରାଗ୍-ମଣିଷ ଏବଂ ମଣିଷଠାରୁ ଲାଞ୍ଜ ଉଭେଇ ଯିବାର କାରଣ ମୂଳରେ ଜିନୀୟ ଧ୍ରୁବୀକରଣ ଥିବା ମତ ଦେଉଛନ୍ତି ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ଇଟାନି ୟାନାଇ ଏବଂ ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ବୋ' ସ୍କିଆ। ଚଳିତବର୍ଷ ଫେବୃଆରୀରେ ପ୍ରକାଶିତ ଏକ ବିବରଣୀରେ ମାଙ୍କଡ଼ର ଲାଞ୍ଜ ଥିଲା ବେଳେ ପ୍ରାଗ୍-ମଣିଷ (ଏପ୍) ଏବଂ ମଣିଷର କାହିଁକି ତାହା ରହିଲା ନାହିଁ ସେ ବିଷୟରେ ସ୍କିଆ ସୂଚନା ଦେଇଛନ୍ତି। ଏକ ପରୀକ୍ଷାରେ ସେ ଏବଂ ତାଙ୍କର ସହଯୋଗୀମାନେ ଏହି ତିନିଶ୍ରେଣୀୟ ଜୀବଙ୍କ ଜିନୀୟ ଅନୁକ୍ରମମାନ ତୁଳନା କରିବାରୁ ପ୍ରାଗ୍-ମଣିଷ ଓ ମଣିଷଠାରେ ଗୋଟିଏ ଅଧିକ ଅନୁକ୍ରମ ଥିବାର ଚିହ୍ନଟ କରିଛନ୍ତି। ଏହାକୁ 'ଇନ୍‌ସେରସନ' (Insertion) ବୋଲି କୁହାଯାଇଛି। ଲାଞ୍ଜ ସୃଷ୍ଟି ପାଇଁ ଦାୟୀ ହୋଇଥିବା 'TXBT' ନାମକ ଜିନ୍‌ରେ ଏହା ଥିବାର ଦେଖାଯାଉଛି, ଯାହାକି ମାଙ୍କଡ଼ଙ୍କଠାରେ ନାହିଁ। ବୋଧହୁଏ ଏହାହିଁ ପ୍ରାଗ୍-ମଣିଷ ଏବଂ ମଣିଷମାନଙ୍କଠାରେ ଲାଞ୍ଜ ସୃଷ୍ଟି ହେବାକୁ ଦିଏ ନାହିଁ ବୋଲି ସେମାନେ ମନେକରନ୍ତି। ଏ ପ୍ରକାର ଜିନୀୟ ଧ୍ରୁବୀକରଣ ପ୍ରକ୍ରିୟାକୁ ବିବର୍ତ୍ତନର ପ୍ରଭାବ ତ୍ୱରାନ୍ୱିତ କରିଥିବାର ଅନୁମାନ କରାଯାଏ। ତାଙ୍କ ପରୀକ୍ଷାରେ ଏହି ଫଳାଫଳକୁ ନିଶ୍ଚିତ କରିବା ଲାଗି ସ୍କିଆ ଏବଂ ସହଯୋଗୀମାନେ କିଛି ଜିନ୍ ପରିବର୍ତ୍ତିତ ମୂଷାମାନଙ୍କଠାରେ 'ଇନ୍‌ସେରସନ୍' ପ୍ରତିରୋପଣ କରିଥିଲେ। ଏହାଦ୍ୱାରା ସେମାନଙ୍କଠାରେ ଲାଞ୍ଜ ସୃଷ୍ଟି ହେବା ପ୍ରଭାବିତ ହେଲା। ତହିଁରୁ କେତେକ ବିନା ଲାଞ୍ଜରେ ଜନ୍ମ ଗ୍ରହଣ କଲେ।

ସ୍କିଆ ବିଶ୍ୱାସ କରନ୍ତି ଯେ, ଗରିଲା, ସିମ୍ପାଞ୍ଜି ଆଦି ପ୍ରାଗ୍-ମଣିଷଠାରେ ଲାଞ୍ଜ ହରାଇବା ପ୍ରକ୍ରିୟା ଆଜକୁ ପ୍ରାୟ ୨୫ ନିୟୁତ ବର୍ଷ ପୂର୍ବେ ଘଟିଥିଲା ଏବଂ ତତ୍‌ପରେ ସୃଷ୍ଟି ହେଲା ମଣିଷ। ତାଙ୍କ ମତରେ ଏପରି ଲାଞ୍ଜ ହରାଇବା ତା' ପାଇଁ କେବଳ ସୁବିଧାଜନକ ହୋଇନାହିଁ, ଏଥିପାଇଁ ତାକୁ ମୂଲ୍ୟ ମଧ୍ୟ ଦେବାକୁ ପଡ଼ିଛି। ଜିନ୍ ଶରୀରରେ ବହୁବିଧ ଜୈବିକ ପ୍ରକ୍ରିୟାକରଣକୁ ପ୍ରଭାବିତ କରେ। ଏଣୁ ଏହି ଗୋଟିଏ କ୍ରିୟାବିଧି ପାଇଁ ସୁବିଧା ସୃଷ୍ଟି ହୁଏତ ଅନ୍ୟ କେଉଁଠି କୁପ୍ରଭାବ ପକାଇ ପାରିଥାଏ। ମୂଷାମାନଙ୍କଠାରେ ହୋଇଥିବା ପରୀକ୍ଷାରେ ଦେଖାଯାଉଥିଲା ଯେ, 'TXBT' ଜିନ୍‌ରେ 'ଇନସେରସନ୍' ଥିବା ଲାଞ୍ଜବିହୀନ ମୂଷାଙ୍କର କିଛିଟା ସ୍ନାୟବିକ ତ୍ରୁଟି ରହିଛି। 'ସ୍ପାଇନା ବିଫିଡା' ବୋଲି କୁହାଯାଉଥିବା ଏହି ତ୍ରୁଟି ୧୦୦୦ ଜଣରେ ଜଣେ ନବଜାତ ଶିଶୁଠାରେ ପରିଲକ୍ଷିତ ହେଉଛି। ଏହା ହେଉଛି ଏପରି ଏକ ଅବସ୍ଥା, ଯେଉଁଥିରେ ମେରୁଦଣ୍ଡ ଠିକ୍ ରୂପେ ଗଢ଼ି ହୋଇ ନ ଥାଏ। ଅତଏବ ତାହା ସ୍ନାୟବିକ ବ୍ୟବସ୍ଥାକୁ ପ୍ରଭାବିତ କରେ।

ଏଠାରେ ସୂଚନାଯୋଗ୍ୟ ଯେ, ଜାପାନସ୍ଥିତ କେଇଓ ବିଶ୍ୱବିଦ୍ୟାଳୟର କିଛି ଜୈବ ଇଞ୍ଜିନିୟର ମଣିଷଠାରେ ଲଗାଇବା ପାଇଁ କୃତ୍ରିମ ଲାଞ୍ଜ ତିଆରି କରିଛନ୍ତି। ଏହାର ନାମ ରଖାଯାଇଛି 'ଆରକ୍ୟୁ'। ଭଲ କରି ଚାଲି ପାରୁ ନ ଥିବା ବୟସ୍କ ଲୋକଙ୍କଠାରେ ଏହା ଲଗାଯାଉଛି। ଫଳରେ ସେମାନେ ପାହାଡ଼ ଚଢ଼ିବା ବେଳେ, ଉଚ୍ଚ ସ୍ଥାନକୁ ଗଲା ବେଳେ ପଡ଼ିଯିବାରୁ ସୁରକ୍ଷା ମିଳୁଛି। ପୁନଶ୍ଚ ଦୀର୍ଘ ସମୟ ଧରି ବସି ରହିବାକୁ ପଡୁଥିବା ଲୋକଙ୍କର ଅଣ୍ଟାର ଯନ୍ତ୍ରଣା ମଧ୍ୟ ଏହାଦ୍ୱାରା ଉପଶମ ହେଉଛି।

- ଉଷା ନିବାସ,୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ : ୯୯୩୭୩୦୧୪୬୦

## ଅଟିଜମ୍ ପାଇଁ ରୋବୋ ଥେରାପି



ଅଟିଜମ୍ ଏକ ମାନସିକ ରୋଗ। ବିଶେଷଭାବରେ ପିଲାମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ସେମାନଙ୍କର ମାନସିକ ସ୍ଥିତିକୁ ପରିବର୍ତ୍ତନ କରିବା ପାଇଁ ଏକ ନୂଆ ଉପାୟ ଉଦ୍ଭାବନ ହୋଇଛି। ତାହା ହେଲା ରୋବୋ ଥେରାପି। ବର୍ତ୍ତମାନ ଚିକିତ୍ସା ବିଜ୍ଞାନରେ ରୋବୋର ବ୍ୟବହାର ଦିନକୁ ଦିନ ବହୁଳ ହେବାରେ ଲାଗିଛି। ଏହାକୁ ଲକ୍ଷ୍ୟ କରି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ହାଇଟେକ୍ ରୋବୋ ତିଆରି କରିଛନ୍ତି। ଉକ୍ତ ରୋବୋର କାର୍ଯ୍ୟଦକ୍ଷତାକୁ ପରୀକ୍ଷା କରିବା ସମୟରେ ଅଟିଜମ୍ ସମସ୍ୟା ସହ ଜଡ଼ିତ କିଛି ପିଲାଙ୍କୁ ସର୍ଭେ ପରିସରଭୁକ୍ତ କରାଯାଇଥିଲା। ଏହି ପିଲାମାନେ ପ୍ରତିଦିନ କିଛି ସମୟ ଏହି ରୋବୋ ସଂସ୍ପର୍ଶରେ ଆସିଥିଲେ। କିଛି ସପ୍ତାହ ପରେ ସେମାନଙ୍କ ମଧ୍ୟରୁ କେତେକ ପିଲାଙ୍କର ଆଚାର ବ୍ୟବହାରରେ କେତେକାଂଶରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ଉକ୍ତ ଚିକିତ୍ସା ପ୍ରଣାଳୀକୁ ସେମାନେ 'ରୋବୋ ଥେରାପି' ନାମରେ ନାମିତ କରିଛନ୍ତି।

## ଜାଣିରଖନ୍ତୁ...



ସାଧାରଣତଃ ଆମେ କୌଣସି ରୋଗରେ ପୀଡ଼ିତ ହେଲେ ଔଷଧ ଖାଇଥାଉ। ବେଳେବେଳେ ମେଡିସିନ୍ ଷ୍ଟୋର୍‌ରୁ ରୋଗର ଲକ୍ଷଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକ ପସନ୍ଦ କରିଥାଆନ୍ତି। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଅନ୍ୟପକ୍ଷରେ ମନକୁ ମନ କୌଣସି ରୋଗ ପାଇଁ ମେଡିସିନ୍ ଆଣି ଖାଇବା ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଡାକ୍ତରଙ୍କ ସହ ଏ ନେଇ ପରାମର୍ଶ କରିବା ସମୟରେ ଡାକ୍ତର ହିଁ ରୋଗକୁ ଠିକ୍ ଭାବରେ ନିରୂପଣ କରି ତାହାର ନିଦାନ ପାଇଁ ଔଷଧ ଖାଇବାକୁ ପ୍ରେସ୍‌କ୍ରିପସନରେ ଉଲ୍ଲେଖ କରନ୍ତି। ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ମନକୁ ମନ ଔଷଧ ଖାଇବା ବନ୍ଦ କରିଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହିଛି, ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ।

## ଝାଡ଼ାବାନ୍ତିର ପ୍ରତିକାର

ସାଧାରଣତଃ ବର୍ଷାଦିନେ ଥଣ୍ଡା, କାଶ, ଜ୍ୱର, ମ୍ୟାଲେରିଆ, ଡେଙ୍ଗୁ ଆଦି ସ୍ୱାସ୍ଥ୍ୟ ସମସ୍ୟା ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ। ଏହି ଋତୁରେ ଅନ୍ୟ ଏକ ସମସ୍ୟା ହେଉଛି ଝାଡ଼ାବାନ୍ତି। ଦୂଷିତ ପାଣି ଏହାର ମୁଖ୍ୟ କାରଣ। ତେଣୁ ବର୍ଷା ଦିନେ ପାଣିକୁ ଭଲ ଭାବରେ ଫୁଟାଇ ତାହାକୁ ଥଣ୍ଡା କରି ପିଇବା ଦରକାର। ସାଧାରଣତଃ ବର୍ଷାଦିନେ, ଅସାବଧାନତାବଶତଃ ଦୂଷିତ ଜଳ, ମାଛି ବସିଥିବା ଖାଦ୍ୟ, ବାସିଖାଦ୍ୟ ଆଦି ଖାଇବା ଯୋଗୁଁ ଝାଡ଼ାବାନ୍ତି ହୋଇଥାଏ। ଏହାଦ୍ୱାରା ଆକ୍ରାନ୍ତ ହେଲେ ଏକାଧିକ ଥର ଝାଡ଼ା ଏବଂ ବାନ୍ତି ହେବାର ଅଧିକ ଆଶଙ୍କା ରହିଥାଏ। ଏହାକୁ ପ୍ରତିରୋଧ ଏବଂ ପତଳା ଝାଡ଼ାରେ ଶରୀରରୁ ଚାଲିଯାଇଥିବା ଜଳୀୟ ଅଂଶକୁ ଭରଣା କରିବା ନିହାତି ଦରକାର। ତେଣୁ ଏହି ସମୟରେ ଆବଶ୍ୟକ ମୁତାବକ ଚିନି, ଲୁଣ ଲେମ୍ବୁକୁ ଉଷୁମ ପାଣିରେ ମିଶାଇ ପିଅନ୍ତୁ। ଏହାଦ୍ୱାରା ଶରୀରର ଜଳୀୟ ଅଂଶ ସନ୍ତୁଳିତ ରହିଥାଏ। ଏଥିପାଇଁ ଓଆରଏସ୍ ପାଉଡର ପରିଷ୍କାର ଜଳରେ ମିଶାଇ ବାରମ୍ବାର ପିଇବା ଉଚିତ। ଡାଳିମ୍ବ ଗଛର ଅଗପତ୍ର, ପିଜୁଳି ଗଛର ଅଗପତ୍ରର ରସ ଦୁଇରୁ ତିନି ଚାମଚ, ସ୍ୱଚ୍ଛ ଥଣ୍ଡା ଜଳରେ ମିଶାଇ ଦିନରେ ୨-୩ ଥର ସେବନ କଲେ ତରଳ ଝାଡ଼ାକୁ ପ୍ରଶମିତ କରିଥାଏ। ଏହି ସମୟରେ ସଂକ୍ରମିତ ରୋଗୀଠାରୁ ଅନ୍ୟ ସୁସ୍ଥ ବ୍ୟକ୍ତି ଦୂରତା ରକ୍ଷା କରିବା ଦରକାର। ଉକ୍ତ ଋତୁରେ ସଦ୍ୟ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ତା' ସହ ଖାଦ୍ୟକୁ ଭଲଭାବେ ଘୋଡ଼ାଇ ରଖି ଖାଇବା ଉଚିତ। ପରିସ୍ଥିତି ଯଦି ଜଟିଳ ହୁଏ, ତେବେ ବିଳମ୍ବ ନ କରି ନିକଟସ୍ଥ ହସ୍‌ପିଟାଲକୁ ରୋଗୀକୁ ନେଇ ଚିକିତ୍ସା କରାଇବାକୁ ଭୁଲନ୍ତୁ ନାହିଁ। ଏହା ବ୍ୟତୀତ ବର୍ଷାଋତୁରେ ମ୍ୟାଲେରିଆ, ଡେଙ୍ଗୁ ଓ ଝାଡ଼ାବାନ୍ତି ଲକ୍ଷଣ ପ୍ରକାଶ ପାଇବାମାତ୍ରେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀକୁ ନେଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ଉଚିତ। ଏଭଳି ସ୍ୱାସ୍ଥ୍ୟ ସମସ୍ୟାର କାରଣ ଏବଂ ପ୍ରତିକାର ବିଷୟରେ ଜନସାଧାରଣ ସତର୍କ ରହିବା ନିହାତି ଦରକାର।



## ସ୍ୱାସ୍ଥ୍ୟ ସୂଚନା

➢ବର୍ତ୍ତମାନର ଧାଁଦୌଡ଼ ଜୀବନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ଯଦି ବୟସ ୪୦ ଟପିଲାଣି, ତେବେ ନିଜର ବ୍ଲଡ୍‌ପ୍ରେସର, ରକ୍ତରେ ସୁଗାର ପରିମାଣ (ଖାଇବା ପୂର୍ବରୁ, ଖାଇବା ପରେ) ବ୍ୟତୀତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଅନ୍ୟାନ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।



➢ହସିବା ଏକ ଭଲ ବ୍ୟାୟାମ। ଏବେ ଅନେକ ପାର୍କରେ କେତେକ ବ୍ୟକ୍ତିବିଶେଷ 'ଲାଫ୍ଟର କ୍ଲବ' ସ୍ଥାପନା କରିଛନ୍ତି। ସେଥିରେ ନିଜକୁ ସାମିଲ କରନ୍ତୁ।

➢ତଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ତେଣୁ ପ୍ରତିଦିନ କିଛି ଫଳମୂଳ ଖାଆନ୍ତୁ।

➢ଯଦି ଅସୁସ୍ଥ ଅନୁଭବ କରୁଛନ୍ତି, ତେବେ ସେଦିନ ବ୍ୟାୟାମ କରନ୍ତୁ ନାହିଁ। କାରଣ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ପୁଣି ଥରେ ବ୍ୟାୟାମ କରିବା ଆରମ୍ଭ କରନ୍ତୁ।

➢ସ୍ୱାସ୍ଥ୍ୟଜନିତ ସମସ୍ୟା ଉପରେ ନିଜର ଦୃଢ଼ ଅଭିଜ୍ଞତା ନ ଥିଲେ ଏ ନେଇ ଅନ୍ୟମାନଙ୍କୁ ପରାମର୍ଶ ଦିଅନ୍ତୁ ନାହିଁ। ହୁଏତ ସେଗୁଡ଼ିକ ମଧ୍ୟରୁ କେତେକ ଭୁଲ୍ ଥାଇପାରେ, ଯାହାକୁ ଅନୁସରଣ କଲେ ଅନ୍ୟ ଜଣେ ଅସୁବିଧାର ସମ୍ମୁଖୀନ ହେବେ।

➢ସବୁବେଳେ ଗରିଷ୍ଠଜାତୀୟ ଖାଦ୍ୟ ଖାଇବା ଠିକ୍ ନୁହେଁ। ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ହିତକର ସାବ୍ୟସ୍ତ ହୋଇଥାଏ।

➢ଯଦି ଜିମ୍ ଯାଉଛନ୍ତି, ତେବେ ସେହି ସମୟରେ ଖାଦ୍ୟପେୟ ଏବଂ ଏକ ଜୀବନଶୈଳୀ ଅନୁସରଣ କରିବାକୁ ପଡ଼ିଥାଏ। ଏ ନେଇ ଜିମ୍ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।



## ଉପକାରୀ ଡାଳିମ୍ବ

ଡାଳିମ୍ବରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପଯୋଗୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...

- ଭିଟାମିନ୍ 'ସି'ର ଅନ୍ୟତମ ପ୍ରମୁଖ ଉତ୍ସ ହେଉଛି ଡାଳିମ୍ବ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଶରୀର ପାଇଁ ବେଶ୍ ଉପକାରୀ।
- ଏଥିରେ ଏଭଳି ତତ୍ତ୍ୱ ଭରି ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ପାୱାରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ।
- ଡାଳିମ୍ବ ଖାଇଲେ ପାଚନ କ୍ରିୟାକୁ ଆହୁରି ସକ୍ରିୟ କରେ।
- ପେଟଜନିତ କିଛି ସମସ୍ୟା ରହିଛି କି? ଯଦି ହଁ, ତେବେ ନିୟମିତ ଡାଳିମ୍ବ ଖାଇଲେ ସେଥିରୁ କେତେକାଂଶରେ ଉପଶମ ମିଳିଥାଏ।
- ଡାଳିମ୍ବରେ କ୍ୟାନ୍‌ସର ସହ ଲଢ଼ିବା କ୍ଷମତା ମଧ୍ୟ ରହିଛି ବୋଲି ୟୁନିଭର୍ସିଟି ଅଫ ୱାଶିଂଟନର କ୍ୟାନ୍‌ସର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହାକୁ ନିୟମିତ ଖାଇଲେ ଜଣେ କ୍ୟାନ୍‌ସର ରୋଗୀ ଏହାର ଯନ୍ତ୍ରଣାକୁ କେତେକାଂଶରେ ଉପଶମ ଲାଭ କରିଥାଏ।
- ଏଥିରେ ଫଲିକ୍ ଏସିଡ୍ ତତ୍ତ୍ୱ ରହିଛି। ଡାଳିମ୍ବକୁ ଜଣେ ରକ୍ତଚାପ ରୋଗୀ ଦୈନନ୍ଦିନ ଖାଦ୍ୟରେ ସାମିଲ କରିପାରନ୍ତି।
- ରକ୍ତ ସଞ୍ଚାଳନକୁ ଆହୁରି ସକ୍ରିୟ କରିଥାଏ ଡାଳିମ୍ବ।
- ଡାଳିମ୍ବ ଖାଇଲେ ତାହା ଦାନ୍ତକୁ ସୁସ୍ଥ ଏବଂ ମଜଭୁତ ରଖେ।

## ସନ୍ତୁଳିତ ଓଜନ ଲାଗି...



ଆଜିକାଲି ଓଜନ ବୃଦ୍ଧି ବା ଓବେସିଟି ଏକ ସାଧାରଣ କଥା ପାଲଟି ଗଲାଣି। ଖାଦ୍ୟପେୟ, ନିୟମିତ ବ୍ୟାୟାମ ନ କରିବା, ଅସନ୍ତୁଳିତ ଜୀବନଶୈଳୀ ଏହାର କେତୋଟି ପ୍ରମୁଖ କାରଣ। ଓଜନକୁ ନିୟନ୍ତ୍ରଣରେ ନ ରଖିଲେ ତାହା ପରୋକ୍ଷରେ ଆଉ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ତେବେ ଏହା କିପରି ସନ୍ତୁଳିତ ରହିବ ତାହାର ଏକ ସରଳ ଉପାୟ ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଆବଶ୍ୟକ ମୁତାବକ ପାଣି ପିଅନ୍ତି, ତେବେ ତାଙ୍କର ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ। 'ସନ୍ତୁଳିତ ଓଜନ ଏବଂ ପାଣିର ଭୂମିକା' ଶୀର୍ଷକ ବିଷୟ ଉପରେ ସର୍ଭେ କରି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଆବଶ୍ୟକ ମୁତାବକ ପାଣି ନ ପିଅନ୍ତି, ତେବେ ତାହା ଧୀରେ ଧୀରେ ଓଜନ ବୃଦ୍ଧିରେ କେତେକାଂଶରେ ସହାୟକ ହୋଇଥାଏ। ତେଣୁ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବା, ନିୟମିତ ବ୍ୟାୟାମ କରିବା ଏବଂ ଏକ ରୁଟିନ୍ ଜୀବନଶୈଳୀ ଅନୁସରଣ କରିବା ସହ ଆବଶ୍ୟକ ମୁତାବକ ପାଣି ପିଇବା ନିହାତି ଦରକାର।

## କିଡ୍‌ନୀ ଡାଏଲିସିସ୍

ଡାଏଲିସିସ୍ ହେଉଛି ରାସାୟନିକ ଉପାଦାନଗୁଡ଼ିକର ଏକ ପୃଥକୀକରଣ ପଦ୍ଧତି। କିଡ୍‌ନୀ ଦ୍ୱୟ କାମ କରିବା ପାଇଁ ଅକ୍ଷମ ହୋଇ ପଡ଼ିଲେ ଡାଏଲିସିସ୍ ପଦ୍ଧତିଟି କିଡ୍‌ନୀ ଭଳି ରକ୍ତଛାଣିବା କାମ ତୁଲେଇଥାଏ। ରକ୍ତରେ ଥିବା କୋଷିକା ଓ ପ୍ରୋଟିନ୍ ଅଣୁ ଇତ୍ୟାଦିକୁ ରକ୍ତରୁ ବାହାର କରି ନ ଦେଇ ରକ୍ତରେ ଜମି ଯାଇଥିବା ଅଦରକାରୀ ତଥା କ୍ଷତିକାରୀ ଉପାଦାନଗୁଡ଼ିକୁ ରକ୍ତରୁ ନିଷ୍କାସନ କରିଦିଏ। ଡାଏଲିସିସ୍‌ରେ ବ୍ୟବହୃତ ହୋଇଥାଏ ସେମିପର୍‌ମିଏବଲ୍ ପରଦା। ଏହି ପରଦାଟି ସେଲ୍ୟୁଲୋଜ୍ ଏସିଟେଟ୍ କିମ୍ବା ପଲି ୟୁରେଥେନ୍ କିମ୍ବା ନାଇଟ୍ରୋ ସେଲ୍ୟୁଲୋଜ୍ ନାମକ ଉପାଦାନରେ ତିଆରି। ପରଦାଟିରେ ରହିଥାଏ ବିଭିନ୍ନ ଆକାର ବିଶିଷ୍ଟ ସୂକ୍ଷ୍ମ ଛିଦ୍ରମାନ। ସେହି ଛିଦ୍ରଗୁଡ଼ିକ ମଧ୍ୟ ଦେଇ ରକ୍ତରେ ଜମିଥିବା କ୍ଷତିକାରୀ ବର୍ଜ୍ୟ ଉପାଦାନମାନ ରକ୍ତ ଭିତରୁ ପରଦାର ଅନ୍ୟପଟେ ରହିଥିବା ଡାୟାଲିସିସ୍ ଦ୍ରବଣ ବା ଡାୟାଲାଇସେଟ୍ ଭିତରକୁ ସ୍ଥାନାନ୍ତରିତ ହୋଇଯାଏ। ଫଳରେ ରକ୍ତରେ ହ୍ରାସ ପାଏ ସେହି ସବୁ ବର୍ଜ୍ୟର ପରିମାଣ। ରକ୍ତ କୋଷିକା ଓ ପ୍ରୋଟିନ୍ ଅଣୁ ଭଳି ବଡ଼ ଆକାରର ଉପାଦାନମାନ ଉକ୍ତ ସେମିପର୍‌ମିଏବଲ୍ ପରଦାକୁ ଭେଦି ଅନ୍ୟପଟକୁ ଯାଇପାରନ୍ତିନି। ଆକ୍ୟୁଟ୍ ରେନାଲ୍ ଫେଲ୍ୟୁଓର୍‌ରେ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେସନ୍ ପାଇଁ ଅପେକ୍ଷା କରିଥିବା କ୍ରନିକ୍ ରେନାଲ୍ ଫେଲ୍ୟୁଓର୍ ରୋଗୀ ଓ ଟ୍ରାନ୍ସପ୍ଲାଣ୍ଟେସନ୍ ସମ୍ଭବ ହୋଇ ପାରୁ ନଥିବା ରୋଗୀମାନଙ୍କ ପାଇଁ ଡାଏଲିସିସ୍ ହିଁ ଏକମାତ୍ର ସନ୍ତୋଷଜନକ ପନ୍ଥା।



# ବାହାର ରାଜ୍ୟରୁ ଖେଳିବେ ଶୁଭ୍ରାଂଶୁ

**ଭୁବନେଶ୍ୱର, ୨୧।୭ (ତପନ ସ୍ୱାଇଁ)**

ରାଜ୍ୟର ଅନ୍ୟତମ ପ୍ରତିଷ୍ଠିତ କ୍ରିକେଟ ତାରକା ଶୁଭ୍ରାଂଶୁ ସେନାପତି ଓଡ଼ିଶା ଛାଡ଼ି ବାହାର ରାଜ୍ୟରୁ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ସିଜନରେ ସେ ସମ୍ଭବତଃ ମଧ୍ୟପ୍ରଦେଶ କିମ୍ବା ବିଦର୍ଭ ପକ୍ଷରୁ ଖେଳିପାରନ୍ତି। ଏଥିପାଇଁ ସେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)କୁ ଏନ୍‌ଓସି ପାଇଁ ଆବେଦନ ମଧ୍ୟ କରି ସାରିଛନ୍ତି। ଆନୁଷ୍ଠାନିକ ଭାବେ ସେ କିଛି ଘୋଷଣା କରି ନ ଥିଲେ ମଧ୍ୟ ସମ୍ଭବତଃ ବାହାର ରାଜ୍ୟରୁ ଖେଳିଲେ ତାଙ୍କ କ୍ରିକେଟ କ୍ୟାରିୟର ଆଗକୁ ବଢ଼ିପାରିବ ବୋଲି ସେ ଅନୁମାନ କରୁଛନ୍ତି। ‘‘ଏହା ମୋର ସମ୍ପୂର୍ଣ୍ଣ ବ୍ୟକ୍ତିଗତ ନିଷ୍ପତ୍ତି। କେତେକ ସ୍ଥାନରୁ ମୋ ପାଇଁ ଅଫର ଆସିଛି। ମୁଁ ଏହାକୁ ଚ୍ୟାଲେଞ୍ଜ ଭାବେ ନେବାକୁ ଚାହୁଁଛି। ଭବିଷ୍ୟତରେ ଯେ ମୁଁ ପୁଣି ଓଡ଼ିଶା ପକ୍ଷରୁ ଖେଳିବିନି ଏହା ଭୁଲ କଥା। ବାହାର ରାଜ୍ୟରୁ ଖେଳି ଭାଗ୍ୟ ପରୀକ୍ଷା କରିବାକୁ ଚାହୁଁଥିବାରୁ ଏପରି ନିଷ୍ପତ୍ତି ନେଉଛି’’ ବୋଲି ଶୁଭ୍ରାଂଶୁ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ ଯେ ରବିବାର ଶେଷ ହୋଇଥିବା ଓଡ଼ିଶା କ୍ରିକେଟ ଲିଗ୍ (ଓସିଏଲ୍)ରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ ହେଁ ସେଥିରେ ଶୁଭ୍ରାଂଶୁଙ୍କ ନାଁ ନ ଥିଲା। ଏହା ଅନେକଙ୍କୁ ବିସ୍ମିତ କରିଥିଲା। ମାତ୍ର ଆହତ ସମସ୍ୟା ଯୋଗୁ ଏପରି ହୋଇଥିବା ସେ କହିଛନ୍ତି। ଶୁଭ୍ରାଂଶୁ ୨୦୧୬-୧୭ ସିଜନରେ ଓଡ଼ିଶା ପକ୍ଷରୁ ରଣଜୀ ଟ୍ରଫିରେ ଡେବ୍ୟୁ କରିଥିଲେ। ସେହିବର୍ଷ ସେ ଆନ୍ତଃରାଜ୍ୟ ଟି୨୦ ଟୁର୍ନାମେଣ୍ଟରେ ଟି୨୦ ଏବଂ ବିଜୟ ହଜାରେ ଟ୍ରଫିରେ ଲିଷ୍ଟ-ଏ ପଦାର୍ପଣ କରିଥିଲେ। ୨୦୧୭-୧୮ ସିଜନରେ ସେ ୬ ମ୍ୟାଚରୁ ୪୨୭ ଓ ୨୦୧୮-୧୯ ସିଜନରେ ୬୧୭ ରନ କରି ଓଡ଼ିଶା ପକ୍ଷରୁ ଅଗ୍ରଣୀ ସ୍କୋରର ହୋଇଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପାଇଁ ୨୦୨୨ରେ ହୋଇଥିବା ଖେଳାଳି ନିଲାମରେ ଚେନ୍ନାଇ ସୁପର କିଙ୍ଗ୍ସ ତାଙ୍କୁ କିଣିଥିଲା ଏବଂ ୨୦୨୩ ସିଜନ ପାଇଁ ରିଟେନ ରଖିଥିଲା। ଇତିମଧ୍ୟରେ ସେ ୫୧ଟି ପ୍ରଥମ ଶ୍ରେଣୀ କ୍ରିକେଟ ମ୍ୟାଚରେ ୮ ଶତକ ସହ ୨୯୬୭ ରନ ସ୍କୋର କରିଛନ୍ତି। ତାଙ୍କର ସର୍ବାଧିକ ସ୍କୋର ହେଉଛି ୨୭୭ ରନ। ଏହା ବ୍ୟତୀତ ସେ ୪୯ ଲିଷ୍ଟ-ଏ ମ୍ୟାଚରୁ ୨ ଶତକ ସହ ୧୩୫୦ ଓ ୩୯ଟି ଟି୨୦ ମ୍ୟାଚରେ ଗୋଟିଏ ଶତକ ସହିତ ୧୦୮୨ ରନ ସଂଗ୍ରହ କରିଛନ୍ତି।


ଶୁଭ୍ରାଂଶୁ ସେନାପତି

ଓଡ଼ିଶାରୁ କୌଣସି ଖେଳାଳି ବାହାର ରାଜ୍ୟ ପକ୍ଷରୁ ଖେଳିବାକୁ ନିଷ୍ପତ୍ତି ନେବା ଏହା ପ୍ରଥମ ନୁହେଁ। ଅନେକ ଖେଳାଳି ଏହି ତାଲିକାରେ ରହିଛନ୍ତି। ତେବେ ଓଡ଼ିଶାରୁ ଯାଇ ବାହାର ରାଜ୍ୟରୁ ପ୍ରତିନିଧିତ୍ୱ କରି ସର୍ବାଧିକ ସଫଳ ହୋଇଥିବା ଖେଳାଳିଙ୍କ ତାଲିକା ଶୀର୍ଷରେ ରହିଛନ୍ତି ରଶ୍ମି ରଞ୍ଜନ ପରିଡ଼ା। ରଶ୍ମି କ୍ୟାରିୟରରେ ଓଡ଼ିଶା ସହିତ ରାଜସ୍ଥାନ, ବିଦର୍ଭ ଓ ଆସାମ ପକ୍ଷରୁ ଘରୋଇ କ୍ରିକେଟ ଖେଳିଛନ୍ତି। ରାଜସ୍ଥାନକୁ ପ୍ଲେଟ୍ ଗ୍ରୁପ୍‌ରୁ ଏଲିଟ ଗ୍ରୁପ୍‌କୁ ନେଇ ୨୦୧୦-୧୧ରେ ରଣଜୀ ଚାମ୍ପିୟନ କରାଇବାରେ ତାଙ୍କର ବଡ଼ ଅବଦାନ ରହିଛି। ଫଳରେ ଓଡ଼ିଶା ଖେଳାଳି ହୋଇଥିଲେ ମଧ୍ୟ ସେ ରଣଜୀ ଟ୍ରଫି ଚାମ୍ପିୟନ ହେବାର ଗୌରବ ଲାଭ କରିଛନ୍ତି। ଏବେ ଶୁଭ୍ରାଂଶୁ ସେହି ପଥର ପଥିକ ହେବାକୁ ଯାଉଛନ୍ତି।

**ପ୍ୟାରିସ୍ ଅଲିମ୍ପିକ୍ସ**

## ଆଇଓଏକୁ ୮.୫ କୋଟି ଦେବ ବିସିସିଆଇ

**ନୂଆଦିଲ୍ଲୀ, ୨୧।୭ (ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଥିବା ଭାରତୀୟ ଆଥ୍‌ଲେଟମାନଙ୍କ ଉଦ୍ଦେଶ୍ୟରେ ଆଇଓଏକୁ ରବିବାର ୮.୫ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ପ୍ୟାରିସ୍ ଗେମ୍ସ ଜୁଲାଇ ୨୬ରୁ ଆରମ୍ଭ ହେବ। ବିସିସିଆଇ ସମ୍ପାଦକ ଜୟ ଶାହା ତାଙ୍କ ସୋସିଆଲ ମିଡିଆ ‘ଏକ୍ସ’ ଆକାଉଣ୍ଟରେ କହିଛନ୍ତି, ଆମ ଆଥ୍‌ଲେଟମାନେ ଅଲିମ୍ପିକ୍ସରେ ଭଲ ପ୍ରଦର୍ଶନ କରି ଦେଶକୁ ଗୌରବାନ୍ୱିତ କରି ଫେରିବେ ବୋଲି ଆଶା ପ୍ରକାଶ କରି ସେମାନଙ୍କର ଶୁଭକାମନା କରିଛନ୍ତି। ପ୍ୟାରିସ୍ ଗେମ୍ସରେ ଭାରତରୁ ୧୧୭ ଆଥ୍‌ଲେଟ ପ୍ରତିନିଧିତ୍ୱ କରିବେ। ସେମାନଙ୍କ ସହିତ ୧୪୦ ସପୋର୍ଟ ଷ୍ଟାଫ୍ ରହିଛନ୍ତି। ଫଳରେ ଭାରତୀୟ ଦଳ ସଂଖ୍ୟା ୨୫୭ରେ ପହଞ୍ଚିଛି।

# ଦୁଇଟି ଜୋନ୍‌ରେ ହେବ ସାହାଣୀ କପ୍ ଫୁଟ୍‌ବଲ


ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ନବନିର୍ବାଚିତ କର୍ମକର୍ତ୍ତା ଓ ଅନ୍ୟମାନେ।

**ଭୁବନେଶ୍ୱର, ୨୧।୭ (ତପନ ସ୍ୱାଇଁ)**

**ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ବାର୍ଷିକ ସାଧାରଣ ବୈଠକ ଓ ନିର୍ବାଚନ**

ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ବାର୍ଷିକ ସାଧାରଣ ବୈଠକ ଏବଂ ନିର୍ବାଚନ ରବିବାର ଓସିଏ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଆନ୍ତଃଜିଲା ପୁରୁଷ ସାହାଣୀ କପ୍ ଫୁଟବଲ ୨ଟି ଜୋନ୍‌ରେ ଅନୁଷ୍ଠିତ ହେବ। ଏହା ବ୍ୟତୀତ ଆନ୍ତଃଜିଲା ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ୍ ‘ପି.ସି. ଚନ୍ଦ୍ର ଟ୍ରଫି’ ମଧ୍ୟ ଆୟୋଜନ ହେବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚାମ୍ପିୟନଶିପ୍ ଆୟୋଜନ ପାଇଁ ଆଗ୍ରହୀ ଜିଲାଗୁଡ଼ିକ ଆନୁଷ୍ଠାନିକ ଭାବେ ଲିଖିତ ଆକାରରେ ଫାଓକୁ ଜଣାଇବା ପାଇଁ ପରାମର୍ଶ ଦିଆଯାଇଛି। ଫାଓର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ପରଲୋକଗତ ଖେଳାଳି, ପ୍ରଶାସକ ଓ ଫାଓ ସଦସ୍ୟଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭିକ ଭାବେ ବୈଠକର କାର୍ଯ୍ୟ ଆଗକୁ ବଢ଼ିବା ସହ ଆଗାମୀ ୪ ବର୍ଷ ପାଇଁ ନିର୍ଦ୍ୱନ୍ଦ୍ୱରେ ନବନିର୍ବାଚିତ ୧୫ ଜଣ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ ଫାଓର ଇଲେକ୍ଟୋରାଲ ଅଫିସର ସୌର୍ଯ୍ୟରଞ୍ଜନ ପରିଜା। ଆଶୀର୍ବାଦ ବେହେରା ସମ୍ପାଦକ ପଦ ବଜାୟ ରଖିଥିବାବେଳେ ସମୀର ଦେ ନୂଆ ସଭାପତି ଏବଂ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୁଗ୍ମ ସମ୍ପାଦକ ହେଲେ ବୋଲି ଏହି ଅବସରରେ ପ୍ରକାଶ କରାଯାଇଥିଲା। ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ୪ ବର୍ଷିଆ କାର୍ଯ୍ୟକାଳ ଜୁଲାଇ ୨୧ରୁ ଆରମ୍ଭ ହୋଇଛି। ଫାଓର ନବ ନିର୍ବାଚିତ କର୍ମକର୍ତ୍ତାମାନେ ହେଲେ ସଭାପତି ସମୀର ଦେ, କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ଉପସଭାପତି ବିଜୟ ଦାସ, ପଦ୍ମଲୋଚନ ଲେଙ୍କା, ଦିଲୀପ କୁମାର ସାହୁ, ରବି ନାରାୟଣ ପଣ୍ଡା, ଅସିତ ବରଣ ପତି, ମହମ୍ମଦ ସହିଦ ଜବାର, ସହଦେବ ରାଉତ, ବୀରେନ୍ଦ୍ର କୁମାର ବେହେରା, ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ବିଶ୍ୱ ରଞ୍ଜନ ଘଡ଼େଇ, ବିଜୟ କୁମାର ଦାସ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଆସୋସିଏଶନକୁ ସର୍ବଦା ସହଯୋଗ କରି ଆସିଛି। ନୂଆ ସରକାରଙ୍କ ସମୟରେ ଏହା ଜାରି ରହିବ ଏବଂ ଓଡ଼ିଶା ଫୁଟବଲର ଆହୁରି ବିକାଶ ହେବ ବୋଲି ଆଶୀର୍ବାଦ ଆଶା ପ୍ରକାଶ କରିଛନ୍ତି। ଶେଷରେ ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଧନ୍ୟବାଦ ପ୍ରଦାନ କରିଥିଲେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ